

ସୁକୁମାର-ଅଲ୍ଲୁଙ୍କ ଝଗଡ଼ା

▶ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-29 •BHUBANESWAR •WEDNESDAY •24 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୯ •ଭୁବନେଶ୍ୱର •ବୁଧବାର •୨୪ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


ବଜେଟ୍ ୨୦୨୪-୨୫

# ଦିଶାହୀନ; ନୈରାଶ୍ୟଜନକ

## କୃଷି ଓ ଯୁବବର୍ଗଙ୍କୁ ଗୁରୁତ୍ୱ; ଚାକିରିଆ, ମଧ୍ୟବିତ୍ତ ନିରାଶ

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତୃତୀୟ ପାଳିରେ ବଜେଟ୍ ଆଗତ କରି ରେକର୍ଡ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ମାତ୍ର ବଜେଟ୍‌ର ଆକାର, ବ୍ୟୟ ସଂରଚନା, ବିଭିନ୍ନ ବର୍ଗ ଓ କ୍ଷେତ୍ର ପ୍ରତି ଅନୁଦାନ, ଟିକସ ପ୍ରଣାଳୀ ଆଦି ମୂଳତଃ ଦିଶାହୀନ ଓ ନୈରାଶ୍ୟଜନକ। ବଜେଟ୍‌ରେ କୁହାଯାଇଥିବା କଥା ଓ ବିତ୍ତ ବିଧେୟକରେ ଦିଆଯାଇଥିବା ତଥ୍ୟ ମଧ୍ୟରେ ରହିଛି ବିଶାଳ ପାର୍ଥକ୍ୟ। ସରକାର ବଞ୍ଚାଇବା ଓ ସହଯୋଗୀଙ୍କୁ ତୁଷ୍ଟ କରିବା ପାଇଁ ବଜେଟ୍‌ରେ ଭରପୂର ପ୍ରୟାସ କରିଛନ୍ତି। ଚାକିରିଆ, ବେତନଭୋଗୀ ଓ ମଧ୍ୟବିତ୍ତ ସମ୍ପୂର୍ଣ୍ଣ ନିରାଶ ହୋଇଛନ୍ତି । ଅନ୍ୟପକ୍ଷରେ କୃଷି କ୍ଷେତ୍ରକୁ କିଛି ପରିମାଣରେ ଅନୁଦାନ ବୃଦ୍ଧି କରାଯାଇଛି ଓ ଯୁବବର୍ଗଙ୍କୁ ସାମାନ୍ୟ ଆଶ୍ୱସ୍ତ କରିବାକୁ ଚେଷ୍ଟା କରାଯାଇଛି। ମାତ୍ର ଦେଶରେ ବେରୋଜଗାରୀ ହାର ୮% ଅତିକ୍ରମ କରିଥିବା ସତ୍ତ୍ୱେ ଏହାର ନିୟନ୍ତ୍ରଣ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ଓ କ୍ରମବର୍ଦ୍ଧିଷ୍ଣୁ ଦରଦାମ ହ୍ରାସ ପାଇଁ ନିର୍ଦ୍ଦିଷ୍ଟ ଯୋଜନା କରାଯାଇ ନାହିଁ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ

**ବଜେଟ୍ ଆକାର ୪୮,୨୦,୫୧୨ କୋଟି ଟଙ୍କା**

**ଋଣ ଓ ଅନ୍ୟ ସୂତ୍ରରୁ ଆୟ ୩୨.୦୭ ଲକ୍ଷ କୋଟି**

**ଭିତ୍ତିଭୂମି କ୍ଷେତ୍ରକୁ ଗୁରୁତ୍ୱ, କମିଲା ପ୍ରତିରକ୍ଷା ବ୍ୟୟ**

**ବିତ୍ତୀୟ ନିଅଣ୍ଟ ମୋଟ ଜିଡିପିର ୪.୯ ପ୍ରତିଶତ**

**ସହଯୋଗୀ ଦଳକୁ ତୁଷ୍ଟ ପାଇଁ ବିପୁଳ ସହାୟତା**

ଉପସ୍ଥାପନ କରିଥିବା ବଜେଟର ଆକାର ୪୮,୨୦,୫୧୨ କୋଟି ଟଙ୍କା। ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଆଣିଥିବା ଅନ୍ତରୀଣ ବଜେଟରେ ଆଗତ କରାଯାଇଥିବା ୪୭.୬୫ ଲକ୍ଷ କୋଟି ଟଙ୍କାର ବଜେଟ ତୁଳନାରେ ଏହା ସାମାନ୍ୟ ଅଧିକ। ବଜେଟରେ ଋଣ ବ୍ୟତୀତ ଅନ୍ୟାନ୍ୟ ସୂତ୍ରରୁ ମୋଟ ୩୨.୦୭ ଲକ୍ଷ କୋଟି ଟଙ୍କାର ଆୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୨୫.୮୩ ଲକ୍ଷ କୋଟି ଟଙ୍କାର ଟିକସ ପ୍ରାପ୍ତି ଆଶା ରଖାଯାଇଛି। ଯଦିଓ ନିଅଣ୍ଟକୁ ଜିଡିପିର ୪.୯ ପ୍ରତିଶତରେ ରଖାଯାଇଛି। ସେହିପରି ପ୍ରତିରକ୍ଷା କ୍ଷେତ୍ର ବ୍ୟୟକୁ ହ୍ରାସ କରାଯାଇଥିବାବେଳେ କୃଷି ନିମନ୍ତେ ଆର୍ଥିକ ଅନୁଦାନ ବୃଦ୍ଧି କରାଯାଇଛି ।

ବିଶେଷଜ୍ଞମାନଙ୍କ କହିବାନୁଯାୟୀ ଚଳିତ ବଜେଟରେ କେନ୍ଦ୍ର ସରକାର ସେପରି କୌଣସି ଦୀର୍ଘକାଳୀନ ଲକ୍ଷ୍ୟ ଧାର୍ଯ୍ୟ କରବା ଭଳି ମନେ ହେଉନାହିଁ। ଷ୍ଟାଣ୍ଡାର୍ଡ ଡିଡକ୍ସନ୍ ବା ମାନକ ରିଆତି ସୀମାର ବୃଦ୍ଧି ବ୍ୟତୀତ ଆୟକର କ୍ଷେତ୍ରରେ ବେତନଭୋଗୀଙ୍କୁ ସେପରି କିଛି ବଡ଼ ଧରଣର ଲାଭ ଦିଆଯାଇ ନ ଥିବାରୁ କରଦାତା ନିରାଶ ହୋଇଛନ୍ତି। ଏହାଛଡା ବଜେଟରେ ଅର୍ଥମନ୍ତ୍ରୀ ଉଚ୍ଚ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରି ଦରଦାମ୍ ହ୍ରାସ କ୍ଷେତରେ ସେପରି କୌଣସି ଠୋକ୍ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ମଧ୍ୟବିତ୍ତ ଶ୍ରେଣୀକୁ ନିରାଶ କରିଛି। ଚଳିତ ବଜେଟରେ କେନ୍ଦ୍ର ସରକାର ନିଯୁକ୍ତି, ଦକ୍ଷତା ବିକାଶ, ଏମ୍‌ଏସ୍‌ଏମ୍‌ଇ ▶ପୃଷ୍ଠା-୧୦









ନିରାଶ କଲେ ନିର୍ମଳା

# ଓଡ଼ିଶାକୁ 'ଡବଲ୍ ଇଞ୍ଜିନ' ଧୋକା

■ **ଭୁବନେଶ୍ୱର, ୨୩।୭ (ସମିସ):** କେନ୍ଦ୍ରରେ ବିଜେପି ସରକାର ଗଠନରେ ଓଡ଼ିଶାର ଅବଦାନ ସର୍ବାଧିକ। ଓଡ଼ିଶାରୁ ବିଜେପି ୨୦ ସାଂସଦ ନିର୍ବାଚିତ ହୋଇ ନ ଥିଲେ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା କଷ୍ଟସାଧ ହୋଇଥାଆନ୍ତା। ଏହା ସତ୍ତ୍ୱେ ଓଡ଼ିଶାକୁ ବଜେଟ୍‌ରେ ସମ୍ପୂର୍ଣ୍ଣ ଉପେକ୍ଷା କରିଛନ୍ତି କେନ୍ଦ୍ର ସରକାର। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେବଳ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଶଂସା କରିଛନ୍ତି ସିନା, ରାଜ୍ୟ ପାଇଁ କୌଣସି ଗୋଟିଏ ଆଖିଦୃଶିଆ ଘୋଷଣା କରିନାହାନ୍ତି। ଅନ୍ୟପକ୍ଷରେ ଏନ୍‌ଡିଏ ମେଣ୍ଟର ଦୁଇ ସହଯୋଗୀ ଜେଡିୟୁ ଓ ଟିଡ଼ିପିକୁ ସନ୍ତୁଷ୍ଟ କରିବାକୁ ବିହାର ଓ ଆନ୍ଧ୍ରପ୍ରଦେଶ ପାଇଁ ବଜେଟରେ ବିପୁଳ ସହାୟତା ଘୋଷଣା କରାଯାଇଛି। ଡ଼ବଲ ଇଞ୍ଜିନ୍ ସରକାର ଗଢ଼ିଲେ ରାଜ୍ୟର ବିକାଶ ଦ୍ରୁତ ହେବ ବୋଲି ନିର୍ବାଚନ ପୂର୍ବରୁ ବିଜେପି ନେତାମାନେ

**କେନ୍ଦ୍ରକୁ ୨୦ ସାଂସଦ ପଠାଇ ନିରାଶ ହେଲେ ଓଡ଼ିଶାବାସୀ**

**ବିହାରର ବିଭିନ୍ନ ବିକାଶ ପାଇଁ ୫୯ ହଜାର କୋଟି ସହାୟତା**

**ରାଜଧାନୀ ଓ ପୋଲାଭରମ ପାଇଁ ଆନ୍ଧ୍ରକୁ ୩୦ ହଜାର କୋଟି**

**ଘୋଷଣା ହେଲା ନାହିଁ ଦ୍ୱିତୀୟ ଏମ୍ସ, ସ୍ୱତନ୍ତ୍ର ଆର୍ଥିକ ସହାୟତା**

କରିଥିବା ଘୋଷଣା ଯେ କେବଳ ଫମ୍ପା ଥିଲା ତାହା ପ୍ରମାଣିତ ହୋଇଛି। ବଜେଟ୍‌ରେ ବିହାରର ସଡ଼କ ଭିତ୍ତିଭୂମି ବିକାଶ ପାଇଁ ୨୬ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରାଯାଇଛି। ଏହାବ୍ୟତୀତ ୨୪୦୦ ମେଗାୱାଟ ପାୱାର ପ୍ଲାଣ୍ଟ, ନୂଆ ବିମାନବନ୍ଦର, ମେଡ଼ିକାଲ କଲେଜ, କ୍ରୀଡ଼ା ଭିତ୍ତିଭୂମି ନିମନ୍ତେ ଆଉ ୨୧୪୦୦ କୋଟି ଓ ୧୧,୭୦୦ କୋଟି ଟଙ୍କାର ବନ୍ୟା ମୁକାବିଲା ସହାୟତାକୁ ମିଶାଇ ମୋଟ୍ ୫୯ ହଜାର କୋଟି ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଆନ୍ଧ୍ରପ୍ରଦେଶର ନୂଆ ରାଜଧାନୀ ନିର୍ମାଣ ପାଇଁ ବଜେଟ୍‌ରେ ୧୫ ହଜାର କୋଟି ଟଙ୍କା ଓ ପୋଲାଭରମ୍ ପ୍ରକଳ୍ପ ପାଇଁ ଆଉ ୧୫ ହଜାର କୋଟି ଟଙ୍କା ବ୍ୟବସ୍ଥା କରି ଟିଡ଼ିପି ଓ ଚନ୍ଦ୍ରବାବୁ ନାଇଡ଼ୁଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରାଯାଇଥିବା କୁହାଯାଉଛି ।

ମାତ୍ର ବଜେଟ୍‌ରେ ଓଡ଼ିଶାର ବିକାଶ, ଭିତ୍ତିଭୂମି ପାଇଁ କୌଣସି ଆର୍ଥିକ ବ୍ୟବସ୍ଥା କରାଯାଇ ନାହିଁ। ଅର୍ଥମନ୍ତ୍ରୀ ତାଙ୍କ ଅଭିଭାଷଣରେ ▶ପୃଷ୍ଠା-୧୦

# ମଧ୍ୟବିତ୍ତ ଶ୍ରେଣୀକୁ ପ୍ରୋତ୍ସାହନ ମିଳିବ



■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଆଜିର ବଜେଟ ଭାରତକୁ ବିଶ୍ୱର ତୃତୀୟ ବୃହତ ଆର୍ଥିକ ଶକ୍ତି କରାଇବାର ମାଧ୍ୟମ ହେବ। ଏହା ବିକଶିତ ଭାରତର ମଜବୁତ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସହାୟକ ହେବ। ଏହି ବଜେଟ ମହିଳା କୈନ୍ଦ୍ରିକ। ଏଥିରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବୃଦ୍ଧି ପାଇବ। ମହିଳାଙ୍କ ଆର୍ଥିକ ସହଯୋଗିତା ସୁନିଶ୍ଚିତ ହେବ। ବଜେଟ ଦେଶକୁ ସମୃଦ୍ଧି ଦିଗରେ ନେବ। ଏହା ମଧ୍ୟବିତ୍ତ ଶ୍ରେଣୀକୁ ପ୍ରୋତ୍ସାହନ ଦେବ। ଶିକ୍ଷାକୁ ନୂଆ ଦିଗ ମିଳିବ। ଯୁବ ବର୍ଗଙ୍କୁ ନୂଆ ସୁଯୋଗ ଦେବ। ଜନଜାତି ସମାଜ, ଦଳିତଙ୍କୁ ମଜବୁତ କରିବା ପାଇଁ ଏହି ବଜେଟ ଅଣାଯାଇଛି। ଏହା ଉତ୍ପାଦନ ଓ ଭିତ୍ତିଭୂମିକୁ ବଳ ଯୋଗାଇବ। ନିଯୁକ୍ତି ଏବଂ ସ୍ୱାବଲମ୍ବୀ ହେବାକୁ ଏହା ଅଭୂତପୂର୍ବ ସୁଯୋଗ ଦେବ। ଏହା ହିଁ ସରକାରଙ୍କ ପରିଚୟ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ବିଶ୍ୱ ପିଏଲଆଇ ଯୋଜନାର ସଫଳତା ଦେଖିଛି। ଏଥିରେ ସରକାର ଇନ୍‌ସେଣ୍ଟିଭ ▶ପୃଷ୍ଠା-୧୦

ସୁପ୍ରିମକୋର୍ଟରେ ନିଟ୍ ପରୀକ୍ଷା ବିଭ୍ରାଟର ଶୁଣାଣି ଶେଷ

# ପୁନି ପରୀକ୍ଷାକୁ ନା'



■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ପ୍ରଧାନ ବିଚାରପତି(ସିଜେଆଇ) ଡିଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି ନିଟ୍ ୟୁଜି ପରୀକ୍ଷା ବିଭ୍ରାଟ ମାମଲାର ଶୁଣାଣି ସମାପ୍ତ କରିଛନ୍ତି। ସିଜେଆଇ ଚନ୍ଦ୍ରଚୂଡ଼ କହିଛନ୍ତି, ପରୀକ୍ଷାରେ ବ୍ୟବସ୍ଥାଗତ ତ୍ରୁଟି ପାଇଁ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବାର ଠୋସ୍ ପ୍ରମାଣ ମିଳିନାହିଁ। ତେଣୁ ଗତ ମାସରେ ପ୍ରକାଶିତ ପରୀକ୍ଷା ଫଳ ରଦ୍ଦ ହେବନାହିଁ କି ପୁନଃପରୀକ୍ଷା ହେବନାହିଁ। ମେ' ୫ରେ ବିହାରର ହଜାରିବାଗରେ ଓ ପରେପରେ ପାଟନାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ସିବିଆଇ ତଦନ୍ତରୁ ଜଣାପଡ଼ିଛି। ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରରେ ଥିବା ଅସ୍ୱଷ୍ଟତା ସମ୍ପର୍କରେ ସିଜେଆଇ କହିଛନ୍ତି, ସଠିକ ଉତ୍ତର ପାଇଁ ▶ପୃଷ୍ଠା-୧୦

# ବିକାଶ ଅଭିମୁଖୀ, ଦୂରଦୃଷ୍ଟିସମ୍ପନ୍ନ

**ବଜେଟ**

■ **ଭୁବନେଶ୍ୱର, ୨୩।୭ (ସମିସ):** ଆଜି କେନ୍ଦ୍ର ଅର୍ଥମନ୍ତ୍ରୀ ବର୍ଷ ୨୦୨୪-୨୫ ପାଇଁ ପୂର୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବିକାଶ ଅଭିମୁଖୀ, ଦୂରଦୃଷ୍ଟିସମ୍ପନ୍ନ ବଜେଟରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଉଥିବା ଚାରିଟି ପ୍ରମୁଖ ଶ୍ରେଣୀ ଯଥା ଗରିବ, ମହିଳା, ଯୁବବର୍ଗ ଏବଂ ଅନ୍ନଦାତା(କୃଷକ)ଙ୍କୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି ଯେ ଏହି ବଜେଟରେ କୃଷି ଉତ୍ପାଦକତା, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି । କୃଷି କ୍ଷେତ୍ରକୁ ୧ ଲକ୍ଷ ୫୨ ହଜାର କୋଟି ଟଙ୍କା, ମହିଳା ମାନଙ୍କ ଲାଗି ଉଦ୍ଦିଷ୍ଟ ଯୋଜନା ପାଇଁ ୩ ଲକ୍ଷ କୋଟି ଟଙ୍କାର ଆବଣ୍ଟନ କୃଷକ ଏବଂ ମହିଳା ମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। କେନ୍ଦ୍ର ବଜେଟରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆଗାମୀ ୫ ବର୍ଷରେ ୩ କୋଟି ନୂତନ ଗୃହ ନିର୍ମାଣ ▶ପୃଷ୍ଠା-୧୦



**ସ୍ୱତନ୍ତ୍ର ପୂର୍ବୋଦୟ ଯୋଜନାରେ ଓଡ଼ିଶାର ପର୍ଯ୍ୟଟନ, ପୁଞ୍ଜି ନିବେଶ ଓ ଶିଳ୍ପ କ୍ଷେତ୍ରର ବିକାଶ ହେବ**

# ଓଡ଼ିଶା ଉପେକ୍ଷିତ-ପ୍ରତାରିତ

■ **ଭୁବନେଶ୍ୱର, ୨୩।୭ (ସମିସ):** ନିର୍ବାଚନ ସମୟରେ ବିଜେପି କେବଳ ବଡ଼ ବଡ଼ ମନଲୋଭା ପ୍ରତିଶ୍ରୁତି ଦେଇ ଜାଣେ; ମାତ୍ର କଥା କେମିତି ରକ୍ଷା ହୁଏ ତାହା ଜଣା ନାହିଁ। ଆଜିର ବଜେଟରେ ଏହା ପ୍ରତିଫଳିତ ହେଉଛି। ରାଜନୈତିକ ସ୍ୱାର୍ଥ ଯେଉଁଠି, ସେହି ରାଜ୍ୟ ପାଇଁ ହାତ ଖୋଲା ପାଣ୍ଠି ଆଉ ଯେଉଁଠି ସ୍ୱାର୍ଥ ନାହିଁ ସେହି ରାଜ୍ୟ ପାଇଁ କିଛି ଦିଆଯାଉ ନାହିଁ। ଓଡ଼ିଶାର ନ୍ୟାର୍ଯ୍ୟ ଅଧିକାର ଦେବାରେ ଅବହେଳା କରୁଥିବା କେନ୍ଦ୍ର ସରକାର ଏବେ ବଜେଟରେ ଓଡିଶାକୁ ସମ୍ପୂର୍ଣ୍ଣ ନିରାଶ କରିଛନ୍ତି ବୋଲି କହିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ବଜେଟ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ ▶ପୃଷ୍ଠା-୧୦



**ରାଜନୈତିକ ଉଦ୍ଦେଶ୍ୟ ରଖି ଅନ୍ୟ ରାଜ୍ୟକୁ ଅନୁଦାନ**

**ପୋଲାଭରମ୍‌କୁ ଅନୁଦାନ ଓଡ଼ିଶାର କଟା ଘା'ରେ ଚୂନ**

**ବିଜେପି ପ୍ରତିଶ୍ରୁତି ଦେଇ ଜାଣେ, କେବେ ରକ୍ଷା କରେନାହିଁ**

**ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା**

# ଗୃହ ଅଚଳ କଲେ ବିରୋଧୀ

■ **ଭୁବନେଶ୍ୱର, ୨୩।୭ (ସମିସ):** ନିର୍ବାଚନ ବେଳେ ଓଡ଼ିଆ ଅସ୍ମିତା ନେଇ ଡିଣ୍ଡିମ ପିଟୁଥିଲେ। ମାତ୍ର ରାଜ୍ୟପାଳଙ୍କ ପୁଅ ଜଣେ ଏଏସଓଙ୍କୁ ମାଡ଼ ମାରିବାକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ବିଜେପି ସରକାରଙ୍କ ଓଡ଼ିଆ ଅସ୍ମିତା ଏବେ କୁଆଡ଼େ ଗଲା। ଓଡ଼ିଶାରେ ଓଡ଼ିଆଙ୍କୁ ଅସମ୍ମାନ ଚଳିବ ନାହିଁ। ରାଜ୍ୟପାଳ ପୁଅଙ୍କ ଗୁଣ୍ଡାଗିରି ଚଳିବ ନାହିଁ। ଆଜି ଗୃହରେ ମୁଖ୍ୟ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ପ୍ରବଳ ଗର୍ଜିଛନ୍ତି। ଦିନତମାମ୍ ବିଜେଡି ବିଧାୟକଙ୍କ ସହ ବିରୋଧୀ କଂଗ୍ରେସ ମାନେ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ପ୍ରସଙ୍ଗରେ ଗୃହ ଅଚଳ ରଖିଛନ୍ତି। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ଆଜି ଗୃହ ମାତ୍ର ୩୫ ମିନିଟ ଚାଲିଥିଲା। ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ପ୍ରସ୍ତାବ ଆଲୋଚନା ଆଦି ହୋଇପାରି ନାହିଁ। ବିରୋଧୀ ଏହି ପ୍ରସଙ୍ଗପରେ ରାଜ୍ୟପାଳ ▶ପୃଷ୍ଠା-୧୦



**ଦ୍ୱିତୀୟ ଦିନରେ ବି ଗୃହରେ ପ୍ରବଳ ହଟ୍ଟଗୋଳ. ମାତ୍ର ୩୫ ମିନିଟ ଚାଲିଲା ଗୃହ**

**ବିଜେଡିର ପ୍ରଶ୍ନ, 'ଓଡ଼ିଆ ଅସ୍ମିତା' କୁଆଡ଼େ ଗଲା**

**ଓଡ଼ିଆ ଅସ୍ମିତା କଥା କହି ସରକାର କ୍ଷମତାକୁ ଆସିଛନ୍ତି, ଓଡ଼ିଆ ପୁଅଙ୍କୁ ମାଡ଼ ଘଟଣାରେ ଦୋଷୀକୁ ଘଣ୍ଟ ଘୋଡ଼ାଉଛନ୍ତି**

**ଗୃହ ବାହାରେ ବିଜେଡିର ଦାବି, ମୁଖ୍ୟମନ୍ତ୍ରୀ ରଖନ୍ତୁ ବିବୃତି**

**ବନ୍ୟା ମୁକାବିଲା ପାଇଁ ଆସାମକୁ ୧୧୫୦୦ କୋଟି**

# ଓଡ଼ିଶା ବିପର୍ଯ୍ୟୟ କ୍ଷତରେ ଚୂନ ମାରିଲା କେନ୍ଦ୍ର

■ **ଭୁବନେଶ୍ୱର, ୨୩।୭ (ସମିସ):** ବାତ୍ୟାପ୍ରବଣ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାରେ ବାତ୍ୟା ନିରୋଧୀ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୨୦୨୧ ମସିହାରୁ ଦାବି କରି ଆସୁଛି ଓଡ଼ିଶା। ୨୦୨୧ ମଇ ମାସରେ ଅଧା ଆଖିଆ 'ୟସ୍' ପ୍ରଭାବରେ ଗଭୀର ଭାବରେ ପ୍ରଭାବିତ ହୋଇଥିବା ଓଡ଼ିଶାକୁ ୫୦୦ କୋଟି ଟଙ୍କା କେନ୍ଦ୍ର ସରକାର ଅନୁଦାନ ଘୋଷଣା ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପରିବର୍ତ୍ତେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ସ୍ୱତନ୍ତ୍ର ଅନୁଦାନ ଦାବି କରିଥିଲେ। ଇତିମଧ୍ୟରେ ୩ ବର୍ଷ ବିତି ଯାଇଛି। ତତ୍‌କାଳୀନ ବିଜେଡି ସରକାର, ବିଜେଡିର ସାଂସଦମାନେ ବାରମ୍ବାର ଏ ସମ୍ପର୍କରେ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ମାତ୍ର ଏହାକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇ ନାହାନ୍ତି।

**ବାତ୍ୟାପ୍ରବଣ ଓଡ଼ିଶା ପାଇଁ କେନ୍ଦ୍ର ବଜେଟରେ ନାହିଁ ଟଙ୍କାଏ ବ୍ୟବସ୍ଥା**

**ବିପର୍ଯ୍ୟୟ ପ୍ରତିରୋଧୀ ବ୍ୟବସ୍ଥା ପାଇଁ ୨୦୨୧ରୁ କରି ଆସୁଛି ଦାବି**

**ବିଜେପିର ତାରକା ପ୍ରଚାରକ ବିଶ୍ୱଶର୍ମାଙ୍କ ରାଜ୍ୟକୁ ଅହେତୁକ ଅନୁକମ୍ପା**

ସମ୍ପ୍ରତି ୨୦୨୪-୨୫ ବଜେଟ୍‌ରେ ଆସାମରେ ବନ୍ୟା ମୁକାବିଲା କାଇଁ ୧୧୫୦୦ କୋଟି ଟଙ୍କା ମଞ୍ଜୁର କରିଥିବାବେଳେ ବାତ୍ୟାପ୍ରବଣ ଓଡ଼ିଶା ପାଇଁ ଟଙ୍କାଟିଏ ମିଳିନାହିଁ। ନିର୍ବାଚନରେ ଓଡ଼ିଶାରେ ବିଜେପିର ତାରକା ପ୍ରଚାରକ ହିମନ୍ତ ବିଶ୍ୱଶର୍ମାଙ୍କ ରାଜ୍ୟ ଆସାମକୁ ବିପୁଳ ଅନୁଦାନ ଦେଇ ଓଡ଼ିଶା କ୍ଷତରେ ଚୂନ ମାରିଛନ୍ତି କେନ୍ଦ୍ର ସରକାର।

ଗତ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ 'ୟସ'କୁ ବାଦ ଦେଇ ୬ଟି ଭୀଷଣ ଓ ଅତିଭୀଷଣ ବାତ୍ୟା, ୬ଟି ଭୟଙ୍କର ମରୁଡ଼ି ଓ ୧୫ଟି ପ୍ରଳୟଙ୍କରୀ ବନ୍ୟାରେ ଓଡ଼ିଶାର ପ୍ରଭୂତ କ୍ଷତି ଘଟିଛି। ଭିତ୍ତିଭୂମି ଦୋହଲି ଯାଇଛି, ବିପୁଳ ଫସଲ ନଷ୍ଟ ହୋଇଛି। ଏହି କ୍ଷତି ଭରଣା ଲାଗି କେନ୍ଦ୍ର ନିକଟରେ ଦାବି କରିଛି ▶ପୃଷ୍ଠା-୧୦

**ସାଧାରଣ ନିର୍ବାଚନ ପରେ ବିଜେପିକୁ ପ୍ରଥମ ଝଟ୍‌କା**

# ଆସ୍ଥା ହରାଇଲେ ଫୁଲବାଣୀ ପୌରାଧ୍ୟକ୍ଷା



■ **ଫୁଲବାଣୀ, ୨୩।୭ (ସମିସ):** ରାଜ୍ୟରେ ସରକାର ଗଢ଼ିବାର ମାତ୍ର ଦୁଇ ମାସ ଭିତରେ ବିଜେପିକୁ ଝଟ୍‌କା ଲାଗିଛି। ଅନାସ୍ଥା ଭୋଟରେ ପଦ ହରାଇଛନ୍ତି ଫୁଲବାଣୀ ପୌର ପରିଷଦ ଅଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି। ଏହାକୁ ନେଇ ବିଜେଡି ଶିବିରରେ ଖୁସିର ମାହୋଲ ସୃଷ୍ଟି ହୋଇଥିବା ବେଳେ ବିଜେପି ପାଇଁ ଏକ ଶକ୍ତ ଧକ୍କା ସଦୃଶ ହୋଇଛି। ଆପାତତଃ ଦୀର୍ଘ ଚାରି ମାସ ଧରି ପୌର ପରିଷଦ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ନେଇ ଚାଲିଥିବା ନାଟକର ଅନ୍ତ ଘଟିଛି। ପୂର୍ବରୁ ଦୁଇଥର ବିଭିନ୍ନ କାରଣକୁ ନେଇ ଅନାସ୍ଥା ବୈଠକ ବାତିଲ ହୋଇଥିଲା। ଶେଷରେ ମଙ୍ଗଳବାର ପ୍ରସ୍ତାବ ଉପରେ ବୈଠକ ସହିତ ମତଦାନ ହୋଇଛି। ଏଥିରେ ପରାଜିତ ହୋଇଛନ୍ତି ଅଧ୍ୟକ୍ଷା ସ୍ମିତାରାଣୀ। ୧୩ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୧ଜଣ ଆଜି ମତଦାନରେ ଅଂଶଗ୍ରହଣ କରିଥିଲେ। ୧୦ଜଣ ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା ବେଳେ ଗୋଟିଏ ଭୋଟ ନାକଚ ହୋଇଥିଲା। ବିଜେପିର ଦୁଇ କାଉନ୍‌ସିଲର ଆଜିର ବୈଠକରେ ଅନୁପସ୍ଥିତ ରହିଥିଲେ। ▶ପୃଷ୍ଠା-୧୦

# ନିର୍ମଳା ବ୍ୟଞ୍ଜନ



କେନ୍ଦ୍ରରେ ମୋଦୀ ସରକାରଙ୍କ ତୃତୀୟ ପାଳିରେ ପୁଣିଥରେ ଅର୍ଥମନ୍ତ୍ରୀ ଭାର ସମ୍ଭାଳିଥିବା ନିର୍ମଳା ସୀତାରମଣ ମଙ୍ଗଳବାର ଲୋକସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିଛନ୍ତି। ୪୮.୨୧ ଲକ୍ଷ କୋଟିର ଏହି ବଜେଟରେ ନିର୍ମଳା ବିଭିନ୍ନ କ୍ଷେତ୍ରକୁ ଲକ୍ଷ୍ୟ ରଖି ଅର୍ଥ ଆବଣ୍ଟନ କରିଛନ୍ତି। ନିର୍ମଳାଙ୍କ ଏହି ବଜେଟ ବ୍ୟଞ୍ଜନରୁ କାହାକୁ କ'ଣ ମିଳିଲା, ତାକୁ ନେଇ ଏହି ସ୍ୱତନ୍ତ୍ର ପୃଷ୍ଠା।

## କୃଷି ବଜେଟରେ କୃଷକ ନିରାଶ

### ଆଶାରେ ରହିଗଲା ଏମ୍‌ଏସ୍‌ପି

### କୃଷି କ୍ଷେତ୍ରକୁ ୧.୫୨ ଲକ୍ଷ କୋଟି



ଚଳିତ ବର୍ଷର ପୂର୍ଣ୍ଣାଙ୍ଗ ବଜେଟରେ କୃଷି ଏବଂ ଏ ସମ୍ବନ୍ଧିତ କ୍ଷେତ୍ର ପାଇଁ ୧.୫୨ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଗତ ବର୍ଷ ଏଥିପାଇଁ ୧.୨୫ ଲକ୍ଷ କୋଟି ଟଙ୍କା ଦିଆଯାଇଥିଲା। ଚଳିତ ଥର କୃଷି ବଜେଟରେ ୨୧.୬ ପ୍ରତିଶତ ଅର୍ଥାତ୍ ୨୫ ହଜାର କୋଟି ଟଙ୍କା ବୃଦ୍ଧି କରାଯାଇଛି। ତେବେ କୃଷକଙ୍କ କ୍ରମାଗତ ଦାବି ସତ୍ତ୍ୱେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ନେଇ ବଜେଟରେ କୌଣସି ଘୋଷଣା କରାଯାଇ ନାହିଁ। ସେହିପରି ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ରାଶିକୁ ମଧ୍ୟ ବୃଦ୍ଧି କରାଯାଇ ନାହିଁ। ଏହା ପୂର୍ବପରି ୬ ହଜାର ଟଙ୍କା ରହିଛି।

### ଶସ୍ତା

- ମୋବାଇଲ ଫୋନ ଓ ଚାର୍ଜର
- ସୁନା, ପ୍ଲାଟିନମ୍
- କ୍ୟାନ୍ସର ଔଷଧ
- ସୋଲାର ପ୍ୟାନେଲ
- ୨୫ ଖଣିଜ ଦ୍ରବ୍ୟ
- ଚମଡ଼ା ସାମଗ୍ରୀ, ଜୋତା
- ମେଡିକାଲ ଉପକରଣ
- ମାଛ ଓ ଚିଙ୍ଗୁଡ଼ି

### ମହଙ୍ଗା

- ଟେଲିକମ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ
- ପିଭିସି ଫ୍ଲେକ୍ସ ବ୍ୟାନର
- ଆମଦାନୀକୃତ ଛତା
- ଗବେଷଣାଗାର ରାସାୟନିକ ସାମଗ୍ରୀ
- ଆମୋନିୟମ ନାଇଟ୍ରେଟ୍

## ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଋଣ



ବଜେଟ୍ ୨୦୨୪-୨୫ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଛାତ୍ରଙ୍କୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ନୂତନ ବ୍ୟବସ୍ଥା ଅନୁଯାୟୀ ଏଣିକି ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ପିଲାମାନଙ୍କୁ ୧୦ ଲକ୍ଷ ଟଙ୍କା ଯାଏ ଋଣ ମିଳିବା ନେଇ ଯୋଜନା କରାଯାଇଛି। ଏହି ବ୍ୟବସ୍ଥାରେ ଘରୋଇ ଶିକ୍ଷାନୁଷ୍ଠାନରେ ଉଚ୍ଚ ଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ଯାଏ ଇ-ଭାଉଚର ପ୍ରତିବର୍ଷ ୧ ଲକ୍ଷ ପିଲାଙ୍କୁ ସିଧାସଳଖ ମିଳିବ। ବାର୍ଷିକ ୩ ପ୍ରତିଶତ ସୁଧରେ ଶିକ୍ଷାର୍ଥୀମାନେ ଏହାର ଫାଇଦା ହାସଲ କରିପାରିବେ। ସେହିପରି ଅର୍ଥମନ୍ତ୍ରୀ ନିଜ ବଜେଟ୍‌ରେ ଶିଳ୍ପ ସଂସ୍ଥା ସହ ମିଶି ଦେଶରେ କାର୍ଯ୍ୟରତ ମହିଳାଙ୍କ ପାଇଁ ହଷ୍ଟେଲ ଓ ଶିଶୁ ସଦନ ନିର୍ମାଣ କରାଯିବା ନେଇ ବ୍ୟବସ୍ଥା କରିଛନ୍ତି। ମଡେଲ ସ୍କିଲ ଲୋନ ଯୋଜନାରେ ୭.୫ ଲକ୍ଷ ଟଙ୍କାର ଯାଏ ଋଣ ମିଳିବ। ଏଥିପାଇଁ ଗୋଟିଏ ସରକାରୀ ପ୍ରୋଜେକ୍ଟ ସଂସ୍ଥା ଗ୍ୟାରେଣ୍ଟର ରହିବ। ଏହାଦ୍ୱାରା ବାର୍ଷିକ ୨୫ ହଜାର ଶିକ୍ଷାର୍ଥୀ ଲାଭବାନ ହେବେ ବୋଲି ସେ କହିଛନ୍ତି।

## ନୂଆ ଚାକିରିଆଙ୍କୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି

ନିଯୁକ୍ତି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଚଳିତବଜେଟ୍‌ରେ ୩ ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି। ଏହି ଯୋଜନା ଉଭୟ କର୍ମଚାରୀ ଏବଂ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ପ୍ରତି ଲାଗୁ ହେବ। ସାଧାରଣ ସେବା କ୍ଷେତ୍ରରେ ପ୍ରଥମ କରି ନିଯୁକ୍ତି ପାଇଥିବା ଯୁବକଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଚଳିତ ବଜେଟ୍‌ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର(ଡିବିଟି) ଯୋଜନା ଲାଗୁ କରିବାକୁ ଘୋଷଣା କରିଛନ୍ତି। ଯେଉଁମାନେ ପ୍ରଥମ କରି କୌଣସି କ୍ଷେତ୍ରରେ ଚାକିରିରେ ଯୋଗ ଦେବେ ସେମାନଙ୍କୁ ୩ଟି କିସ୍ତିରେ ସର୍ବାଧିକ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫଓ)ରେ ପଞ୍ଜିକରଣ ଅନୁଯାୟୀ ଏହି ରାଶି ଦିଆଯିବ। ସର୍ବାଧିକ ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ପାଉଥିବା ଯୁବକଙ୍କୁ ଏହି ସୁବିଧା ମିଳିବ।

## କେଉଁ ବିଭାଗକୁ କେତେ

| ମନ୍ତ୍ରାଳୟ | ଆବଣ୍ଟନ (କୋଟିରେ) |
|---|---|
| ଅର୍ଥ | ୧୮,୫୮,୧୫୮.୬୨ |
| ପ୍ରତିରକ୍ଷା | ୬,୨୧,୯୪୦.୮୫ |
| ସଡ଼କ ପରିବହନ | ୨,୭୮,୦୦୦.୦୦ |
| ରେଳ | ୨,୫୫,୩୯୩.୦୦ |
| ଖାଉଟି ମାମଲା | ୨,୨୩,୩୨୩.୩୬ |
| ସ୍ୱରାଷ୍ଟ୍ର | ୨,୧୯,୬୪୩.୩୧ |
| ଗ୍ରାମ୍ୟ ବିକାଶ | ୧,୮୦,୨୩୩.୪୩ |
| ରାସାୟନିକ, ସାର | ୧,୬୮,୪୯୯.୮୭ |
| ଦୂରସଞ୍ଚାର | ୧,୩୭,୨୯୩.୯୦ |
| କୃଷି | ୧,୩୨,୪୬୯.୮୬ |
| ଶିକ୍ଷା | ୧,୨୦,୬୨୭.୮୭ |
| ଜଳ ସମ୍ପଦ | ୯୮,୭୧୩.୭୮ |
| ସ୍ୱାସ୍ଥ୍ୟ | ୯୦,୯୫୮.୬୩ |
| ହାଉସିଂ ଏବଂ ସହରୀ | ୮୨,୫୭୬.୫୭ |
| ମହିଳା ଓ ଶିଶୁ ବିକାଶ | ୨୬,୦୯୨.୧୯ |
| ପରମାଣୁ ଶକ୍ତି | ୨୪,୯୬୮.୯୮ |
| ଶ୍ରମ ଓ ନିଯୁକ୍ତି | ୨୨,୫୩୧.୪୭ |
| ବିଦେଶ | ୨୨,୧୫୪.୬୭ |
| ଏମଏସଏମଇ | ୨୨,୨୩୭.୯୫ |
| ଇଲେକ୍ଟ୍ରୋନିକ୍ସ | ୨୧,୯୩୬.୯୦ |
| ଶକ୍ତି | ୨୦,୫୦୨.୦୦ |
| ନବୀକରଣ ଯୋଗ୍ୟ ଶକ୍ତି | ୧୯,୧୦୦.୦୦ |
| ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା | ୧୬,୬୨୮.୧୨ |
| ପେଟ୍ରୋଲିୟମ | ୧୫,୯୩୦.୨୬ |
| ସାମାଜିକ ନ୍ୟାୟ | ୧୪,୨୨୫.୪୭ |
| ମହାକାଶ ବିଭାଗ | ୧୩,୦୪୨.୭୫ |
| ଆଦିବାସୀ ମାମଲା | ୧୩,୦୦୦.୦୦ |
| ବାଣିଜ୍ୟ | ୧୧,୪୬୯.୧୪ |
| ଭାରୀ ଉଦ୍ୟୋଗ | ୭,୨୪୨.୦୦ |
| ମତ୍ସ୍ୟ, ପଶୁପାଳନ | ୭,୧୩୭.୬୮ |
| ଆଇନ ଓ ନ୍ୟାୟ | ୬୭୮୮.୩୩ |
| ପୂର୍ବୋତ୍ତର କ୍ଷେତ୍ର ବିକାଶ | ୫,୯୦୦ |
| ପରିସଂଖ୍ୟାନ | ୫,୪୫୩.୮୩ |
| କୌଶଳ ବିକାଶ | ୪,୫୨୦ |
| ବୟନ ଶିଳ୍ପ | ୪,୪୧୭.୦୩ |
| ସୂଚନା ଓ ପ୍ରସାରଣ | ୪,୩୪୨.୫୫ |
| ଆୟୁଷ | ୩,୭୧୨.୪୯ |
| କ୍ରୀଡ଼ା | ୩,୪୪୨.୩୨ |
| ପରିବେଶ, ବନ | ୩,୩୩୦.୩୭ |
| ସଂସ୍କୃତି | ୩,୨୬୦.୯୩ |
| ସଂଖ୍ୟାଲଘୁ | ୩,୧୮୩ |
| ପୃଥିବୀ ବିଜ୍ଞାନ | ୩୦୬୪.୮୦ |
| କର୍ପୋରେଟ | ୨.୬୬୭.୦୬ |
| ପର୍ଯ୍ୟଟନ | ୨୪୭୯.୬୨ |
| କାର୍ମିକ | ୨୩୭୯.୮୭ |
| ବନ୍ଦର, ନୌବାଣିଜ୍ୟ | ୨୩୭୭.୪୯ |
| ବେସାମରିକ ବିମାନ ଚଳାଚଳ | ୨୩୫୭.୧୪ |
| ଖଣି | ୧୯୪୧.୦୬ |
| ରାଷ୍ଟ୍ରପତି, ସଂସଦ, ସଚିବାଳୟ | ୧୮୮୪.୯୨ |
| ପଞ୍ଚାୟତିରାଜ | ୧୧୮୩.୭୪ |
| ସମବାୟ | ୧୧୮୩.୩୯ |
| ଯୋଜନା ଓ ସମନ୍ୱୟ | ୮୩୭.୨୬ |
| ଇସ୍ପାତ | ୩୨୫.୬୬ |
| କୋଇଲା | ୧୯୨.୫୫ |
| ସଂସଦୀୟ ବ୍ୟାପାର | ୬୪.୦୦ |
| ମୋଟ | ୪୮,୨୦,୫୧୨.୦୮ |

| ଯୋଜନା | ଆବଣ୍ଟନ (କୋଟିରେ) |
|---|---|
| ମନରେଗା | ୮୬,୦୦୦ |
| ଆୟୁଷ୍ମାନ | ୭,୩୦୦ |
| ପିଏଲଆଇ | ୬,୨୦୦ |
| ସୌର ଶକ୍ତି (ଗ୍ରୀଡ) | ୧୦,୦୦୦ |
| ପିଏମ ସୂର୍ଯ୍ୟ ଘର | ୬,୨୫୦ |
| ପିଏମ୍ ଆବାସ (ସହରୀ) | ୩୦,୧୭୧ |
| ପିଏମ ଆବାସ (ଗ୍ରାମୀଣ) | ୫୪,୫୦୦ |
| ପିଏମ ବିଶ୍ୱକର୍ମା | ୪,୮୨୪ |
| ପିଏମ ଗ୍ରାମ ସଡ଼କ | ୧୯,୦୦୦ |
| ମିଶନ ବାତ୍ସଲ୍ୟ | ୧୪୭୨ |

### ଏମ୍‌ଏସ୍‌ଏମ୍‌ଇ ପାଇଁ ନୂଆ କ୍ରେଡିଟ୍ ଗ୍ୟାରେଣ୍ଟି

## ତରୁଣ ଋଣରାଶି ୧୦ ରୁ ୨୦ ଲକ୍ଷକୁ ବୃଦ୍ଧି

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ (ଏମଏସଏମଇ) କ୍ଷେତ୍ର ଦେଶର ଅର୍ଥନୀତିର ମେରୁଦଣ୍ଡ । କାରଣ ସର୍ବାଧିକ ଶିଳ୍ପ ଉତ୍ପାଦନ ଏହି କ୍ଷେତ୍ରରୁ ଆସିଥିଲା ବେଳେ ସର୍ବାଧିକ ନିଯୁକ୍ତି ସୁଯୋଗ ମଧ୍ୟ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ୨୦୨୪-୨୫ ବଜେଟ୍‌ରେ କେନ୍ଦ୍ର ସରକାର ଏକ ନୂଆ ଯୋଜନା ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଏହି ନୂଆ ଯୋଜନାରେ ବିଶେଷକରି ନିର୍ମାଣ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏମଏସଏମଇ ଶିଳ୍ପଦ୍ୟୋଗୀଙ୍କୁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ରେଡିଟ୍ ଗ୍ୟାରେଣ୍ଟି ଯୋଗାଇ ଦିଆଯିବ। ଏଥିପାଇଁ କେବଳ ଜଣେ ଶିଳ୍ପଦ୍ୟୋଗୀଙ୍କ ପାଇଁ ହିଁ ଗ୍ୟାରେଣ୍ଟି ବ୍ୟବସ୍ଥା ରହିବ। କୌଣସି ମେସିନାରୀ କିମ୍ବା ଯନ୍ତ୍ରାଂଶ କିଣିବା ଲାଗି ଜଣେ ଉଦ୍ୟୋଗୀଙ୍କୁ କୌଣସି ସମ୍ପତ୍ତି ବନ୍ଧକ ରଖିବାକୁ ପଡ଼ିବ ନାହିଁ କି ଜଣେ ଥାର୍ଡ ପାର୍ଟିକୁ ଗ୍ୟାରେଣ୍ଟି ଦେବାକୁ ପଡ଼ିବ ନାହିଁ। ସରକାର ଜଣେ ଉଦ୍ୟୋଗୀଙ୍କୁ ୧୦୦ କୋଟି କିମ୍ବା ସ୍ଥଳ ବିଶେଷରେ ଏହା ଠାରୁ ଅଧିକ ଋଣ ଯୋଗାଣ ପାଇଁ ଗ୍ୟାରେଣ୍ଟି ବହନ କରିବେ। କେବଳ ଜଣେ ଉଦ୍ୟୋଗପତିଙ୍କୁ ଅପ୍ ଫ୍ରଣ୍ଟ ଗ୍ୟାରେଣ୍ଟି ଫି ଏବଂ ସମୟାନୁସାରେ ମୂଳ ଋଣ ରାଶି ଉପରେ ବାର୍ଷିକ ହାରରେ ଫି ଦେବାକୁ ପଡ଼ିବ। ସେହିପରି ଏମଏସଏମଇ ଉଦ୍ୟୋଗଗୁଡ଼ିକର ଋଣ ଗ୍ରହଣ ଏବଂ ଋଣ ପରିଶୋଧ କ୍ଷମତା କିଭଳି ଉନ୍ନତି ହେବ ତାହାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ଉଦ୍ୟୋଗ ତଦାରଖ କରିବ। କେବଳ ଗୋଟିଏ ଉଦ୍ୟୋଗର ବାହ୍ୟିକ ହିସାବକୁ ଦୃଷ୍ଟି ଦେଇ ବର୍ତ୍ତମାନ ଯେଉଁ ପ୍ରକ୍ରିୟାରେ ଋଣ ଦିଆଯାଉଛି ତାହା କରାଯିବ ନାହିଁ। ଶିଳ୍ପାନୁଷ୍ଠାନଗୁଡ଼ିକର ସ୍ଥିତି ପରଖିବା ପାଇଁ ବ୍ୟାଙ୍କ ନିଜସ୍ୱ ସ୍ତରରେ ଉଦ୍ୟମ କରିବେ। ଉଦ୍ୟୋଗୀମାନେ ଯେଭଳି ଋଣ ଚାପରେ ବୁଡି ନ ଯାଆନ୍ତି ଏବଂ ବ୍ୟାଙ୍କ ଋଣ ଅର୍ଥ ଯେଭଳି ଅଚଳ ସମ୍ପତ୍ତି ଖାତାକୁ ଚାଲି ନ ଯାଏ ତା' ଉପରେ ମଧ୍ୟ ବ୍ୟାଙ୍କ ଇନ୍ ହାଉସ୍ ବ୍ୟବସ୍ଥା କାର୍ଯ୍ୟ କରିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଅନ୍ୟପକ୍ଷରେ ମୁଦ୍ରା ଯୋଜନାରେ 'ତରୁଣ' ଶ୍ରେଣୀରେ ରହିଥିବା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶିକୁ ୨୦ ଲକ୍ଷ ଯାଏ ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ଯେଉଁମାନେ ପୂର୍ବରୁ ଋଣ ନେଇ ଠିକଣା ସମୟରେ କିସ୍ତି ପରିଶୋଧ କରିଛନ୍ତି ସେମାନଙ୍କୁ ଆହୁରି ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇଛି।




### ପ୍ରମୁଖ ଘୋଷଣା

- ଦେଶର ୪୦୦ ଜିଲ୍ଲାରେ ଡିପିଆଇର ବ୍ୟବହାର କରି ଖରିଫ ଫସଲର ଡିଜିଟାଲ ସର୍ବେକ୍ଷଣ ହେବ।
- ୧୦ ହଜାର ଜୈବ-ଇନ୍‌ପୁଟ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ।
- ଝିଙ୍ଗା ମାଛ ବ୍ରୁଡ୍‌ଷ୍ଟକ ପାଇଁ ସେଣ୍ଟ୍ରାଲାଇଜଡ୍ ଫର୍ଟିଲିଟି ସେଣ୍ଟରର ନେଟୱର୍କ ପ୍ରତିଷ୍ଠା ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ।
- ଗ୍ରାମ୍ୟ ଅର୍ଥବ୍ୟବସ୍ଥାକୁ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ରାଷ୍ଟ୍ରୀୟ ସହଯୋଗ ନୀତି ପ୍ରସ୍ତୁତ କରାଯିବ।
- କାର୍ଯ୍ୟକାରୀ କରିବାରେ ସହାୟତା ଲାଗି ୧୦ ହଜାର ଆବଶ୍ୟକତା ଆଧାରିତ ଜୈବ-ଇନପୁଟ ସମ୍ବଳ କେନ୍ଦ୍ର ପ୍ରତିଷ୍ଠା କରାଯିବ।
- ୫ ରାଜ୍ୟରେ ନୂଆ କିଶାନ କ୍ରେଡିଟ କାର୍ଡ ଜାରି ହେବ।
- ୬ କୋଟି ଚାଷୀଙ୍କ ସୂଚନା ଜମି ପଞ୍ଜିକରଣକୁ ଅଣାଯିବ।
- ଆସିବ ୩୨ ଫସଲର ୧୦୯ ନୂଆ କିସମ।

### ଅନ୍ତରୀଣ ବଜେଟରେ ହୋଇଥିବା ଘୋଷଣା

- ଫସଲ ଉତ୍ପାଦନ ପରର ଅନ୍ୟ କାର୍ଯ୍ୟ ପାଇଁ ଘରୋଇ ଏବଂ ସରକାରୀ ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ।
- ସମସ୍ତ କୃଷି-ଜଳବାୟୁ କ୍ଷେତ୍ରରେ ନାନୋ-ଡିଏପି ବ୍ୟବହାରର ସମ୍ପ୍ରସାରଣ କରିବାକୁ କୁହାଯାଇଥିଲା।
- ତୈଳବୀଜ ଫସଲରେ ଆତ୍ମନିର୍ଭର ହେବା ପାଇଁ 'ଆତ୍ମନିର୍ଭର ତୈଳବୀଜ ଫସଲ ଅଭିଯାନ' ଆରମ୍ଭ କରିବା ଲାଗି ଘୋଷଣା କରାଯାଇଥିଲା।
- ପଶୁ ସମ୍ପଦର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ନେଇ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ।
- ମତ୍ସ୍ୟ ଚାଷ ବୃଦ୍ଧି, ରପ୍ତାନୀ ଦୁଇ ଗୁଣା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା'କୁ ଆଗକୁ ବଢ଼ାଇବା ପାଇଁ କୁହାଯାଇଥିଲା।
- ମତ୍ସ୍ୟ ପାଳନ କ୍ଷେତ୍ର ପାଇଁ ୫ଟି 'ଇଣ୍ଟିଗ୍ରେଟେଡ ଆକ୍ୱା ପାର୍କ' ପ୍ରତିଷ୍ଠା ପାଇଁ ଅର୍ଥମନ୍ତ୍ରୀ ଘୋଷଣା କରିଥିଲେ।

### ଏମ୍‌ଏସ୍‌ପି ପାଇଁ କିଛି ନାହିଁ



ଏମ୍‌ଏସ୍‌ପି ଆଦି ଅନ୍ୟାନ୍ୟ ଦାବିରେ ଚାଷୀ ଦୀର୍ଘ ଦିନ ହେଲା ଆନ୍ଦୋଳନ କରି ଆସୁଛନ୍ତି। ଦେଶରେ ବିଭିନ୍ନ ସ୍ଥାନରେ ଚାଷୀଙ୍କ ବିକ୍ଷୋଭ ପ୍ରଦର୍ଶନ ସତ୍ତ୍ୱେ ଏହାର କୌଣସି ପ୍ରଭାବ ସରକାରଙ୍କ ଉପରେ ପଡ଼ିପାରି ନାହିଁ। ଅଗଷ୍ଟରେ ପୁଣି ଆନ୍ଦୋଳନ ପାଇଁ ଚାଷୀ ସଜବାଜ ହେଉଥିବାବେଳେ ବଜେଟ୍ ସେମାନଙ୍କୁ ନିରାଶ କରିଛି। ସରକାର ବଜେଟରେ ଏମ୍‌ଏସ୍‌ପି ଦାବିକୁ ପୁଣି ଅଣଦେଖା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ସରକାର ମାସେ ତଳେ ପ୍ରାୟ ସବୁ ମୁଖ୍ୟ ଫସଲର ଏମ୍‌ଏସ୍‌ପି ବୃଦ୍ଧି ନେଇ ଘୋଷଣା କରିଥିଲେ।

### କୃଷି ପାଇଁ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି

ପାଇଲଟ୍ ପ୍ରକଳ୍ପର ସଫଳତାରେ ଉତ୍ସାହିତ ହୋଇ ସରକାର ରାଜ୍ୟମାନଙ୍କ ସହ ଭାଗିଦାରୀରେ ୩ ବର୍ଷ ମଧ୍ୟରେ କୃଷକ ଏବଂ ସେମାନଙ୍କ ଜମିକୁ ଅନ୍ତର୍ଭୁକ୍ତ କରିବା ପାଇଁ କୃଷିକ୍ଷେତ୍ରରେ ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର (ଡିପିଆଇ) କାର୍ଯ୍ୟକାରୀ କରିବାରେ ସହାୟକ ହେବେ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ୪୦୦ଟି ଜିଲ୍ଲାରେ ଡିପିଆଇ ବ୍ୟବହାର କରି ଖରିଫ ପାଇଁ ଡିଜିଟାଲ ଫସଲ ସର୍ଭେ କରାଯିବ। ରାଜ୍ୟମାନଙ୍କ ସହ ସହଭାଗିତା କରି ଚାଷ ଏବଂ ଚାଷୀଙ୍କ ପାଇଁ ଡିଜିଟିଲା ଭିତ୍ତିଭୂମି ଦିଗରେ କାର୍ଯ୍ୟ କରାଯିବ। ୬ କୋଟି କୃଷକ ଏବଂ ସେମାନଙ୍କ ଜମିର ବିବରଣୀ କୃଷକ ଏବଂ ଜମି ପଞ୍ଜୀକରଣରେ ଅଣାଯିବ।

### କୋଟିଏ ଚାଷୀଙ୍କୁ ଜୈବିକ କୃଷି କ୍ଷେତ୍ର

ଚାଷୀଙ୍କୁ ସହାୟତା ଦେବା ଲାଗି ୫ ରାଜ୍ୟରେ ନୂଆ କିଶାନ କ୍ରେଡିଟ କାର୍ଡ ଜାରି କରାଯିବ। ନାବାର୍ଡ ମାଧ୍ୟମରେ ଚାଷୀଙ୍କୁ ସହାୟତା ଦିଆଯିବ। ଗ୍ରାମ୍ୟ ଅର୍ଥବ୍ୟବସ୍ଥାକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରାଯିବ। ଫସଲ ଉତ୍ପାଦନକୁ ପାଣିପାଗର ପ୍ରଭାବରୁ ସୁରକ୍ଷା ଦେବା ଲାଗି ପଦକ୍ଷେପ ନିଆଯିବ। ୩୨ ଫସଲର ୧୦୯ କିସମ ଅଣାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ସବୁ ଫସଲ ଉପରେ ପାଣିପାଗର କୌଣସି ପ୍ରଭାବ ପଡ଼ିବ ନାହି।

### ଶିକ୍ଷା, ଦକ୍ଷତା ବିକାଶ ପାଇଁ ୧.୪୮ ଲକ୍ଷ କୋଟି



୨୦୨୪-୨୫ ବଜେଟ୍‌ରେ ଶିକ୍ଷା, ନିଯୁକ୍ତି ପ୍ରୋତ୍ସାହନ ଏବଂ ଦକ୍ଷତା ବିକାଶ ଲାଗି ମୋଟ ୧.୪୮ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଗତ ଅନ୍ତରୀଣ ବଜେଟ୍‌ରେ ଏହି ରାଶି ୧.୨ ଲକ୍ଷ କୋଟି ଟଙ୍କା ରହିଥିଲା ବେଳେ ପୂର୍ଣ୍ଣାଙ୍ଗ ବଜେଟ୍‌ରେ ଏହି ରାଶିରେ ଅନ୍ୟୂନ ୭ ପ୍ରତିଶତ ବୃଦ୍ଧି କରାଯାଇଛି। ଯୁବ ପିଢ଼ିଙ୍କ ପାଇଁ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ଅନ୍ୟ ସୁଯୋଗ ସୃଷ୍ଟି ଲାଗି ୫ଟି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖାଯାଇଥିଲା ବେଳେ ଏଥିପାଇଁ ମୋଟ ବ୍ୟୟ ବରାଦ ୨ ଲକ୍ଷ କୋଟି ଟଙ୍କା ରହିଛି। ତେବେ ଚଳିତ ଆର୍ଥିକ ବର୍ଷରେ ଏଥିମଧ୍ୟରୁ ୧.୪୮ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି।

### ସ୍ୱାସ୍ଥ୍ୟ ସେବା ପାଇଁ ୮୯,୨୮୭ କୋଟି



ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ପରିଚାଳନା ଏବଂ ଉନ୍ନତି ପାଇଁ କେନ୍ଦ୍ର ସରକାର ୨୦୨୪-୨୫ ବଜେଟ୍‌ରେ ମୋଟ ୮୯,୨୮୭ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି କ୍ଷେତ୍ର ପାଇଁ ମୋଟ ୮୮, ୯୫୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ବେଳେ ଚଳିତ ବର୍ଷ ଏହି ପରିମାଣରେ ସାମାନ୍ୟ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ଫାର୍ମାସିଉଟିକାଲ କ୍ଷେତ୍ର ପାଇଁ ପିଏଲଆଇ ଯୋଜନାରେ କେନ୍ଦ୍ର ସରକାର ୨୧୪୩ କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାବ୍ୟତୀତ କ୍ୟାନ୍ସର ଚିକିତ୍ସା ପାଇଁ ରହିଥିବା ତିନୋଟି ମୁଖ୍ୟ ଔଷଧକୁ ବହିଃଶୁଳ୍କ ମୁକ୍ତ କରିବାକୁ ସରକାର ଘୋଷଣା କରିଛନ୍ତି। ପୂର୍ବରୁ ଅନ୍ତରୀଣ ବଜେଟ୍‌ରେ ମଧ୍ୟ ତିନି କ୍ୟାନ୍ସର ଔଷଧ ଉପରୁ ପ୍ରାଥମିକ ବହିଃଶୁଳ୍କ ଛାଡ଼ କରାଯାଇଥିଲା। ସାଧାରଣ ଭାବେ କ୍ୟାନ୍ସର ଚିକିତ୍ସା ଲାଗି ବ୍ୟବହାର କରାଯାଉଥିବା ଅନେକ ଔଷଧ ଉପରେ ୫ ରୁ ୧୦ ପ୍ରତିଶତ ଯାଏଁ ବହିଃଶୁଳ୍କ ଲାଗୁ କରାଯାଇଥାଏ। କିନ୍ତୁ ସର୍ବାଧିକ ବ୍ୟବହାର କରାଯାଉଥିବା ତିନୋଟି ଔଷଧକୁ ବହିଃଶୁଳ୍କ ମୁକ୍ତ କରିବାକୁ କେନ୍ଦ୍ର ସରକାର ଏହି ବଜେଟ୍‌ରେ ଘୋଷଣା କରିଛନ୍ତି।

### ପେନ୍‌ସନ ବଜେଟରେ ୩ ହଜାର କୋଟି ବୃଦ୍ଧି

ଏଥିରେ ତିନି ସେନାର ଅବସରପ୍ରାପ୍ତ ସୈନିକଙ୍କ ପେନ୍‌ସନ ଏବଂ ଅବସରକାଳୀନ ସୁବିଧା ସାମିଲ ଥାଏ। ପେନ୍‌ସନ ପାଇଁ ୧.୪୧ ଲକ୍ଷ କୋଟି ଟଙ୍କ ମିଳିଛି। ଏହା ମୋଟ ବଜେଟର ୨୨.୭ ପ୍ରତିଶତ। ଗତ ବର୍ଷ ଏହା ୧.୩୮ ଲକ୍ଷ କୋଟି ଥିଲା। ଏବେ ଦେଶର ତିନି ସେନାରେ ମୋଟ ୨୬ ଲକ୍ଷ ଅବସରପ୍ରାପ୍ତ ସୈନିକ ଅଛନ୍ତି। ସେହିପରି ଅଗ୍ନିପଥ ଯୋଜନାରେ ଦରମା ଦେବାକୁ ୫, ୨୦୭ କୋଟି, ନୌସେନା ପାଇଁ ୩୫୨ କୋଟି ଏବଂ ବାୟୁସେନା ପାଇଁ ୪୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି।

### ପୁଞ୍ଜି ବ୍ୟୟ ପାଇଁ ବଜେଟର ୨୭.୬ %

ପୁଞ୍ଜି ବ୍ୟୟ (କ୍ୟାପିଟାଲ ବଜେଟ) ସେନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ। ଏହାର ଅଧିକାଂଶ ଭାଗ ତିନି ସେନାର ଆଧୁନିକୀକରଣ, ଯୁଦ୍ଧ ବିମାନ, ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ସେନାକୁ ମଜବୁତ କରିବାକୁ ଖର୍ଚ୍ଚ କରାଯାଇଥାଏ। ଅର୍ଥମନ୍ତ୍ରୀ ପୁଞ୍ଜି ବ୍ୟୟ ପାଇଁ ୧, ୭୨, ୦୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହା ମୋଟ ପ୍ରତିରକ୍ଷା ବଜେଟର ୨୭.୬ ପ୍ରତିଶତ। ଗତ ବର୍ଷ ତୁଳନାରେ ଚଳିତ ଥର ଏହା ୯,୪୦୦ କୋଟି ଅର୍ଥାତ୍ ୫.୭ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩ରେ ସରକାର ପୁଞ୍ଜି ବ୍ୟୟକୁ ୬.୫ ପ୍ରତିଶତ ବୃଦ୍ଧି କରିଥିଲେ। ମାତ୍ର ୨୦୨୨ରେ ପୁଞ୍ଜି ବଜେଟ ୧୨ ପ୍ରତିଶତ ବୃଦ୍ଧି ପାଇଥିଲା। ଅର୍ଥାତ୍ କ୍ରମାଗତ ତୃତୀୟ ବର୍ଷ ପାଇଁ ପୁଞ୍ଜି ବଜେଟ ହ୍ରାସ କରାଯାଇଛି।

## ୬.୨୧ ଲକ୍ଷ କୋଟିର ପ୍ରତିରକ୍ଷା ବଜେଟ

ସୀମାରେ ଭାରତ ପ୍ରତି ଆହ୍ୱାନ ଦିନକୁ ଦିନ ବଢ଼ିବାରେ ଲାଗିଛି। ପଡ଼ୋଶୀ ଦେଶଙ୍କ ସହ ସମ୍ପର୍କ ଖରାପ ହେବାରେ ଲାଗିଛି। ଭାରତକୁ ଘେରିବା ପାଇଁ ଚୀନ୍ ପୋଙ୍ଗାଙ୍ଗ ସୋ ହ୍ରଦ ସହିତ ଅନ୍ୟପଟେ ଭିତ୍ତିଭୂମିକୁ ମଜବୁତ କରିବାରେ ଲାଗିଛି। ପାକିସ୍ତାନ ଆତଙ୍କବାଦୀ ଅନୁପ୍ରବେଶ ଘଟାଇ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି। ଏହି ଦୁଇ ଦେଶ ନିଜ ପ୍ରତିରକ୍ଷା ବଜେଟ କ୍ରମାଗତ ଭାବେ ବଢ଼ାଇ ଚାଲିଛନ୍ତି। ସେହିପରି ମ୍ୟାଁମାରରେ ସାମିରକ ଶାସନ ଯୋଗୁଁ ମଣିପୁର ଆଦି ରାଜ୍ୟରେ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ମଣିପୁର ହିଂସା ଥମିବାର ନା ଧରୁନି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅହେତୁକ ବଢ଼ି ଚାଲିଛି। ବିଶ୍ୱରେ ଦୁଇ ଦୁଇଟି ଯୁଦ୍ଧ ଲାଗି ରହିଥିବାରୁ ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି ଦିଗରେ ପ୍ରତିଦ୍ୱନ୍ଦ୍ୱିତା ଅହେତୁକ ବୃଦ୍ଧି ପାଇଛି। ପ୍ରତିରକ୍ଷା କ୍ଷେତ୍ର ପାଇଁ ସାଇବର ୱାର ଆଦି ନୂଆ ଆହ୍ୱାନ ସୃଷ୍ଟି ହେଉଛି। ଏ ସବୁର ମୁକାବିଲା ପାଇଁ ଭାରତୀୟ ସେନା ନିଜ ଅସ୍ତ୍ରଶସ୍ତ୍ରକୁ ଅପ୍‌ଗ୍ରେଡ କରିବାକୁ ଚାହୁଁଛି। ଏପରି ସମୟରେ କେନ୍ଦ୍ର ସରକାର ପ୍ରତିରକ୍ଷା ବଜେଟର ପୁଞ୍ଜି ବ୍ୟୟକୁ ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରିଦେଇଛନ୍ତି। ମୋଦୀ ୩.୦ ସରକାରର ବଜେଟ ଉପସ୍ଥାପନା କରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିରକ୍ଷା କ୍ଷେତ୍ରର ପୁଞ୍ଜି ବ୍ୟୟକୁ କ୍ରମାଗତ ତୃତୀୟ ଥର ପାଇଁ ହ୍ରାସ କରିଦେଇଛନ୍ତି। ଏହି ବାବଦକୁ ୪.୫୪ ଲକ୍ଷ କୋଟି ଟଙ୍କା ରଖାଯାଇଛି। ଏହା ପୂର୍ବ ବର୍ଷ (୪.୫୫ ଲକ୍ଷ କୋଟି ଟଙ୍କା) ତୁଳନାରେ କମ୍। ସେନା ନିଜ ଅସ୍ତ୍ରଶସ୍ତ୍ରକୁ ଉନ୍ନତ କରିବାକୁ ଚାହୁଁଥିବାବେଳେ ଏହି ବଜେଟ ବହୁତ କମ୍ ବୋଲି ଧରାଯାଉଛି। ଅର୍ଥମନ୍ତ୍ରୀ ପ୍ରତିରକ୍ଷା କ୍ଷେତ୍ର ପାଇଁ ୬, ୨୧, ୯୪୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହା ମୋଟ ବଜେଟର ୧୨.୯ ପ୍ରତିଶତ। ଏହି ବ୍ୟୟ ବରାଦ ଅନ୍ତରୀଣ ବଜେଟ ତୁଳନାରେ ୪୦୦ କୋଟି ଅର୍ଥାତ୍ ମାତ୍ର ୦.୦୬୪ ପ୍ରତିଶତ ଅଧିକ। ପ୍ରତିରକ୍ଷା ବଜେଟର ୬୭.୭ ପ୍ରତିଶତ ଅଂଶ ରାଜସ୍ୱ ଏବଂ ପେନସନ୍‌କୁ ମିଳିଛି। ୧୪,୭୧୭ ଶବ୍ଦର ଭାଷଣରେ ଅର୍ଥମନ୍ତ୍ରୀ ମାତ୍ର ୨ ଥର ପ୍ରତିରକ୍ଷାର ଉଲ୍ଲେଖ କରିଛନ୍ତି। କିନ୍ତୁ ସେ ଅଗ୍ନିବୀର ନାମ ନେଇନାହାନ୍ତି।

### କ୍ରମାଗତ ତୃତୀୟ ବର୍ଷରେ ପୁଞ୍ଜି ବ୍ୟୟ ହ୍ରାସ

୪.୫୪ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ






ବଜେଟ ୨୦୨୪-୨୫

## ଆୟକର ସାରଣୀ

### ୭ ଲକ୍ଷ ଯାଏ ୫% ଟିକସ ହାର

| ପୁରୁଣା ସ୍ଲାବ୍ | ପୁରୁଣା ଟିକସ ହାର | ନୂଆ ସ୍ଲାବ୍ | ନୂତନ ଟିକସ ହାର |
|---|---|---|---|
| ୩ ଲକ୍ଷ | ୦ | ୩ଲକ୍ଷ | ୦% |
| ୩-୬ | ୫% | ୩-୭ଲକ୍ଷ | ୫% |
| ୬-୯ | ୧୦% | ୭-୧୦ଲକ୍ଷ | ୧୦% |
| ୯-୧୨ | ୧୫% | ୧୦-୧୨ଲକ୍ଷ | ୧୫% |
| ୧୨-୧୫ | ୨୦% | ୧୨-୧୫ଲକ୍ଷ | ୨୦% |
| ୧୫ ଲକ୍ଷରୁ ଅଧିକ | ୩୦% | ୧୫ ଲକ୍ଷରୁ ଅଧିକ | ୩୦% |

### ନୂଆ ଟିକସ ବ୍ୟବସ୍ଥାରେ ୩ ଲକ୍ଷ ଯାଏ ଆୟ ଉପରେ ଶୂନ୍ୟ ଟିକସ

| ସ୍ଲାବ୍ | ଟିକସ ହାର | କେତେ ଟିକସ ଦେବାକୁ ହେବ |
|---|---|---|
| ୩-୭ ଲକ୍ଷ ଯାଏ | ୫% | ୨୦ ହଜାର |
| ୭-୧୦ ଲକ୍ଷ ଯାଏ | ୧୦% | ୫୦ ହଜାର (୨୦୦୦୦+୩୦୦୦୦) |
| ୧୦-୧୨ ଲକ୍ଷ ଯାଏ | ୧୫% | ୮୦ ହଜାର (୨୦ହଜାର+୩୦ହଜାର+୩୦ ହଜାର) |
| ୧୨-୧୫ ଲକ୍ଷ ଯାଏ | ୨୦% | ୧.୪୦ ଲକ୍ଷ (୨୦ହଜାର+୩୦ ହଜାର+୩୦ ହଜାର+୬୦ ହଜାର) |
| ୧୫ ଲକ୍ଷରୁ ଅଧିକ | ୩୦% | ୧.୪୦ ଲକ୍ଷରୁ ଅଧିକ |

### ନୂଆ ଟିକସ ବ୍ୟବସ୍ଥାରେ ୭ ଲକ୍ଷ ଯାଏ ଆୟ ଉପରେ ଶୂନ୍ୟ ଟିକସ

| ସ୍ଲାବ୍ | ଟିକସ ହାର | କେତେ ଟିକସ ଦେବାକୁ ହେବ |
|---|---|---|
| ୩ ଲକ୍ଷ ଯାଏ | ୦% | ୦% |
| ୩ରୁ ୭ ଲକ୍ଷ | ୫% | ୨୦ ହଜାର |

### ପୁରୁଣା କର ବ୍ୟବସ୍ଥାରେ ୪ ଟିକସ ସ୍ଲାବ୍

| ସ୍ଲାବ୍ | ଟିକସ ହାର | କେତେ ଟିକସ ଦେବାକୁ ହେବ |
|---|---|---|
| ୨.୫ ଲକ୍ଷ ଯାଏ | ୦% | ୦ |
| ୨.୫ରୁ ୫ ଲକ୍ଷ ଯାଏ | ୫% | ୧୨,୫୦୦ |
| ୫ରୁ ୧୦ ଲକ୍ଷ ଯାଏ | ୨୦% | ୧,୧୨,୫୦୦(୧୨,୫୦୦+୧ ଲକ୍ଷ) |
| ୧୦ ଲକ୍ଷରୁ ଅଧିକ | ୩୦% | ୧,୧୨,୫୦୦ରୁ ଅଧିକ |

### ପୁରୁଣା କର ବ୍ୟବସ୍ଥାରେ ୫ ଲକ୍ଷ ଯାଏ ଆୟ ଉପରେ ଶୂନ୍ୟ ଟିକସ

| ସ୍ଲାବ୍ | ଟିକସ ହାର | କେତେ ଟିକସ ଦେବାକୁ ହେବ |
|---|---|---|
| ୨.୫ ଲକ୍ଷ ଯାଏ | ୦% | ୦% |
| ୨.୫ ଲକ୍ଷରୁ ୫ ଲକ୍ଷ ଯାଏ | ୫% | ୧୨,୫୦୦ |

# ୩ ଲକ୍ଷ ପର୍ଯ୍ୟନ୍ତ ଆୟ ଉପରେ ଟିକସ ନାହିଁ

ମୋଦୀ ସରକାରଙ୍କ ୩.୦ ସରକାର କ୍ଷମତାକୁ ଆସିବା ପରେ ଏହା ହେଉଛି ପ୍ରଥମ ବଜେଟ। ଚଳିତବର୍ଷ ଫେବୃଆରୀରେ ସାଧାରଣ ନିର୍ବାଚନ ପୂର୍ବରୁ ଅଣାଯାଇଥିବା ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ଟିକସଦାତାଙ୍କୁ ଆୟକର କ୍ଷେତ୍ରରେ କୌଣସି ଆଶ୍ୱସ୍ତି ମିଳି ନ ଥିଲା। କିନ୍ତୁ ଚଳିତଥର ବଜେଟରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ କରଦାତାଙ୍କୁ ଟିକସ ରିଆତି ମିଳିଛି। ବଜେଟରେ ମୋଦୀ ସରକାର ଟିକସଦାତାଙ୍କ ପାଇଁ ବଡ ରିହାତି ଘୋଷଣା କରିଛନ୍ତି। ବର୍ତ୍ତମାନ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଉପରେ କରଦାତାଙ୍କୁ କୌ ଣସି ଟିକସ ଦେବାକୁ ପଡିବନାହିଁ। ଏହା ବ୍ୟତୀତ ସରକାର ଷ୍ଟାଣ୍ଡାର୍ଡ ରିଆତିର ସୀମାକୁ ଦେଢ଼ ଗୁଣ ବୃଦ୍ଧି କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ନୂତନ ଟିକସ ବ୍ୟବସ୍ଥାରେ ୦-୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ କୌଣସି ଟିକସ ଆଦାୟ କରାଯିବନାହିଁ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ସରକାର ଆସନ୍ତା ୬ ମାସ ମଧ୍ୟରେ ଆୟକର ଅଧିନିୟମ ୧୯୬୧ ସମୀକ୍ଷା କରିବେ। ଆୟକର ବ୍ୟବସ୍ଥାକୁ ସରଳ କରାଯିବ। ବଡ ଟିକସ ମାମଲାର ଶୁଣାଣି ପାଇଁ ଅଧିକ ଅଧିକାରୀ ଉପସ୍ଥିତ ରହିବେ ବୋଲି ସେ କହିଛନ୍ତି। ଏଥି ସହିତ ଷ୍ଟାର୍ଟଅପ୍ ପ୍ରୋତ୍ସାହିତ କରିବା ପାଇଁ ସରକାର ଦୂତ ଟିକସ ରଦ୍ଦ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ବର୍ତ୍ତମାନ ପ୍ରଚଳିତ ପୁରୁଣା ଟିକସ ବ୍ୟବସ୍ଥାରେ ମୌଳିକ ଟିକସ ଛାଡ ସୀମା ହେଉଛି ୨.୫ ଲକ୍ଷ ଟଙ୍କା ଏବଂ ନୂତନ ଟିକସ ବ୍ୟବସ୍ଥାରେ ଏହା ୩ ଲକ୍ଷ ଟଙ୍କା କରାଯାଇଛି। ବର୍ତ୍ତମାନ ଆଶା କରାଯାଉଛି ଯେ ଏଥର ଉଭୟ ଟିକସ ବ୍ୟବସ୍ଥାରେ ଟିକସ ଛାଡ ସୀମାକୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ।

## ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦,୦୦୦ରୁ ୭୫ ହଜାରକୁ ବୃଦ୍ଧି




ଆଜି ସଂସଦରେ ବଜେଟ୍ ଉପସ୍ଥାପନ କରିବା ଅବସରରେ ଅର୍ଥମନ୍ତ୍ରୀ ନୂଆ ଟିକସ ବ୍ୟବସ୍ଥାକୁ ଚୟନ କରୁଥିବା ବେତନଭୋଗୀ ବ୍ୟକ୍ତି ଏବଂ ପେନସନଭୋଗୀମାନଙ୍କୁ ଟିକସ ରିଆତି ପ୍ରଦାନ କରିବା ପାଇଁ ଅନେକ ଆକର୍ଷଣୀୟ ସୁବିଧା ଘୋଷଣା କରିଛନ୍ତି। ଏହି ଅନୁଯାୟୀ, ବେତନଭୋଗୀ କର୍ମଚାରୀଙ୍କ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ ହଜାର ଟଙ୍କାରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ସେହିପରି ପେନସନଭୋଗୀଙ୍କ ପାଇଁ ପାରିବାରିକ ପେନସନ ଉପରେ ଛାଡକୁ ୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ପାଖାପାଖି ୪ କୋଟି ବେତନଭୋଗୀ ଓ ପେନସନଭୋଗୀଙ୍କୁ ଆଶ୍ୱସ୍ତି ମିଳିବ। ନୂତନ ଟିକସ ବ୍ୟବସ୍ଥାରେ ଟିକସ ହାରର ଢାଞ୍ଚା ଅନୁଯାୟୀ ନୂଆ ଟିକସ ବ୍ୟବସ୍ଥାରେ ଜଣେ ବେତନଭୋଗୀ କର୍ମଚାରୀ ବାର୍ଷିକ ୧୭,୫୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ସଞ୍ଚୟ କରିପାରିବେ।

## 'ଏଞ୍ଜେଲ ଟିକସ' ଉଚ୍ଛେଦ

କେନ୍ଦ୍ର ସରକାର ୨୦୨୫-୨୫ ବଜେଟ୍‌ରେ ଦେଶର ଷ୍ଟାର୍ଟଅପ୍‌ଗୁଡ଼ିକୁ ଦେଇଛନ୍ତି ବଡ଼ ଧକ୍କା। ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ୨୦୧୨ରେ ମନମୋହନ ସରକାର ଆରମ୍ଭ କରିଥିବା ଏଞ୍ଜେଲ ଟିକସ ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି ନିର୍ମଳା ସୀତାରମଣ। ଏହା ଫଳରେ ଦେଶର ଷ୍ଟାର୍ଟଅପ୍‌ଗୁଡ଼ିକର ଅଗ୍ରଗତି ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ୨୦୧୨ରେ ବିତ୍ତ ଅଧିନିୟମର ଆୟକର ଧାରା ୫୬(୨)୭ବିରେ ପରିବର୍ତ୍ତନ ଆଣିଛନ୍ତି କେନ୍ଦ୍ର ସରକାର। ମନମୋହନ ସରକାରରେ ତତ୍କାଳୀନ ଅର୍ଥମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଏହି ଏଞ୍ଜେଲ ଟିକସ ବ୍ୟବସ୍ଥା ପ୍ରଚଳନ କରିଥିଲେ। କୌଣସି ଅଣସୂଚୀବଦ୍ଧ କମ୍ପାନୀ ସେୟାର ଜାରି କରି ଅର୍ଥ ଯୋଗାଡ଼ କରିବା ବେଳେ ଏହା ଉପରେ ଲଗାଯାଉଥିବା ଟିକସକୁ ଏଞ୍ଜେଲ ଟିକସ କୁହାଯାଉଥିଲା। କଳାଧନ ପ୍ରବାହ ଓ ମନି ଲଣ୍ଡରିଂ ରୋକିବା ଉଦ୍ଦେଶ୍ୟରେ ଏହାକୁ ପ୍ରଚଳନ କରାଯାଇଥିଲା। ମାତ୍ର ଏହାକୁ ଏବେ ନିର୍ମଳା ସୀତାରମଣ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ଷ୍ଟାର୍ଟଅପ୍ ଇକୋ ସିଷ୍ଟମକୁ ଅଗ୍ରଗତି ଦେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

## ସୁନା, ରୁପା ଉପରୁ ସୀମା ଶୁଳ୍କରେ ହ୍ରାସର ପ୍ରଭାବ

## ସୁନା ୪୦୦୦ ଟଙ୍କା, ରୁପା ଦୁଇ ହଜାର କମିଲା





ବଜେଟରେ ଅର୍ଥମନ୍ତ୍ରୀ ସୁନା ଓ ରୁପା ଉପରେ ଲାଗୁ ହେଉଥିବା ସୀମା ଶୁଳ୍କରେ ହ୍ରାସ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଘୋଷଣା ପରେ ଘରୋଇ ବଜାରରେ ଉଭୟ ଧାତୁର ମୂଲ୍ୟରେ ବୃହତ୍ ହ୍ରାସ ଘଟିଛି। ଏଥଯୋଗୁ ଘରୋଇ ବଜାରରେ ସୁନା ୧୦ ଗ୍ରାମ ପିଛା ୨୭୫୦ ଟଙ୍କା ଏବଂ ରୁପା କିଲୋ ଦୁଇ ହଜାର ଟଙ୍କା ହ୍ରାସ ହୋଇଛି।

ବଜେଟରେ ଅର୍ଥମନ୍ତ୍ରୀ କରିଥିବା ଘୋଷଣା ଅନୁଯାୟୀ, ସୁନା ଓ ରୁପା ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କ ୧୫%ରୁ ୬%କୁ ହ୍ରାସ ପାଇଛି। ସୀମା ଶୁଳ୍କ ହ୍ରାସ ପାଇବା ପରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜ(ଏମସିଏକ୍ସ)ରେ ସୁନା ଦର ୧୦ ଗ୍ରାମ ପ୍ରତି ୬୮,୫୦୦କୁ ଖସିଆସିଛି। ପୂର୍ବରୁ ଏହାର ମୂଲ୍ୟ ୧୦ ଗ୍ରାମ ପିଛା ୭୨,୮୩୮ ଟଙ୍କା ରହିଥିଲା। ଅନ୍ତର୍ଜାତୀୟ ବଜାରରେ ସୁନା ଦର ଆଉନ୍ସ ପିଛା ୨,୩୯୭.୧୩ ଡଲାର ରହିଛି। ଏହାର ଅର୍ଥ ଘରୋଇ ବଜାରରେ ସୁନା ଦର ୪ ହଜାର ଟଙ୍କା ଯାଏ କମିଯାଇଛି। କୁହାଯାଉଛି ଆଗାମୀ ଦିନରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୬୬ ହଜାରକୁ ଖସି ଆସିପାରେ। ଏମସିଏକ୍ସରେ ରୁପା ଦର ମଧ୍ୟ ଆଶାତୀତ ଭାବେ ହ୍ରାସ ପାଇଛି। ପୂର୍ବରୁ ଗୋଟିଏ କେଜି ରୁପାର ଦାମ ୮୮,୯୯୫ ଟଙ୍କା ଥିଲା। କିନ୍ତୁ ବଜେଟ ପରେ ଏହା ୮୪,୨୭୫ ଟଙ୍କାକୁ ଖସି ଆସିଛି। କେବଳ ସୁନା କିମ୍ବା ରୁପା ନୁହେଁ ବଜେଟରେ ପ୍ଲାଟିନମ ଉପରେ ମଧ୍ୟ ସୀମା ଶୁଳ୍କରେ ହ୍ରାସ ଘଟାଇ ୬.୪%ରେ ରଖିବାକୁ ଘୋଷଣା ହୋଇଛି। ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ଗତକାଲିର ୬୭,୭୦୦ ରୁ ୬୪,୯୫୦ ଟଙ୍କାକୁ ହ୍ରାସ ଘଟିଛି। ସେହିପରି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୩,୫୮୨ ଟଙ୍କାରୁ ୭୦,୮୫୦ ଟଙ୍କାକୁ ଖସିଆସିଛି। ଅପରପକ୍ଷେ ରୁପା ମୂଲ୍ୟ ପୂର୍ବର ୯୨,୦୦୦ ଟଙ୍କାରୁ ୯୦,୦୦୦ ଟଙ୍କାକୁ ହ୍ରାସ ହୋଇଛି।

### କୃଷକ ଓ ମଧ୍ୟବିତ୍ତ ନିରାଶ

# ବେରୋଜଗାରୀ ହ୍ରାସ କରିବାକୁ କୌଣସି ଯୋଜନା ନାହିଁ

*ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ମୋଦୀ ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି। ନିକଟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିଜେପି ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ସରକାର ଗଠନ ପାଇଁ ସହଯୋଗୀଙ୍କ ସମର୍ଥନ ନେବାକୁ ପଡିଲା। ଆଜି ଯେତେବେଳେ ସୀତାରମଣ ଲୋକସଭାରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସମ୍ପୂର୍ଣ୍ଣ ବଜେଟ୍ ଉପସ୍ଥାପନ କରିବାକୁ ଛିଡା ହୋଇଥିଲେ, ସେତେବେଳେ ସମସ୍ତଙ୍କ ମଧ୍ୟରେ ଆଶାର ଲହରୀ ଖେଳିଯାଇଥିଲା। ହେଲେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ସରକାର ଏଥିରେ ବିଫଳ ହୋଇଛନ୍ତି। ସେଥିରୁ ପ୍ରମୁଖ କୋଟୋଟି ହେଉଛି ...*

## ମଧ୍ୟବିତ୍ତଙ୍କୁ କୌଣସି ରିଆତି ନାହିଁ



କେନ୍ଦ୍ର ସରକାରଙ୍କ ଏହି ବଜେଟରୁ କରଦାତାଙ୍କର ବହୁତ ଆଶା ଥିଲା। ବିଶେଷକରି ମଧ୍ୟବିତ୍ତ ବର୍ଗ, ଯେଉଁମାନେ ଅଧିକ ଟିକସ ଦିଅନ୍ତି ଏବଂ ଖର୍ଚ୍ଚ କରନ୍ତି, ସେମାନଙ୍କୁ ଅଧିକ ଆରାମ ଦିଆଯାଇ ନାହିଁ। ନୂତନ ଟିକସ ବ୍ୟବସ୍ଥାରେ ମାନକ ରିହାତି ୫୦ ହଜାରରୁ ୭୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଆହୁରି ମଧ୍ୟ, ନୂଆ ଟିକସ ବ୍ୟବସ୍ଥାରେ ଟିକସ ସ୍ଲାବରେ ପରିବର୍ତ୍ତନ ଆସିଛି। ୧୦ ଲକ୍ଷରୁ ଅଧିକ ବେତନ ଅର୍ଜନ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବାର୍ଷିକ ୧୭୫୦୦ ଟଙ୍କା ସଞ୍ଚୟ କରିବ ବୋଲି ଅର୍ଥମନ୍ତ୍ରୀ ଦାବି କରିଛନ୍ତି। କିନ୍ତୁ ପୁରୁଣା ଟିକସ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

## କୃଷକଙ୍କ ଆୟ ବୃଦ୍ଧି କରିବାର କୌଣସି ଉପାୟ ନାହିଁ



କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ପାଇଁ ବଜେଟରେ ୧.୫୨ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ ଘୋଷଣା କରାଯାଇଛି। କିନ୍ତୁ ଚାଷୀଙ୍କ କ୍ରମାଗତ ଚାହିଦା ସତ୍ତ୍ୱେ ସର୍ବନିମ୍ନ ସହାୟତା ମୂଲ୍ୟ (ଏମଏସପି) ସମ୍ବନ୍ଧରେ ବଜେଟରେ କ ଣସି ଘୋଷଣା କରାଯାଇ ନାହିଁ। ଏଥିସହ ପିଏମ କିସାନ ଅର୍ଥାତ୍ କିସାନ ସମ୍ମାନ ନିଧିଙ୍କ ପରିମାଣ ମଧ୍ୟ ବୃଦ୍ଧି କରାଯାଇ ନାହିଁ। ସରକାର ଏହି ରାଶି ଦୁଇଗୁଣ କରିପାରିବେ ବୋଲି ବିଶ୍ୱାସ କରାଯାଉଥିଲା। ବର୍ତ୍ତମାନ ଏହି ଯୋଜନା ଅଧୀନରେ ବାର୍ଷିକ ୬୦୦୦ ଟଙ୍କା ଉପଲବ୍ଧ।






# ପୁଞ୍ଜି ଲାଭ ଟିକସ ବଢ଼ିଲା

ବିଶ୍ୱରେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଘଟୁଥିବା ଭାରତ ପାଇଁ ବେକାରୀ ହେଉଛି ସବୁଠାରୁ ବଡ ଆହ୍ୱାନ। ବିଶ୍ୱର ସେହି ଦେଶମାନଙ୍କ ମଧ୍ୟରେ ଭାରତ ଅଛି ଯେଉଁଠାରେ ବେକାରୀ ହାର ସର୍ବାଧିକ। ଦେଶର ଅର୍ଥନୀତି ଦ୍ରୁତ ଗତିରେ ବଢୁଛି କିନ୍ତୁ ସେହି ଅନୁଯାୟୀ ନିଯୁକ୍ତି ସୃଷ୍ଟି କରିବାରେ ସରକାର ବିଫଳ, କିନ୍ତୁ ଆଜି ଉପସ୍ଥାପିତ ବଜେଟରେ ବେରୋଜଗାରର ବଢୁଥିବା ସମସ୍ୟାର ମୁକାବିଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ଘୋଷଣା କରାଯାଇନାହିଁ। ରୋଜଗାର ସମ୍ବନ୍ଧୀୟ ପ୍ରୋତ୍ସାହନ ଅନୁଯାୟୀ ଯଦିଓ ତିନିଟି ଯୋଜନା ଘୋଷଣା କରାଯାଇଛି, କିନ୍ତୁ ଯେଉଁ ମାତ୍ରାରେ ବେରୋଜଗାର ବଢୁଛି ତାହା ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ।

ପ୍ରଧାନମନ୍ତ୍ରୀଙ୍କ ପ୍ୟାକେଜ୍ ଅଧୀନରେ ଚଳିତ ବଜେଟରେ ଏକ ନୂତନ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଆରମ୍ଭ କରାଯାଇଛି। ଏହା ରାଜ୍ୟ ସରକାର ଏବଂ ଶିଳ୍ପର ସହଯୋଗରେ ଦକ୍ଷତା ହାସଲ କରିବ। ସମୁଦାୟ ୬୦୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରସ୍ତୁତ ଏହି ଯୋଜନାରେ ୫ ବର୍ଷ ମଧ୍ୟରେ ୨୦ ଲକ୍ଷ ଯୁବକଯୁବତୀଙ୍କୁ ଦକ୍ଷତା ତାଲିମ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୧୦୦୦ ଶିଳ୍ପ ପ୍ରଶିକ୍ଷଣ ଅନୁଷ୍ଠାନ (ଆଇଟିଆଇ)କୁ ହବ୍ ଆଣ୍ଡ ସ୍ପୋକ୍ରେ ଉନ୍ନତ କରାଯିବ।





**ସ୍ୱଳ୍ପ ମିଆଦି ପୁଞ୍ଜି ଲାଭ ଟିକସ ହାରରେ ୨୦% ବୃଦ୍ଧି**

**ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ ୧୨.୫%କୁ ହ୍ରାସ କରାଯାଇଛି**

ନିବେଶକମାନେ ଷ୍ଟକ୍ ବଜାରରୁ ଭଲ ଦି ପଇସା ରୋଜଗାର କରୁଛନ୍ତି। ଏହାକୁ ନଜରରେ ରଖି ସରକାର ଚଳିତ ବଜେଟରେ ଷ୍ଟକ୍ ବଜାର ଆୟ ଉପରେ ଟିକସ ହାର ବୃଦ୍ଧି କରିଛନ୍ତି। ଏହି ଅନୁଯାୟୀ, ସେୟାର ବଜାରରୁ ହେଉଥିବା ଆୟ ଉପରେ ନିବେଶକକାରୀଙ୍କଠାରୁ ପୁଞ୍ଜି ଲାଭ ଟିକସ ଆଦାୟ କରାଯିବ। ଏହି ପୁଞ୍ଜି ଲାଭ ଟିକସକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ସ୍ୱଳ୍ପ ମିଆଦୀ ପୁଞ୍ଜି ଲାଭ ଟିକସ ଏବଂ ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ । ଯଦି ଜଣେ ବ୍ୟକ୍ତି ଷ୍ଟକ୍ ବଜାର କିମ୍ବା ମ୍ୟୁଚୁଆଲ୍ ଫଣ୍ଡରେ ଅର୍ଥ ବିନିଯୋଗ କରିଛନ୍ତି ଏବଂ ଏକ ବର୍ଷ ମଧ୍ୟରେ ଲାଭ ପ୍ରତ୍ୟାହାର ବା ପ୍ରଫିଟ୍ ବୁକିଂ କରି ନିଅନ୍ତି, ତେବେ ଏହି ଆୟକୁ ସ୍ୱଳ୍ପ ମିଆଦୀ ପୁଞ୍ଜି ଲାଭ (ଏସ୍‌ଟିଜିସି) କୁହାଯାଏ। କିନ୍ତୁ ଯଦି ସେ ଏକ ବର୍ଷ ପାଇଁ ନିଜର ପୁଞ୍ଜି ବିନିଯୋଗ କରନ୍ତି ତେବେ ଏହା ଦୀର୍ଘକାଳୀନ ବୋଲି ଧରାଯିବ। ଏହା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସ (ଏଲ୍‌ଟିସିଜି) ପରିସରଭୁକ୍ତ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ବଜେଟରେ ସ୍ୱଳ୍ପ ମିଆଦି ଏବଂ ଦୀର୍ଘ ମିଆଦି ପୁଞ୍ଜି ଲାଭ ଟିକସ ହାରରେ ପରିବର୍ତ୍ତନ କରି ପୁଞ୍ଜି ଲାଭ କର ବ୍ୟବସ୍ଥାରେ କିଛି ପରିବର୍ତ୍ତନ କରିଛନ୍ତି।

ନୂଆ ବ୍ୟବସ୍ଥାନୁଯାୟୀ, ଦୀର୍ଘକାଳୀନ ପୁଞ୍ଜି ଲାଭ କ୍ଷେତ୍ରରେ ପୂର୍ବରୁ ୧୦% ହାରରେ ଟିକସ ଦିଆଯାଇଥିଲା। ବର୍ତ୍ତମାନ ଏହାକୁ ୧୨.୫%କୁ ବୃଦ୍ଧି କରାଯାଇଛି। ସେହିଭଳି, ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱଳ୍ପ ମିଆଦୀ ପୁଞ୍ଜି ଲାଭ ଉପରେ ୧୫ ପ୍ରତିଶତ ହାରରେ ଟିକସ ଲାଗୁ କରାଯାଉଥିଲା। ବର୍ତ୍ତମାନ ଏହାକୁ ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଛି।

## ଷ୍ଟକ୍ ବଜାର ଅସ୍ଥିର ନିବେଶକଙ୍କ ଆସ୍ଥା ତୁଟିଲା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରିଥିବାବେଳେ ସେୟାର ବଜାର ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କାରବାର ପ୍ରାରମ୍ଭରୁ ଆଜି ସେୟାର ବଜାରରେ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ପରେ କାରବାର ଶେଷ ବେଳକୁ ଏଥିରେ ହ୍ରାସ ଘଟିଥିଲା। ଆଜିର କାରବାରରେ ସରକାରୀ କମ୍ପାନିଗୁଡ଼ିକର ଶେୟାର ମୂଲ୍ୟ ବୃଦ୍ଧି ନିମ୍ନଗାମୀ ଥିବାବେଳେ ଆଦାନୀ ଗ୍ରୁପର ଶେୟାରରେ ବୃଦ୍ଧି ହୋଇଥିଲା। ବିଶେଷଜ୍ଞଙ୍କ ମତରେ ଯଦି ସରକାର ଟିକସ ଛାଡ଼ ଉପରେ ବଡ଼ ଘୋଷଣା କରନ୍ତି କିମ୍ବା କୌଣସି କ୍ଷେତ୍ର ପାଇଁ ବଡ଼ ଯୋଜନା ଘୋଷଣା କରନ୍ତି, ତେବେ ଶେୟାର ବଜାରରେ ବୃଦ୍ଧି ହୋଇପାରେ। ହେଲେ ଆଜିର କାରବାରରେ ନିବେଶକଙ୍କର ୧୦ ଲକ୍ଷ କୋଟି ଟଙ୍କା ଡୁବିଯାଇଛି।

## କେନ୍ଦ୍ର ସମର୍ଥନରେ ଓଡ଼ିଶାକୁ ବୁଡ଼ାଇବ ପୋଲାଭରମ୍

# ନିଷ୍ଫଳ ହେବ କି ଦୁଇ ଦଶନ୍ଧିର ଲଢ଼େଇ

**ଭୁବନେଶ୍ୱର,୨୩।୭ (ସମିସ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦଭାର ଗ୍ରହଣ କରିବା ପରେ ମୋହନ ଚରଣ ମାଝୀ ଘୋଷଣା କରିଥିଲେ ନଦୀ ଜଳ କିମ୍ବା ଆନ୍ତଃରାଜ୍ୟ ବିବାଦରେ ଓଡ଼ିଶାର ସ୍ୱାର୍ଥକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଓଡ଼ିଶାର ସ୍ୱାର୍ଥ ସହିତ ସାଲିସ୍ କରାଯିବ ନାହିଁ। ଡବଲ ଇଞ୍ଜିନ୍ ସରକାରରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କର ଏହି ଆଭିମୁଖ୍ୟ ଓଡ଼ିଶାକୁ ତା'ର ଅଧିକାର ଦେବ ବୋଲି ରାଜ୍ୟବାସୀଙ୍କ ମନରେ ବିଶ୍ୱାସ ଆଣିଥିଲା। ବିଶେଷକରି ପୋଲାଭରମ୍, ମହାନଦୀ ଭଳି ପ୍ରସଙ୍ଗ ଓଡ଼ିଶା ସପକ୍ଷରେ ଯିବ ବୋଲି ଧାରଣା ସୃଷ୍ଟି ହେଲା। କିନ୍ତୁ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ବଜେଟରେ ଆର୍ଥିକ ସହାୟତା ଘୋଷଣା କରି ଡବଲ ଇଞ୍ଜିନ୍ ସରକାର ଓଡ଼ିଶା ପିଠିରେ ଛୁରା ମାଡ଼ କରିଛନ୍ତି। ଡବଲ ଇଞ୍ଜିନ୍ ସରକାର କେବଳ ଓଡ଼ିଶାର ହକ୍ ମାରିବା ପାଇଁ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ବଳ ଦେବ ନାହିଁ; ବରଂ ଓଡ଼ିଶାର ଗରିବ ଆଦିବାସୀଙ୍କ ଭିଟାମାଟିକୁ ପାଣିରେ ବୁଡ଼ାଇ ଦେବ। ମେଣ୍ଟ ସହଯୋଗୀ ସାଜି କେନ୍ଦ୍ର ସରକାରଙ୍କୁ ବଞ୍ଚାଇଥିବା ରାଜ୍ୟର ହିତ ପାଇଁ ଏହି ବଜେଟ ଉଦ୍ଦିଷ୍ଟ ବୋଲି ବିଜେଡି କହିଛି।

ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ନିଜ ସ୍ଥିତି ରକ୍ଷା ପାଇଁ, ନିଜ ରାଜନୈତିକ ସ୍ୱାର୍ଥ ରକ୍ଷା ପାଇଁ, ସରକାର ରକ୍ଷା ପାଇଁ କେନ୍ଦ୍ର ସରକାର ପକ୍ଷପାତିତା କରୁଛନ୍ତି। ରାଜ୍ୟ ରାଜ୍ୟ ଭିତରେ ବିବାଦକୁ ଇନ୍ଧନ ଯୋଗାଉଛନ୍ତି। ଏହା ସୁସ୍ଥ ରାଜନୈତିକ ପରମ୍ପରା ନୁହେଁ। ବିଜେଡିର ସାଂସଦମାନେ ରାଜ୍ୟସଭା, ଲୋକସଭାରେ ବାରମ୍ବାର ପୋଲାଭରମ୍ ପ୍ରକଳ୍ପ ସମ୍ପର୍କରେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଉ ବୋଲି ଦାବି କରିଛନ୍ତି। ଓଡ଼ିଶା ସରକାର ଅନେକବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଜି ବଜେଟରେ

**■ ରାଜ୍ୟ ରାଜ୍ୟକୁ ଲଢ଼ାଉଛନ୍ତି କେନ୍ଦ୍ର ସରକାର: ବିଜେଡି**
**■ ଓଡ଼ିଶାର ଅନେକ ଅଞ୍ଚଳ ସବୁଦିନ ପାଇଁ ବୁଡ଼ିଯିବ: କଂଗ୍ରେସ**

ପୋଲାଭରମ୍ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଓଡ଼ିଶାବାସୀଙ୍କୁ ଆଘାତ ଦେଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ଆନ୍ଧ୍ର ପ୍ରଦେଶକୁ ଆର୍ଥିକ ସହାୟତା ଦେବାରେ ସମସ୍ୟା ନାହିଁ। କିନ୍ତୁ ଓଡ଼ିଶାବାସୀଙ୍କ ଦୁଃଖ ବି କେନ୍ଦ୍ର ସରକାର ଦେଖିବା କଥା। ଗୋଟିଏ ରାଜ୍ୟର ସ୍ୱାର୍ଥ ରକ୍ଷା କରି ଅନ୍ୟ ଏକ ରାଜ୍ୟର ସ୍ୱାର୍ଥକୁ ବଳି ପକାଇ ଦେବା ଗ୍ରହଣୀୟ ନୁହେଁ। କେନ୍ଦ୍ର ସରକାର ପୋଲାଭରମ୍ ସମ୍ପର୍କରେ ପୁନର୍ବିଚାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ୍ ସାଂସଦ ସପ୍ତଗିରି ଉଲାକା କହିଛନ୍ତି, ଆନ୍ଧ୍ରକୁ ଖୁସି କରିବାକୁ ଯାଇ କେନ୍ଦ୍ର ସରକାର ଓଡ଼ିଶା ଲୋକଙ୍କ ଭାଗ୍ୟ ଅନ୍ଧକାର ମଧ୍ୟକୁ ଠେଲି ଦେଇଛନ୍ତି। ପୋଲାଭରମ୍ ପ୍ରକଳ୍ପରେ ହସ୍ତକ୍ଷେପ କରି ଓଡ଼ିଶାର ସ୍ୱାର୍ଥ ରକ୍ଷା ପରିବର୍ତ୍ତେ ପ୍ରକଳ୍ପ କିପରି ଶୀଘ୍ର ଶେଷ ହେବ ସେଥିପାଇଁ ବଜେଟରେ ବ୍ୟୟବରାଦ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଅନେକ ଅଞ୍ଚଳକୁ ସବୁଦିନ ପାଇଁ ଜଳମଗ୍ନ କରିଦେବ। ବହୁ ଲୋକ ଭିଟା ମାଟି ହରାଇବେ।

ଆନ୍ଧ୍ର ସରକାରଙ୍କ ପୋଲାଭରମ୍ ପ୍ରକଳ୍ପ ଓଡ଼ିଶାର ବିଭିନ୍ନ ଜିଲ୍ଲା ବିଶେଷକରି ମାଲକାନଗିରି ଜିଲ୍ଲା ପାଇଁ ଦୁଃଖ ଆଣି ଦେବ। ଏହି ପ୍ରକଳ୍ପରୁ ଓଡ଼ିଶା କିଛି ପାଇବ ନାହିଁ ବରଂ ବହୁତ କିଛି ହରାଇବ। ସେଥିପାଇଁ ଆରମ୍ଭରୁ ଓଡ଼ିଶା ଏହି ପ୍ରକଳ୍ପକୁ ବିରୋଧ କରି ଆସୁଛି। ଆନ୍ଧ୍ର ସରକାରଙ୍କ ମନମାନିକୁ ଛତିଶଗଡ଼ ମଧ୍ୟ ବିରୋଧ କରୁଛି। ଓଡ଼ିଶାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକଙ୍କୁ କ୍ଷତିପୂରଣ ଦେବା ଲାଗି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ସୁଦ୍ଧା ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର କିଛି କ୍ଷତି ହେବ ନାହିଁ ବୋଲ ତତ୍କାଳୀନ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀ ସଫେଇ ଦେଇ ଦୋଷ ଝାଡି ଦେଇଥିଲେ। ମାତ୍ର ନବୀନ ନିଜ ଦାବିରେ ଅଟଳ ରହିବାରୁ ବିବାଦ ଘନିଭୂତ ହେବାରେ ଲାଗିଥିଲା। ୨୦୧୦ ପରେ ଓଡ଼ିଶା ଏବଂ ଛତିଶଗଡ଼ ସରକାର ସୁପ୍ରିମ୍ କୋର୍ଟରେ ଭିନ୍ନ ଭିନ୍ନ ଆବେଦନ ଦାଖଲ କରିଥିଲେ। ପରିବେଶ ମନ୍ତ୍ରାଳୟ ଓ କେନ୍ଦ୍ରୀୟ ଜଳ ଆୟୋଗଙ୍କ ଉପଯୁକ୍ତ ମଞ୍ଜୁରୀ ବିନା ଆନ୍ଧ୍ର ସରକାର ପୋଲାଭରମ୍ ପ୍ରକଳ୍ପ ଜାରି ରଖିଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ପରେ ଗୋଦାବରୀ ଜଳବିବାଦ ଟ୍ରିବୁନାଲ ଅନ୍ତର୍ଗତ ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ସରକାର ଏକ ରାଜିନାମା ସ୍ୱାକ୍ଷର କରାଗଲା। ଫଳରେ ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ଅନୁମତି ମିଳିଥିଲା। କିନ୍ତୁ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ବୃଦ୍ଧି କରାଯାଇ ଥିବାରୁ ଜଳବୁଡି ସମସ୍ୟା ଦୂର ହେବ ନାହିଁ ବୋଲି ଓଡ଼ିଶା ଏବଂ ଛତିଶଗଡ଼ ସୁପ୍ରିମ୍ କୋର୍ଟରେ ଅଭିଯୋଗ ଆଣିଥିଲେ। ଓଡ଼ିଶାର ବହୁ ଅଞ୍ଚଳ ସବୁଦିନ ପାଇଁ ଜଳାର୍ଣ୍ଣବ ହୋଇଯିବ ବୋଲି କୁହାଗଲା। ଏହା ଭିତରେ ବର୍ଷ ପରେ ବର୍ଷ ଗଡ଼ି ଚାଲିଛି ଆଉ ଆନ୍ଧ୍ର ପ୍ରଦେଶ ପୋଲାଭରମ୍ ପ୍ରକଳ୍ପ ଆଗକୁ ନେଇ ଚାଲିଛନ୍ତି। ଏବେ ଏହି ବିବାଦୀୟ ପ୍ରକଳ୍ପକୁ କେନ୍ଦ୍ର ବଜେଟରେ ଅନୁଦାନ ଘୋଷଣା ଓଡ଼ିଶା ପ୍ରତି ଆହୁରି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଇଛି।

# ବଜେଟକୁ ବିରୋଧ କରି ବିଜେଡି ସାଂସଦଙ୍କ କକ୍ଷ ତ୍ୟାଗ

## '୨୦ ବିଜେପି ସାଂସଦଙ୍କୁ ଜିତାଇ ଥିବାର ଦଣ୍ଡ ମିଳିଲା'

**ଭୁବନେଶ୍ୱର, ୨୩।୭ (ସମିସ):** ଗତ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀ ବିଜେପିର ୨୦ ସାଂସଦଙ୍କୁ ନିର୍ବାଚିତ କରି ଦିଲ୍ଲୀ ପଠାଇଲେ। କିନ୍ତୁ ଓଡ଼ିଶାକୁ ଏନ୍‌ଡିଏ ସରକାରଙ୍କ ଅବହେଳାର ଅନ୍ତ ନାହିଁ। କେନ୍ଦ୍ର ବଜେଟରେ ଓଡ଼ିଶାକୁ ପୁଣିଥରେ ଅବହେଳା କରାଯାଇଥିବା ଅଭିଯୋଗ କରି ଆଜି ବିଜେଡି ସାଂସଦମାନେ କକ୍ଷ ତ୍ୟାଗ କରିଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ନଦେବା ପ୍ରତିବାଦରେ ବିଜେଡି ସାଂସଦ ବଜେଟ ଅଭିଭାଷଣ ବର୍ଜନ କରିଛନ୍ତି। ବିଜେଡି ସାଂସଦ ଡ. ସସ୍ମିତ ପାତ୍ର କହିଛନ୍ତି, ଏନ୍‌ଡିଏ ସରକାର ଯେପରି ଭାବେ ଓଡ଼ିଶାର ସ୍ୱାର୍ଥକୁ ଦଳିମକଚି ରାଜନୀତି କରୁଛନ୍ତି, ତାହାକୁ ବିରୋଧ କରି ଆମେ ଆଜି କକ୍ଷ ତ୍ୟାଗ କରିଛୁ। ଏହା ପୂର୍ବରୁ ଆମେ ଦୃଢ଼ତାର ସହ କହି ରଖିଥିଲୁ ଯେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନ ଦେବା ପ୍ରତିବାଦରେ ଆମେ କକ୍ଷ ତ୍ୟାଗ କରୁଛୁ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ବିହାର ଏଥିପାଇଁ ଏକ ସଙ୍ଗରେ ଦାବି କରିଥିଲେ। କିନ୍ତୁ ଓଡ଼ିଶାର ସ୍ୱାର୍ଥକୁ ଏଡ଼ାଇଦେଇ ଦୁଇ ରାଜ୍ୟକୁ ସ୍ୱତନ୍ତ୍ର ଅତିରିକ୍ତ ପାଣ୍ଠି ମଞ୍ଜୁର କରାଗଲା। ୨୧ରୁ ୨୦ଟି ଲୋକସଭା ଆସନରେ ଲୋକେ ବିଜେପିକୁ ଜିତାଇଲେ। ବୋଧହୁଏ ସେଥିପାଇଁ ଓଡ଼ିଶାର ଦାବିକୁ ଖାରଜ କରି ଏନ୍‌ଡିଏ ସହଯୋଗୀ ଆନ୍ଧ୍ର ଏବଂ ବିହାରକୁ କେନ୍ଦ୍ର ସରକାର ଚଳିତ ବଜେଟରେ ପୁରସ୍କାର ଦେଇଛନ୍ତି ଦେଇଛନ୍ତି ବୋଲି ଡ. ପାତ୍ର କହିଛନ୍ତି।

# ଆର୍‌ଏସ୍ ଗୋପାଳନ ଓଡ଼ିଶାର ନୂଆ ସିଇଓ

**ଭୁବନେଶ୍ୱର, ୨୩।୭ (ସମିସ):** ଆର୍. ସନ୍ତ ଗୋପାଳନ ଓଡ଼ିଶାର ନୂଆ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଭାବେ ନିଯୁକ୍ତ ହୋଇଛନ୍ତି। ୨୦୦୧ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇଏଏସ୍ ଶ୍ରୀ ଗୋପାଳନ ବର୍ତ୍ତମାନ ଆରଡିସି ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏହି ନୂଆ ନିଯୁକ୍ତି ନେଇ ଭାରତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପୂର୍ବରୁ ବରିଷ୍ଠ ଆଇଏଏସ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏହି ପଦରେ ରହିଥିଲେ। ସାଧାରଣ ନିର୍ବାଚନ ପରେ ତାଙ୍କର ବଦଳି ହୋଇଛି ଓ ଏବେ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଅଛନ୍ତି। ତାଙ୍କର ନୂଆ ନିଯୁକ୍ତି ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଦ ଖାଲି ପଡ଼ିଥିଲା। ଏହି ଖାଲି ସ୍ଥାନ ପୂରଣ ପାଇଁ ଶ୍ରୀ ଗୋପାଳନଙ୍କୁ ରାଜ୍ୟର ନୂଆ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ମିଳିଛି।

# ଉପବାଚସ୍ପତି ହେବେ ଭବାନୀ ଶଙ୍କର ଭୋଇ

**ଭୁବନେଶ୍ୱର, ୨୩।୭ (ସମିସ):** ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ ତଳସରା ବିଜେପି ବିଧାୟକ ଭବାନୀ ଶଙ୍କର ଭୋଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଉପବାଚସ୍ପତି ନିର୍ବାଚନ ନେଇ ଆଜି ଗୃହରେ ବାଚସ୍ପତି ସୁରମା ପାଢ଼ୀ ଘୋଷଣା କରିଥିଲେ। ଏହାପରେ ଶ୍ରୀ ଭୋଇ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ପ୍ରକୋଷ୍ଠକୁ ଯାଇ

**ଏକମାତ୍ର ପ୍ରାର୍ଥୀ ଭାବେ କଲେ ନାମାଙ୍କନ; ଆଜି ହେବ ଘୋଷଣା**

ନାମାଙ୍କନ ଭରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ସରକାରୀ ଦଳର ବିଧାୟକମାନେ ଉପସ୍ଥିତ ଥିଲେ। ବିଧାନସଭା ସଚିବାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଭୋଇ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେଣୁ ଆସନ୍ତାକାଲି ତାଙ୍କୁ ଉପବାଚସ୍ପତି ଘୋଷଣା କରାଯିବା କେବଳ ଔପଚାରିକତା ରହିଯାଇଛି ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି ଅପରାହ୍ଣରେ ଶ୍ରୀ ଭୋଇଙ୍କୁ ଗୃହରେ ଉପ-ବାଚସ୍ପତି ଭାବେ ବାଚସ୍ପତି ସୁରମା ପାଢ଼ୀ ଘୋଷଣା କରିବେ।

ସୂଚନାଯୋଗ୍ୟ, ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ତଳସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ଶ୍ରୀ ଭୋଇ ଲଗାତାର ଦ୍ୱିତୀୟଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୧୯ରେ ସେ ବିଜେଡିର ଷ୍ଟିଫେନ ୱିଲସନ୍ ସୋରେଙ୍ଗଙ୍କୁ ପରାଜିତ କରିଥିବା ବେଳେ ୨୦୨୪ରେ ବିଜେଡି ପ୍ରାର୍ଥୀ ବିନୟ କୁମାର ଟପ୍ପୋଙ୍କୁ ପରାଜିତ କରିଛନ୍ତି।

**■ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପରେ ବଡ଼ ସଫଳତା**

# ୪ କିମିରୁ ଅଧିକ ଲମ୍ବର ଟନେଲରେ ସଂଯୋଗ ସ୍ଥାପନ




**ଭୁବନେଶ୍ୱର, ୨୩।୭ (ସମିସ):** ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପରେ ପୂର୍ବତଟ ରେଳପଥ ଆଉ ଏକ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛି। ନିର୍ମାଣ କାର୍ଯ୍ୟରେ ନିୟୋଜିତ ରେଳଥର ନିର୍ମାଣ ବିଭାଗର ଇଞ୍ଜିନିୟରିଂ ଟିମ୍ ମାଧୁର ବନ ରେଞ୍ଜର ଦୁର୍ଗମ ସଂରକ୍ଷଣ ଜଙ୍ଗଲ ଅନ୍ତର୍ଗତ ଆଡ଼େଣିଗଡ଼-ଚାରିଛକ ରେଳ ସେକ୍ସନ ମଧ୍ୟରେ ୪୧୮୫ ମିଟର ଲମ୍ବ ଟନେଲ ସହିତ ଜାତୀୟ ରାଜଥକୁ ସଂଯୋଗ କରୁଥିବା ଏକ ଏସ୍କେପ ଟନେଲର କାର୍ଯ୍ୟ ଶେଷ କରିଛନ୍ତି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି। ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନ ନିର୍ମାଣ କରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ଶେଷ ହୋଇଛି। ଏହା ବ୍ୟତୀତ ସୋନପୁର ଠାରୁ ଝରମୁଣ୍ଡା ପର୍ଯ୍ୟନ୍ତ ୨୮.୭୬୫ କି.ମି. ଦୈର୍ଘ୍ୟ ରେଳ ମାର୍ଗ ମଧ୍ୟ ଇତି ମଧ୍ୟରେ ଶେଷ ହୋଇଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ପର୍ଯ୍ୟନ୍ତ କାମ ଆସନ୍ତା କିଛି ମାସ ମଧ୍ୟରେ ଶେଷ କରିବା ଲାଗି ରେଳବାଇ ଲକ୍ଷ୍ୟ ରଖିଛି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ପ୍ରକଳ୍ପର ଶୀଘ୍ର ସମାପନକୁ ଲକ୍ଷ୍ୟ କରି ରେଳବାଇ ଉଭୟ ପକ୍ଷରୁ ଏହି ପ୍ରକଳ୍ପ ନିର୍ମାଣ କରୁଛି। ରେଳ ପ୍ରକଳ୍ପର କାର୍ଯ୍ୟ ସମାପ୍ତ କରିବା ଜମି ଅଧିଗ୍ରହଣ, ପରିବେଶ ମଞ୍ଜୁରୀ, ଉଲ୍ଲଂଘନକାରୀ ଉପଯୋଗୀତା ସ୍ଥାନାନ୍ତର, ବିଭିନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଆଇନଗତ ଅନୁମୋଦନ ହାସଲ, ଜଳବାୟୁ ପରିସ୍ଥିତି ବ୍ୟତିତ ଅଞ୍ଚଳର ଭୌଗଳିକ ସ୍ଥିତି ଇତ୍ୟାଦି ନିର୍ଭର କରିଥାଏ।

**'ଆହାର' ଉପରେ ମନ୍ତ୍ରୀଙ୍କ ପାହାର**

# ଖାଇଲେ; ମାନବୃଦ୍ଧି କଥା ଭୁଲିଗଲେ

**ଭୁବନେଶ୍ୱର, ୨୩।୭ (ସମିସ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଗତ ରବିବାର ଦିନ ଅଚାନକ କ୍ୟାପିଟାଲ୍ ହସ୍ପିଟାଲ୍ ପରିସରରେ ଥିବା ଆହାର କେନ୍ଦ୍ରକୁ ଯାଇ ଆହର ଖାଇଥିଲେ। ଖାଦ୍ୟର ମାନ ବୃଦ୍ଧି ତଥା ପରିବା କମ୍ ଥିବା ଅନୁଭବ କରିଥିଲେ। ଦରଦାମ ବୃଦ୍ଧି ଏହାର କାରଣ ହୋଇପାରେ ଅନୁମାନ କରିଥିଲେ। କ'ଣ କଲେ ଭଲ ହୋଇ ପାରିବ, ସେ ଦିଗରେ ବିଚାର କରାଯିବ ବୋଲି ମନ୍ତ୍ରୀ କହିଥିଲେ। ହେଲେ ଏ ଭିତରେ ଗୋଟିଏ ସପ୍ତାହ ବିତି ଯାଇଥିଲେ ହେଁ ସରକାରୀ ଭାବେ ଖାଦ୍ୟର ମାନ ବୃଦ୍ଧି ସମ୍ପର୍କିତ କୌଣସି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ି ନାହିଁ। ଗରିବ ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ପୂର୍ବ ସରକାର ଏହି ଲୋକାଭିମୁଖୀ ଯୋଜନା କରିଥିଲେ। ହେଲେ ବର୍ତ୍ତମାନ ଦରଦାମ୍ ବୃଦ୍ଧି ଯୋଗୁଁ ଖାଦ୍ୟର ମାନ ହ୍ରାସ ବିଷୟରେ ଖୋଦ୍ ବିଭାଗୀୟ ମନ୍ତ୍ରୀ ହୃଦ୍‌ବୋଧ କରିଥିଲେ ହେଁ ମାନ ବୃଦ୍ଧି ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହେଉଛି।

ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ପରିବା ଦର ମଧ୍ୟ ଅହେତୁକ ଭାବେ ବଢ଼ିଛି। ଏଭଳି ସ୍ଥିତିରେ ଥାଳି ପିଛା ୨୮ ଟଙ୍କା ବ୍ୟୟରେ ଦିଆଯାଉଥିବା ଭାତ, ଡାଲମାରେ ପର୍ଯ୍ୟାପ୍ତ ପରିମାଣ ଦେବା ଏକପ୍ରକାର ସମ୍ଭବ ନୁହେଁ ବୋଲି କୁହାଯାଉଛି। ଫଳସ୍ୱରୂପ ଆହାର ଥାଳିରୁ ପରିବା ଉଭାନ୍ ହୋଇଯାଇଛି। ମାତ୍ର ୫ ଟଙ୍କାରେ ଲୋକଙ୍କୁ ସୁଷମ ଖାଦ୍ୟ ଅର୍ଥାତ ଭାତ ଓ ଡାଲମା ଯୋଗାଇ ଦେବାକୁ ଏହି ଆହାର ଯୋଜନା ଆରମ୍ଭ ହୋଇଥିଲା। ସହରରେ ଥିବା ଜନଗହଳିପୂର୍ଣ୍ଣ ସ୍ଥାନ ତଥା ବସ୍‌ଷ୍ଟାଣ୍ଡ, ଡାକ୍ତରଖାନା, ରେଳଷ୍ଟେସନ୍ ଆଦି ସ୍ଥାନରେ ଏହି କେନ୍ଦ୍ର ଖୋଲି ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖାଦ୍ୟ ପରଷା ଯାଉଛି। ଦୈନିକ ହଜାର ହଜାର

**■ କେନ୍ଦ୍ର ବୁଲିଲାବେଳେ ମନ୍ତ୍ରୀ ଦେଇଥିଲେ ପ୍ରତିଶ୍ରୁତି**
**■ କମ୍ ମୂଲ୍ୟରେ ଭଲ ଖାଦ୍ୟ ଯୋଗାଇବା ହେଉନି ସମ୍ଭବ**
**■ ଗରିବଙ୍କ ଭାତ ମୁଠାରେ ମହଙ୍ଗା ମାଡ଼ ଜାରି**



ଲୋକ ଆହାର କେନ୍ଦ୍ରରେ ଖାଉଛନ୍ତି। ହେଲେ ଦରଦାମ୍ ବୃଦ୍ଧି ଗରିବ ଲୋକଙ୍କୁ ପେଟକୁ ଭାତ ମୁଠାକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରୁଥିବାବେଳେ ସରକାର ଏହାକୁ ହୃଦ୍‌ବୋଧ କରିବା ପରେ ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ ବୋଲି ଅଭିଯୋଗ ହେଉଛି।

ବିଶେଷକରି ଆହାର କେନ୍ଦ୍ରରେ ମିଳୁଥିବା ଡାଲିର ମାନ ଏବେ ହ୍ରାସ ପାଇଥିବା ଅଭିଯୋଗ ହୋଇଛି। ଡାଲମାରେ ଆଗରୁ ୭ରୁ ୮ ପ୍ରକାର ପରିବା ପକାଯାଉଥିବାବେଳେ ବର୍ତ୍ତମାନ କେବଳ ଆଳୁ, କଖାରୁ, ଅମୃତଭଣ୍ଡା ଭଳି ପରିବା ଅଳ୍ପ ପରିମାଣରେ ପଡୁଛି। ତେବେ ଏହାର ପ୍ରମୁଖ କାରଣ ହେଉଛି କଞ୍ଚା ପରିବାର ଅହେତୁକ ଦରବୃଦ୍ଧି। ଏବେ ବଜାରରେ ଅଧିକାଂଶ ପରିବା ଦର ୬୦ ଟଙ୍କା ଉପରେ ରହିଛି। ସେହିପରି ଚାଉଳ ଦରରେ ମଧ୍ୟ ବୃଦ୍ଧି ଘଟିଛି। ଖାଦ୍ୟ ଥାଳିରେ ଆଚର ବି ରହୁଛି। ତେଣୁ ୨୮ ଟଙ୍କାରେ ଭାତ ସହ ସବୁ ପ୍ରକାର ପରିବା ପକାଇ ଡାଲମା ଓ ଆଚାର ଦେବା କଷ୍ଟକର ହୋଇପଡୁଥିବା କିଛି ଏସଏଚ୍‌ଜି ସଦସ୍ୟା କହିଛନ୍ତି। ସେହିପରି ଡାଲି ଦର ବୃଦ୍ଧିପରେ ଡାଲମାରେ ଡାଲିର ପରିମାଣ କମିଛି। ଏହା ବାଦ୍ ଗ୍ୟାସ, ପରିବହନ ପାଇଁ ଗାଡ଼ିରେ ତେଲ, ଗାଡ଼ିର ମରାମତି ଓ ବଣ୍ଟନ ପାଇଁ ଏସଏଚଜିକୁ ଟଙ୍କା ପ୍ରଦାନ ପରି ଅନ୍ୟାନ୍ୟ ଖର୍ଚ୍ଚ ରହିଛି। ଥାଳି ଦରବୃଦ୍ଧି ସହ ପରିବା ଦର ନିୟନ୍ତ୍ରଣ ନହେଲେ କିଛି କରିହେବ ନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ଉଲ୍ଲେଖଥାଉ କି, ୩୦ଟି ଜିଲ୍ଲାରେ ପାଖାପାଖି ୧୮୦ଟି ଆହାର କେନ୍ଦ୍ର ଖୋଲା ଯାଇଥିବାବେଳେ ୬୦ରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ଉଭୟ ରାତି ଓ ଦିନରେ ଖାଦ୍ୟ ଯୋଗାଇ ଦିଆଯାଉଛି। ଏହି ସମସ୍ତ ଆହାର କେନ୍ଦ୍ରର ପରିଚାଳନା ଦାୟିତ୍ୱ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମିଲର୍ସ ମାଲିକ ସଂଘ ଆଦିଙ୍କ ଦ୍ୱାରା ଚଳାଯାଉଥିବାବେଳେ ଏଥିପାଇଁ ୩୮ଟି କେନ୍ଦ୍ରୀୟ ପାକଶାଳା ଖୋଲାଯାଇଛି। ଆହାର କେନ୍ଦ୍ରରେ ଗୋଟିଏ ମିଲ୍ ପାଇଁ ହିତାଧିକାରୀ ୫ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ଖାଦ୍ୟ ଯୋଗାଉଥିବା ସଂସ୍ଥାକୁ ମିଲ୍ ପିଛା ୨୩ଟଙ୍କା ଦେଉଛନ୍ତି।

# ଫିଟ୍‌ନେସ୍ ନଥିବା ଗାଡ଼ି ପାଇଁ ବଢ଼ିଲା ବିପଦ

**ଭୁବନେଶ୍ୱର,୨୩।୭ (ସମିସ):** ସଡ଼କ ଦୁର୍ଘଟଣା ହ୍ରାସ ଓ ଯାତ୍ରୀ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ କଡ଼ାକଡ଼ି ନିୟମ ପାଳନ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ କ୍ରମେ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ବିନା ଫିଟନେସ ଓ ପଞ୍ଜୀକରଣ ସାର୍ଟିଫିକେଟରେ ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଏଣିକି ଗାଡ଼ିକୁ ଜବତ କରିବା, ମାମଲା ରୁଜୁ କରିବା ଭଳି ନିଷ୍ପତ୍ତି ନିଆଯାଇଛି। ସାରା ରାଜ୍ୟରେ ଫିଟନେସ ଓ ରେଜିଷ୍ଟ୍ରେସନ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାକୁ ବ୍ୟାପକ କରିବାକୁ ସମସ୍ତ ଉପ ପରିବହନ ଆୟୁକ୍ତ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୮ ଅନୁଯାୟୀ, ବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ ଓ ଫିଟନେସ ସାର୍ଟିଫିକେଟ ଏବଂ ଅଣବାଣିଜ୍ୟିକ ଗାଡ଼ିଗୁଡ଼ିକ ନିମନ୍ତେ ବୈଧ ପଞ୍ଜୀକରଣ(ରେଜିଷ୍ଟ୍ରେସନ) ସାର୍ଟିଫିକେଟ ବାଧ୍ୟତାମୂଳକ। ଏହା ନ ଥିଲେ ଗାଡ଼ି ରାସ୍ତାରେ ଚାଲିବାକୁ ଅନୁମତିପ୍ରାପ୍ତ ନୁହେଁ।

**■ ରାଉରକେଲା ବିଧାୟକଙ୍କ ମିଥ୍ୟା ସତ୍ୟପାଠ ପ୍ରସଙ୍ଗରେ ଦ୍ୱିତୀୟ ମାମଲା**

# ହାଇକୋର୍ଟଙ୍କ ସମନ ଜାରି

**କଟକ, ୨୩।୭ (ସମିସ):** ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ଦାୟର ଦ୍ୱିତୀୟ ନିର୍ବାଚନୀ ମକଦ୍ଦମାର ଶୁଣାଣି କରିଛନ୍ତି ହାଇକୋର୍ଟ। ପ୍ରଥମ ମାମଲା ଭଳି ଏହି ମାମଲାରେ ମଧ୍ୟ ବିଧାୟକ ଶ୍ରୀ ନାୟକଙ୍କୁ ହାଇକୋର୍ଟ ନୋଟିସ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ସମୟରେ ଜବାବ ରଖିବାକୁ କହିଛନ୍ତି। ରାଉରକେଲା ନିବାସୀ ରାଜକୁମାର ଯାଦବଙ୍କ ପକ୍ଷରୁ ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲା ସହ ମୂଳ ମାମଲାର ପରବର୍ତ୍ତୀ ଏକତ୍ର ଶୁଣାଣି ଆସନ୍ତା ଅଗଷ୍ଟ ୨୭କୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ, ଶ୍ରୀ ନାୟକ ତାଙ୍କର ଅସ୍ଥାବର ସମ୍ପତ୍ତି ଓ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କଳିଙ୍ଗକେଶରୀ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଥାଉକି ଗତ୨୦୨୪ ନିର୍ବାଚନରେ ସାରଦାଙ୍କ ଠାରୁ ପରାଜିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀପ ରାୟ ମଧ୍ୟ ଏକ ନିର୍ବାଚନୀ ମୋକଦ୍ଦମା ଦାୟର କରିଥିଲେ।

# ରାଜ୍ୟର ଏକମାତ୍ର ମ୍ୟାଙ୍ଗୋ ହବ୍ ଜରାଜୀର୍ଣ୍ଣ

**ଢେଙ୍କାନାଳ,୨୩।୭ (ଇମ୍‌ତିଆଜ୍ ହୁସେନ):**

ଆମ୍ବ ସଂରକ୍ଷଣ ଏବଂ ବିକ୍ରି ପାଇଁ ଢେଙ୍କାନାଳ ଜିଲ୍ଲା ଗୋବିନ୍ଦପୁର ଗ୍ରାମଠାରେ ନିର୍ମିତ ରାଜ୍ୟର ଏକମାତ୍ର ମ୍ୟାଙ୍ଗୋ-ହବ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଚାଷୀମାନଙ୍କ କାମରେ ଆସିବା ତ ଦୂରର କଥା, ବର୍ତ୍ତମାନ ଏହି କେନ୍ଦ୍ରଟି ନିଜର ସତ୍ତା ହରାଇବାକୁ ବସିଲାଣି। ୪ ଏକର ୯ ଡେସିମିଲ ଜମିରେ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ

**■ ଖତ ଖାଉଛି କୋଟି କୋଟି ଟଙ୍କାର ଯନ୍ତ୍ରାଂଶ**
**■ ଇଟାଲୀ, ଦୁବାଇ ଓ ବାଂଲାଦେଶକୁ ହେଉଛି ରପ୍ତାନୀ**
**■ ସଂରକ୍ଷଣ କେନ୍ଦ୍ର ନଥିବାରୁ ଶାଗମାଛ ଦରରେ ବିକିବାକୁ ବାଧ ହେଉଛି ଚାଷୀ**

ନିର୍ମିତ ଏହି ହବ୍‌ଟି ଭୂତକୋଠିରେ ପରିଣତ ହୋଇଗଲାଣି। ଏଠାରେ ରହିଥିବା କୋଟିକୋଟି ଟଙ୍କାର ଯନ୍ତ୍ରାଂଶ ଏବେ ନଷ୍ଟ ହେବାକୁ ବସିଲାଣି। ହବ୍‌ରେ ଥିବା ପିଇବି ଘର ନଷ୍ଟ ହୋଇଥିବା ବେଳେ କୁଲିଂ ଚାମ୍ବର, ଶୀତଳଭଣ୍ଡାର, ପନିପରିବା ସଂରକ୍ଷଣ କେନ୍ଦ୍ରର ତୁରନ୍ତ ମରାମତି କରାନଗଲେ, ତାହା ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

ଆମ୍ବ ଚାଷରେ ଢେଙ୍କାନାଳ ଜିଲ୍ଲା ରାଜ୍ୟ ତଥା ଦେଶ ବିଦେଶରେ ସୁନାମ ଅର୍ଜନ କରିଛି। ପ୍ରତିବର୍ଷ ଏଠାରୁ ଉତ୍ପାଦିତ ଆମ୍ବ ଦିଲ୍ଲୀ, କୋଲକାତା, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଡ଼ୋଶୀ ବାଂଲାଦେଶ, ଦୁବାଇ ଓ ଇଟାଲୀକୁ ମଧ୍ୟ ରପ୍ତାନୀ ହୋଇଥାଏ। ଏବର୍ଷ ମଧ୍ୟ ଦେଶ ବିଦେଶକୁ ପ୍ରଚୁର ଆମ୍ବ ରପ୍ତାନୀ ହୋଇଛି। ଚଳିତବର୍ଷ ଖାଲି ଦୁବାଇକୁ ୫ଟନ୍ ଆମ୍ବ ରପ୍ତାନୀ ହୋଇଥିବା ବେଳେ ଇଟାଲୀକୁ ମଧ୍ୟ ୩ ଟନ୍ ରପ୍ତାନୀ କରାଯାଇଛି। ଚଳିତବର୍ଷ ଜିଲ୍ଲାରେ ପ୍ରାୟ ୪୪ ହଜାର ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥିବା ବେଳେ ଗତ ୨୦୨୨-୨୩ରେ ୫୦ ହଜାର ମେଟ୍ରିକ ଟନ୍ ଆମ୍ବ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଭଲ ପାଗ ହୋଇଥିବାରୁ ଆମ୍ରପଲ୍ଲୀ, ଗଭା ସୁନ୍ଦରୀ, ଲାଲ୍






ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ସେଓ, ହେମସାଗର, ବାଇଗଣ ପଲେଇ, ନିଲମ ଭଳି ବିଭିନ୍ନ ଆମ୍ବ ଉତ୍ପାଦନ ହୋଇଥିଲା। ସେହିପରି ପଡ଼ୋଶୀ ଅନୁଗୋଳ ଏବଂ କେନ୍ଦୁଝର ଜିଲ୍ଲାରେ ମଧ୍ୟ ବହୁ ପରିମାଣର ଆମ୍ବ ଉତ୍ପାଦନ ହୋଇଥାଏ। ଜିଲ୍ଲାରେ ଦିନକୁ ଦିନ ଆମ୍ବ ଉତ୍ପାଦନ ବୃଦ୍ଧି ପାଉଥିବାରୁ ଚାଷୀମାନେ କିପରି ଆମ୍ବକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ସାଇତି ରଖିବେ ଏବଂ ଉଚ୍ଚଦରରେ ବିକ୍ରି କରି ଲାଭବାନ ହେବେ, ସେଥିପାଇଁ ସରକାର ଚିନ୍ତା ପ୍ରକଟ କରି ସହର ଉପକଣ୍ଠରେ ରହିଥିବା ୫୫ନଂ. ଜାତୀୟ ରାଜପଥର ଗୋବିନ୍ଦପୁରଠାରେ ଆମ୍ବ ସଂରକ୍ଷଣ କେନ୍ଦ୍ର ବା ଇଣ୍ଟିଗ୍ରେଟେଡ୍ ପ୍ୟାକ୍ ହାଉସ୍ ବା ମାଙ୍ଗୋ ହବ୍ ନିର୍ମାଣ କରିଥିଲେ।

ଉଦ୍ୟାନ ଓ କୃଷି ବିଭାଗ ତରଫରୁ ଚାଷୀମାନଙ୍କ ପାଇଁ ପିପିପି ମୋଡରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୧ କୋଟି ଟଙ୍କା ବ୍ୟୟରେ ଏବଂ ଚାଷୀମାନଙ୍କ ସହାୟତାରେ ଏହି କେନ୍ଦ୍ର ନିର୍ମାଣ କରାଯାଇଥିଲା। ଏହି ମ୍ୟାଙ୍ଗୋ ହବରେ ଆମ୍ବ ଋତୁ ଶେଷ ହେବା ପରେ ପନିପରିବା ସଂରକ୍ଷଣ କରିବାକୁ ମଧ୍ୟ ଯୋଜନା ରହିଥିଲା। ଏହି ପ୍ରକଳ୍ପ ଗତ ୨୦୧୪ ଏବଂ ୨୦୧୫ ଆର୍ଥିକ ବର୍ଷରେ ନିର୍ମାଣ ହୋଇଥିଲା। ଚାଷୀମାନଙ୍କ ଆମ୍ବକୁ



ସଂରକ୍ଷଣ କରି ଗ୍ରେଡିଂ କରିବା ପରେ ପ୍ୟାକିଂ କରାଯିବା ସହ ରାଜ୍ୟ ଏବଂ ଜାତୀୟ ବଜାରକୁ ବିକ୍ରି ପାଇଁ ମଧ୍ୟ ପଠାଯାଉଥିଲା। କିନ୍ତୁ ୨୦୧୬ ମସିହା ପରେ ଏହି ହବ୍ ଆଉ ଆଗକୁ ଚାଲିବା ସମ୍ଭବ ହୋଇପାରିନଥିଲା। ଏହି ହବ୍‌କୁ ପିପିପି ମୋଡରେ ଚଳାଇବା ପାଇଁ ଏକ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଥିବା ବେଳେ ପ୍ରତ୍ୟେକ ୧୦ ଲକ୍ଷ ଟଙ୍କା ବିନିଯୋଗ କରି କାର୍ଯ୍ୟ କରୁଥିଲେ। ଏହି ହବ୍‌ରେ ଜିଲ୍ଲାରେ ରହିଥିବା ପ୍ରାୟ ୪ଶହ ଚାଷୀଙ୍କୁ ପଞ୍ଜୀକରଣ କରାଯାଇଥିଲା। କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁଁ ଆମ୍ବ ସଂରକ୍ଷଣ ତ ଦୂରର କଥା, ପନିପରିବା ସଂରକ୍ଷଣ ବି ସ୍ୱପ୍ନ ପାଲଟିଗଲା। ଫଳରେ ୨୦୧୬ରୁ ଦୀର୍ଘ ୮ ବର୍ଷ ଧରି ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହି ଭୂତକୋଠିରେ ପରିଣତ ହୋଇଛି। ମ୍ୟାଙ୍ଗୋ ହବ୍‌ରେ ଥିବା ଶୀତତାପ ନିୟନ୍ତ୍ରିତ ଟ୍ରକ୍ ଖତ ଖାଉଥିବା ବେଳେ ଲକ୍ଷାଧିକ ଟଙ୍କା ବ୍ୟୟରେ ଯନ୍ତ୍ରାଂଶଗୁଡ଼ିକ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ହବ୍‌କୁ ଜଣେ ସୁରକ୍ଷାକର୍ମୀ ମାସକୁ ୧୦ ହଜାର ଟଙ୍କାରେ ଜଗୁଥିବା ଜଣାପଡ଼ିଛି।

ଚଳିତ ବର୍ଷ ଆମ୍ବ ଋତୁ ପୂର୍ବରୁ ହବକୁ ଚାଲୁ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ଜିଲ୍ଲା ଗସ୍ତରେ ଆସି ପରିତ୍ୟକ୍ତ ମାଙ୍ଗୋ ହବ୍ ବୁଲି ଦେଖିବା ସହିତ ଏହାର ପୁନରୁଦ୍ଧାର କରିବାକୁ ସମୀକ୍ଷା କରିଥିଲେ। କିନ୍ତୁ ଏହା କେବଳ କାଗଜପତ୍ରରେ ସୀମିତ ହୋଇ ରହିଛି। ଗତ ୮ବର୍ଷ ଧରି ଏହି ମ୍ୟାଙ୍ଗୋ ହବ୍ ବନ୍ଦ ହୋଇ ପଡ଼ି ରହିଥିବା ଯୋଗୁ ଏହା ସ୍ଥାନୀୟ ଚାଷୀମାନଙ୍କ କୌଣସି କାର୍ଯ୍ୟରେ ଆସୁନାହିଁ।

ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା, ସଦର, ହିନ୍ଦୋଳ ସହ ବିଭିନ୍ନ ସ୍ଥାନରେ ଭଲ ଆମ୍ବ ଉତ୍ପାଦନ ହୋଇଥିବା ବେଳେ ସଂରକ୍ଷଣ ଅଭାବରୁ ଚାଷୀମାନେ ଶାଗମାଛ ଦରରେ ଆମ୍ବ ବିକ୍ରି କରି ବହୁ କ୍ଷତି ସହିଛନ୍ତି। ଏହି ହବ୍‌କୁ ତୁରନ୍ତ ପିପିପି ମୋଡ୍‌ରେ କୌଣସି ସଙ୍ଗଠନକୁ ଭଡ଼ାରେ ଦେଇଥିଲେ, ଚାଷୀମାନେ ଲାଭବାନ ହେବା ସହିତ ଆମ୍ବ ସଂରକ୍ଷଣ ହୋଇପାରିଥାନ୍ତା। ହବ୍‌କୁ ଟେଣ୍ଡର୍ କରାଯାଇ ୫ ବର୍ଷ ପର୍ଯ୍ୟନ୍ତ ଭଡ଼ା ସୂତ୍ରରେ କୌଣସି ଉଦ୍ୟୋଗୀଙ୍କୁ ଦେବା ସହ ବିଦ୍ୟୁତ୍‌ରେ ଛାଡ଼, ଜିଲ୍ଲାସ୍ତରୀୟ କମିଟି ଗଠନ କରି ତୁରନ୍ତ ଚାଲୁ କରିବାକୁ ଚାଷୀମାନଙ୍କ ପକ୍ଷରୁ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।



## ଯଖପୁରା ଥାନାରେ ନୂତନ ଆଇଆଇସି



**ଯଖପୁରା, ୨୩।୭ (ସମିସ):** ଯଖପୁରା ଥାନାରେ ନୂତନ ଭାବେ ଆଇଆଇସି ଭାବେ କୁମାରୀ ଲିଜାରାଣୀ ବିଶ୍ୱାଳ ଯୋଗ ଦେଇଛନ୍ତି। ଯଖପୁରା ଥାନାରେ ଆଇଆଇସି ଭାବରେ ଯୋଗଦେଇଥିବା ଅଧିକାରିଣୀ ପୂର୍ବରୁ ପାଣିକୋଇଲି ଥାନାରେ କାର୍ଯ୍ୟରତ ଥିଲେ। ସେ ଜଣେ ଦକ୍ଷତା ସମ୍ପନ୍ନ ମହିଳା ଅଧିକାରୀ ଭାବରେ ନିଜର କାର୍ଯ୍ୟ କରିଛନ୍ତି। ବିଗତ ଦୁଇବର୍ଷ ଭିତରେ ଯଖପୁରା ଥାନାରୁ ତିନି ତିନି ଜଣ ଆଇଆଇସିଙ୍କ ବଦଳି ହେଲାଣି। ଯଖପୁରା ଥାନାର ଆଇଆଇସି ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସଞ୍ଜୟ କୁମାର ପରିଡ଼ାଙ୍କ ବଦଳି କୋରେଇ ଥାନାକୁ ହୋଇଛି।

## ପ୍ରମାଣ ଅଭାବରୁ ଅଭିଯୁକ୍ତ ଖଲାସ

**ଯାଜପୁର, ୨୩।୭ (ସମିସ):** ବହୁ ଚର୍ଚ୍ଚିତ ଧର୍ଷଣ ମାମଲାରେ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଯାଜପୁର ଆଡହକ ଏଡିଜେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାନ୍ୟବର କୋର୍ଟଙ୍କ ନିକଟରେ ଅକାଟ୍ୟ ଯୁକ୍ତି ଓ ନିର୍ଦ୍ଦୋଷର ପ୍ରମାଣ ଉପସ୍ଥାପନ କରାଯାଇଥିବା ବେଳେ, ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ତଦନ୍ତକାରୀ ପୁଲିସ୍ ଅଧିକାରୀଙ୍କ ପକ୍ଷରୁ ଯଥେଷ୍ଟ ତଥ୍ୟ ପ୍ରମାଣ ଉପସ୍ଥାପନ କରାଯାଇ ପାରି ନଥିଲା। ଗତ ୨୦ ତାରିଖରେ ଆଡହକ୍ ଏଡିଜେଙ୍କ ଇଜଲାସରେ ସିଟି କେସ୍ ନଂ-୯୬/୨୩ର ବିଚାରରେ ମଂଗଳପୁର ଥାନା ଅଞ୍ଚଳରେ ଏକ ଧର୍ଷଣ ମାମଲା ଉପରେ ମାନ୍ୟବର କୋର୍ଟ ଜବାବ ସୁଆଲ କରିଥିଲେ। ଅଭିଯୁକ୍ତ ବସନ୍ତ କୁମାର ଦାସଙ୍କୁ ସ୍ଥାନୀୟ ପୁଲିସ୍ ଭାରତୀୟ ପିଙ୍ଗଳ ଧାରା-୩୭୬(୨)/୩୫୪-(ଗ), ୩୮୪, ୫୦୬ ଓ ୬୬-ଇ/୬୭ ଆଇ.ଟି ଆକ୍ଟରେ ଗିରଫ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାକୁ ଯାଜପୁର ଆଡହକ ଏଡିଜେ୍ ବିଜୟ କୁମାର ଜେନା ୧୨ ଜଣ ସାକ୍ଷୀଙ୍କ ବୟାନକୁ ରେକର୍ଡ କରିବା ସହ ମାମଲା ସମ୍ପର୍କିତ ୨୯ ଗୋଟି ଦସ୍ତାବିଜ୍‌କୁ ସମୀକ୍ଷା କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଆଗତ ଅଭିଯୋଗର ତଥ୍ୟ ପ୍ରମାଣ ବିଶ୍ୱାସଯୋଗ୍ୟ ହୋଇ ପାରି ନଥିବାରୁ ଶେଷରେ ମାନ୍ୟବର କୋର୍ଟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ୍ ପ୍ରତାପ କୁମାର ରାୟ ମାମଲା ପରିଚାଳନା କରୁଥିଲେ।

## ସୁକ୍ରୁଙ୍ଗୀ ଖଣି ଶ୍ରମିକଙ୍କ ଧର୍ମଘଟ ଜାରି

**ଯାଜପୁର, ୨୩।୭ (ସମିସ):** ଓଡ଼ିଶା ଖଣି ନିଗମ ଅଧିନସ୍ଥ ଦକ୍ଷିଣ କାଳିଆପାଣି ସୁକ୍ରୁଙ୍ଗୀ ଖଣିରେ ଚାଲିଥିବା ଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ସୁକ୍ରୁଙ୍ଗୀର ଡି କ୍ୱାରୀ ଖଣିରେ କାର୍ଯ୍ୟରତ କେସିସି ଓ ଡେକୋ କମ୍ପାନୀର ପ୍ରାୟ ୪୦୦ ଖଣି ଶ୍ରମିକ ଏଥିରେ ସାମିଲ ଅଛନ୍ତି। ଦୀର୍ଘ ୩ ବର୍ଷ ପୂର୍ବରୁ ଏଠାରେ କାର୍ଯ୍ୟରତ ଶ୍ରମିକମାନେ ତାଙ୍କର ବିଭିନ୍ନ ଦାବିକୁ ନେଇ କେସିସି ଏବଂ ଡେକୋ କମ୍ପାନୀର ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଆସୁଛନ୍ତି। କମ୍ପାନୀମାନଙ୍କ ଶ୍ରମିକ ଶୋଷଣ ନୀତିରୁ ଶ୍ରମିକମାନେ କେବଳ ଗୋଟିଏ ଖଣି ନୁହଁ ପ୍ରାୟ କାଳିଆପାଣି ଖଣି ଅଞ୍ଚଳର କାର୍ଯ୍ୟରତ ସମସ୍ତ ଶ୍ରମିକଙ୍କ ସମାନ ପରିସ୍ଥିତି। ଦୀର୍ଘବର୍ଷ ଧରି ଏହି ସମସ୍ୟାର ସମାଧାନ ନହେବା ଫଳରେ ଆଜି ସୁକ୍ରୁଙ୍ଗୀ ଖଣି ଶ୍ରମିକ ରାଜରାସ୍ତାରେ ବସିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ଦରଦାମ ଆକାଶଛୁଆଁ; କିନ୍ତୁ ସେହି ତୁଳନାରେ ଶ୍ରମିକମାନଙ୍କ ଦରମା ବୃଦ୍ଧି ନହୋଇ କମିକମି ଯାଇଛି। ଅନେକ ଶ୍ରମିକ ଯେଉଁମାନେ ୧୦ବର୍ଷ ପୂର୍ବେ ୨୦ହଜାର ଟଙ୍କା ଦରମା ପାଉଥିଲେ ସେମାନେ ଏବେ ୧୦/୧୨ ହଜାର ଟଙ୍କାରେ ଖଟିବାକୁ ବାଧ୍ୟ ହୋଇଛନ୍ତି। ଏପରିକି ଅନେକ ଶ୍ରମିକଙ୍କ ଭବିଷ୍ୟନିଧି ଏବଂ ଫାଇନାଲ ସେଟେଲମେଣ୍ଟ ଟଙ୍କା ଦୀର୍ଘବର୍ଷରୁ ବକେୟା ପଡ଼ିରହିଛି। ନିରୀହ ଶ୍ରମିକମାନେ ଶ୍ରମିକ ନେତା, ରାଜନେତା ଏବଂ କମ୍ପାନୀର ଭିତିରି ସଲାସୁତୁରା ଯୋଗୁ ଶୋଷିତ ହୋଇଆସୁଛନ୍ତି। ସୁକିନ୍ଦାର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରିତିରଞ୍ଜନ ଘଡାଇ ଏହି ଆନ୍ଦୋଳନରେ ସାମିଲ ହୋଇ ଶ୍ରମିକମାନଙ୍କ ମନୋବଳ ବୃଦ୍ଧି କରିଛନ୍ତି। ତେବେ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ମିଶନ ଶକ୍ତି ଋଣ ଲଗାଣ ୧୧%ରେ ଅଟକିଛି

# ଜିଲ୍ଲାରେ ମିଶନ ଶକ୍ତିର ଗତି ମନ୍ଥର

**ଯାଜପୁର, ୨୩।୭ (ସମିସ)**

ଯାଜପୁର ଜିଲ୍ଲାରେ ମିଶନ ଶକ୍ତି ଅଭିଯାନ ଅଟକି ଯାଇଛି। ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ୧୯ ହଜାର ୫ ଶହ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ୧୦୫୬ କୋଟି ଟଙ୍କାର ଋଣ ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଚଳିତ ଆର୍ଥିକ ବର୍ଷର ୪ ମାସ ବିତିଯାଇଥିଲେ ବି ଯାଜପୁର ଜିଲ୍ଲାରେ ମାତ୍ର ୧୧% ଋଣ ଲଗାଣ ସମ୍ଭବ ହୋଇପାରିଛି। ୧୯ ହଜାରରୁ ଅଧିକ ଏସ୍‌ଏଚ୍‌ଜି ମଧ୍ୟରୁ ୨ ହଜାର ଏସ୍‌ଏଚ୍‌ଜି ମିଶନ ଶକ୍ତି ଋଣ ଉଠାଣ କରିଥିବା ଜିଲ୍ଲା ମିଶନ ଶକ୍ତି ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତ ଆର୍ଥିକ ବର୍ଷରେ ଯାଜପୁର ଜିଲ୍ଲାରେ ୨୦ ହଜାରରୁ ଅଧିକ ଏସ୍‌ଏଚ୍‌ଜି ୮୪୩ କୋଟି ଟଙ୍କାରୁ ଅଧିକ ଋଣ ଉଠାଣ କରିଥିବାବେଳେ ସରକାରଙ୍କ ସୁଧ ଛାଡ଼ ବ୍ୟବସ୍ଥାରେ ୫ କୋଟି ଟଙ୍କାରୁ ଅଧିକ ଫାଇଦା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳିପାରିଥିଲା। ଚଳିତ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗର ଅମନଯୋଗୀ ମନୋଭାବ ଯୋଗୁଁ ଯାଜପୁର ଜିଲ୍ଲାରେ ଏସ୍‌ଏଚ୍‌ଜି ଋଣ ଲଗାଣ ଅଭିଯାନ ଅଧାରେ ଅଟକିବା ଆଶଙ୍କା ସୃଷ୍ଟି ହୋଇଛି। ସର୍ବୋପରି ଗତ ଆର୍ଥିକ ବର୍ଷରେ ଲଗାଣ ହୋଇଥିବା ୮୪୩ କୋଟି ଟଙ୍କାର ଋଣ ଚଳିତ ଆର୍ଥିକ ବର୍ଷରେ ଆଦାୟ ହୋଇପାରିବ କି ନାହିଁ ସନ୍ଦେହ ସୃଷ୍ଟି ହୋଇଛି।

ମିଶନ ଶକ୍ତି ଅଭିଯାନର ଲକ୍ଷ୍ୟ ମୁତାବକ, ଗୋଟିଏ ଏସ୍‌ଏଚ୍‌ଜି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉଠାଣ କରିପାରିବେ। ୦% ସୁଧ ହାରରେ ଏସ୍‌ଏଚ୍‌ଜି ଏହି ଋଣ ଅର୍ଥକୁ ବିଭିନ୍ନ ବ୍ୟବସାୟରେ ବିନିଯୋଗ କରି ମହିଳା ସ୍ୱାବଲମ୍ବୀ ହୋଇପାରିବେ। ବ୍ୟାଙ୍କ ଲଗାଣ ଋଣ ଉପରେ ସରକାର ସମସ୍ତ ସୁଧକୁ ଭରଣା କରନ୍ତି ଓ ଏସ୍‌ଏଚ୍‌ଜି ପାଉଥିବା ଋଣ ଅର୍ଥ ଉପରେ ସରକାର ୧୦% ପର୍ଯ୍ୟନ୍ତ ସୁଧ ବ୍ୟାଙ୍କକୁ ପ୍ରଦାନ କରନ୍ତି। ଏହି କ୍ରମରେ ଏସ୍‌ଏଚ୍‌ଜି ଋଣ ଅର୍ଥକୁ ବ୍ୟବସାୟରେ ବିନିଯୋଗ କରି କେବଳ ମୂଳଧନକୁ ୩ ବର୍ଷ ମଧ୍ୟରେ ପରିଶୋଧ କରିଥାଆନ୍ତି। ପ୍ରତିବର୍ଷ ବ୍ୟାଙ୍କ ସରକାରଙ୍କଠାରୁ ସୁଧ ଅର୍ଥ ପାଉଥିବାବେଳେ ଏସ୍‌ଏଚ୍‌ଜିଠାରୁ ନିର୍ଦ୍ଧାରିତ କିସ୍ତି ମୁତାବକ ମୂଳଧନ ଆଦାୟ କରନ୍ତି। ପୂର୍ବ ସରକାରଙ୍କ ଏହି ମିଶନ ଶକ୍ତି ଅଭିଯାନରେ ଯାଜପୁର ଜିଲ୍ଲାରେ ୨ ଲକ୍ଷ ମହିଳା ବିଗତ ବର୍ଷରେ ଉପକୃତ ହୋଇପାରିଛନ୍ତି।

ଚଳିତବର୍ଷ ରାଜ୍ୟରେ ନୂଆ ସରକାର ଆସିବା ପରେ ମିଶନ ଶକ୍ତିର ଅଧିକାଂଶ ଯୋଜନା କଚ୍ଛପ ଗତିରେ ଚାଲିଛି। ତୃଣମୂଳ ସ୍ତରରେ କାର୍ଯ୍ୟରତ ମିଶନ ଶକ୍ତିର କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସୁଧ ଛାଡ଼ ଋଣ ଲଗାଣ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ନୂଆ ସରକାରଙ୍କ ମିଶନ ଶକ୍ତି ପ୍ରତି କିଭଳି ଆଭିମୁଖ୍ୟ ରହିବ ଓ ପୂର୍ବ ଯୋଜନା ପୂର୍ବବତ୍ କାର୍ଯ୍ୟକାରୀ ହେବ କି ନାହିଁ, ସେ ସମ୍ପର୍କରେ ହଜାର ହଜାର ଏସ୍‌ଏଚ୍‌ଜିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲ୍ଲାରେ ଚଳିତ ଆର୍ଥିକ ବର୍ଷରେ ହଜାରେ କୋଟି ଟଙ୍କାର ଋଣକୁ ୨ ଲକ୍ଷ ମହିଳାଙ୍କ ମଧ୍ୟରେ ଲଗାଣ କରାଯିବ ବୋଲି ସରକାର ଲକ୍ଷ୍ୟ ରଖିଥିବା ସ୍ଥଳେ ଲକ୍ଷ୍ୟସ୍ଥଳ ଛୁଇଁବା ପାଇଁ ମିଶନ ଶକ୍ତି, ପଞ୍ଚାୟତସ୍ତରୀୟ ମହାସଂଘ, ବ୍ଲକ ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ମିଶନ ଶକ୍ତି କ୍ୟାଡର ସ୍ଥିର ହୋଇପଡ଼ିଛନ୍ତି। ମିଶନ ଶକ୍ତିର ଋଣ ଲଗାଣ ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ, ଚଳିତ ବର୍ଷ ଯାଜପୁର ଜିଲ୍ଲାର ୨ ଲକ୍ଷ ମହିଳା ଋଣ ପାଇବାରୁ ବଞ୍ଚିତ ହେବେ।

**ଯାଜପୁର ଜିଲ୍ଲାରେ ଏସ୍‌ଏଚ୍‌ଜିର ଋଣ ଲଗାଣ ସଫଳତା ପରିସଂଖ୍ୟାନ**

| ବ୍ଲକ ନାମ | ଲକ୍ଷ୍ୟସ୍ଥଳ ଏସ୍‌ଏଚ୍‌ଜି | ଋଣ (ଲକ୍ଷ) | ସଫଳତା ଏସ୍‌ଏଚ୍‌ଜି | ଋଣ(ଲକ୍ଷ) | ସଫଳତା ହାର(%) ଏସ୍‌ଏଚ୍‌ଜି(%) | ଋଣ(%) |
|---|---|---|---|---|---|---|
| ବଡ଼ଚଣା | ୨୪୯୧ | ୧୩୩୫୩ | ୨୦୪ | ୯୨୬ | ୮ | ୭ |
| ବରୀ | ୧୬୩୮ | ୯୦୯୫ | ୨୨୩ | ୧୦୧୬ | ୧୪ | ୧୧ |
| ବିଂଝାରପୁର | ୧୯୫୫ | ୧୦୫୭୮ | ୧୭୧ | ୭୩୦ | ୯ | ୭ |
| ଦାନଗଦୀ | ୧୩୮୨ | ୭୪୦୯ | ୯୧ | ୪୨୦ | ୭ | ୬ |
| ଦଶରଥପୁର | ୨୦୧୮ | ୧୦୮୮୨ | ୨୯୯ | ୧୩୬୦ | ୧୫ | ୧୩ |
| ଧର୍ମଶାଳା | ୨୫୯୩ | ୧୪୬୭୯ | ୩୬୦ | ୧୮୬୪ | ୧୪ | ୧୩ |
| ଯାଜପୁର | ୨୧୨୦ | ୧୧୧୭୭ | ୨୧୬ | ୯୮୭ | ୧୦ | ୯ |
| କୋରେଇ | ୧୮୦୨ | ୯୭୪୯ | ୨୮୭ | ୧୧୭୦ | ୧୬ | ୧୨ |
| ରସୁଲପୁର | ୨୦୦୩ | ୧୦୮୪୨ | ୨୪୯ | ୧୦୯୭ | ୧୨ | ୧୦ |
| ସୁକିନ୍ଦା | ୧୪୯୮ | ୭୯୨୭ | ୧୨୦ | ୬୧୫ | ୮ | ୮ |
| ମୋଟ | ୧୯୫୦୦ | ୧୦୫୬୯୫ | ୨୨୨୦ | ୧୦୧୮୮ | ୧୧ | ୧୦ |

## ମେରୁଦଣ୍ଡ ଆକ୍ରାନ୍ତ ରୋଗୀଙ୍କୁ ସହାୟତା ପ୍ରଦାନ



**ଯାଜପୁର, ୨୩।୭ (ସମିସ)**

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁହାଁ ପଞ୍ଚାୟତ ସାନକୁଝଲା ଗାଁର ଜଣେ ଜଣେ ମେରୁଦଣ୍ଡ ଆକ୍ରାନ୍ତ ରୋଗୀଙ୍କୁ ଆଶାର ଆଲୋକ ଫାଉଣ୍ଡେସନ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସୂଚନା ମୁତାବକ ସାନକୁଝଲା ଗାଁର କୃଷ୍ଣ ସିଂଙ୍କ ପୁଅ କାର୍ତ୍ତିକ (୨୮) ୨୦୨୨ ମସିହାରେ ଓଡ଼ିଶା ବାହାରେ ପୁନେ ଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେଠାରେ କାମ କରୁଥିବା ସମୟରେ କୌଣସି କାରଣରୁ ୧୦ ମହଲା ଉପରୁ ଖସିପଡ଼ିଥିଲେ। ଏଥିରେ ତାଙ୍କ ମେରୁଦଣ୍ଡକୁ ଗଭୀର ଆଘାତ ଲାଗିଥିଲା। କାମ କରୁଥିବା କମ୍ପାନୀ ପକ୍ଷରୁ ତାଙ୍କୁ ବେଶୀ କିଛି ସାହାଯ୍ୟ କରାଗଲା ନାହିଁ। ବାଧ ହୋଇ ସେ ନିଜ ଗାଁକୁ ଫେରି ଆସିଲେ। ସେହିଦିନ ଠାରୁ ସେ ଶଯ୍ୟାଶାୟୀ ହୋଇ ଚିକିତ୍ସିତ ହେଉଛନ୍ତି। କାର୍ତ୍ତିକଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ଅଟେ। ତାଙ୍କ ବାପା ଦହି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଅଭାବ ଅନାଟନ ଭିତରେ ଔଷଧ କିଣିବାକୁ ମଧ୍ୟ ସକ୍ଷମ ନୁହଁନ୍ତି କାର୍ତ୍ତିକଙ୍କ ପରିବାର। ଏ ଦୁଃଖଦ ଖବର ପାଇ ଆଶାର ଆଲୋକ ଫାଉଣ୍ଡେସନର ସଦସ୍ୟମାନେ ତାଙ୍କ ଘରେ ପହଞ୍ଚି ୫ହଜାର ଟଙ୍କା ଆର୍ଥିକ ସହାୟତା ସହିତ ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି।

## ରାଜପଥରେ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ

**ଯାଜପୁର, ୨୩।୭ (ସମିସ):** ଯାଜପୁର ଆର୍‌ଟିଓ ନୀଳକଣ୍ଠ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଆଜି ପାଣିକୋଇଲି-କେନ୍ଦୁଝର ଜାତୀୟ ରାଜପଥ ଆଲିଆ ଛକଠାରେ ପରିବହନ ବିଭାଗ ତରଫରୁ ସମସ୍ତ ଯାତ୍ରିବାହୀ ବସ୍‌ଗୁଡିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଅନ୍ୟ ଜିଲ୍ଲାର ରୁଟ୍ ପରମିଟରେ ଯାଜପୁର ଓ କେନ୍ଦୁଝରରୁ କଟକକୁ ବସ୍ ଚଳାଚଳ କରୁଥିବା ଦେଖିବାକୁ ମିଳିଥିଲା। କେତେକ ବସ୍ ମାଲିକ ନିଜର ଲାଭ ପାଇଁ ପରିବହନ ବିଭାଗକୁ ଭୁଆଁ ବୁଲାଇ ଚାଲିଛନ୍ତି ଏବଂ ଯାତ୍ରୀଙ୍କ ଠାରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ ମଧ୍ୟ ନେଉଥିବା ଅଭିଯୋଗ ହୋଇଥିଲା। ଏହାକୁ ଆଖି ଆଗରେ ରଖି ଗାଡ଼ିର ପରମିଟ, ଲାଇସେନ୍ସ, ଅନ୍ୟାନ୍ୟ କାଗଜପତ୍ର, ଭଡ଼ା ତାଲିକ ପ୍ରଦର୍ଶନ କରିବା ଏବଂ ଯାତ୍ରୀଙ୍କୁ ଭଲ ବ୍ୟବହାର କରିବାକୁ ତାଗିଦ କରାଯାଇଥିଲା। ପରିବହନ ଅଧିକାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢଉରେ ଦୀପକ କୁମାର ସେଠୀ, ରଜତ ଶତପଥୀ, ଜୁନିୟର ଏମ୍‌ଭିଆଇ ପ୍ରଦୀପ କିଶୋର ବେହେରା ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସାମିଲ ହୋଇ ୯୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଗାମୀ ଦିନରେ ପରିବହନ ନିୟମ ଉଲ୍ଲଂଘନ ଏବଂ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଅଧିକାରୀ ସତର୍କ କରିଛନ୍ତି।

**୯୦ ହଜାର ଜରିମାନା ଆଦାୟ**

### କେନ୍ଦ୍ର ବଜେଟ ନେଇ ତୀବ୍ର ପ୍ରତିକ୍ରିୟା

# ଓଡ଼ିଶାକୁ ଭୁଆଁ ବୁଲାଇଲେ କେନ୍ଦ୍ର ସରକାର

**ବଜେଟ ଧୋଇନେଲା ଡବଲ ଇଞ୍ଜିନର ବିକାଶ**

**ବ୍ୟାସନଗର, ୨୩।୭ (ସମିସ)**



ବିଦ୍ୟାଧର ମହାନ୍ତି



ସବିତା ରାଉତ



ସଦାଶିବ ଦାସ



ବନ୍ଦିତା ପରିଡ଼ା



ସନ୍ତୋଷ ଦାସ

ଆଜି କେନ୍ଦ୍ରସରକାରଙ୍କ ବଜେଟ ଉପସ୍ଥାପିତ ହୋଇଛି। ଚଳିତ ବଜେଟରେ ନିର୍ବାଚନ ପ୍ରତିଶ୍ରୁତି କାର୍ଯ୍ୟକାରୀ ହେବ ବୋଲି ଆଶା କରିଥିଲେ ଜନତା। କିନ୍ତୁ ପ୍ରତିଶ୍ରୁତି ଏବେ ପାଣିର ଗାର ପାଲଟିଥିବା ଅନୁଭବ ହେଉଥିବା ଜନତାମାନେ ମତ ଦେଇଛନ୍ତି। ସରକାରର ପ୍ରଥମ ବଜେଟରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଯୋଗୁସାରା ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶାଠାରୁ କମ୍ ସଂଖ୍ୟକ ସିଟ୍ ପାଇ ମେଣ୍ଟରେ ରହିଥିବା ଆନ୍ଧ୍ରପ୍ରଦେଶ ଏବଂ ବିହାର ରାଜ୍ୟକୁ ସ୍ୱତନ୍ତ୍ର ପ୍ୟାକେଜ ଦିଆଯାଇ ଓଡ଼ିଶାକୁ କୌଣସି ପ୍ୟାକେଜ ଘୋଷଣା ନକରିବା ଦୁର୍ଭାଗ୍ୟଜନକ। ତେବେ ଏହାକୁ ନେଇ ରାଜ୍ୟସାରା ଅସନ୍ତୋଷ ବଢ଼ି ଚାଲିଛି। ଏପରିକି ସାମାଜିକ ଗଣମାଧ୍ୟମରେ କେନ୍ଦ୍ରର ବିଜେପି ନେତୃତାଧୀନ ସରକାରକୁ ତାଙ୍କ ଦଳୀୟ କର୍ମୀଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଧୋଇ ଦେଇଛନ୍ତି। ଜାତୀୟ ରାଜପଥରେ ରାଜ୍ୟରେ ସେମିତି ଆଖିଦୃଶିଆ ବିକାଶ ହୋଇନଥିବା ବେଳେ ଖୋଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଂସଦୀୟ କ୍ଷେତ୍ରରେ ଥିବା ୫୩ ନଂ ଜାତୀୟ ରାଜପଥର ନିର୍ମାଣ ନିମନ୍ତେ ବଜେଟରେ କିଛି ଘୋଷଣା ହୋଇନପାରିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ତେବେ ବଜେଟରେ ଓଡ଼ିଶା ଲୋକଙ୍କୁ ଭୁଆଁ ବୁଲାଇବା ପରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଏହାର ପ୍ରଭାବ ଶିଳ୍ପସମୃଦ୍ଧ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହରରେ ଦେଖିବାକୁ ମିଳିଛି।

ବଜେଟରେ ଓଡ଼ିଶା ପ୍ରତି ଅଣଦେଖାକୁ ନେଇ ଯାଜପୁର ରୋଡ ଚାମ୍ବର୍ସ ଅଫ କମର୍ସର ସମ୍ପାଦକ ସଦାଶିବ ଦାଶ କହନ୍ତି ଯେ, ୨୦ ଜଣ ସାଂସଦ ପରେ ବଜେଟରେ ଏପରି ସ୍ଥିତି ନିନ୍ଦନୀୟ। ଏହା କେନ୍ଦ୍ରୀୟ ବଜେଟ ନୁହେଁ କେବଳ ସରକାର ବଞ୍ଚାଇବାକୁ ଥଇଥାନ ବ୍ୟବସ୍ଥା ବୋଲି କ୍ଷୋଭର ସହିତ କହିଥିଲେ। ଧାନର ସର୍ବନିମ୍ନ ମୂଲ୍ୟ ୩୧୦୦ ଟଙ୍କା କେବେ ମିଳିବ, ଯୁବବର୍ଗଙ୍କୁ ନିଯୁକ୍ତି କାହିଁ, ବ୍ୟବସାୟୀ ମାରଣନୀତି କରି ପୁଞ୍ଜିପତିଙ୍କୁ ସୁରକ୍ଷା ଦେବାକୁ ସରକାର ବାଟ ଖୋଲିଦେଲେ ବୋଲି ଶ୍ରୀ ଦାଶ କହିଛନ୍ତି।

ସେହିପରି ବଜେଟକୁ ନେଇ ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି କହନ୍ତି ଯେ ଓଡ଼ିଶାକୁ କେବଳ ପର୍ଯ୍ୟଟନ କ୍ଷେତ୍ର ବିକାଶର ଭେଳିକି ଦେଖାଇ କୌଣସି ଆର୍ଥିକ ସହାୟତା ନଦେବା ପରିତାପର ବିଷୟ। ରାଜ୍ୟରେ ଦାରିଦ୍ର, ବେକାରୀ, ଜଳସେଚନ ବ୍ୟବସ୍ଥା, ଦାଦନ ସମସ୍ୟା ରହିଥିଲେ କେନ୍ଦ୍ର ଏନଡିଏ ସରକାର ମେଣ୍ଟ ବଞ୍ଚାଇବାକୁ ଯାଇ ନିଜ ଚେୟାରର ଦୁଇ ପ୍ରମୁଖ ଗୋଡ ଥିବା ରାଜ୍ୟକୁ ସ୍ୱତନ୍ତ୍ର ପ୍ୟାକେଜ ଦେଇ ରତ୍ନଗର୍ଭା ଓଡ଼ିଶାରୁ ଖଣି ବାବଦ ଲକ୍ଷ ଲକ୍ଷ କୋଟି ରାଜସ୍ୱ ନେଇ ପୁଞ୍ଜିପତିଙ୍କୁ ଥଇଥାନ କରିବାର ବାଟ ଖୋଲୁଥିବା ଶ୍ରୀ ମହାନ୍ତି କହିଛନ୍ତି।

ନିଜ ଦଳର ସଂଖ୍ୟା ଗରିଷ୍ଠତା ନଥାଇ ମେଣ୍ଟଭୁକ୍ତ ଦଳମାନଙ୍କ ଆଶାବାଡି ଧରି କ୍ଷମତାସୀନ ହୋଇଥିବା ତୃତୀୟ ପାଳିର ମୋଦି ସରକାରର ପ୍ରଥମ ବଜେଟ କେବଳ ଏହି ଆଶାବାଡି ତୁଷ୍ଟିକରଣର ଲକ୍ଷ୍ୟ ବହନ କରିଛି। ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଲେ ଓଡ଼ିଶା ଉପକୃତ ହେବ ବୋଲି ମୋହଗ୍ରସ୍ତ ହୋଇଥିବା ଓଡ଼ିଶାବାସୀଙ୍କୁ ଏହି ବଜେଟ ନିରାଶ କରିଛି। କେବଳ ମିଳିଛି ପୂର୍ବୋଦୟ ଯୋଜନାର ଉପରଠାଉରିଆ ପ୍ରତିଶ୍ରୁତି ଓ ପର୍ଯ୍ୟଟନ ବିକାଶର ଆଶ୍ୱାସନା। କେବଳ ଓଡ଼ିଶାବାସୀ କାହିଁକି, ସାରା ଦେଶର କୃଷିଜୀବୀ ଓ ଶ୍ରମଜୀବୀ ଜନସାଧାରଣଙ୍କୁ ମଧ୍ୟ ଏହି ବଜେଟ ନିରାଶ କରିଛି।

ଋଣଗ୍ରସ୍ତ ଚାଷୀର ଋଣଭାର ଲାଘବ କରିବା କିମ୍ବା ଫସଲର ଲାଭଜନକ ଦରକୁ ସୁନିଶ୍ଚିତ କରିବା ପାଇଁ ଏହି ବଜେଟରେ ବ୍ୟବସ୍ଥା ନାହିଁ। ଚାଷୀର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଁ ସାର ସମେତ ଅନ୍ୟାନ୍ୟ କୃଷି ଉପକରଣ ଉପରେ ରିହାତି ବଢ଼ାଇବାର କୌଣସି ପ୍ରସ୍ତାବ ବଜେଟରେ ଦେଖିବାକୁ ମିଳେନା। ଯେତେବେଳେ ଦେଶର ଯୁବକ ଯୁବତୀଙ୍କ ମଧ୍ୟରୁ ଶତକଡ଼ା ୮୩ ଭାଗ ବେକାର ଅଛନ୍ତି ଓ ବେକାରୀ ବୃଦ୍ଧି ହାର ୮.୧ ଶତାଂଶରେ ପହଁଚିଛି, ସେତେବେଳେ ବେକାର ସମସ୍ୟାର ପ୍ରତିକାରକୁ ଛାଡି ଦିଆଯାଇଛି ଦକ୍ଷତା ବିକାଶ ତାଲିମ ଓ ଆତ୍ମନିଯୁକ୍ତି ପାଇଁ ମାମୁଲି ପରିମାଣର ବ୍ୟାଙ୍କ ଋଣ ଯୋଗାଣ ଉପରେ। କେନ୍ଦ୍ର ସରକାରଙ୍କ ନିଜସ୍ୱ ସ୍ୱୀକାରୋକ୍ତି ଅନୁଯାୟୀ କେନ୍ଦ୍ର ସରକାରୀ ଚାକିରିରେ ଖାଲିପଡ଼ିଥିବା ୯ ଲକ୍ଷ ୭୯ ହଜାର ପଦବୀ ପୂରଣ ପାଇଁ ଯଦି ବଜେଟରେ ବ୍ୟବସ୍ଥା କରାଯାଇଥାନ୍ତା, ତାହା ହୁଏତ ଦେଶର ବେକାର ବାହିନୀକୁ କିଛି ମାତ୍ରାରେ ଆଶ୍ୱସ୍ତ କରିଥାନ୍ତା ବୋଲି ବାମପନ୍ଥୀ ନେତା ସନ୍ତୋଷ ଦାସ କହିଛନ୍ତି। ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ ଓ ଖାଦ୍ୟ ସାମଗ୍ରୀ ତଥା ନିତ୍ୟପ୍ରୟୋଜନୀୟ ଜିନିଷପତ୍ରକୁ ମହଙ୍ଗା ରଖି ଏବଂ ଅନ୍ୟପକ୍ଷରେ ସୁନା, ରୂପା କିମ୍ବା ପ୍ଲାଟିନମକୁ ଶସ୍ତା କରି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବ ବୋଲି କହିବା ଫମ୍ପା ଆବାଜ ବ୍ୟତୀତ ଅନ୍ୟ କିଛି ନୁହେଁ। ୨୦୨୪-୨୫ର କେନ୍ଦ୍ର ବଜେଟ ହେଉଛି ଅନ୍ତସାର ଶୂନ୍ୟ, ଅଭିବୃଦ୍ଧି ପ୍ରତିକୂଳ, ଜନବିରୋଧୀ ତଥା ଓଡ଼ିଶା ବିରୋଧୀ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ଏହି ବଜେଟରେ ଚିରାଚରିତ ଭାବେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବର ପ୍ରତିଫଳନ ହୋଇଛି। ଇନକମ ଟ୍ୟାକ୍ସ ଉପରେ ୫ଧ ବୃଦ୍ଧି କରାଯିବା ସରକାରୀ କର୍ମଚାରୀଙ୍କୁ କଷ୍ଟ ଦେଇଛି। ଡବଲ ଇଂଜିନ ସରକାର ସାଧାରଣ ଲୋକଙ୍କ ଆସ୍ଥା ହରାଇ ସାରିଛି। ଏହି ବଜେଟ କେବଳ ପୁଞ୍ଜିପତି ଏବଂ ଏନଡିଏ ମେଣ୍ଟର ସହଯୋଗୀଙ୍କୁ ତୁଷ୍ଟିକରଣ ପାଇଁ ପାରିତ ହୋଇଥିବା ବିଜୁ ମହିଳା ଜନତା ଦଳର ଯାଜପୁର ଜିଲା ସଭାନେତ୍ରୀ ସବିତା ରାଉତ କହିଛନ୍ତି।

ଅନ୍ୟପକ୍ଷରେ ବଜେଟ ନୈରାଶ୍ୟଜନକ ହୋଇଛି। ରାଜ୍ୟରେ ପ୍ରଥମ ଥର କେନ୍ଦ୍ର ନେତୃତ୍ୱାଧୀନ ବିଜେପି ସରକାରକୁ ଓଡ଼ିଶା ଲୋକେ କ୍ଷମତା ପ୍ରଦାନ ପରେ ଅନେକ ଆଶା ସର୍ବୋପରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ରଖିଥିଲେ। ତେବେ ବିଜେପି ଦଳ କେବଳ ଗଣମାଧ୍ୟମ ସାମ୍ନାରେ ବିକାଶ କରିଥାଏ ବାସ୍ତବରେ ବିକାଶ ଶୂନ୍ୟ ସେମାନଙ୍କର ବିକାଶ ପାଣିର ଗାର ସଦୃଶ ବୋଲି ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା କହିଛନ୍ତି।

## କେବେ ବିକାଶ ପହଞ୍ଚିବ ଫିରୋଜାବାଦ ଗାଁରେ

# ଗାଁକୁ ନାହିଁ ରାସ୍ତା; ପ୍ରଶାସନ ସାଜିଛି ନିରବଦ୍ରଷ୍ଟା





**ଶଙ୍ଖଚିଲା, ୨୩।୭ (ସମିସ)**

ଗାଁକୁ ନାହିଁ ରାସ୍ତା, ବିଲ ହୁଡାରେ ଯିବା ଆସିବା କରୁଛନ୍ତି ଲୋକେ; ଅସରାଏ ବର୍ଷା ହେଲେ ଗମନାଗମନ ସମ୍ପୂର୍ଣ୍ଣ ଠପ୍। ଗ୍ରାମାଞ୍ଚଳରେ ଗମନାଗମନର ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ଅନେକ ଗାଁକୁ ରାସ୍ତା ନାହିଁ। ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ବି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ବିକାଶର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ଫିରୋଜାବାଦ ଗାଁରେ।

ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତର ଫିରୋଜାବାଦ ଗାଁ। ଏହି ଗାଁରେ ଦୀର୍ଘ ୬୦ ବର୍ଷରୁ ଅଧିକ ସମୟ ହେଲା ରହି ଆସୁଛନ୍ତି ପାଖାପାଖି ୧୨ ପରିବାର। ୧୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗାଁକୁ ନିତିଦିନିଆ ରାସ୍ତା ନାହିଁ। ରାସ୍ତା ନଥିବାରୁ ଭତ୍ତା, ରାସନ କିମ୍ବା ପଞ୍ଚାୟତକୁ କୌଣସି କାମରେ ଯିବାକୁ ହେଲେ ବିଲ ହୁଡା ଓ ଜଙ୍ଗଲ ନଦୀ ନାଳ ଦେଇ ଯିବାକୁ ପଡ଼େ। ଅନ୍ୟପଟେ ପହଙ୍ଗା ପଞ୍ଚାୟତ ରାଉତରାପୁରରୁ ଗାଁକୁ ସଂଯୋଗ କରୁଥିବା ନାମକୁ ମାତ୍ର ଯେଉଁ ପାଦଚଲା ରାସ୍ତା ଖଣ୍ଡିଏ ଅଛି ତାହା ଋତୁରେ ଅତି ବେହାଲ ହୋଇପଡ଼ିଥାଏ। ଫଳରେ ବର୍ଷା ଦିନରେ ଗାଁ ବାହାରକୁ ଯିବାଆସିବା କରିବା କଷ୍ଟସାଧ୍ୟ ହୋଇପଡେ। ଗାଁର ଲୋକମାନେ ନିଜ ବିଲ ହିଡ଼ ଦେଇ ଯିବାଆସିବା କରିଥାନ୍ତି। ଗାଁର ଛୋଟଛୋଟ ପିଲାମାନେ ମଧ୍ୟ ଜୀବନକୁ ପାଣି ଛଡାଇ ଏହି ପାଣି କାଦୁଅ ରାସ୍ତା ପାରିହୋଇ ବିଦ୍ୟାଳୟ ଓ ଅଙ୍ଗନବାଡିକୁ ଯାଉଛନ୍ତି। ଅତ୍ୟଧିକ ବର୍ଷା ହେଲେ ବିଲ ବାଡ଼ିରେ ପାଣି ଜମିଗଲେ ଅଧିକାଂଶ ବେଳେ ସେମାନେ ବିଦ୍ୟାଳୟକୁ ଯାଇପାରନ୍ତି ନାହିଁ। ଏହି ଗ୍ରାମର ଲୋକମାନେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି, ଚାଷ କରି ଯେଉଁ ଫସଲ ଉପାର୍ଜନ କରଥାନ୍ତି, ରାସ୍ତା ନଥିବା କାରଣରୁ ବିକିବାକୁ ମଧ୍ୟ ସ୍ଥାନୀୟ ବଜାରକୁ ନେଇ ପାରନ୍ତିନାହିଁ। ଫଳରେ ଚାଷୀମାନଙ୍କୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ। ସବୁଠୁ ବଡ଼ କଥା ହେଉଛି, ରାସ୍ତାର ଅସୁବିଧା କାରଣରୁ ଆମ୍ବୁଲାନ୍ସ ଆସିବାର ସୁବିଧା ନଥିବାରୁ ରୋଗୀଙ୍କୁ କିମ୍ବା ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ୨ କିଲୋମିଟର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ନେବାକୁ ପଡ଼ିଥାଏ। ଅତି ଦୟନୀୟ ପରିସ୍ଥିତି ଭିତରେ ଜୀବନ ଅତିବାହିତ କରିଥାନ୍ତି ଏହି ଗ୍ରାମବାସୀ। ଏଥିସହିତ ଏହି ଗ୍ରାମଦେଇ ଖରସ୍ରୋତା ନଦୀ ଯାଇଥିବାରୁ, ବନ୍ୟା ବା ନଈ ବଢ଼ି ସମୟରେ ପାଣି ଘେରରେ ରହିଥାନ୍ତି। ସାପ, ବେଙ୍ଗ ଅନେକ ସରୀସୃପଙ୍କ ଭୟ ଆଶଙ୍କାରେ ମଧ୍ୟ ରହିଥାନ୍ତି ଗ୍ରାମବାସୀ। ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଧାୟକ ଓ ପ୍ରଶାସନ ପର୍ଯ୍ୟନ୍ତ ସଭିଙ୍କୁ ଏ ବିଷୟରେ ବାରମ୍ବାର ଜଣାଇଥିଲେ ହେଁ କେହି ତାଙ୍କ କଥା ଶୁଣୁନଥିବା କହିଛନ୍ତି ଗ୍ରାମବାସୀ। ସରପଞ୍ଚ ଓ ଅନ୍ୟ ନେତାଙ୍କ ପ୍ରତିଶୃତି କେବଳ ପାଣିର ଗାର ବୋଲି କହିଛନ୍ତି ଅଞ୍ଚଳବାସୀ।

ରାସ୍ତା ଟିଏ ହେଇପାରିଲେ ସେମାନଙ୍କର ଦୁଃଖ ଦୂର ହେବ ବୋଲି ଭାବି ଆଜି ବି ରାସ୍ତାଟିଏ ପାଇଁ ଚାହିଁ ବସିଛନ୍ତି ଗ୍ରାମବାସୀ। ଖାଲି ରାସ୍ତା ସମସ୍ୟା ନୁହେଁ, ଏଠାରେ ବସବାସ କରୁଥିବା ଅନେକଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳି ନଥିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନା ମିଳୁନଥିବା ଅଭିଯୋଗ କରିଛନ୍ତି। ୱାର୍ଡମେମ୍ବର ବିସିନ ବେହେରା, ସତ୍ୟାନନ୍ଦ ବେହେରା, ମଥୁରୀ ବେହେରା, କାଶୀନାଥ ବେହେରା ବେହେରା, ବାବୁଲି ବେହେରା, କୁନି ବେହେରା, ଅଶାନ୍ତି ବେହେରା, ରମା ବେହେରା, ଗୋଲାପ ବେହେରା, ତିଲୋତ୍ତମ ବେହରା, ଅନିମା ବେହେରା, ଜାନକୀ ବେହରା, ସୁମିତ୍ରା ବେହେରା, ସଞ୍ଜୁଲତା ବେହେରା ଓ ଅଖଜୀ ବେହେରାଙ୍କ ସମେତ ସମସ୍ତ ଗ୍ରାମବାସୀ ରାସ୍ତା ନିର୍ମାଣ କରିବା ନିମନ୍ତେ ସରକାରଙ୍କୁ ନିବେଦନ କରିଥିବା ବେଳେ କିଏ ସେମାନଙ୍କର ଏହି ମୌଳିକ ସମସ୍ୟାକୁ ଦୂର କରିବ ତାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାକାର ସ୍ଥିତି କେବେ ସୁଧୁରିବ ତାହା ଦେଖିବାକୁ ବାକି ରହିଲା।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ; ଜଣେ ଗୁରୁତର

**ବରୀ, ୨୩।୭ (ସମିସ):** ବରୀ ରାମଚନ୍ଦ୍ରପୁର ଥାନା ଅଧିନସ୍ଥ ରତଳାଙ୍ଗ ପଞ୍ଚାୟତ ଖଜୁରୀ ପୋଖରୀ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ଯୋଗୁ ଜଣଙ୍କର ଅବସ୍ଥା ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବିଗତ ଦିନରେ ପାରିବାରିକ ଶତ୍ରୁତାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ପରେ ବୋମା ମାଡ଼ ହୋଇଥିଲା। ସେତେବେଳେ ବରୀ ପୁଲିସ ଉଭୟ ପରିବାରସଦସ୍ୟଙ୍କୁ ଡାକି ଏକ ଶାନ୍ତି କମିଟି ଗଠନ କରିବା ସହ ଘଟଣାର ଆପୋଷ ସମାଧାନ କରିଥିଲେ। ସହଦେବ ଯେନା ବରୀ ମାଉଣ୍ଡରୁ ହାଟ ସଉଦା ସାରି ଘରକୁ ଫେରୁଥିବା ବେଳେ ଦିବା ୧୨ଘଟିକାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେହି ଗ୍ରାମର ଅଶୋକ ଯେନା, ଚନ୍ଦନ ଯେନା, ଚଣ୍ଡୁ ଯେନା, ସୁରେନ୍ଦ୍ର ଯେନା, ଭାଉଆ ଯେନା, ବାବୁଲି ଯେନା, ରାଜକିଶୋର ଯେନା, ନିର ଯେନା ଓ କାହ୍ନୁ ଯେନାଙ୍କ ସମେତ ତାଙ୍କ ପରିବାର ସଦସ୍ୟ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ବରୀ ରାମଚନ୍ଦ୍ରପୁର ଥାନାରେ ସହଦେବଙ୍କ ପତ୍ନୀ ପ୍ରତିମା ଲିଖିତ ଅଭିଯୋଗ କରିଛନ୍ତି। ସହଦେବଙ୍କୁ ସ୍ଥାନୀୟ ଲୋକମାନେ ଆହତ ଅବସ୍ଥାରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡମେଡିକାଲକୁ ପଠାଇଥିବା ସୂଚନା ମିଳିଛି। ଘଟଣାସ୍ଥଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବରୀ ପୁଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହି ବିଷୟରେ ବରୀ ରାମଚନ୍ଦ୍ରପୁର ଥାନା ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଥାନା ଅଧିକାରୀ ରମାକାନ୍ତ ନାୟକଙ୍କୁ ପଚାରିବାରୁ ସେ କୁହନ୍ତି, ଘଟଣା ନିୟନ୍ତ୍ରଣରେ ଅଛି। ଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ବରୀ ଥାନାର ବିଭିନ୍ନ ଅଧିକାରୀ ମାନେ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। ବରୀ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ କୌଣସି ଅଭିଯୁକ୍ତ ଗିରଫ କରାଯାଇନାହିଁ।

## ପତ୍ନୀ, ଶଶୁରଙ୍କ ବ୍ୟବହାରରେ ଅତିଷ୍ଠ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ବାଲିଚନ୍ଦ୍ରପୁର, ୨୩।୭ (ସମିସ):** ନିଜର ପତ୍ନୀ ଓ ଶ୍ୱଶୁରଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ବାଲିଚନ୍ଦ୍ରପୁର ଥାନାରେ ମୃତ ଯୁବକର ବାପା ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ଅକ୍ଷୟ ଦଳେଇଙ୍କ ପୁତ୍ର ଚନ୍ଦନକୁ ତା'ର ପତ୍ନୀ ଓ ଶ୍ୱଶୁର କୌଣସି କାରଣରୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଚନ୍ଦନ ମାନସିକ ଭାରସାମ୍ୟ ହରାଇ ଗତ ୨୨ ତାରିଖ ନିଜ ଘର ବାଡ଼ିପଟରେ ଥିବା ଆମ୍ବ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଚନ୍ଦନଙ୍କ ମାଆ ପାଣି ଆଣିବାକୁ ବାଡ଼ି ପଟକୁ ଯାଇଥିବାବେଳେ ଆମ୍ବ ଗଛରେ ପୁଅର ଝୁଲନ୍ତା ମୃତଦେହ ଦେଖି ଡାକ ପକାଇଥିଲା। ଚନ୍ଦନଙ୍କୁ ପରିବାର ଲୋକେ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୋ ପୁଅକୁ ତା ପତ୍ନୀ ଓ ଶ୍ୱଶୁର ଗାଳିଗୁଲଜ କରିବାରୁ ସେ ମାନସିକ ଭାରସାମ୍ୟ ହରାଇ ଜୀବନ ହାରିଦେଲା ବୋଲି ମୃତ ଚନ୍ଦନଙ୍କ ବାପା ଅକ୍ଷୟ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି।

## ବାଇକ ଦୁର୍ଘଟଣାରେ ଜଳସମ୍ପଦ କର୍ମଚାରୀ ଗୁରୁତର

**ସୁକିନ୍ଦା, ୨୩।୭ (ସମିସ):** ଗତ ସୋମବାର ବିଳମ୍ବିତ ରାତିରେ ସୁକିନ୍ଦାସ୍ଥ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଦୁର୍ଘଟଣାରେ ଜଳସମ୍ପଦ ବିଭାଗ କର୍ମଚାରୀ କ୍ଷେତ୍ରମୋହନ ସେନାପତି ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୁକିନ୍ଦା ସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ କ୍ଷେତ୍ରମୋହନ ଗତ ସୋମବାର ରାତିରେ ଡ୍ୟୁଟି ସାରି କ୍ୱାର୍ଟର୍ସକୁ ଫେରୁଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ କ୍ଷେତ୍ରମୋହନଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଦୁର୍ଘଟଣାରେ ତାଙ୍କ ଗୋଡ ଭାଙ୍ଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ମଙ୍ଗଳବାର ଦିନ କଟକ ସ୍ଥାନାନ୍ତର କରାଯାଇଛି।

## ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଅର୍ଥ ଆଦାୟ ଅଭିଯୋଗ

**କବାଟବନ୍ଧ, ୨୩।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ବିଭିନ୍ନ ପଞ୍ଚାୟତରୁ ସୁଭଦ୍ରା ଯୋଜନାରେ ସାମିଲ କରାଇଦେବା ନାଁରେ ବ୍ୟାପକ ଅର୍ଥ ଆଦାୟ କରାଯାଉଥିବା ଶୁଣିବାକୁ ମିଳୁଛି। ନିର୍ବାଚନବେଳେ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳା ମାନଙ୍କୁ ୫୦ ହଜାର ଟଙ୍କାର ଭାଉଚର ଆକାରରେ ସହାୟତା ପ୍ରଦାନ ପାଇଁ ନିର୍ବାଚନ ଇସ୍ତାହାରରେ ବିଜେପି ଘୋଷଣା କରିଥିଲା। ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଆସନ୍ତା ସେପ୍ଟେମ୍ବରରେ ଏହା ଆରମ୍ଭ ହେବାକୁ ଥିବାବେଳେ କିଛି ଅସାଧୁ ବ୍ୟକ୍ତି ଏହାର ଫାଇଦା ଉଠାଇ ଚାଲିଛନ୍ତି। ଚଢେଇଧରା ଅଞ୍ଚଳର ଜୈନିକ ଯୁବକ ଉକ୍ତ ଯୋଜନାରେ ସାମିଲ କରାଇଦେବାକୁ କହି ଆଧାର କାର୍ଡ, ବ୍ୟାଙ୍କ ଖାତା, ଇନକମ ସାର୍ଟିଫିକେଟ ଆଦି କାଗଜପତ୍ର ସହିତ ୧୫ ଶହ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ଚଢେଇଧରା, ପୁରୁଣାବଉଳମାଳ, କମାଗଡ଼, କୃଷ୍ଣଚନ୍ଦ୍ରପୁର, ସାତମାଣ, ମହିସରା, ଡଙ୍କାରି, ଇଚ୍ଛାପୁର, ଖଜୁରିବାଟି, ଦକ୍ଷିଣପଶି, ତେଲିପୋଖରୀ, ରାମଚନ୍ଦ୍ରପୁର, ଗୟାସାହି ସମେତ ସ୍ଥାନୀୟ ବହୁ ଅଞ୍ଚଳର ଲୋକମାନେ ଉକ୍ତ ଯୋଜନାରେ ସାମିଲ ପାଇଁ ଟଙ୍କା ଦେଇଥିବା ଶୁଣିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଏହା ଉପରେ ନଜର ରଖିବାକୁ ସାଧାରଣରେ ଅନୁରୋଧ କରାଯାଇଛି।

## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋରେ ଡ୍ରିମ୍ ଲ୍ୟାଣ୍ଡ ଛାତ୍ରଛାତ୍ରୀଙ୍କ କୃତିତ୍ୱ




**ଜାରକା, ୨୩।୭ (ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ପଣ୍ଡୁଆ ଡ୍ରିମଲ୍ୟାଣ୍ଡ ସ୍କୁଲ ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି। ଚଳିତ ମାସ ୨୧ ତାରିଖ ଯାଜପୁର ଟାଉନସ୍ଥିତ ମା' ବିରଜା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀମାନେ ଯୋଗଦେଇଥିବାବେଳେ ପଣ୍ଡୁଆ ଡ୍ରିମ୍‌ଲ୍ୟାଣ୍ଡ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ବାଳକ କ୍ୟୁରୋଗି ସୁପର ସବ୍ ଜୁନିୟର ବିଭାଗରୁ ୧୦ କେଜି ବର୍ଗରେ ସାଇ କ୍ରିଷ୍ଣା ନାୟକ ସ୍ୱର୍ଣ୍ଣ, ୨୨ କେଜି ବର୍ଗରେ ଶ୍ରୀବାସ ଜେନାସାମନ୍ତ ସ୍ୱର୍ଣ୍ଣ, ୨୨ କେଜି ବର୍ଗରେ ଦିବେଶ୍ ପାତ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳିକା ସୁପର ସବ ଜୁନିୟର ବିଭାଗରୁ ଅକସରା ରାଉତରାୟ ସ୍ୱର୍ଣ୍ଣ, ଶ୍ରେୟସ୍ମିତା ପାଲ ରୋପ୍ୟ ପଦକ ହାସଲ କରି ନିଜ ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଏହି କୁନି ଖେଳାଳିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ସ୍କୁଲର ଅଧ୍ୟକ୍ଷା ଦେବାଶ୍ରିତା ନାୟକ, ଶିକ୍ଷୟିତ୍ରୀ ସ୍ମରଣିକା ସାମଲ, କ୍ରୀଡା ଶିକ୍ଷୟିତ୍ରୀ ନିହାରିକା ପଣ୍ଡାଙ୍କ ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ। ଏହା ସହିତ ଧର୍ମଶାଳା ତାଏକ୍ୱୋଣ୍ଡୋ ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ସମର ସିଂହଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଅଗଷ୍ଟରେ କଟକ ସ୍ଥିତ ରାଜୀବ ଗାନ୍ଧୀ ଇନ୍‌ଡୋର୍ ହଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସଫଳତା ହାସଲ କରିଥିବା ଉପରୋକ୍ତ ପାଞ୍ଚ ଖେଳାଳିଙ୍କୁ ମନୋନୀତ କରାଯାଇଛି।

## ଶ୍ରୀ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ ହେଲେ ମନୋଜ

**ଶଙ୍ଖଚିଲା, ୨୩।୭ (ସମିସ):** ଯାଜପୁର ଜିଲ୍ଲା କୋରେଇ ମାଟିର ପୁଅ ତଥା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ଗ୍ରାମ ପଞ୍ଚାୟତ କୃଷ୍ଣନଗର ଗ୍ରାମର ସ୍ୱର୍ଗତ ବାବାଜୀ ଚରଣ ଜେନାଙ୍କ ସାନପୁଅ ମନୋଜ ନିଜର ଉତ୍ସର୍ଗୀକୃତ ସେବା ଲାଗି ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥ ସେବା ଟ୍ରଷ୍ଟ ଦ୍ୱାରା ଶ୍ରୀ ଜଗନ୍ନାଥ ସେବା ସମ୍ମାନରେ ସମ୍ମାନିତ ହେଇଛନ୍ତି। ମନୋଜ ଜଣେ ମାନବାଧିକାର କର୍ମୀ ଭାବେ ବେଶ ପରିଚିତ। ୩୦ ବର୍ଷରୁ ଉର୍ଦ୍ଧ ଧରି ସେ ଅବହେଳିତ ଓ ଅସହାୟ ବ୍ୟକ୍ତିଙ୍କ ଲାଗି କମିସନଙ୍କ ନିକଟରେ ଅଭିଯୋଗ ଦାଖଲ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏଥିସହିତ ସେ ଜାତୀୟ ମାନବାଧିକାର କମିଶନଙ୍କ କୋର କମିଟି ସଦସ୍ୟ ଦାୟିତ୍ୱରେ ଅଛନ୍ତି। ମନୋଜ କୋରେଇ ଉନ୍ନୟନ ପରିଷଦ ନାମକ ଏକ ସାମାଜିକ ସଂଗଠନ ଗଢି ଅଞ୍ଚଳବାସୀଙ୍କ



ସମସ୍ୟା ବିଷୟରେ ସ୍ୱର ଉତ୍ତୋଳନ କରୁଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରୀବିଜେ ମହୋତ୍ସବ ପାଳନ ଅବସରରେ ଜଗନ୍ନାଥ ସେବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏକ ସଭାରେ ମନୋଜଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂ ଓ ଆସାମ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୁମନ ଶ୍ୟାମ, ଆଣ୍ଡାମାନ ନିକୋବର ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ ଡ଼ ଆର ଏନ ରଥ, ଶ୍ରୀମନ୍ଦିର ଛତିଶା ନିଯୋଗ ମୁଖ୍ୟ ଜନାର୍ଦ୍ଦନ ପାଟଯୋଷୀ ମହାପାତ୍ର ଓ ଗୌରୀ ଶଙ୍କର ସିଂହାରୀଙ୍କ ସମେତ ଟ୍ରଷ୍ଟର ଅଧ୍ୟକ୍ଷା ଡ଼ଃ ରୀନା ରାଉତରାୟ ପ୍ରମୁଖ ଉପସ୍ଥିତ ରହି ମନୋଜଙ୍କୁ ମାନପତ୍ର ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ମନୋଜଙ୍କ ସମ୍ବର୍ଦ୍ଧିତ ଖବର ପାଇ କୋରେଇ ଉନ୍ନୟନ ପରିଷଦର ସଭାପତି ଶ୍ରୀଧର ଦାଶ, ସମ୍ପାଦକ ଆଲୋକ ଦାଶ, ପ୍ରସନ୍ନ ସ୍ୱାଇଁ, ଉପଦେଷ୍ଟା ମଦନ ମୋହନ କର, ନୃସିଂହ ଚରଣ ଦଳେଇ, ରବିନାରାୟଣ ଦାସ, ଶରତ ଚନ୍ଦ୍ର ଦାସ, ଜଳଧର ଜେନା, ବସନ୍ତ କୁମାର କର, ଉପସଭାପତି ଅମୂଲ୍ୟ କୁମାର ଦାସ ସମେତ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

## ସାନଭାଇ ଓ ଭାଇବୋହୂକୁ ବଡ଼ ଭାଇର ଆକ୍ରମଣ

**ଦଶରଥପୁର, ୨୩।୭ (ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦେଢ଼ଶୁର ଆକ୍ରମଣରେ ଭାଇବୋହୁ ଓ ସାନ ଭାଇ ଲହୁଲୁହାଣ ହୋଇଛନ୍ତି। ଘଟଣାକୁ ନେଇ ସାନଭାଇ ଓ ଭାଇବୋହୂ ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମର ନବୀନ ରାଉତଙ୍କ ୨ ପୁଅ ନଣ୍ଡା ରାଉତ ଓ ସୂର୍ଯ୍ୟକାନ୍ତ ରାଉତଙ୍କ ମଧ୍ୟରେ ଜମିଜମା ବିବାଦ ରହିଥିଲା। ବାପା ନବୀନଙ୍କ ମୃତ୍ୟୁ ପରେ ବଡ଼ଭାଇ ନଣ୍ଡା ସାନଭାଇ ଓ ମାନସିକ ବିକାରଗ୍ରସ୍ତ ମାଆଙ୍କୁ ହାତ କରି କିଛି ପରିମାଣର ଜମି ବିକ୍ରି କରିବା ସହିତ ସାନ ଭାଇ ସୂର୍ଯ୍ୟକାନ୍ତ କରିଥିବା ଘରକୁ ମଧ୍ୟ ବିକ୍ରି କରିଦେଇଥିଲା। ସାନ ଭାଇ ସୂର୍ଯ୍ୟକାନ୍ତ ଓ ପତ୍ନୀ ଅନ୍ନପୂର୍ଣ୍ଣା ପ୍ରତିବାଦ କରିବାରୁ ବଡ଼ ଭାଇ ନଣ୍ଡା ଉଭୟଙ୍କୁ ଧମକ ଚକମ ଦେଇଥିଲା। ଫଳ ସ୍ୱରୂପ ସୂର୍ଯ୍ୟକାନ୍ତ ଓ ଅନ୍ନପୂର୍ଣ୍ଣା ଗ୍ରାମର କିଛି ମୁରବୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମ ମୁରବୀ ବଡ଼ଭାଇ ନଣ୍ଡାକୁ ଡ଼ାକି ପଚାରିଥିଲେ। ବିଳମ୍ବିତ ରାତିରେ ନଣ୍ଡା ଘରକୁ ଆସି କଣ ପାଇଁ ମୋ ବିରୁଦ୍ଧରେ ଗାଁ ଲୋକଙ୍କ ପାଖରେ ଫେରାଦ ହେଲ କହି ସାନ ଭାଇ ସୂର୍ଯ୍ୟକାନ୍ତ ଏବଂ ଭାଇବୋହୁ ଅନ୍ନପୂର୍ଣ୍ଣାକୁ ମାଡ଼ ମାରି ଘରୁ ବିଦା କରିଦେଇଥିଲେ। ରାତିରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଗ୍ରାମର ଜଣେ ପଡୋଶୀଙ୍କ ଘରେ ଆଶ୍ରୟ ନେଇ ପରଦିନ ସକାଳେ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରି ପୁଲିସ ସୁରକ୍ଷାଦାବି କରିଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।



## ବିଞ୍ଝାରପୁର ଥାନାରେ ନୂତନ ଅଧିକାରୀ



**ବିଞ୍ଝାରପୁର, ୨୩।୭ (ସମିସ):** ବିଞ୍ଝାରପୁର ଥାନାରେ ରବିବାର ସନ୍ଧ୍ୟାରେ ନୂତନ ଥାନାଧିକାରୀ ଭାବରେ ବାମଦେବ ନନ୍ଦ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଯାଜପୁର ଜିଲ୍ଲା ମଙ୍ଗଳପୁର, ସୁକିନ୍ଦା ଥାନାରେ ଅଧିକାରୀ ଭାବରେ କାର୍ଯ୍ୟ କରିଛନ୍ତି। ତେବେ ରବିବାର ବିଞ୍ଝାରପୁର ଥାନାରେ ଅଧିକାରୀ ଶ୍ରୀ ନନ୍ଦ ପହଞ୍ଚି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରାଥମିକତା ଦେବି। ଏନେଇ ଜନସାଧାରଣଙ୍କର ସହଯୋଗ କାମନା କରିବେ ଏବଂ ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବେ। ଏହା ସହ ବିଜୁ ଜନତା ଦଳ ବିଞ୍ଝାରପୁର ବ୍ଲକ ଉପସଭାପତି ସୁଖ ରଞ୍ଜନ ପରିଡ଼ା ଏବଂ ତାଙ୍କ ସହଯୋଗୀ ମାନେ ଥାନା ଅଧିକାରୀଙ୍କୁ ଭେଟି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଂଝାରପୁର ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘ ପକ୍ଷରୁ ସଭାପତି ଦେବବ୍ରତ ସାହୁ, ସମ୍ପାଦକ ସେକ୍ ସନୱର, ଉପ ସଭାପତି ଗୁଲସନ୍ ନୱାଜ୍ ଅଲ୍ଲି ଖାଁ, ସଂଯୋଜକ ସତ୍ୟ ରଞ୍ଜନ ମଲ୍ଲିକ, ସହ ସମ୍ପାଦକ ବିଶ୍ୱଜିତ୍ ନାୟକ, କୋଷାଧ୍ୟକ୍ଷ ଅନଙ୍ଗ ଉଦୟ ବେହୁରିଆ, ସହ କୋଷାଧ୍ୟକ୍ଷ ସୀତାକାନ୍ତ ସାମଲ, ବରିଷ୍ଠ ସଦସ୍ୟ ରାମକୃଷ୍ଣ ଦାସ, ଶଙ୍କର୍ଷଣ ସାମଲ, ଗୋପାଳ ସୂତାର, ସାମାଜିକ ଗଣମାଧ୍ୟମ ସଂଯୋଜକ ନିମାଇଁ ଘଡାଇ ପ୍ରମୁଖ ଥାନା ଅଧିକାରୀ ଶ୍ରୀ ନନ୍ଦଙ୍କୁ ଭେଟି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଥିଲେ।

## ସାମ୍ବାଦିକଙ୍କ ଭାତୃ ବିୟୋଗ



**ଦଶରଥପୁର, ୨୩।୭ (ସମିସ):** ଦଶରଥପୁର ବ୍ଲକରେ କାର୍ଯ୍ୟକରୁଥିବା ଯୁବ ସାମ୍ବାଦିକ ଚନ୍ଦ୍ର ଶେଖର ସାହୁଙ୍କ ବଡ଼ ଭାଇ ଧିରେନ୍ଦ୍ର କୁମାର ସାହୁ (୪୧)ଙ୍କ ପରଲୋକ ହୋଇଛି। ସେ କିଛି ଦିନ ହେବ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପାଇ ତାଙ୍କ ଗ୍ରାମ ପାଲଟପୁର ସମେତ ମଙ୍ଗଳପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବିଜେଡ଼ି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ବିଜେପି ଜିଲ୍ଲା ଉପସଭାପତି ସଞ୍ଜୟ ନାୟକ, ସୁବାସ ମହାନ୍ତି, କଂଗ୍ରେସ ନେତା ଦେବେନ୍ଦ୍ର ପଣ୍ଡା, ସନ୍ତୋଷ ନନ୍ଦ, ଭରତ ଚନ୍ଦ୍ର ପରିଡ଼ା, ପ୍ରମୋଦ ପଣ୍ଡା, ଅଧର ଧଳ, ସରପଞ୍ଚ ଲିପିକା ମଲ୍ଲିକ, ଶିକ୍ଷାବିତ୍ ବିପିନ୍ ରାୟ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ରଞ୍ଜନ ପୃଷ୍ଟି, ବିମଳ ମଲ୍ଲିକ, ହିମାଂଶୁ ଶେଖର ନାୟକ, ମଦନ ମଲ୍ଲିକ, ସୌମ୍ୟ ରଞ୍ଜନ ବେହେରା, ପୀତବାସ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପୁତୁରା ନିହାର ରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।

## ବକେୟା ପ୍ରାପ୍ୟ ଦାବିରେ କାର୍ଯ୍ୟାଳୟ ଘେରିଲେ କ୍ଷତିଗ୍ରସ୍ତ

**ବିଞ୍ଝାରପୁର, ୨୩।୭ (ସମିସ)**



ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ କଏଣା ରଘୁନାଥପୁର ପଞ୍ଚାୟତ ଅଗ୍ନିଶମ ଅଫିସ ନିକଟରେ ମେଗା ବିଶୁଦ୍ଧ ପାନୀୟ ପ୍ରକଳ୍ପ ପାଇଁ ସ୍ଥାନୀୟ ଲୋକ ଜମି ପ୍ରଦାନ କରିଥିଲେ। କିନ୍ତୁ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜମି ବାବଦ ଟଙ୍କା ଜମି ମାଲିକମାନେ ପାଇ ନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଜମି ମାଲିକ ଏ ସମ୍ପର୍କରେ ସାଂଘାତିକ ଅଭିଯୋଗ କରି କାମ ବନ୍ଦ କରିଛନ୍ତି। ସେହିପରି ଦିନକୁ ଦିନ ମେଗା ପ୍ରକଳ୍ପର ଅଧିକାରୀଙ୍କ ଜୁଲମ ବଢ଼ିବାରେ ଲାଗିଛି। ସ୍ଥାନୀୟ ଲୋକଙ୍କର ଜମି ବାବଦ ଅର୍ଥ ଦେଇନଥିବା ବେଳେ ଆଜକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଜମି ହରେଇଥିବା ମାଲିକଙ୍କୁ ବାରମ୍ବାର ହଇରାଣ କରୁଥିବା ଅଭିଯୋଗ ହୋଇଛି। ଜମିର ମୂଲ୍ୟ ପ୍ରଦାନ କରା ନଗେଲେ ଏହି ପକଳ୍ପଟିର କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ କ୍ଷତିଗ୍ରସ୍ତ ମାନେ ଚେତାବନୀ ଦେଇଛନ୍ତି। ମେଗା ପ୍ରକଳ୍ପର ସଂଯୋଜକ ସଞ୍ଜିବ ମଲ୍ଲିକଙ୍କ ସୂଚନା ମେଗା ପ୍ରକଳ୍ପ ପାଇଁ ୪ ଏକର ଜମି ଅଧିଗ୍ରହଣ କରାଯାଇଛି। ମାତ୍ର ୨ଟି ପରିବାରକୁ ଅର୍ଥ ଦିଆ ଯାଇନି। ଜମିର ମାଲିକାନା ସତ୍ତ୍ୱକୁ ନେଇ ବିବାଦ ମଧ୍ୟ ରହିଛି। ଅନ୍ୟପକ୍ଷରେ ବିଭାଗୀୟ ପାନୀୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ ବିକ୍ରମାଦିତ୍ୟ ପ୍ରଧାନ କହିଛନ୍ତି ଆସନ୍ତା ବୁଧବାର ଏକ ବୈଠକ ହେବ ଏବଂ ୧୫ ଦିନ ମଧ୍ୟରେ ଜମି ଅଧିଗ୍ରହଣ କରାଯାଇଥିବା ବ୍ୟକ୍ତି ମାନଙ୍କ ଅର୍ଥ ପ୍ରଦାନ କରାଯିବା ପାଇଁ ଚେଷ୍ଟା କରାଯାଉଛି।

## ■ କେନ୍ଦ୍ରୀୟ ବଜେଟକୁ ନେଇ ବିରୋଧୀଙ୍କ କଟାକ୍ଷ ■ ଲୋକାଭିମୁଖୀ ନୁହେଁ; ସରକାର ରକ୍ଷା ବଜେଟ

# ସୀତାରମଣଙ୍କ ବଜେଟ କଂଗ୍ରେସ 'ନ୍ୟାୟପତ୍ର'ର ନକଲ

**ନୂଆଦିଲ୍ଲୀ,୨୩।୭(ଏଜେନ୍ସି):** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ସଂସଦରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରି ତାଙ୍କ ଅଭିଭାଷଣରେ ଏହାକୁ ଏକ ଲୋକାଭିମୁଖୀ ବଜେଟ୍‌ର ଆଖ୍ୟା ଦେଇଛନ୍ତି। ନିର୍ମଳାଙ୍କ ବ୍ୟତୀତ କେନ୍ଦ୍ର ସରକାରଙ୍କ ବହୁ ମନ୍ତ୍ରୀ ମଧ୍ୟ ଏହାକୁ 'ଡ୍ରିମ୍ ବଜେଟ୍' ବୋଲି କହିଛନ୍ତି। କିନ୍ତୁ ଏହି ବଜେଟ୍‌କୁ ନେଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ସମେତ ଟିଏମସି, ସମାଜବାଦୀ ପାର୍ଟି ଭଳି ଅନ୍ୟ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛନ୍ତି। ଦେଶର ସାଧାରଣ ଲୋକଙ୍କ ପାଇଁ ଏହି ବଜେଟ୍‌ରେ କିଛି ନାହିଁ। ସାଂପ୍ରତିକ ସ୍ଥିତିରେ ବେରୋଜଗାର ଏକ ମୁଖ୍ୟ ସମସ୍ୟା ହୋଇ ଛିଡ଼ା ହୋଇଥିଲା ବେଳେ ନିଯୁକ୍ତି କିମ୍ବା ଆୟଧନ୍ଦା ଲାଗି ବଜେଟ୍‌ରେ କୌଣସି ବ୍ୟବସ୍ଥା ନାହିଁ। ସରକାର କେବଳ କ୍ଷମତା ବଞ୍ଚାଇବା ଉଦ୍ଦେଶ୍ୟରେ ନିଜର ସହଯୋଗୀ ଦଳମାନଙ୍କୁ ଖୁସି କରାଇବା ଲାଗି ଏହି ବଜେଟ୍ ପ୍ରସ୍ତୁତ କରିଛନ୍ତି ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ଗତ ଲୋକସଭା ନିର୍ବାଚନକୁ ନେଇ କଂଗ୍ରେସ ନିଜର ଘୋଷଣାପତ୍ର 'ନ୍ୟାୟପତ୍ର'ରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ନେଇ ଦେଶବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ଏହି ବଜେଟ୍‌ରେ ତାହାର ଅଧିକାଂଶ ଭାଗ ନକଲ କରାଯାଇଛି ବୋଲି ସଂସଦ ରାହୁଲ ଗାନ୍ଧୀ କହିଛନ୍ତି। କଂଗ୍ରେସ ନ୍ୟାୟପତ୍ରରେ ୫ ବର୍ଷ ମଧ୍ୟରେ ୫୦୦ କମ୍ପାନୀଙ୍କ ମାଧ୍ୟମରେ ଏକ କୋଟି ଶିକ୍ଷିତ ଯୁବକଙ୍କୁ ଇଣ୍ଟର୍ନସିପ୍ ଯୋଜନାରେ ସାମିଲ କରିବାକୁ ଘୋଷଣା କରିଥିଲା ବେଳେ ୩ଟି ନୂଆ ନିଯୁକ୍ତିଭିତ୍ତିକ ଯୋଜନା ପ୍ରଣୟନ କରିବ ବୋଲି କହିଥିଲା। ଏଥିନେଇ ରାହୁଲ ତାଙ୍କ ନିର୍ବାଚନ ପ୍ରଚାର ଅଭିଯାନରେ 'ପେହଲି ନୌକରୀ ପକ୍କି' (ପ୍ରଥମ ନିଯୁକ୍ତି ପାଇଁ ଗ୍ୟାରେଣ୍ଟି) ସ୍ଲୋଗାନ ମଧ୍ୟ ଦେଇଥିଲେ। କିନ୍ତୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ୍‌ରେ ଠିକ୍ ଏହାହିଁ କରିଛନ୍ତି। ସେହିପରି ନିଯୁକ୍ତି କ୍ଷେତ୍ରରେ ଯୁବପିଢିଙ୍କୁ ପ୍ରୋତ୍ସାହନ ଦେବା ଲାଗି ଇଏଲଆଇ ଯୋଜନା ପ୍ରଣୟନ କରିବାକୁ କହିଥିଲା ବେଳେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପିଏଲଆଇ ଯୋଜନା କାର୍ଯ୍ୟକାରୀ କରିବାକୁ କହିଥିଲା। ଏବେ କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ତାହା ହିଁ ପ୍ରତିଫଳିତ ହୋଇଛି ବୋଲି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି। ଏହି ବଜେଟ୍‌ରେ କୌଣସି ନୂଆ କଥା ନାହିଁ, କେବଳ ନିଜର କ୍ଷମତା ବଞ୍ଚାଇବା ପାଇଁ ଏନଡିଏ ସରକାର ଉଦ୍ୟମ କରିଛନ୍ତି ବୋଲି ସେ କହିଛନ୍ତି।

### ଉଭୟ ସଦନରେ ୨୦ଘଣ୍ଟାର ବଜେଟ୍ ବିତର୍କ

**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ୨୦୨୪-୨୫ ପୂର୍ଣ୍ଣାଙ୍ଗ ବଜେଟ୍ ଉପରେ ସଂସଦର ଉଭୟ ସଦନ ଲୋକସଭା ଓ ରାଜ୍ୟସଭାରେ ୨୦ଘଣ୍ଟା ଲେଖାଏଁ ବିତର୍କ ହେବା ଆପାତତଃ ସ୍ଥିର ହୋଇଛି। ଲୋକସଭାରେ ରେଳବାଇ, ଶିକ୍ଷା,ସ୍ୱାସ୍ଥ୍ୟ, ଏମଏସଏମଇ ଓ ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟ ପାଇଁ ବଜେଟ୍ ଆବଣ୍ଟନ ସମ୍ପର୍କରେ ଆଲୋଚନା ହେବ। ବିଜନେସ୍ ଆଡଭାଇଜରି କମିଟି ବଜେଟ୍ ଅଧିବେଶନର ଏଜେଣ୍ଡା ବୃତ୍ତାନ୍ତ କରିଛନ୍ତି। ରାଜ୍ୟସଭାରେ ଆପ୍ରୋପ୍ରିଏସନ୍ ଓ ଅର୍ଥ ବିଲ୍ ଉପରେ ୮ଘଣ୍ଟା ବିତର୍କ ହେବ ଓ ଚାରି ମନ୍ତ୍ରଣାଳୟ ପାଇଁ ବଜେଟ୍ ଆବଣ୍ଟନ ଉପରେ ଆଲୋଚନା ହେବ। ଏହା ବ୍ୟତୀତ ସରକାର ଚାହିଁଲେ କିମ୍ବା ଆବଶ୍ୟକ ମନେକଲେ ଅନ୍ୟ ପ୍ରସଙ୍ଗ ମଧ୍ୟ ଉଭୟ ସଦନରେ ଚର୍ଚ୍ଚା ହୋଇପାରିବ।

## କିଏ କ'ଣ କହିଲେ



**ବଜେଟ୍ ବିଜେପିର ବନ୍ଧୁଙ୍କୁ ଖୁସି କରିବ: ରାହୁଲ**
ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବଜେଟ୍‌କୁ 'ଆସନ ବଞ୍ଚାଅ ବଜେଟ' କହିଛନ୍ତି। ଏହା ମାଧ୍ୟମରେ ସହଯୋଗୀଙ୍କୁ ଖୁସି କରିବାକୁ ପ୍ରୟାସ କରାଯାଇଛି। ସହଯୋଗୀଙ୍କ ପାଇଁ ସରକାର ଅନ୍ୟ ରାଜ୍ୟମାନଙ୍କୁ ଫମ୍ପା ପ୍ରତିଶ୍ରୁତି ଦେଇଛନ୍ତି। ଏହି ବଜେଟ ବିଜେପିର ବନ୍ଧୁମାନଙ୍କୁ ଖୁସି କରିବା ପାଇଁ ଥିଲା। ଏଏ (ଅମ୍ବାନୀ ଏବଂ ଆଦାନୀ) ଙ୍କୁ ଲାଭାନ୍ୱିତ କରାଯାଇଛି। ସାଧାରଣ ଲୋକଙ୍କୁ କୌଣସି ଆଶ୍ୱସ୍ତି ଦିଆଯାଇ ନାହିଁ। ଏହା କଂଗ୍ରେସର ଇସ୍ତାହାର ଏବଂ ପୂର୍ବ ବଜେଟର କପି-ପେଷ୍ଟ ଥିଲା।



**କଂଗ୍ରେସ ଯୋଜନାର କପି-ପେଷ୍ଟ: ଖଡ୍‌ଗେ**
ଯୁବ ଗୋଷ୍ଠୀ ପାଇଁ କଂଗ୍ରେସ ଘୋଷଣା କରିଥିବା ଯୋଜନାକୁ କେନ୍ଦ୍ର ସରକାର କପି-ପେଷ୍ଟ କରି ନାମ ବଦଳାଇ ଦେଇଛନ୍ତି। ଏବେ ସାରା ଦେଶ ମୂଲ୍ୟବୃଦ୍ଧିରେ ଗ୍ରସିତ ହେଉଛି। କିନ୍ତୁ ଏହାର ମୁକାବିଲା ପାଇଁ ବଜେଟରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିଜ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ଏହି ବଜେଟରେ କିଛି ଲୋକଙ୍କୁ ଖୁସି କରିବାକୁ ଉଦ୍ୟମ କରାଯାଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କହିଛନ୍ତି।



**ବଜେଟ ଜନବିରୋଧୀ: ମମତା**
ବଜେଟରେ ପଶ୍ଚିମବଙ୍ଗକୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ରଖାଯାଇଛି। ଗରିବ ଲୋକଙ୍କ ସ୍ୱାର୍ଥକୁ ଧ୍ୟାନ ଦିଆଯାଇ ନାହିଁ। ଏହି ବଜେଟ ରାଜନୈତିକ ଦୃଷ୍ଟିରୁ ପକ୍ଷପାତପୂର୍ଣ୍ଣ ଏବଂ ଜନବିରୋଧୀ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ସେହିପରି ଟିଏମସି ନେତା କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ ଏହି ବଜେଟ ଭାରତ ପାଇଁ ନୁହେଁ, ବରଂ ଏନଡିଏ ପାଇଁ ଉପସ୍ଥାପନ କରାଯାଇଛି। ନରେନ୍ଦ୍ର ମୋଦୀଙ୍କ ସ୍ଥିତିକୁ ବଞ୍ଚାଇବା ଏହି ବଜେଟର ଉଦ୍ଦେଶ୍ୟ।

**ଚାଷୀଙ୍କ ପାଇଁ କିଛି ନାହିଁ: ଟିକାୟତ**
ଏହି ବଜେଟରେ କୃଷକଙ୍କ ପାଇଁ କିଛି ନାହିଁ। ସରକାର ଫସଲର ମୂଲ୍ୟ ଦେବା ଉଚିତ। ମାଗଣା ବିଦ୍ୟୁତ, ଶସ୍ତାରେ ସାର, କୃଷି ଉପକରଣ ଉପରେ ଜିଏସଟି କମ୍ କରାଯିବା ଉଚିତ ବୋଲି ଚାଷୀ ନେତା ରାକେଶ ଟିକାୟତ କହିଛନ୍ତି।



**ନୀତୀଶଙ୍କ ଭୟର ବଜେଟ: ଅଖିଳେଶ**
ପ୍ରଧାନମନ୍ତ୍ରୀ ଦେଉଥିବା ରାଜ୍ୟ ଉତ୍ତର ପ୍ରଦେଶକୁ ବଜେଟରେ କିଛି ଦିଆଯାଇ ନାହିଁ। ଚାଷୀ ଏବଂ ଯୁବ ବର୍ଗଙ୍କୁ ଚାକିରି ନ ମିଳିବା ପର୍ଯ୍ୟନ୍ତ ଜନତାଙ୍କୁ କୌଣସି ବଡ଼ ଆଶ୍ୱସ୍ତି ମିଳିବ ନାହିଁ। ସରକାର ଗତ ୧୦ ବର୍ଷ ହେଲା ବେକାରୀ ବଢ଼ାଇ ଚାଲିଛନ୍ତି। ଚାଷୀ ଦ୍ୱାରା ଉତ୍ପାଦିତ ଫସଲର ମୂଲ୍ୟ ଦେବାକୁ କିଛି ବ୍ୟବସ୍ଥା କରାଯାଇ ନାହିଁ। ଗତ ଥର ମଣ୍ଡି ଏବଂ କୃଷି ଭିତ୍ତିଭୂମି ପାଇଁ କୋଟି କୋଟି ଟଙ୍କା ଥିବା କହିଥିଲେ। ଯଦି ସେହି ଭିତ୍ତିଭୂମି ସମ୍ପ୍ରସାରିତ ହୋଇଛି ତେବେ ଅନେକ ଚାଷୀଙ୍କ ଆୟ ଦ୍ୱିଗୁଣିତ ହେବା କଥା। ଆୟ ତ ଜମାରୁ ବଢ଼ି ନାହିଁ। ଚାଷୀଙ୍କ ପାଇଁ ସରକାର ସଙ୍କଟ ସୃଷ୍ଟି କରିଛନ୍ତି। ଏହା କେବଳ ନୀତୀଶଙ୍କ ଭୟର ବଜେଟ ଥିଲା। ସରକାର ବଞ୍ଚାଇବାକୁ ବିହାର ଏବଂ ଆନ୍ଧ୍ରପ୍ରଦେଶକୁ ବିଶେଷ ଯୋଜନା ସହ ଯୋଡ଼ା ଯାଇଛି ବୋଲି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି।

## ମଧ୍ୟବିତ୍ତଙ୍କୁ କେତେ ସୁହାଇବ ବଜେଟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମୋଦୀ ସରକାର ୩.୦ ପାଇଁ ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ଏହି ବଜେଟରେ ମଧ୍ୟବିତ୍ତ ବର୍ଗଙ୍କ ବିଶେଷ ଧ୍ୟାନ ରଖାଯାଇଛି। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଆୟକର ନିୟମ-୧୯୬୧ର ବ୍ୟାପକ ସମୀକ୍ଷା କରାଯିବ। ଏହା ଦ୍ୱାରା ଟିକସ ସମ୍ବନ୍ଧିତ ବିବାଦ ଏବଂ ମାମଲା ହ୍ରାସ ପାଇବ। ଏହାକୁ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରସ୍ତାବ ରହିଛି।

ବ୍ୟକ୍ତିଗତ ଆୟକର ହାର ବିଷୟରେ ଅର୍ଥମନ୍ତ୍ରୀ ନୂଆ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ନୂଆ ଟିକସ ବ୍ୟବସ୍ଥାରେ ୦ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୌଣସି ଟିକସ ଲାଗିବ ନାହିଁ। ୩-୭ ଲକ୍ଷ ଆୟ ଉପରେ ୫ ପ୍ରତିଶତ, ୭-୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୧୦ ପ୍ରତିଶତ ଆୟକର ଲାଗିବ। ସେହିପରି ୧୦-୧୨ ଲକ୍ଷ ଆୟ ଉପରେ ୧୫ ପ୍ରତିଶତ, ୧୨-୧୫ ଲକ୍ଷ ଟଙ୍କା ଉପରେ ୨୦ ପ୍ରତିଶତ ଏବଂ ୧୫ ଲକ୍ଷରୁ ଅଧିକ ଟଙ୍କା ଉପରେ ୩୦ ପ୍ରତିଶତ ଆୟକର ଲାଗିବ। ସରକାର ଷ୍ଟାଣ୍ଡାର୍ଡ ଡିଡକ୍ସନକୁ ୫୦ ହଜାରରୁ ବଢ଼ାଇ ୭୫ ହଜାର ଟଙ୍କା କରି ଦେଇଛନ୍ତି। ପାରିବାରକ ପେନ୍‌ସନ୍ ଉପରେ ରିଆତି ସୀମାକୁ ୧୫ ରୁ ବୃଦ୍ଧି କରି ୨୫ ହଜାର ଟଙ୍କା କରାଯାଇଛି। ଏହି ଦୁଇ ପରିବର୍ତ୍ତନ ଦ୍ୱାରା ଚାରି କୋଟି ଚାକିରିଆ ଏବଂ ପେନ୍‌ସନ ଧାରକଙ୍କୁ ଲାଭ ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଦାନ ମାମଲାରେ ୨ଟି ଅଲଗା ଅଲଗା ପରିବର୍ତ୍ତେ ଗୋଟିଏ ଟିକସ ରିଆତି ବ୍ୟବସ୍ଥା କରାଯିବ। ଏହା ସହିତ ବିଭିନ୍ନ ଦେୟ ପୈଠ ଲାଗି ୫ ପ୍ରତିଶତ ବଦଳରେ ୨ ପ୍ରତିଶତ ଟିଡିଏସ ବ୍ୟବସ୍ଥା ହେବ। ମ୍ୟୁଚୁଆଲ ଫଣ୍ଡସ୍ କିମ୍ବା ୟୁଟିଆଇର ପୁନଃ କ୍ରୟରେ ଲାଗୁଥିବା ୨୦ ପ୍ରତିଶତ ଟିଡିଏସ ଆଉ ଲାଗିବ ନାହିଁ।

ଅର୍ଥମନ୍ତ୍ରୀ ବଜେଟ ଭାଷଣ ଦେଇ କହିଛନ୍ତି ଯେ ମୋବାଇଲ ଫୋନ୍ ଏବଂ ଉପକରଣର ଘରୋଇ ଉତ୍ପାଦନ ବୃଦ୍ଧି ହୋଇଛି। ମୋବାଇଲ ଫୋନ, ଚାର୍ଜର ଉପରେ ସୀମା ଶୁଳ୍କ ହ୍ରାସ କରାଯିବ। ମୋବାଇଲ ଫୋନ ଏବଂ ମୋବାଇଲ ପିସିବିଏସ୍ ତଥା ମୋବାଇଲ ଚାର୍ଜର ଉପରେ ବିସିଡି ହ୍ରାସ କରି ୧୫ ପ୍ରତିଶତ କରିବାକୁ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ଦେଶରେ ମୋବାଇଲ ଏବଂ ମୋବାଇଲ ଉପକରଣ ଶସ୍ତା ହେବ। କର୍କଟ ରୋଗୀଙ୍କ ପାଇଁ ଆଉ ତିନି ଔଷଧରୁ ସୀମା ଶୁଳ୍କକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ଏକ୍ସରେ ଟ୍ୟୁବ, ଫ୍ଲେଟ ପ୍ୟାନେଲ ଡିଟେକ୍ଟରରେ ଲାଗୁଥିବା ସମସ୍ତ ସୀମା ଶୁଳ୍କକୁ ହ୍ରାସ କରାଯିବ। ସୁନା ଏବଂ ରୁପାରୁ ସୀମା ଶୁଳ୍କ ୬ ପ୍ରତିଶତ ଏବଂ ପ୍ଲାଟିନମ୍‌ରୁ ସୀମାଶୁଳ୍କ ୬.୪ ପ୍ରତିଶତ ହ୍ରାସ କରାଯିବ। ଏହା ବ୍ୟତୀତ ଅର୍ଥମନ୍ତ୍ରୀ କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫତ ବିଜୁଳି ଯୋଜନା' ଆରମ୍ଭ କରାଯାଇଛି। ଏହା ଅଧିନରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଯିବ। ଏହା ଅଧିନରେ କୋଟିଏ ପରିବାରକୁ ମାସକୁ ୩୦୦ ୟୁନିଟ ମାଗଣା ବିଜୁଳି ମିଳିପାରିବ।

## ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ କମଳା ହ୍ୟାରିସ୍‌ଙ୍କୁ ବହୁମତ

**ୱାଶିଂଟନ, ୨୩।୭ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ନିର୍ବାଚନରୁ ରାଷ୍ଟ୍ରପତି ଜୋ ବାଇଡେନ ହଟିବାର ୨୪ ଘଣ୍ଟା ମଧ୍ୟରେ ପ୍ରାର୍ଥୀପତ୍ର



ଦାଖଲ ପାଇଁ ଉପ-ରାଷ୍ଟ୍ରପତି କମଳା ହ୍ୟାରିସଙ୍କୁ ବହୁମତ ମିଳିଛି। ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ପ୍ରାର୍ଥୀ ହେବାକୁ ଆବଶ୍ୟକ ୪ ହଜାରରୁ ୧୯୭୬ ପ୍ରତିନିଧି କମଳାଙ୍କୁ ସମର୍ଥନ କରିଛନ୍ତି। ଡେମୋକ୍ରାଟ୍ସ ଦଳର ପ୍ରାର୍ଥୀ ଚୟନ ନିମନ୍ତେ ଅଗଷ୍ଟ ୧ରୁ୭ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଅନ୍ୟପକ୍ଷରେ ବାଇଡେନଙ୍କ ଅସୁସ୍ଥତା ଯୋଗୁଁ ଉପ-ରାଷ୍ଟ୍ରପତି ମଙ୍ଗଳବାର ଖେଳାଳୀଙ୍କୁ ହ୍ୱାଇଟ ହାଉସରେ ସମ୍ବୋଧନ କରିଛନ୍ତି। ଏହି ସମୟରେ ସେ ରାଷ୍ଟ୍ରପତିଙ୍କ କାମକୁ ବହୁତ ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ବାଇଡେନ ବହୁତ କାମ କରିଛନ୍ତି। ଅନେକ ରାଷ୍ଟ୍ରପତି ଏହି କାର୍ଯ୍ୟକୁ ୨ଟି କାର୍ଯ୍ୟକାଳରେ ଶେଷ କରିପାରିବେ ନାହିଁ।

## ଜାଲ୍ ପାସ୍‌ପୋର୍ଟରେ ପାକିସ୍ତାନ ଯାଉଥିବା ମହିଳା ଗିରଫ

**ମୁମ୍ବଇ, ୨୩।୭(ଏଜେନ୍ସି):** ଜାଲ ପାସପୋର୍ଟ ଓ ଭିସାରେ ପାକିସ୍ତାନ ଯାଉଥିବା ୨୩ବର୍ଷ ବୟସର ଜଣେ ମହିଳା ନଗମା ନୁର ମକସୁଦ ଅଲ୍ଲୀ ଓରଫ ସନମ ଖାନଙ୍କୁ ମହାରାଷ୍ଟ୍ରର ଥାନେ ପୁଲିସ୍ ଗିରଫ କରିଛି। ନଗମା ତାଙ୍କ ନାମ ପରିବର୍ତ୍ତନ କରି ନୂଆ ନାମରେ ଆଧାର କାର୍ଡ, ପାନ୍ କାର୍ଡ ଓ ତାଙ୍କ ଝିଅର ଜନ୍ମ ପ୍ରମାଣପତ୍ର ସଂଗ୍ରହ କରିଥିଲେ। ସେହି ନୂଆ ଦଲିଲକୁ ସେ ତାଙ୍କ ପାସପୋର୍ଟ ଦରଖାସ୍ତରେ ସଂଲଗ୍ନ କରିଥିଲେ ଓ ତାଙ୍କୁ ପାସପୋର୍ଟ ମିଳିବା ସାଙ୍ଗକୁ ପାକିସ୍ତାନ ଯିବାକୁ ଭିସା ମଧ୍ୟ ମିଳିଥିଲା। ପାସପୋର୍ଟ ଆଇନ ଅନୁଯାୟୀ ନଗମାଙ୍କ ବିରୋଧରେ କେସ୍ ପଞ୍ଜୀକୃତ ହୋଇଛି। ଏସବୁ ଜାଲିଆତିରେ ନଗମାଙ୍କୁ ସହଯୋଗ ଦେଇଥିବା ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଏଫଆଇଆର୍ ପଞ୍ଜୀକୃତ ହୋଇଛି।

## ୨୦୧୮ ରୁ ଏଯାଏଁ ୧୬ ପରୀକ୍ଷା ବାତିଲ କରିଛି ଏନ୍‌ଟିଏ

**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ପ୍ରବେଶିକା ପରୀକ୍ଷାଗୁଡ଼ିକ କରାଉଥିବା ସଂସ୍ଥା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ୨୦୧୮ରୁ ଏଯାଏଁ ୧୬ଟି ପରୀକ୍ଷା ବାତିଲ କରିଛି। ଶିକ୍ଷା ମନ୍ତ୍ରଣାଳୟ ଏହି ତଥ୍ୟ ଲୋକସଭାରେ ଉପସ୍ଥାପନ କରିଛି। ପରୀକ୍ଷା ବାତିର କାରଣ ଭାବେ କୋଭିଡ-୧୯, ବୈଷୟିକ ତ୍ରୁଟି, ପରିବହନ ସମସ୍ୟା ଓ ପ୍ରାଶାସନିକ ସମସ୍ୟା ଓ ନ୍ୟାୟିକ ଆଦେଶ ଆଦିକୁ ଦର୍ଶାଯାଇଛି। ଡିଏମ୍‌କେ ସାଂସଦ କାନିମୋଝି କରୁଣାନିଧିଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଲୋକସଭାରେ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଏହି ତଥ୍ୟ ଦେଇଛନ୍ତି। ୨୦୧୮ରେ ଏନ୍‌ଟିଏ ସ୍ଥାପିତ ହେବା ପରଠାରୁ ୨୪୦ଟି ପରୀକ୍ଷା ସଫଳତାର ସହ କରାଇଛି ଓ ୫କୋଟି ୪୦ଲକ୍ଷ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। କୋଭିଡ୍-୧୯ ପାଇଁ ଜେଇଇ-ମେନ୍(୨୦୨୦), ନିଟ୍ ୟୁଜି(୨୦୨୦), ଜେଇଇ-ମେନ୍(୨୦୨୧), ନିଟ୍ ୟୁଜି(୨୦୨୧), ସିଏସଆଇଆର ୟୁଜିସି ନେଟ୍ (୨୦୨୦), ୟୁଜିସି ନେଟ୍(ଡିସେମ୍ବର ୨୦୨୦), ୟୁଜିସି ନେଟ୍(ମେ ୨୦୨୧), (ଆଇସିଏଆର) ଏଆଇଇଇଏ(୨୦୨୦) କୁ ବାତିଲ କରାଯାଇଥିଲା।

## ବିଭାଗ ଚାଲିଯିବାରୁ ଦଳ ଛାଡ଼ିବା ଧମକ ଦେଲେ ବିଜେପି ମନ୍ତ୍ରୀ

**ଭୋପାଲ, ୨୩।୭(ଏଜେନ୍ସି):** ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ କ୍ୟାବିନେଟରେ ନାଗରସିଂହ ଚୌହାନ ଥିଲେ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ। ଗତ ରବିବାର ଦିନ ତାଙ୍କ ପାଖରୁ ଜଙ୍ଗଲ ଓ ପରିବେଶ ବିଭାଗ କାଢ଼ିନିଆଯାଇ ରାମନିବାସ ରାଓ୍ବତଙ୍କୁ ଦିଆଯାଇଛି। ରାମନିବାସ ନିକଟ ଅତୀତରେ କଂଗ୍ରେସରୁ ଆସି ବିଜେପିରେ ଯୋଗ ଦେଇଛନ୍ତି। ନାଗରସିଂହ ଚୌହାନ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ବିଜେପିରେ ସେ ୨୫ବର୍ଷ ଧରି ସେବା କରୁଛନ୍ତି। ତାଙ୍କୁ କିଛି ନ ଜଣାଇ ଅଚାନକ ତାଙ୍କ ବିଭାଗ କାଢ଼ିନିଆଯିବାରେ ସେ ଅତିଶୟ କ୍ଷୁବ୍ଧ ହୋଇଛନ୍ତି। ତାଙ୍କ ପତ୍ନୀ ଅନିତା ନାଗରସିଂହ ଚୌହାନ ରତଲାମର ବିଜେପି ସାଂସଦ। ନାଗରସିଂହ କହିଛନ୍ତି, ଏହା କେବଳ ତାଙ୍କ ପ୍ରତି ଅବଜ୍ଞା ନୁହେଁ, ସେ ପ୍ରତିନିଧିତ୍ୱ କରୁଥିବା ଆଦିବାସୀ ସମାଜକୁ ଅପମାନ। ସେ ଓ ତାଙ୍କ ସାଂସଦ ପତ୍ନୀ ବିଜେପିରୁ ଇସ୍ତଫା ଦେବା ବିଷୟ ଚିନ୍ତା କରୁଛନ୍ତି। ନାଗରସିଂହ ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କର ଏକାନ୍ତ ଅନୁଗତ। ନାଗରସିଂହଙ୍କ ପାଖରେ ଏବେ କେବଳ ଅନୁସୂଚିତ ଜାତି କଲ୍ୟାଣ ବିଭାଗ ରହିଛି। ନାଗର ସିଂହ ଯଦି ଇସ୍ତଫା ଦିଅନ୍ତି ତେବେ ବିଜେପିର ଅନ୍ୟ ଅସନ୍ତୁଷ୍ଟ ବିଧାୟକମାନେ ସ୍ୱର ଉତ୍ତୋଳନ କରିବାକୁ ସାହାସ ପାଇବେ।

## ୟୁଏସ୍ ସିକ୍ରେଟ ସର୍ଭିସ ନିର୍ଦ୍ଦେଶକଙ୍କ ଇସ୍ତଫା

**ୱାଶିଂଟନ, ୨୩।୭ (ଏଜେନ୍ସି):** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣର ୧୦ ଦିନ ପରେ ମଙ୍ଗଳବାର ସିକ୍ରେଟ ସର୍ଭିସର ନିର୍ଦ୍ଦେଶକ କିମ୍ବର୍ଲି ଚିଟଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରି ନଥିବା ଅଭିଯୋଗ ଲାଗିଥିଲା। ଏହି ମାମଲାରେ ସେ ସୋମବାର ସଂସଦୀୟ କମିଟି ସାମ୍ନାରେ ଉପସ୍ଥିତି ହୋଇଥିଲେ। ସେ କମିଟିକୁ କହିଥିଲେ ଯେ ଟ୍ରମ୍ପଙ୍କ ସୁରକ୍ଷାରେ ତ୍ରୁଟି ହୋଇଛି। ଏଜେନ୍ସି ନିଜ କାମ ଠିକ୍‌ରେ କରିନାହିଁ। ଏଥିପାଇଁ ସେ ନିଜକୁ ଦାୟୀ କରୁଛନ୍ତି। ତେବେ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ସେ କମିଟିକୁ କିଛି ସୂଚନା ଦେବାକୁ ମନା କରି ଦେଇଥିଲେ। ଆକ୍ରମଣକାରୀ ଟ୍ରମ୍ପଙ୍କ ଉପରକୁ ଯେଉଁ ଛାତରୁ ଗୁଳି ଚଳାଇ ଥିଲା, ସିକ୍ରେଟ ଏଜେନ୍ସି ତାହାକୁ ସିକ୍ୟୁରିଟି ଜୋନ୍‌ରେ ସାମିଲ କରି ନ ଥିଲା। ଏହି ୱେୟାର ହାଉସ ଟ୍ରମ୍ପଙ୍କ ମଞ୍ଚଠାରୁ ମାତ୍ର ୪୦୦ ଫୁଟ ଦୂରରେ ଥିଲା। ଏଠାରେ ଅଧିକାରୀଙ୍କୁ କାହିଁକି ମୁତୟନ କରାଯାଇ ନ ଥିଲା ପ୍ରଶ୍ନର ସେ କୌଣସି ଉତ୍ତର ଦେଇ ନ ଥିଲେ।

## ଭାରତର ଆର୍ଥିକ ସହାୟତା
# ମାଳଦ୍ୱୀପକୁ ହ୍ରାସ; ଶ୍ରୀଲଙ୍କାକୁ ୪ ଗୁଣ ବୃଦ୍ଧି

**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନ କରି ବିଦେଶ ମନ୍ତ୍ରାଳୟ ପାଇଁ ୨୨, ୧୫୪ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହା ୨୦୨୩-୨୪ ତୁଳନାରେ ୨୪ ପ୍ରତିଶତ କମ୍। ଏହି ବଜେଟରୁ 'ପଡୋଶୀ ପ୍ରଥମ ନୀତି' ଏବଂ 'ସାଗର ଅଭିଯାନ' ଅଧିନରେ ପଡ଼ୋଶୀ ଏବଂ ବନ୍ଧୁ ରାଷ୍ଟ୍ରଙ୍କୁ ଆର୍ଥିକ ସହାୟତା ଦିଆଯାଇଥାଏ। ଏଥିରେ ଭୁଟାନ, ଆଫଗାନିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ସମେତ ୧୦ ଦେଶ ସାମିଲ ଅଛନ୍ତି। ଏହା ବ୍ୟତୀତ ଅନେକ ଆଫ୍ରିକୀୟ, ଲାଟିନ ଆମେରିକା ଏବଂ ୟୁରୋଏସିଆ ଦେଶଗୁଡ଼ିକୁ ମଧ୍ୟ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ରହିଛି।



ଚଳିତ ବଜେଟରେ ସର୍ବାଧିକ (୨,୦୬୮ କୋଟି ଟଙ୍କା) ଭୁଟାନକୁ ଦିଆଯାଇଛି। ମାତ୍ର ଏହା ଗତ ବର୍ଷ ତୁଳନାରେ ୪୦୦ କୋଟି କମ। ସେହିପରି ଶ୍ରୀଲଙ୍କାକୁ ସହାୟତା ୪ ଗୁଣ ବଢ଼ାଇ ୨୪୫ କୋଟି ଟଙ୍କା କରାଯାଇଛି। ନେପାଳରେ କେପି ଓଲିଙ୍କ ସରକାର ଗଠନ ହେବା ସତ୍ତ୍ୱେ ଆର୍ଥିକ ସହାୟତାକୁ ୬୫୦ କୋଟିରୁ ବଢ଼ାଇ ୭୦୦ କୋଟି କରାଯାଇଛି। କିନ୍ତୁ ଚୀନ୍ ସମର୍ଥକ ମାଳଦ୍ୱୀପର ସହାୟତାକୁ ସର୍ବାଧିକ ହ୍ରାସ କରାଯାଇଛି। ଏହାକୁ ୭୭୦ କୋଟିରୁ ୪୦୦ କୋଟି କରିଦିଆଯାଇଛି।



ମାଳଦ୍ୱୀପରେ ମହମ୍ମଦ ମୋଇଜ୍ଜୁ ସରକାର ପ୍ରତିଷ୍ଠା ହେବା ପରଠାରୁ ଦୁଇ ଦେଶ ମଧ୍ୟରେ ବିବାଦ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଇରାନର ଚାବାହାର ବନ୍ଦର ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଧାର୍ଯ୍ୟ କରାଯାଇଛି। ଏହା ବ୍ୟତୀତ ଅନ୍ୟ ଦେଶ ପାଇଁ ମଧ୍ୟ ୪, ୭୭୩ କୋଟି ଟଙ୍କା ଖର୍ଚ୍ଚ କରାଯିବ। ତେବେ ଗତ ବର୍ଷ ଅକ୍ଟୋବର ୭ରୁ ଇସ୍ରାଏଲ ଏବଂ ଗାଜା ମଧ୍ୟରେ ଯୁଦ୍ଧ ଜାରି ରହିଥିବା ସତ୍ତ୍ୱେ ଗାଜା କିମ୍ବା ପାଲେଷ୍ଟାଇନ ପାଇଁ ଅଲଗା ଭାବେ ଆର୍ଥିକ ସହାୟତା ଦେବା ନେଇ କୌଣସି ସୂଚନା ଦିଆଯାଇ ନାହିଁ।

## ମେ' ୩୧ ଯାଏଁ ୭୦୩୦ଟି ବିମାନ ଉଡ଼ାଣ ବାତିଲ୍

**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ଘରୋଇ ବିମାନ କମ୍ପାନୀଗୁଡ଼ିକ ୨୦୨୨ରେ ୬୪୧୩, ୨୦୨୩ରେ ୭୪୨୭ ଓ ଚଳିତ ବର୍ଷ ମେ' ୩୧ ଯାଏଁ ୭୦୩୦ଟି ଉଡ଼ାଣ ବାତିଲ କରିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଜଣାଇଛନ୍ତି। ୨୦୨୪ରେ ମେ ୩୧ଯାଏଁ ବିଭିନ୍ନ ଘରୋଇ ବିମାନ କମ୍ପାନୀର ବିମାନଗୁଡ଼ିକ ମୋଟ ୪ଲକ୍ଷ ୫୬ ହଜାର ୯୧୯ଟି ଉଡ଼ାଣ ଭରିଥିଲେ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
# ଅସାଧାରଣ କ୍ଷେତ୍ରରେ ଜାମିନରେ ରହିତାଦେଶ ଦିଆଯାଇପାରିବ

**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ଟ୍ରାଏଲ କୋର୍ଟ ଦେଇଥିବା ଜାମିନ ଉପରେ ହାଇକୋର୍ଟ ରହିତାଦେଶ ଦେଇପାରିବେ, କିନ୍ତୁ ସବୁ କ୍ଷେତ୍ରରେ ନୁହେଁ, କେବଳ ଅସାଧାରଣ କ୍ଷେତ୍ରରେ ଜାମିନ ଉପରେ ରହିତାଦେଶ ଦିଆଯାଇପାରିବ। ଏକ ମନି ଲଣ୍ଡରିଂ ମାମଲାରେ ପରବିନ୍ଦର ସିଂହ ଖୁରାନା ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରବର୍ତ୍ତନ ନିଦର୍ଦେଶାଳୟ(ଇଡି) ଗିରଫ କରିଥିଲା। ତାଙ୍କୁ ଟ୍ରାଏଲ କୋର୍ଟ ୨୦୨୩ ଜୁନରେ ଜାମିନ ଦେଇଥିଲେ। ଜାମିନ ଦିଆଯିବାର କାରଣ ମଧ୍ୟ ଟ୍ରାଏଲ କୋର୍ଟ ଉଲ୍ଲେଖ କରିଥିଲେ। ଇଡି ସେହି ଜାମିନକୁ ବିରୋଧ କରି ହାଇକୋର୍ଟ ଯାଇଥିଲା ଓ ଜାମିନ ଉପରେ ରହିତାଦେଶ ଦେବାକୁ ଆବେଦନ କରିଥିଲା। ଦିଲ୍ଲୀ ହାଇକୋର୍ଟ ଇଡି ଆବେଦନକୁ ମଞ୍ଜୁର କରି ଜାମିନ ଉପରେ ରହିତାଦେଶ ଦେଇଥିଲେ। ପରବିନ୍ଦର ତା'ପରେ ସୁପ୍ରିମକୋର୍ଟ ଯାଇଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ରହିତାଦେଶକୁ ରଦ୍ଦ କରି ବିଚାରପତି ଏଏସ୍ ଓକା ଓ ବିଚାରପତି ଏଜି ମସିହଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ପରବିନ୍ଦର ସିଂହ ଖୁରାନାଙ୍କୁ ଜାମିନରେ ଖଲାସ କରାଯିବା ନିମନ୍ତେ ଆଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି, ଟ୍ରାଏଲ କୋର୍ଟରେ ଜାମିନ ପାଇଥିବା ବ୍ୟକ୍ତି ଆତଙ୍କବାଦୀ ହୋଇଥିଲେ, ଜାମିନ ମିଳିଲେ ସେ ସମାଜର କ୍ଷତି କରିବା ସମ୍ଭାବନା ଥିଲେ ଯାଇ ତାଙ୍କ ଜାମିନ ଉପରେ ରହିତାଦେଶ ଦିଆଯାଇ ପାରିବ। ସମ୍ବିଧାନର ଧାରା ୨୧ରେ ନାଗରିକଙ୍କୁ ବ୍ୟକ୍ତିଗତ ମୁକ୍ତିର ଅଧିକାର ଦିଆଯାଇଛି ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି।



## ଓକିଲଙ୍କ ଉପରେ ବର୍ଷିଲେ ସିଜେଆଇ



**ନୂଆଦିଲ୍ଲୀ, ୨୩।୭(ଏଜେନ୍ସି):** ସୁପ୍ରିମକୋର୍ଟରେ ଆଜି ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନିଟ୍ ୟୁଜି ପରୀକ୍ଷା ବିଭ୍ରାଟ ଉପରେ ଶୁଣାଣି କରୁଥିବା ବେଳେ ଜଣେ ଆବେଦନକାରୀଙ୍କ ଓକିଲ ମାଥ୍ୟୁ ନେଦୁମପାରା ଅଦାଲତଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସିଜେଆଇ ଅନ୍ୟ ଜଣେ ଓକିଲ ନରେନ୍ଦର ହୁଡାଙ୍କ ତର୍କ ଶୁଣୁଥିବା ବେଳେ ନେଦୁମପାରା ମଝିରେ କିଛି କହୁଥିଲେ ଓ ବାରମ୍ବାର ସେହି ଭୁଲ ଦୋହରାଇଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ସିଜେଆଇ ନେଦୁମପାରାଙ୍କୁ ଚୁପ ରହିବାକୁ କହିଥିଲେ। ନେଦୁମପାରା ଚୁପ ନ ହୋଇ କହିଥିଲେ, ସେ ହେଉଛନ୍ତି ସୁପ୍ରିମକୋର୍ଟର ସବୁଠାରୁ ବରିଷ୍ଠ ଓକିଲ। ସେ କହିବେ, ଅଲବତ କହିବେ। ତାଙ୍କୁ ଯଦି ସମ୍ମାନ ନ ମିଳିବ ତେବେ ସେ ଅଦାଲତ ଛାଡ଼ି ଚାଲିଯିବେ। ନେଦୁମପାରା ଏପରି କହନ୍ତେ ସିଜେଆଇ କ୍ଷୁବ୍ଧ ହୋଇ କହିଥିଲେ, ମିଃ ନେଦୁମପାରା, ଗ୍ୟାଲେରିକୁ ଚାହିଁ କୁହନ୍ତୁ ନାହିଁ। ମୁଁ ଏହି ଅଦାଲତର ଦାୟିତ୍ୱରେ ଅଛି। ସିକ୍ୟୁରିଟିକୁ ଡାକ ଓ ଏହି ବ୍ୟକ୍ତିଙ୍କୁ ଅଦାଲତ ପ୍ରକୋଷ୍ଠରୁ ବାହାରକୁ ନିଅ। ଏତିକି ବେଳେ ନେଦୁମପାରା କହିଥିଲେ, ମୁଁ ଯାଉଛି, ଚାଲିଯାଉଛି। ସିଜେଆଇ କହିଲେ, କିଛି କହିବା ଦରକାର ନାହିଁ। ବାହାରକୁ ଯାଆନ୍ତୁ। ୨୪ବର୍ଷ ଧରି ନ୍ୟାୟପାଳିକାକୁ ଦେଖୁଛି। ଓକିଲଙ୍କୁ ଅଦାଲତଙ୍କ କାର୍ଯ୍ୟରେ ବାଧା ଉପୁଜ କରିବାକୁ ଦେବିନାହିଁ। ନେଦୁମପାରା କହିଥଇଲେ ସେ ମଧ୍ୟ ୧୯୭୯ରୁ ନ୍ୟାୟପାଳିକାକୁ ଦେଖୁଛନ୍ତି। ନେଦୁମପାରାଙ୍କୁ ସିଜେଆଇ କହିଥିଲେ, ସେ କିଛି କଠୋର ଆଦେଶ ଶୁଣାଇବା ପୂର୍ବରୁ ବାହାରକୁ ଚାଲିଯାଆନ୍ତୁ। ନେଦୁମପାରା ତମତମ ହୋଇ ସିଜେଆଇଙ୍କ ଅଦାଲତ ଛାଡ଼ି ବାହାରକୁ ଚାଲିଯାଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



'ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

## ନିର୍ମଳାଙ୍କ ନିରସ ବଜେଟ୍

# ଓଡ଼ିଶା ପାଇଁ ନୈରାଶ୍ୟଜନକ

କେନ୍ଦ୍ରର ମୋଦୀ ସରକାରଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌କୁ ଦୁଇଟି ଦୃଷ୍ଟିରେ ଦେଖି ହେବ, ଅଧା ପାଣିଥିବା କାଚଗ୍ଲାସକୁ ଯେପରି ଦୁଇଟି ବିଚାରରେ ଦେଖାଯାଏ। ସରଳ ଭାଷାରେ କହିଲେ ଏଥରର ବଜେଟ୍ ଲୋକଦେଖାଣିଆ, ରସାଳ ଏବଂ ଆନନ୍ଦଦାୟକ ନୁହେଁ। ତେଣୁ ଅନେକ ନିରାଶ ହେବା ସ୍ୱାଭାବିକ। ଏହା ସତ୍ତ୍ୱେ ବଜେଟରେ ଯେଉଁ ସବୁ ବ୍ୟବସ୍ଥା ହୋଇଛି ଓ ଯେଉଁ ଯେଉଁ କ୍ଷେତ୍ର ତଥା ବର୍ଗଙ୍କୁ ଅଗ୍ରାଧିକାର ଦିଆଯାଇଛି, ତାହାକୁ ଦେଖିଲେ ମନେ ହୁଏ ଏହା ଭବିଷ୍ୟବାଦୀ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନ ଦିଗରେ ଚାଲିଥିବା ସରକାରୀ କସରତର ଏକ ପରିବର୍ଦ୍ଧିତ ପ୍ରୟାସ।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କ୍ରମାଗତ ଭାବେ ମୋଦୀ ସରକାରର ଯେଉଁ ସପ୍ତମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି, ତାହାକୁ ନିରପେକ୍ଷ ଭାବେ ଦେଖିଲେ ଏଥିରେ ବିଶେଷ କିଛି ନୂତନତ୍ୱ ନାହିଁ। ନିର୍ବାଚନ ପୂର୍ବରୁ ଯେଉଁ କାମଚଳା ବଜେଟ୍ ଉପସ୍ଥାପନ ହୋଇଥିଲା, ଚଳିତ ବଜେଟ୍ ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ତାହାର ସମ୍ପ୍ରସାରଣ ପ୍ରୟାସ ବୋଲି କହିବାରେ ଅସୁବିଧା ନାହିଁ। ଏଥିରେ ପୂର୍ବଭଳି ସେହି କୃଷକ, ଶ୍ରମିକ, ମହିଳା, ଯୁବକ ଓ ଗରିବଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇଥିବା କୁହାଯାଉଛି। ଏହାଛଡ଼ା କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଭବିଷ୍ୟତର ଶକ୍ତି, କର୍ମନିଯୁକ୍ତି, ଉଦ୍ୟୋଗୀକରଣ, ଭିତ୍ତିଭୂମି ବିକାଶ, ଖାଦ୍ୟ ଆବଶ୍ୟକତା ପୂରଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା, ଗ୍ରାମ ଓ ସହରାଞ୍ଚଳର ବିକାଶ ମଧ୍ୟ ବଜେଟ୍‌ରେ ଅଗ୍ରାଧିକାର ପାଇଛି। ନୂଆ ଓ ବିକଶିତ ଭାରତ ଗଠନ ପାଇଁ ଏସବୁ ପ୍ରସଙ୍ଗକୁ ଉପେକ୍ଷା କରିହେବ ନାହିଁ ଏବଂ ସେଥିପାଇଁ ଅର୍ଥ ଖର୍ଚ୍ଚ ଅପରିହାର୍ଯ୍ୟ।

ବଜେଟ୍‌ରୁ ଲୋକେ ଏଥର ଅନେକ କିଛି ଆଶା କରୁଥିଲେ। ବିଶେଷକରି ଚାକିରିଆ ଶ୍ରେଣୀ, ଆୟକର ଦାତା ଓ ମଧ୍ୟବିତ୍ତବର୍ଗର ଲୋକେ, ଯେଉଁମାନେ ପ୍ରାୟତଃ ସବୁ ସରକାରୀ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ, ସେମାନଙ୍କୁ ଏଥର ମଧ୍ୟ ମୋଟାମୋଟି ଭାବେ ନିରାଶ ହେବାକୁ ପଡ଼ିଛି। ଦୀର୍ଘବର୍ଷର ବ୍ୟବଧାନ ପରେ ବ୍ୟକ୍ତିଗତ ଆୟକର ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍(ଛାଡ଼ ସୀମା)ରେ ୨୫ ହଜାର ଟଙ୍କା ବୃଦ୍ଧି କରାଯାଇ ଏହାର ସର୍ବୋଚ୍ଚ ସୀମା ୭୫ ହଜାର ଟଙ୍କା କରାଯାଇଛି। ସେହିଭଳି ଆୟକର ସ୍ଲାବରେ କର ଛାଡ଼ ସୀମାରେ ୧ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି, ଯେଉଁଥିରେ ମଧ୍ୟବିତ୍ତ ବର୍ଗ ସେପରି କିଛି ବଡ଼ ସୁବିଧା ପାଇବେ ନାହିଁ। ଅର୍ଥମନ୍ତ୍ରୀ ଚତୁରତାର ସହ ପରିସଂଖ୍ୟାନ ଓ ଜଳବାୟୁ ପରିବର୍ତ୍ତନର ଦ୍ୱାହି ଦେଇ ମହଙ୍ଗାସ୍ଥିତିକୁ ଏଡ଼ାଇ ଯାଇଛନ୍ତି। ମୁଦ୍ରାସ୍ଫୀତିକୁ ୪ ଶତାଂଶରେ ରଖିବାର ଲକ୍ଷ୍ୟ କଥା ସେ କହିଥିବାବେଳେ ଏବେ ଏହି ହାର ୩.୧ ଶତାଂଶ ଥିବା ଦାବି କରିଛନ୍ତି।

ଅର୍ଥମନ୍ତ୍ରୀ ମହୋଦୟା ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତି ଭିତରେ ଥିବା ଫରକ କ'ଣ ନିଜେ ବଜାର ସଉଦା ଯଦି ନିୟମିତ କରୁଥିବେ ବୁଝିପାରୁଥିବେ। ଏପରିକି ମାଗଣା ସରକାରୀ ଚାଉଳ / ଗହମ ପାଉଥିବା ଦେଶର ୯୦ କୋଟି ଲୋକ ତିଅଣ ଶାଗଟିକେ ପାଇଁ ସନ୍ତୁଳି ହେଉଛନ୍ତି ଓ ପାଉଥିବା ଖାଦ୍ୟାନ୍ନ ବିକି ସେ ବାବଦ ବର୍ଦ୍ଧିତ ଖର୍ଚ୍ଚ ମେଣ୍ଟାଉଛନ୍ତି। ସରକାର ଚାଷୀଙ୍କଠାରୁ ଯେଉଁ ଧାନଚାଉଳ କିଣୁଛନ୍ତି, ତାହାକୁ ମହଜୁଦ କରି ରଖିବା ବ୍ୟୟବହୁଳ ଓ ଅପଚୟମୂଳକ ହୋଇଥିବାରୁ ଲୋକଙ୍କୁ ମାଗଣା ବାଣ୍ଟୁଛନ୍ତି। ଏହାଦ୍ୱାରା ଗୋଟେ ଅନୁଗତ ଭୋଟ ବ୍ୟାଙ୍କ ସୃଷ୍ଟିର ଯେଉଁ ରାଜନୈତିକ ମସୁଧା କେନ୍ଦ୍ର ଶାସକ ଦଳର ଥିଲା, ତାହା ଗତ ଲୋକସଭା ନିର୍ବାଚନରେ ବିଫଳ ପ୍ରମାଣିତ ହୋଇଛି। ବଜାର ଦର ନିୟନ୍ତ୍ରଣ କରି ନପାରି ଜଳବାୟୁ ପରିବର୍ତ୍ତନକୁ ଦୋଷ ଦେବା ଠିକ୍ ନୁହେଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ୧୦ ବର୍ଷ ତଳୁ ଭାରତରେ ପଡ଼ିଲାଣି। ଏବେ ତା'କୁ ଦାୟୀ କରିବା ନିରର୍ଥକ। ମଧ୍ୟମବର୍ଗଙ୍କ ପ୍ରତି ମୋଦୀ ସରକାର ମୂଳରୁ ନିର୍ଦ୍ଦୟ ଓ କେବଳ କଥାରେ ସମବେଦନଶୀଳ। ସେମାନଙ୍କ ପାଇଁ କୌଣସି ଠୋସ୍ କଲ୍ୟାଣକାରୀ ଯୋଜନା ନାହିଁ। ତେଣୁ ଦେଶ ବିକାଶ ନ୍ୟାୟରେ ସେମାନେ ଆଉ କେତେକାଳ ଏପରି ଶୋଷିତ ଓ ବଞ୍ଚିତ ହୋଇ ରହୁଥିବେ?

ପେଟ୍ରୋଲିୟମ ସାମଗ୍ରୀର ଦରବୃଦ୍ଧି ଓ ଏହା ଉପରେ ୫୦ ଭାଗ ଟିକସ (ଉଭୟ କେନ୍ଦ୍ର ଓ ରାଜ୍ୟର) ଲାଗୁ ଫଳରେ ପରିବହନ ଖର୍ଚ୍ଚ ବଢୁଛି ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମହଙ୍ଗା ହେଉଛି। ଏହାକୁ ଜିଏସ୍‌ଟିର ଅନ୍ତର୍ଭୁକ୍ତ କରିବାକୁ ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ନିରାଶାରେ ପରିଣତ ହୋଇଛି। ଔଷଧ ବଜାର ଅଣାୟତ୍ତ। କେବଳ କିଛି କ୍ୟାନସର ଔଷଧରୁ ଦାମ କମାଇଲେ ଚଳିବ ନାହିଁ। ଜନଔଷଧୀ ଔଷଧର ଗୁଣମାନ ଓ ଗ୍ରହଣୀୟତା ଏବେ ମଧ୍ୟ ବିତର୍କିତ। ସୁନା ରୁପା ମୂଲ୍ୟ ହ୍ରାସ ପାଇଁ ପଦକ୍ଷେପ ନେଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶ ଛୁଆଁ ଦର ପ୍ରତି ଆଖିବୁଜି ଦେଲେ କେଉଁ ଗରୀବଙ୍କ ବିକାଶ ହେବ?

ବାକି ରହିଲା ରାଜନୈତିକ ବାଧ୍ୟବାଧକତା ବା ପଲିଟିକାଲ ସର୍ଭାଇଭାଲିଜିମ୍। ବଜେଟ୍ ଦେଖି ଲାଗିଲା ଏ ବଜେଟ ଆନ୍ଧ୍ରପ୍ରଦେଶ ଓ ବିହାର ପାଇଁ ସତେଯେପରି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି। ଆଖ ପାଖ ରାଜ୍ୟ ଦୃଷ୍ଟିରୁ ପୂର୍ବାଞ୍ଚଳରୁ ଅନ୍ୟ ରାଜ୍ୟମାନଙ୍କୁ ଏଥିରେ ଯୋଡ଼ି ଦିଆଯାଇଛି। ଓଡ଼ିଶା ପାଇଁ କେବଳ ପର୍ଯ୍ୟଟନ ଓ ବନ ବିକାଶର ଥୋପ ଛଡ଼ା ଅନ୍ୟ କିଛି ନାହିଁ। ଜଗନ୍ନାଥେ ମୋଦୀଙ୍କ ଥାଳ ପୂରଣ କରିଥିବା ବେଳେ ଓଡ଼ିଶାବାସୀଙ୍କୁ ସେ ପ୍ରତିଦାନରେ ଦେଲେ କ'ଣ? କହିବା ବାହୁଲ୍ୟ ଯେ ଏନ୍‌ଡିଏ ସରକାରର ସ୍ଥିତି ବିହାରର ଜେଡିୟୁ ଏବଂ ଆନ୍ଧ୍ରର ତେଲୁଗୁ ଦେଶମ ପାର୍ଟିର ସମର୍ଥନ ଉପରେ ନିର୍ଭର କରୁଛି। ତେଣୁ ସେମାନଙ୍କୁ ସବୁମତେ ତୋଷ କରାଯାଇଛି। ସେ ଦୁଇ ରାଜ୍ୟ ଭଳି ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ଦୁର୍ବଳ ରାଜ୍ୟଙ୍କୁ ଉପଯୁକ୍ତ ଆର୍ଥିକ ପ୍ୟାକେଜ ଦେଇଥିଲେ ଭଲ ହୋଇଥା'ନ୍ତା। 'ପୂର୍ବୋଦୟ ବିକାଶ' ଏକ ଫାଙ୍କା ରାଜନୀତିକ ସ୍ଲୋଗାନ। ଗତ ୧୦ ବର୍ଷରେ ଏ କ୍ଷେତ୍ରରେ କ'ଣ ହୋଇଛି। ବିହାର ବନ୍ୟା ମୁକାବିଲା ପାଇଁ ବଜେଟ୍‌ରେ ୧୧ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଆସାମ, ହିମାଚଳ ପ୍ରଦେଶ, ସିକ୍କିମ, ଉତ୍ତରାଖଣ୍ଡର ଆକସ୍ମିକ ବନ୍ୟା ଅର୍ଥମନ୍ତ୍ରୀଙ୍କୁ ଆଲୋଡ଼ିତ କଲା, ଅଥଚ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାର ଚିରସହଚର ହୃଦୟ ବିଦାରକ ବନ୍ୟା, ବାତ୍ୟା ବିଭୀଷିକା ମାମୁଲି ଲାଗିଲା। ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ଅନ୍ତତଃ ପକ୍ଷେ ଡବଲ୍ ଇଞ୍ଜିନ ସରକାରଙ୍କଠାରୁ ଏଭଳି ଐତିହାସିକ ଅବହେଳା କଳ୍ପନା କରାଯାଇ ନ ଥିଲା। କେନ୍ଦୁପତ୍ରରେ ଜିଏସ୍‌ଟି, ଚାଉଳ ସଂଗ୍ରହରେ ପାତର ଅନ୍ତର, କୋଇଲା ରୟାଲଟି ଓ ରେଳବାଇରେ କ୍ରମାଗତ ଅବହେଳା, ସ୍ୱତନ୍ତ୍ର ପ୍ୟାକେଜ୍‌ରୁ ବଞ୍ଚିତ କରିବା ଆଦି ଯନ୍ତ୍ରଣାଠାରୁ ଚଳିତ ବଜେଟ୍ ଆହୁରି ବଳିଗଲା।

ବିଶ୍ୱ ଅର୍ଥନୈତିକ ଅସ୍ଥିରତା ଭିତ୍ତିରେ ଭାରତର ଅର୍ଥନୀତି ବଢ଼ିବା ଓ ସୁସ୍ଥ ରହିବା ଦାବି ପଛର ସତ୍ୟତା କେତେ? ବେକାରୀ, ବେରୋଜଗାରୀ ଓ ଦରବୃଦ୍ଧିରେ ଲୋକେ ନୟାନ୍ତ। ଲୋକଙ୍କୁ ଦୁଃଖରେ ରଖି ଦେଶର ବିକାଶ କରିବାର ଅର୍ଥ କ'ଣ? ମଣିଷ ଜୀବନକୁ ସୁଖଦ ଓ ସହଜ କରିବା ସବୁ ସରକାରଙ୍କ ମୌଳିକ ଦାୟିତ୍ୱ। ଭାରତରେ ମଧ୍ୟବିତ୍ତ ବର୍ଗ ସବୁଠୁ ଉତ୍ପୀଡ଼ିତ। ସବୁ ରାଜ୍ୟଙ୍କୁ ଭିତ୍ତିଭୂମି ବିକାଶ ପାଇଁ ୫୦ ବର୍ଷ ନିମନ୍ତେ ସୁଧମୁକ୍ତ ଅଣଫେରସ୍ତ ଋଣ ଦେବା ଭଲ। ହେଲେ ସେ ଅର୍ଥ ଖର୍ଚ୍ଚ କରିବାକୁ ସମ୍ପୃକ୍ତ ରାଜ୍ୟମାନେ କେତେ ସମର୍ଥ ତାହା ମଧ୍ୟ ବିଚାର୍ଯ୍ୟ।

ବଜେଟରେ ବାକ୍‌ଚାତୁରି, ଅଳଙ୍କରଣ, ଦୃଷ୍ଟି ଆକର୍ଷଣକାରୀ ଶବ୍ଦର ବ୍ୟବହାର ଓ ମନୋହାରୀ ରଙ୍ଗୀନ ଯୋଜନାର ଉପସ୍ଥାପନାରେ ଲୋକଙ୍କ ପେଟ ପୂରେ ନାହିଁ। ଯୋଜନାର ବାସ୍ତବ ରୂପାୟନ, ଯଥାର୍ଥତା ଓ ଲୋକଙ୍କ ଆବଶ୍ୟକତା ପୂରଣ ହେଲେ ତାହାର ଉଦ୍ଦେଶ୍ୟ ସାଧନ ହୁଏ। ବଜେଟ୍ ଉପସ୍ଥାପନ ପରେ ପରେ ବିଏସ୍‌ଇ ସେନ୍‌ସେକ୍ସ ୮୦୦ ପଏଣ୍ଟ ଖସିଲା ଏବଂ ଭାରତୀୟ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ୮୩.୬୯ ଟଙ୍କାରେ ପହଞ୍ଚିଛି। ଏଥିରୁ ଚଳିତ ବଜେଟର ବାସ୍ତବତା ପ୍ରମାଣିତ। ମୋଟାମୋଟି ଏହା ଏକ ନିରସ ବଜେଟ୍।

# ଅପରାଧ ପ୍ରବଣତା ଏକ ବ୍ୟାଧି



ଡା. ନିତ୍ୟାନନ୍ଦ ସ୍ୱାଇଁ
କଟକ, ମୋ: ୯୪୩୭୭୬୬୧୧୭

ପୃଥିବୀରେ କର୍କଟ, ହୃଦରୋଗ, ଉଚ୍ଚରକ୍ତଚାପ, ମଧୁମେହ, ମେଦବହୁଳତା ଇତ୍ୟାଦି ରୋଗ କ୍ରମାଗତ ବଢ଼ି ଚାଲିଛି। ପୁଣି ନୂଆ ନୂଆ କିଛି ରୋଗର ମଧ୍ୟ ଆବିର୍ଭାବ ଘଟୁଛି। କିନ୍ତୁ ଏହିସବୁର ଅଲକ୍ଷ୍ୟରେ ଆହୁରି ଗୋଟିଏ ବହୁ ପୁରାତନ ବ୍ୟାଧି ତା'ର ଆଧିପତ୍ୟ ବିସ୍ତାର କରିଚାଲିଛି ସମାଜରେ। କ'ଣ ତେବେ ସେହି ବ୍ୟାଧି? ବ୍ୟାଧିଟି ହେଲା ଅପରାଧ ପ୍ରବଣତା। ଅପରାଧ ପ୍ରବଣତାକୁ ବୋଧହୁଏ ମାନବ ସଭ୍ୟତାର ଆଦିମତମ ବ୍ୟାଧି ବୋଲି କୁହାଯାଇପାରେ। ଚିକିତ୍ସା ବିଜ୍ଞାନ ଭାଷାରେ ଅପରାଧ ପ୍ରବଣତାକୁ ମାନସିକ ବ୍ୟାଧିଗୁଡ଼ିକ ଅନ୍ତର୍ଗତ ଏକ ରୋଗ ଭାବେ ଅଭିହିତ କରାଯାଏ। ଅନ୍ୟାନ୍ୟ ରୋଗ ଭଳି ଅପରାଧ ପ୍ରବଣତାର ଉତ୍ପତ୍ତିକୁ ବିଜ୍ଞାନ ଦ୍ୱାରା ବ୍ୟାଖ୍ୟା କରାଯାଏ- ଠିକ୍ ଚିକିତ୍ସାର ପରିଭାଷାରେ କୌଣସି ରୋଗକୁ କାରଣ ବା ଏଟିଓଲୋଜି ଓ ନିଦାନ ବା 'ପାଥୋଲୋଜି' ଭାବରେ ବ୍ୟାଖ୍ୟା କରାଯିବା ଭଳି। ଅପରାଧ ପ୍ରବଣତାର ଯେତେବେଳେ କାରଣ ଅଛି, ସେତେବେଳେ ବୈଜ୍ଞାନିକ ପଦ୍ଧତିରେ ଯଥାର୍ଥ ପ୍ରତିକାର ଓ ଚିକିତ୍ସାର ବ୍ୟବସ୍ଥା ରହିଥିବା ସ୍ୱାଭାବିକ।

ଅପରାଧ ଉତ୍ପତ୍ତିର କାରଣ ବିଶ୍ଳେଷଣ କଲାବେଳେ ଦୁଇଟି ଥିଓରୀ ବା ତତ୍ତ୍ୱ ସମ୍ମୁଖକୁ ଆସିଥାଏ। ତାହା ହେଲା ଜୈବିକ ବା ବାୟୋଲୋଜିକାଲ କାରଣମାନ ଏବଂ ସାମାଜିକ ବା ସୋସିଓଲୋଜିକାଲ କାରଣ।

ଜନସାଧାରଣଙ୍କର ଏକ ସାଧାରଣ ଧାରଣା ହେଲା ଅପରାଧ ପ୍ରବଣତାର ସହିତ ବଂଶାନୁକ୍ରମ ବା ଜିନ୍‌ର ପ୍ରଭାବ ଅଛି। ତେବେ ଆଗରୁ ବୁଝି ରଖିବା ଦରକାର ଯେ ଚିକିତ୍ସା ବିଜ୍ଞାନ ଭାଷାରେ 'ଜିନ୍‌ଗତ' ଏବଂ 'ବଂଶଗତ' - ଏହି ଦୁଇଟି କଥାର ଅର୍ଥ ଅଲଗା। କୌଣସି ମଣିଷ କେଉଁ ରକମର ହେବ, ତା'ର ଶରୀର କୋଷର ଡିଏନ୍‌ଏରେ ଥିବା କିଛି ଜିନ୍ ଉପରେ ନିଶ୍ଚିତ ଭାବରେ ନିର୍ଭର କରିଥାଏ। କିନ୍ତୁ କୌଣସି ପାରିବାରିକ ସମ୍ପର୍କ ନ ଥିବା ଦୁଇଜଣଙ୍କ ମଧ୍ୟରେ କିଛି ସମାନ ଧରଣର ଜିନ୍ ରହିଥିବା ଅସମ୍ଭବ ନୁହେଁ। ମାତ୍ର କିପରି?

କାରଣ ଦୁଇଜଣ ସମ୍ପୂର୍ଣ୍ଣ ଅପରିଚିତ ବ୍ୟକ୍ତିଙ୍କ ମଧ୍ୟରେ ଜିନ୍‌ଗତ ମେଳ ପ୍ରକୃତିର ନିୟମରେ ହୋଇଥାଏ ୯୯.୫ ଶତାଂଶ। ଯେତେ ପାର୍ଥକ୍ୟ ସବୁ ସେହି ଅବଶିଷ୍ଟ ୦.୫ ଶତାଂଶର ଭିତ୍ତିରେ ହିଁ ସମ୍ଭବ ହୋଇଥାଏ। ଏହି କାରଣରୁ ଦୁଇଜଣ ସମ୍ପୂର୍ଣ୍ଣ ଅସମ୍ପର୍କିତ ବ୍ୟକ୍ତିଙ୍କ ମଧ୍ୟରେ 'ଜିନ୍‌ଗତ' ସାମଞ୍ଜସ୍ୟ ଥାଇପାରେ। ସେଥିପାଇଁ ବଂଶାନୁକ୍ରମ ବା ବଂଶଗତର ଆବଶ୍ୟକତା ପଡ଼ିନଥାଏ। ହେଲେ ବଂଶଗତ ରୋଗ ବୋଇଲେ କ'ଣ? 'ବଂଶଗତ' ବା 'ହେରିଡିଟାରୀ' ରୋଗ ହେଲା ସେହି ସମସ୍ତ ରୋଗ, ଯାହା ବଂଶ ପରମ୍ପରାରେ ସମ୍ପର୍କିତ ବ୍ୟକ୍ତି ବା ଆତ୍ମୀୟମାନଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥାଏ। ତାହା ଜିନ୍‌ଗତ, ସାମାଜିକ ବା ଅନ୍ୟାନ୍ୟ, ସବୁରକମ କାରଣରୁ ହୋଇପାରେ।

ସେ ଯାହାହେଉ, ପ୍ରଶ୍ନ ଉଠେ ଅପରାଧ ପ୍ରବଣତା 'ଜିନ୍‌ଗତ' ଓ 'ବଂଶଗତ' କି ନା? ଏହାର ଉତ୍ତର 'ହଁ', କି 'ନା' କହିବା ଅନେକାଂଶରେ ଅବୈଜ୍ଞାନିକ ହୋଇଯିବ। ବରଂ କହିବା ଅଧିକ ଯୁକ୍ତିଯୁକ୍ତ ଯେ ଅପରାଧ ପ୍ରବଣତା ସହ ସମ୍ପୂର୍ଣ୍ଣ ତଥା ଗଭୀର ଭାବରେ ସମ୍ପୃକ୍ତ ବିଷୟଗୁଡ଼ିକୁ ଏକ ସହଜ ସମୀକରଣ ମାଧ୍ୟମରେ ବ୍ୟାଖ୍ୟା କରିବା କଠିନ। କାହିଁକି କଠିନ ? ଆସନ୍ତୁ ଦେଖିବା।

ନବେ ଦଶକରେ ବାଉଚାରଡ଼ ଓ ଲାଇକେନ୍ 'ମନୋଜାଇଗୋଟିକ୍ ଟ୍ୱିନ୍' ବା ସମ୍ପୂର୍ଣ୍ଣ ସମରୂପ ଯମଜଙ୍କ ଉପରେ ଏକ ଅନୁଧ୍ୟାନ କରିଥିଲେ। ଏହି ସବୁ ଯାଆଁଳାଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଦୁଇଟି ଭିନ୍ନ ପରିବେଶରେ ଲାଳନପାଳନ କରାଯାଇଥିଲା। କିଛିବର୍ଷ ପରେ ସେମାନଙ୍କୁ କିଛି ପ୍ରଶ୍ନ ପଚରା ଯାଇଥିଲା ଓ ସେମାନଙ୍କ ଉତ୍ତର ଭିତ୍ତିରେ ସେମାନଙ୍କ ଚରିତ୍ରର ବିଶ୍ଳେଷଣ କରାଗଲା। ଦେଖାଗଲା ଯେ ସମ୍ପୂର୍ଣ୍ଣ ଜିନ୍‌ଗତ ସାମଞ୍ଜସ୍ୟ ରହିଥିବା ସତ୍ତ୍ୱେ ସେମାନଙ୍କ ଉତ୍ତରକୁ ବହୁଳାଂଶରେ ପ୍ରଭାବିତ କରିଛି ସେମାନଙ୍କ ଚତୁଃପାର୍ଶ୍ୱରେ ସାମାଜିକ ପରିବେଶ। ପରବର୍ତ୍ତୀ ସମୟରେ ଆହୁରି ଗବେଷଣା ପରେ ଜଣାପଡ଼ିଲା ଯେ ଅପରାଧ ସଂଘଟିତ ହେବା ସହ ଯେଉଁ ବିଷୟଟି ଖୁବ୍ ପ୍ରତ୍ୟକ୍ଷ ଭାବରେ ଯୁକ୍ତ, ତାହା ହେଲା ଅପରାଧୀର ମସ୍ତିଷ୍କରେ କିଛି 'ନିଉରୋଟ୍ରାନ୍ସମିଟର' ବା ସ୍ନାୟୁସଂଚରକ ଉପାଦାନର ଆପେକ୍ଷିକ ପରିମାପ। ନିଉରୋଟ୍ରାନ୍ସମିଟରକୁ ସହଜ ଭାଷାରେ ମସ୍ତିଷ୍କର ହରମୋନ କହିଲେ ଚଳିବ। ଦେଖାଯାଇଛି, ମସ୍ତିଷ୍କରେ ଆଡ୍ରେନାଲିନ୍, ନର-ଆଡ୍ରେନାଲିନ୍, ଡୋପାମିନ୍ ଇତ୍ୟାଦିର ପରିମାଣ ବଢ଼ିଗଲେ କି ସିରୋଟୋନିନ୍, ବିଡିଏନ୍‌ଏଫ୍ ବା 'ବ୍ରେନ୍-ଡିରାଇଭଡ୍ ନିଉରୋଟ୍ରାପିକ୍ ଫ୍ୟାକ୍ଟର' ଇତ୍ୟାଦିର ମାତ୍ରା କମିଗଲେ ପ୍ରକାଶ ପାଏ ଅପରାଧ ପ୍ରବଣତା। କିନ୍ତୁ ଏହି ନିଉରୋଟ୍ରାନ୍ସମିଟରଗୁଡ଼ିକ ହଠାତ୍ ବଢ଼ିଯିବ ବା କମିଯିବ କାହିଁକି? ଏଠାରେ ରହିଛି କିଛିଟା ଜିନ୍‌ର ଭୂମିକା ଏବଂ ଅନେକଟା ସାମାଜିକ ଭୂମିକା। ଦେଖାଯାଇଛି 'ମନୋ-ଆମିନୋ ଅକ୍ସିଡେଜ୍-ଏ ନାମକ ଏନ୍‌ଜାଇମ୍‌ର ମାତ୍ରା କମିଗଲେ ମସ୍ତିଷ୍କରେ ଆଡ୍ରେନାଲିନ୍ ଓ ନର-ଆଡ୍ରେନାଲିନ୍ ନିଉରୋଟ୍ରାନ୍ସମିଟରର ମାତ୍ରା ବଢ଼ିଯାଏ ଏବଂ ଫଳସ୍ୱରୂପ ବଢ଼ିଯାଏ ଅପରାଧ ପ୍ରବଣତା। ହେଲେ ଏହି ଏନ୍‌ଜାଇମର ମାତ୍ରା କମିବ ଅବା କାହିଁକି? ଏହାର ପଶ୍ଚାତରେ ରହିଛି କିଛି ଜିନ୍‌ଗତ ପରିବର୍ତ୍ତନ ଏବଂ ମ୍ୟୁଟେସନ୍‌ର ଭୂମିକା। କେତେକ ଜିନ୍‌ଗତ ପରିବର୍ତ୍ତନରେ ଅପରାଧ ପ୍ରବଣତା ଅଧିକ ପରିଲକ୍ଷିତ ହୋଇଥାଏ। କିନ୍ତୁ ଗୋଟିଏ କଥା ମନେ ରଖିବା ପାଇଁ ହେବ ଯେ ବାସ୍ତବ କ୍ଷେତ୍ରରେ ସେହି ସବୁ ଜିନ୍‌ଗତ ପରିବର୍ତ୍ତନ ଖୁବ୍ ବିରଳ ଏବଂ ସାମଗ୍ରିକ ଭାବରେ ଦେଖିଲେ ଅପରାଧୀମାନଙ୍କ ମଧ୍ୟରେ ପ୍ରାୟ ୨୦ ଶତାଂଶ ଏହି ସବୁ ଜିନ୍‌ଗତ ପରିବର୍ତ୍ତନର ଅଧିକାରୀ। ବାକି ୮୦ ଶତାଂଶ କ୍ଷେତ୍ରରେ ଆସିଥାଏ ସାମାଜିକ ବିଷୟଗୁଡ଼ିକର ଭୂମିକା। ଆମେ କେଉଁ ଚରିତ୍ରର ଲୋକ ବା କେଉଁ ବିଶେଷ ପରିସ୍ଥିତିରେ କେଉଁ ରକମର ପ୍ରତିକ୍ରିୟା ବା ରିଆକ୍ସନ ପ୍ରକାଶ କରିବୁ, ତାହା ନିୟନ୍ତ୍ରଣ କରିଥାଏ ଆମ ଚାରିପାଖର ପରିବେଶ ପରିସ୍ଥିତି। ଅପରାଧ କ୍ଷେତ୍ରରେ ମଧ୍ୟ ସେହି ସମାନ କଥା ପ୍ରଯୁଜ୍ୟ। ସାମାଜିକ ଜୀବନର ନକାରାତ୍ମକ ଦିଗଗୁଡ଼ିକ, ଯେପରିକି ଦାରିଦ୍ର୍ୟ, ବେକାରି ଇତ୍ୟାଦି ବ୍ୟକ୍ତିକୁ ଅପରାଧ କରିବା ଦିଗକୁ ଠେଲିଦିଏ।

ଦେଖାଯାଇଛି ଯେ ୭୦ ଭାଗ ଅପରାଧୀ ଅପରାଧ କରିଥା'ନ୍ତି ବାଧ୍ୟ ହୋଇ। ସାମାଜିକ ସମସ୍ୟାଗୁଡ଼ିକ ନ ଥିଲେ ସେମାନେ ହୁଏତ ଅପରାଧ କରୁ ନଥା'ନ୍ତେ। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର, ଶତକଡ଼ା ୯୦ ଭାଗ କୁଖ୍ୟାତ ଅପରାଧୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଛି ଯେ ସେମାନେ ପିଲାବେଳେ କୌଣସି ନା କୌଣସି ଖୁବ୍ ଖରାପ ଅଭିଜ୍ଞତାର ସମ୍ମୁଖୀନ ହୋଇଥିଲେ କିମ୍ବା ସେମାନଙ୍କ ଶୈଶବ ଆଦୌ ଭଲରେ କଟି ନଥିଲା। ଏହି ମାନସିକ ଅଭିଜ୍ଞତାଗୁଡ଼ିକ ଆତ୍ମମାନଙ୍କ ସବ୍‌କନ୍‌ସସ ବା ଅବଚେତନ ମନରେ ଗଭୀର ଭାବରେ ରେଖାପାତ କରିଥାଏ, ଯାହାକୁ ହୁଏତ ଆମେ ବୁଝିପାରୁନା।

ଶୁଣନ୍ତୁ ଏକ ଉଦାହରଣ। ଥରେ ଜଣେ ମାନସିକ ରୋଗୀର ଚିକିତ୍ସା କରିବାକୁ ଯାଇ ବିଖ୍ୟାତ ମନସ୍ତତ୍ତ୍ୱବିତ୍ ସିଗ୍‌ମଣ୍ଡ ଫ୍ରଏଡ୍ ଦେଖିଲେ ଯେ ମହିଳାଜଣକ ପ୍ରାୟତଃ ଏକ ସମାନ ପ୍ରକାରର ସ୍ୱପ୍ନ ଦେଖୁଛନ୍ତି। ସ୍ୱପ୍ନଟି ହେଲା ସେ ଗୋଟିଏ କୁକୁରକୁ ଖୁବ୍ ମାରଧର କରୁଛନ୍ତି। ଅଥଚ ବାସ୍ତବ ଜୀବନରେ ତାଙ୍କର ପୋଷା କୁକୁରଟିକୁ ସେ ଯଥେଷ୍ଟ ଭଲପାଇଥା'ନ୍ତି। ଭଲ ଭାବରେ ବିଶ୍ଳେଷଣ କରି ଏବଂ ତଥ୍ୟ ସଂଗ୍ରହ କରି ଫ୍ରଏଡ୍ ଜାଣିପାରିଲେ ସେହି ମହିଳାଙ୍କ ସ୍ୱାମୀ ତାଙ୍କ ଉପରେ ଖୁବ୍ ଅତ୍ୟାଚାର କରିଥା'ନ୍ତି। ଏହି ଅତ୍ୟାଚାରର ପ୍ରତିହିଂସା ମହିଳାଙ୍କ ଅବଚେତନ ମନରେ ନିଜର ପୋଷା କୁକୁରଟିକୁ ନିଜ ସ୍ୱାମୀର ରୂପ ଦେଇଛି। କାହାକୁ ମାରିବା ପାଇଁ ଚାହିଁବା ପ୍ରକୃତରେ ଅତ୍ୟାଚାରିତର ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା। ପ୍ରତ୍ୟେକ ଅତ୍ୟାଚାରିତର ମନରେ ଅନ୍ୟର କ୍ଷତି କରିବାର ଏକ ସୁପ୍ତ ବାସନା ଥାଏ, ଯାହା କିନ୍ତୁ ଜିନ୍‌ଗତ ନୁହେଁ। ବିଶେଷକରି ସେହି ଅତ୍ୟାଚାର ବା ଖରାପ ଅଭିଜ୍ଞତା ଯଦି ଶୈଶବରେ ହୁଏ, ତେବେ ତା'ର ପ୍ରଭାବ ଖୁବ୍ ଗଭୀର ହୋଇଥାଏ। କାରଣ ତାହା ଶିଶୁମାନଙ୍କର ମାନସିକତା ଗଠନର ସମୟ। ସେଥିପାଇଁ କୁହାଯାଏ ଜଣେ ପରିପୂର୍ଣ୍ଣ ଭଲ ମଣିଷ ହେବା ପାଇଁ ହେଲେ ଅତି ସୁନ୍ଦର ଓ ସୁସ୍ଥ ଶୈଶବ ପ୍ରୟୋଜନ। ଏହାର ଅର୍ଥ ଏଇଆ ନୁହେଁ ଯେ ସେହି ବ୍ୟକ୍ତିଟିକୁ ଶୈଶବରେ ଖୁବ୍ ବିଳାସବ୍ୟସନରେ ଅତିବାହିତ କରିବା ପାଇଁ ହେବ। କିନ୍ତୁ ଶୈଶବରେ ଅପରିହାର୍ଯ୍ୟ ଯଥାର୍ଥ ଶିକ୍ଷା ଏବଂ ସର୍ବୋପରି ମାତାପିତାଙ୍କର ଆଦରଯତ୍ନ ନିହାତି ଲୋଡ଼ା। ଶୈଶବରେ ଦାରିଦ୍ର୍ୟ ସଂଗେ ଲଢ଼େଇ କରି ମନୀଷୀ ହୋଇପାରିଥିବାର ଦୃଷ୍ଟାନ୍ତ ମଧ୍ୟ ଆଦୌ ବିରଳ ନୁହେଁ।

ସୁତରାଂ ବିଳାସବ୍ୟସନ ନୁହେଁ, ସୁସ୍ଥ ଶୈଶବ ହିଁ ଆବଶ୍ୟକ। ଶିଶୁ ନିର୍ଯାତନା କମିଲେ ଭବିଷ୍ୟତରେ ପ୍ରାୟ ୬୫ ଶତାଂଶ ଅପରାଧ ହ୍ରାସ ପାଇଯିବ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। କିଛି ବିରଳ ଜେନେଟିକ୍ ରୋଗ ଜନିତ ଅପରାଧ ପ୍ରବଣତାର କଥା ବାଦ୍ ଦେଲେ କୁହାଯାଇପାରେ ଯେ 'ନୋ ୱାନ୍ ଇଜ୍ ବର୍ଣ୍ଣ କ୍ରିମିନାଲ' ବା 'କେହି ଅପରାଧୀ ହୋଇ ଜନ୍ମ ନେଇ ନଥା'ନ୍ତି।' ଏହି ପରିପ୍ରେକ୍ଷୀରେ ଦେଖିଲେ ମାନସିକ ରୋଗର ସମୟମତେ ସଠିକ୍ ଚିକିତ୍ସା ଏବଂ ସାମଗ୍ରିକ ଭାବରେ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଆମେ ସମସ୍ତେ ଯଦି ପ୍ରୟାସୀ ହୋଇପାରୁ, ତେବେ ଅପରାଧ ପ୍ରବଣତା ଅନେକ ଗୁଣ ହ୍ରସ ପାଇଯିବ। ଅପରାଧ ପ୍ରବଣତାକୁ ବହୁଳାଂଶରେ ନିର୍ମୂଳ କରିବା ସମ୍ଭବ, ମାତ୍ର ଏଥିପାଇଁ ଲୋଡ଼ା ତୀବ୍ର ଆନ୍ତରିକ ଇଚ୍ଛାଶକ୍ତି।

# ଭୋକିଲାଙ୍କ ତାଡ଼ନା ବନାମ ଖାଦ୍ୟ ଅପଚୟ



ଅଧ୍ୟାପକ ଅଶୋକ ମହାରଣା
ସିମିନଇ(ଢେଙ୍କାନାଳ), ମୋ: ୯୦୯୦୮୩୯୩୬୯

ବିଶ୍ୱରେ ଆଜି ଭୋକ ଉପାସରେ ରହୁଥିବା ଲୋକଙ୍କ ସଂଖ୍ୟା ବହୁତ ଅଧିକ। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ(ବିଶ୍ୱ ବୁଭୁକ୍ଷୁ ସୂଚକାଙ୍କ)-୨୦୨୩ରେ ବିଶ୍ୱର ୧୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୧୧୧ରେ ରହିଛି। ଅପପୁଷ୍ଟି ସହିତ ବିଭିନ୍ନ ଦିଗକୁ ନେଇ କରାଯାଇଥିବା ଏହି ସର୍ବେକ୍ଷଣ ଅନୁସାରେ ୫ବର୍ଷରୁ କମ ପିଲାମାନଙ୍କ ମଧ୍ୟରେ ଅପପୁଷ୍ଟି, ବୟସ ଅନୁସାରେ ଉଚ୍ଚତା ବୃଦ୍ଧି ନ ହେବା, ଦୁର୍ବଳ ଶରୀର ଆଦିରେ ଭାରତର ସ୍ଥିତି ନୈରାଶ୍ୟଜନ। ଜାତିସଙ୍ଘର ଏକ ତଥ୍ୟ ଅନୁସାରେ ଭାରତର ୧୯୦ ନିୟୁତ ଲୋକ କୁପୋଷଣର ଶିକାର ହେଉଛନ୍ତି। ଆଜି ବି ଅଧା ପେଟରେ ଶୋଇଥିବା ଲୋକଙ୍କ ସଂଖ୍ୟା ବହୁତ ଅଧିକ।

ଅପରପକ୍ଷରେ ଯଦି ଖାଦ୍ୟ କଥା ଆମେ ହିସାବକୁ ନେବା ବିଶ୍ୱରେ ପ୍ରତି ବର୍ଷ ୯୩୧ ନିୟୁତ ଟନ ଖାଦ୍ୟ ନଷ୍ଟ ହୋଇଥାଏ। ସେଥିମଧ୍ୟରୁ ୬୧ ଭାଗ ବିଭିନ୍ନ ପରିବାରରୁ, ୨୬ ଭାଗ ଖାଦ୍ୟ ସଂସ୍ଥାରୁ ଏବଂ ୧୩ ଭାଗ ବିକ୍ରେତାମାନଙ୍କ ଦ୍ୱାରା ନଷ୍ଟ ହୋଇଥାଏ। ସେହିପରି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ତଥ୍ୟ ଅନୁସାରେ ବିଶ୍ୱରେ ୪୦ପ୍ରତିଶତ ଖାଦ୍ୟ ନଷ୍ଟ ହେଉଥିବା ବେଳେ ୩୦ ଭାଗ ପନିପରିବା ଓ ଫଳ ନଷ୍ଟ ହେଉଛି। ଜାତିସଙ୍ଘର ତଥ୍ୟ ଅନୁସାରେ ଭାରତରେ ୯୦ ହଜାର ନିୟୁତ ଟନ ଖାଦ୍ୟ ପ୍ରତିବର୍ଷ ନଷ୍ଟ ହୋଇଥାଏ। କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ପ୍ରତିବର୍ଷ ନଷ୍ଟ ହେଉଥିବା ଖାଦ୍ୟର ମୂଲ୍ୟ ୫୦ ହଜାର କୋଟି ଟଙ୍କା। ଜାତିସଙ୍ଘର ପରିବେଶ କାର୍ଯ୍ୟକ୍ରମର ତଥ୍ୟ ଅନୁସାରେ ବିଭିନ୍ନ ପରିବାର ଦ୍ୱାରା ପ୍ରତିବର୍ଷ ଭାରତରେ ୬୮.୭ ନିୟୁତ ଟନ ଖାଦ୍ୟ ନଷ୍ଟ ହେଉଥିବା ବେଳେ ବାର୍ଷିକ ବ୍ୟକ୍ତି ପିଛା ୫୫ କେଜି ଖାଦ୍ୟ ନଷ୍ଟ ହୁଏ। ଖାଦ୍ୟ ନଷ୍ଟ କରିବାରେ ଚୀନ ପଛକୁ ଆମେ ରହିଛୁ।

ତେବେ ଦରିଦ୍ରତା, ଅପପୁଷ୍ଟି, କୁପପୋଷଣକୁ ପ୍ରତିହତ କରିବା ପାଇଁ ଉଦ୍ୟମ ଜାରି ରହିଛି। କିନ୍ତୁ ରାଜା ରଣଜିତ ସିଂହଙ୍କ ପରି ରାଜାଟିଏ କ'ଣ ଦେଶକୁ ମିଳିଛି, ଯିଏ ଭୋକିଲା ବୃଦ୍ଧାଙ୍କର ଢେଲା ମାଡ଼ରେ ଆହତ ହେବା ପରେ ତାଙ୍କୁ ଶାସ୍ତି ଦେବା ବଦଳରେ ରାଜ୍ୟକୁ କ୍ଷୁଧାମୁକ୍ତ କରିବାକୁ ମହାଶିକ୍ଷା ଗ୍ରହଣ କରିଥିଲେ? ନୀତିବିହୀନ ନେତାମାନେ ଯେଉଁଠି କ୍ଷମତା ଲୋଭରେ ସ୍ୱାର୍ଥାନ୍ଧ ହୋଇପଡ଼ନ୍ତି, ସେଠାରେ ଲୋଳିତଚର୍ମଧାରୀ ବୃଦ୍ଧା କ'ଣ ନ୍ୟାୟ ପାଇପାରିବ? ଆମ ଦେଶରେ ନେତାଙ୍କୁ ଭେଟିବାକୁ ହେଲେ ଦିନ ଦିନ ଧରି ଧାଡ଼ି ଲଗାଇବାକୁ ପଡ଼େ। ନିଜର ଦୁଃଖଦୁର୍ଦ୍ଦଶାକୁ ଦେଖି ମଧ୍ୟ ନେତା ଆଖିବୁଜି ଦେବା ସାଧାରଣ କଥା।

ଯେଉଁ ଦେଶର ଗାଁଗଣ୍ଡାରେ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟସେବା ଉନ୍ନତ ନୁହଁ, ଯେଉଁଠି ଗାଁକୁ ଭଲ ରାସ୍ତା ନାହିଁ, ରୋଗୀକୁ ଖଟିଆରେ ବୁହା ହେଉଛି, ଭୋକଉପାସରେ ଆମ୍ବ କୋଇଲିକୁ ଖାଦ୍ୟ ଭାବରେ ଗ୍ରହଣ କରାଯାଉଛି, ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଅଭାବରୁ ଅଜଣା ରୋଗରେ ଶିଶୁ ମୃତ୍ୟୁବରଣ କରୁଛି, ସେଠି ପରିସଂଖ୍ୟାନ କେବଳ ଏକ ଭେଳିକି ଭଳି ଲାଗେ। କାଗଜକଲମ ଏବଂ ବାସ୍ତବତା ଭିତରେ ବହୁତ ଫରକ। ଏ ରାଜ୍ୟରେ କିମ୍ବା ଦେଶର ନେତା ଲୋକଙ୍କ ଘରେ ସେତେବେଳେ ପାଦ ପକାନ୍ତି ଯେତେବେଳେ ନିର୍ବାଚନ ଆସେ। ତା' ପରେ ସବୁକିଛି ପଥରତଳେ ଚାପି ହୋଇଯାଏ। ଯଦି ସରକାର ବାସ୍ତବରେ ଦାରିଦ୍ର୍ୟ ଦୂରୀକରଣ କଥା ଚିନ୍ତା କରୁଥା'ନ୍ତେ, ତାହାହେଲେ ରାସ୍ତାକଡ଼ରେ ଭିକ୍ଷାବୃତ୍ତି ଦେଖିବାକୁ ମିଳୁ ନ ଥା'ନ୍ତା କିମ୍ବା ଅଳିଆ ଆବର୍ଜନା ଭିତରୁ ବଞ୍ଚିବାର ରାହା ଖୋଜିବାକୁ କୋମଳମତି ଶିଶୁ ବସ୍ତାରେ ଜରି ଗୋଟାଉ ନ ଥା'ନ୍ତା।

ଦେଶ ସେତେବେଳେ ବିକଶିତ ହୁଏ ଯେତେବେଳେ ରଣଜିତ ସିଂହଙ୍କ ଭଳି ଯୋଗଜନ୍ମା ଜନ୍ମ ନିଅନ୍ତି। ବିଳାସପୂର୍ଣ୍ଣ ମୋଟରଗାଡ଼ିରେ, ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି କିମ୍ବା ହେଲିକୋପ୍ଟରରୁ ସ୍ଥିତି ପରଖିଲେ ଦାରିଦ୍ର୍ୟର ମାପଦଣ୍ଡକୁ କଳନା କରାଯାଇପାରିବ ନାହିଁ। ଯିଏ ଭୋକ କ'ଣ ଜାଣିନି ସେ କ'ଣ ଅନୁଭବ କରିବ ଭୋକିଲାର ଦୁଃଖ, କଷ୍ଟ? ବାସ୍ତବତା ଅନୁଧ୍ୟାନ କରିବାକୁ ନେତାମାନେ ମାଟିକୁ ଓହ୍ଲାଇଲେ ଭାରତ ପୁଣି ଥରେ ସୁନାର ଦେଶ ପାଲଟିବ।

## ତାପଜ ଯାନ୍ତ୍ରିକ ବିଜ୍ଞାନକୁ ସମ୍ମାନ

ତାପଜ ଯାନ୍ତ୍ରିକ ବିଜ୍ଞାନ ହେଉଛି ଉତ୍ତାପ ଶକ୍ତିର ଉତ୍ପତ୍ତି, ଗତି ଓ ଏହାର ସ୍ଥାନାନ୍ତର ବା ରୂପାନ୍ତରଣ ବିଷୟରେ କାରିଗରୀ ଜ୍ଞାନକୌଶଳ। ଶକ୍ତି ଦୁଇଟି ମାଧ୍ୟମ ଜରିଆରେ ସ୍ଥାନାନ୍ତରିତ ହୋଇପାରେ କିମ୍ବା ଅନ୍ୟାନ୍ୟ ଶକ୍ତିରେ ରୂପାନ୍ତରିତ ହୋଇପାରେ। ଜଣେ ଥର୍ମାଲ୍ ଇଞ୍ଜିନିୟର ବା ତାପଜ ଯନ୍ତ୍ରୀ ଥର୍ମୋଡାଇନାମିକ୍ସ ଏବଂ ଉତ୍ପାଦିତ ଶକ୍ତିକୁ ତାପଜ ଉତ୍ସରୁ ରାସାୟନିକ, ଯାନ୍ତ୍ରିକ କିମ୍ବା ବୈଦ୍ୟୁତିକ ଶକ୍ତିରେ ପରିଣତ କରିବାର ପ୍ରକ୍ରିୟା ବିଷୟରେ ଜ୍ଞାନ ଅର୍ଜନ କରିଥା'ନ୍ତି। ଥର୍ମାଲ୍ ଇଞ୍ଜିନିୟର ଆବଶ୍ୟକ କରୁଥିବା କିଛି ପ୍ରକ୍ରିୟା ମଧ୍ୟରେ ବ୍ୱାଏଲର, ଉତ୍ତାପ ପମ୍ପ, ୱାଟର ପମ୍ପ, ଇଞ୍ଜିନ ଭଳି ଅନେକ ଉପକରଣ ଅନ୍ତର୍ଭୁକ୍ତ। ଅନେକ ଶିଳ୍ପରେ ଥର୍ମାଲ୍ ଇଞ୍ଜିନିୟର୍ ନିୟୋଜିତ ହୁଅନ୍ତି। ସେଗୁଡ଼ିକ ମଧ୍ୟରୁ କେତେକ ହେଉଛି ମୋଟରଯାନ ନିର୍ମାଣ ଶିଳ୍ପ, ବାଣିଜ୍ୟିକ ନିର୍ମାଣ ଏବଂ ଉତ୍ତାପ ଓ ଶୀତଳୀକରଣ ଉପକରଣ ନିର୍ମାଣ ଶିଳ୍ପ। ଥର୍ମାଲ୍ ଇଞ୍ଜିନିୟର ପାଇଁ ଚାକିରି ସୁଯୋଗ ବହୁତ ବ୍ୟାପକ ଓ ଲୋଭନୀୟ। ଥର୍ମାଲ୍ ଇଞ୍ଜିନିୟରିଂ ମେକାନିକାଲ୍ ଇଞ୍ଜିନିୟର୍ ଏବଂ ରାସାୟନିକ ଇଞ୍ଜିନିୟରମାନଙ୍କ ଦ୍ୱାରା ନିପୁଣ ଭାବରେ ସମ୍ପାଦନ ହୋଇପାରେ। ଏକ ନିର୍ଦ୍ଦିଷ୍ଟ ଥର୍ମାଲ୍ ଇଞ୍ଜିନିୟରିଂ ସମସ୍ୟାର ସମାଧାନ ପାଇଁ ନିମ୍ନଲିଖିତ ଶାସ୍ତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ କିମ୍ବା ଅଧିକର ଅବଲମ୍ବନ କରାଯାଇପାରେ। ଯଥା ଥର୍ମୋଡାଇନାମିକ୍ସ, ଫ୍ଲୁଇଡ୍ ମେକାନିକ୍ସ, ହିଟ୍ ଟ୍ରାନ୍ସଫର, ମାସ୍ ଟ୍ରାନ୍ସଫର ଇତ୍ୟାଦି। ଥର୍ମାଲ୍ ଇଞ୍ଜିନିୟରିଂରେ ବାରମ୍ବାର ବ୍ୟବହୃତ ଜ୍ଞାନର ଗୋଟିଏ ଶାଖା ହେଉଛି ଥର୍ମୋଫ୍ଲୁଏଡ୍।

ଥର୍ମାଲ୍ ଇଞ୍ଜିନିୟରମାନଙ୍କ ନିଷ୍ଠାପର କାର୍ଯ୍ୟ ହେତୁ ଆଜି ଆମେ ବିଳାସପୂର୍ଣ୍ଣ ଜୀବନଯାପନ କରିପାରୁଛୁ ଏବଂ ସୁବିଧା ସୁଯୋଗ ସମ୍ଭବ ହେଇପାରୁଛି। ଏକ ସାଧାରଣ ମୋବାଇଲ୍ ଫୋନ୍ ଠାରୁ ଆରମ୍ଭ କରି ଏୟାର କଣ୍ଡିସନର, ମୋଟର କାର ଇଞ୍ଜିନ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ଆଧୁନିକ ଉପକରଣ ଉତ୍ତମ ଥର୍ମାଲ୍ ଇଞ୍ଜିନିୟରିଂରୁ ହିଁ ମିଳିଥାଏ। ଆଧୁନିକ ଜୀବନରେ ଥର୍ମାଲ୍ ଇଞ୍ଜିନିୟରମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ପାଇଁ ଜାତୀୟ ତାପଜ ଇଞ୍ଜିନିୟର ଦିବସ ପାଳନ କରାଯାଏ। ଏହି ଦିନଟି ଆମେରିକାରେ 'ଆଡଭାନ୍ସଡ ଥର୍ମାଲ୍ ସଲ୍ୟୁସନ୍ସ, ଇନ' ଦ୍ୱାରା ସ୍ଥାପିତ ହୋଇଥିଲା।

ସୁ.ନା.ପା.

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

**କାର୍ଯ୍ୟନିର୍ବାହୀ ସମ୍ପାଦକ**



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବରଦାନ ସାଜିଛି ବାଇକ୍ ଆମ୍ବୁଲାନ୍ସ

- ଭୌଗୋଳିକ ପ୍ରତିବନ୍ଧକ ମୟୂରଭଞ୍ଜରେ ଯୋଗାଉଛି ନିରବଚ୍ଛିନ୍ନ ସେବା
- ଓମ୍ବାଡସି ପାଣ୍ଠି ସହାୟତାରେ ୪ଟି ବ୍ଲକରେ ଚାଲିଛି ସେବା
- ୩ ବର୍ଷରେ ୫ ହଜାରରୁ ଊର୍ଦ୍ଧ୍ୱ ରୋଗୀ ଉପକୃତ



**ବାରିପଦା,୨୩।୭ (ସମିସ):** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବଣ ପାହାଡ଼ଘେରା ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ 'ବାଇକ୍ ଆମ୍ବୁଲାନ୍ସ' ବରଦାନ ସାବ୍ୟସ୍ତ ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଭୌଗୋଳିକ ପ୍ରତିବନ୍ଧକ ଅଞ୍ଚଳରେ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଆସୁଛି। ଲୋକଙ୍କ ଦୁଆର ମୁହଁରେ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଞ୍ଚାଇବାରେ ସଫଳ ହୋଇଛି ଏହି 'ବାଇକ୍ ଆମ୍ବୁଲାନ୍ସ'। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡସି) ସହାୟତାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲାରେ ଏହି ସେବା ଜାରି ରହିଛି। ଭୌଗୋଳିକ ପ୍ରତିବନ୍ଧକ ଥିବା ରାଇରଙ୍ଗପୁର, ଯଶିପୁର, କୁସୁମୀ ଏବଂ ବିଜାତଳା ବ୍ଲକ୍‌ରେ ଏଭଳି ୪ଟି ଆମ୍ବୁଲାନ୍ସ ଅହରହ ସେବା ଯୋଗାଉଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏହି ସେବା ପରିଚାଳିତ ହେଉଛି। ଯେଉଁଠିକୁ ଚାରି ଚକିଆ ଆମ୍ବୁଲାନ୍ସ ଯିବା ସମ୍ଭବ ନୁହେଁ, ସେହି ସ୍ଥାନରେ ରାତିଅଧରେ ମଧ୍ୟ 'ବାଇକ୍ ଆମ୍ବୁଲାନ୍ସ' ପହଞ୍ଚି ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ୨୦୨୧ରୁ 'ବାଇକ୍ ଆମ୍ବୁଲାନ୍ସ' ସେବା ଆରମ୍ଭ ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ରୋଗୀ ଏଥିରେ ଉପକୃତ ହୋଇଛନ୍ତି। ଏପରିକି ଏହି ସେବାକୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଡ଼ାଯାଇଛି। ଏଥିରେ ଜଣେ ଲେଖାଏଁ ବାଇକ୍ ଚାଳକଙ୍କୁ ନିଯୁକ୍ତ କରାଯାଇଛି। ଆଖପାଖ ଗାଁରେ କୌଣସି ଲୋକଙ୍କ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ, ସ୍ଥାନୀୟ ଆଶାକର୍ମୀ ବାଇକ୍ ଆମ୍ବୁଲାନ୍ସକୁ ଫୋନ୍ କରି ସୂଚନା ଦେଉଛନ୍ତି। ଦୁଆରମୁହଁରୁ ରୋଗୀଙ୍କୁ ନେଇ ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ପରେ ପୁଣି ଘରେ ଆଣି ଛାଡୁଛି। ବିଶେଷକରି ବଣ ପାହାଡ଼ଘେରା ଅଞ୍ଚଳର ଗର୍ଭବତୀଙ୍କ ପାଇଁ ଏହା ବରଦାନ ପାଲଟିଛି। ଖୁବ୍‌ଶୀଘ୍ର ଜିଲ୍ଲାର ଆଉ ୩ଟି ବ୍ଲକ୍ ପାଇଁ ଅନୁରୂପ ୩ଟି ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସୂଚନା ଦେଇଛନ୍ତି।

# ରେଳ ବଜେଟ: ବଡ଼ ଘୋଷଣା ନାହିଁ

**ନୂଆଦିଲ୍ଲୀ,୨୩।୭ (ସମିସ):** ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଅଭିଭାଷଣରେ ରେଳ ମନ୍ତ୍ରାଳୟ ପାଇଁ କିଛି ବଡ଼ ଘୋଷଣା କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ କେନ୍ଦ୍ର ସରକାର ପୁଞ୍ଜି ବ୍ୟୟକୁ ଅନ୍ତରୀଣ ବଜେଟ ଭଳି ରଖି ରେଳବାଇ ପାଇଁ କୌଣସି ବଡ଼ ଘୋଷଣା କରିନାହାନ୍ତି। ସରକାର ବନ୍ଦେ ଭାରତ, ବନ୍ଦେ ମେଟ୍ରୋ ଭଳି ନୂଆ ଟ୍ରେନ, ମୁମ୍ବଇ-ଅହମଦାବାଦ, ନମୋ ଭାରତ ଭଳି ଟ୍ରେନ ଘୋଷଣା କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପରି କରାଯାଇ ନାହିଁ। ୨୦୨୪-୨୫ ଅନ୍ତରୀଣ ବଜେଟରେ ରେଳବାଇ ବିଭାଗ ପାଇଁ ୨, ୫୫, ୩୯୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିଲା। ଏଥିମଧ୍ୟରୁ ୧.୦୮ ଲକ୍ଷ କୋଟି ଟଙ୍କା ରେଳବାଇର ସୁରକ୍ଷା ବ୍ୟବସ୍ଥା ପାଇଁ ବ୍ୟୟ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଗତ ସପ୍ତାହରେ କବଚ ୪.୦ ସିଷ୍ଟମକୁ ଅନୁମତି ମିଳିଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରେଳ ବଜେଟରେ ନୂଆ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ପାଇଁ ୨ ଲକ୍ଷ ୬୨ ହଜାର ୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏଥିମଧ୍ୟରୁ ୧.୦୮ ଲକ୍ଷ କୋଟି ଟଙ୍କା ରେଳ ସୁରକ୍ଷା ପାଇଁ ଆବଣ୍ଟନ ହୋଇଛି। ପୁରୁଣା ଟ୍ରାକ ପରିବର୍ତ୍ତନ, ସିଗ୍‌ନାଲ ବ୍ୟବସ୍ଥାର ଉନ୍ନତି, କବଚ ଆଦି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଛି।

# ଉତ୍ତର ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କଫୋର୍ସ ଗଠିତ

**ଭୁବନେଶ୍ୱର,୨୩।୭ (ସମିସ):** ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଟାସ୍କ ଫୋର୍ସର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏହି ଟାସ୍କ ଫୋର୍ସରେ ରହିଥିବା ୮ ଜଣ ସଦସ୍ୟ ଅଛନ୍ତି। ସେମାନେ ହେଲେ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସରକାରୀ ଦଳ ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଏବଂ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ।

## ଅବଶିଷ୍ଟାଂଶ...

### ଓଡ଼ିଶାକୁ 'ଡବଲ୍ ଇଞ୍ଜିନ'...

ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଶଂସା କରିଛନ୍ତି ସତ; ମାତ୍ର ଆର୍ଥିକ ଅନୁଦାନ ପ୍ରଦାନ ବେଳକୁ ହାତ ଝାଡି ଦେଇଛନ୍ତି। ବିଡ଼ମ୍ବନା ହେଉଛି ଓଡ଼ିଶା ପରି ଆନ୍ଧ୍ରପ୍ରଦେଶ ଓ ବିହାର ମଧ୍ୟ ସ୍ୱତନ୍ତ୍ର ପାହ୍ୟା ଦାବି କରି ଆସୁଛନ୍ତି। ଟିଡ଼ିପିର ୧୬ ସାଂସଦଙ୍କୁ ମିଶାଇ ଏନ୍‌ଡ଼ିଏର ମୋଟ ୨୧ ଜଣ ଆନ୍ଧ୍ରରୁ ସଂସଦକୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ବିହାରରେ ବିଜେପି ଓ ଏହାର ସହଯୋଗୀମାନେ ମୋଟ ୨୯ଟି ଆସନରେ ବିଜୟୀ ହୋଇଛନ୍ତି ଏବଂ ଏହାମଧ୍ୟରୁ ଜେଡିୟୁକୁ ମାତ୍ର ୧୨ଟି ଆସନ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶାରୁ ୨୧ ଆସନରୁ ବିଜେପି ଏକାକୀ ୨୦ଟି ସ୍ଥାନରେ ବିଜୟୀ ହୋଇଛି। ଏହା ସତ୍ତ୍ୱେ ଆନ୍ଧ୍ର ଓ ବିହାର ଉପରେ ଅନୁଦାନ ବର୍ଷା ହୋଇଥିବାବେଳେ ଓଡ଼ିଶା ସମ୍ପୂର୍ଣ୍ଣ ଉପେକ୍ଷିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏହି ଘୋଷଣା ପରେ ଡବଲ୍ ଇଞ୍ଜିନ ସ୍ଲୋଗାନ ଦେଇ କ୍ଷମତାସୀନ ହୋଇଥିବା ରାଜ୍ୟ ବିଜେପି ସରକାର ଓ ଦିଲ୍ଲୀରେ ପ୍ରତିନିଧିତ୍ୱ କରୁଥିବା ୨୦ ବିଜେପି ସାଂସଦଙ୍କ ଭୂମିକା ଉପରେ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶା ନିରନ୍ତର ଭାବରେ କେନ୍ଦ୍ରୀୟ ଅବହେଳା ଶିକାର ହୋଇ ଆସୁଛି। ଗତ ୨୪ ବର୍ଷ ହେଲା ବିଜେଡି ସରକାର ଏହା ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ମାତ୍ର ରାଜ୍ୟରେ ଡ଼ବଲ ଇଞ୍ଜିନ୍ ସରକାର ଗଠନ ପରେ ମୋଦୀ ସରକାରଙ୍କ ତୃତୀୟ ପାଳିର ଏହି ପ୍ରଥମ ବଜେଟରୁ ଓଡ଼ିଶା ଅନେକ କିଛି ଆଶା ରଖିଥିଲେ। ବଜେଟ୍ ପୂର୍ବରୁ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ସହ ଅଧ ଡ଼ଜନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ଦାବି କରିଥିଲେ। ଏମ୍ସଠାରୁ ଆରମ୍ଭ କରି ରାଜପଥ, ରେଳପଥ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ଦୃଷ୍ଟିରୁ ବଜେଟରେ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜର ଆଶା ରଖାଯାଉଥିଲା। ମାତ୍ର ଏହାମଧ୍ୟରୁ କୌଣସି ଦାବିକୁ କେନ୍ଦ୍ର ସରକାର ଗ୍ରହଣ କରି ନ ଥିବା ଆପାତତଃ ସ୍ପଷ୍ଟ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ୍ ଉପସ୍ଥାପନ ପରେ ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଆନ୍ଧ୍ର ଓ ବିହାରର ବିକାଶ ପାଇଁ ମୋଦୀ ସରକାର ଟଙ୍କା ବର୍ଷା କରିଥିବାବେଳେ ପର୍ଯ୍ୟଟନ ବିକାଶ ନାଁରେ ଓଡ଼ିଶାକୁ କେବଳ ଲଲିପପ୍ ଧରାଇଛନ୍ତି। ଓଡ଼ିଶାର ଦେବସ୍ଥଳୀ, ବନ୍ୟପ୍ରାଣୀ ଅଭୟାରଣ୍ୟ, ବେଳାଭୂମିର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦିଆଯିବ ବୋଲି ଅର୍ଥମନ୍ତ୍ରୀ ବଜେଟ୍ ଅଭିଭାଷଣ ସମୟରେ ଘୋଷଣା କରିଛନ୍ତି।

### ମଧ୍ୟବିତ୍ତ ଶ୍ରେଣୀକୁ...

ସ୍କିମର ଘୋଷଣା କରିଛନ୍ତି। ଏହା ଦ୍ୱାରା ଦେଶରେ କୋଟି କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରଥମ ଥର ପାଇଁ ଚାକିରି କରିଥିବା ଯୁବ ବର୍ଗଙ୍କୁ ସରକାର ପ୍ରଥମ ଦରମା ପ୍ରଦାନ କରିବେ। ଏହା ଦ୍ୱାରା ଗାଁର ଗରିବ ଘରର ପିଲାମାନେ ପ୍ରମୁଖ କମ୍ପାନୀରେ କାମ କରିବେ। ଏହି ବଜେଟ ପ୍ରତିରକ୍ଷା କ୍ଷେତ୍ରକୁ ଆତ୍ମନିର୍ଭର କରିବା ପାଇଁ ଅନେକ ପ୍ରୟାସ କରାଯାଇଛି। କୃଷି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବାର ସମୟ ଆସିଯାଇଛି। ଏଥିପାଇଁ ଡାଲିଜାତୀୟ ଏବଂ ତୈଳବୀଜ ଫସଲର ଉତ୍ପାଦନ ବଢ଼ାଇବା ପାଇଁ ଚାଷୀଙ୍କୁ ଇନ୍‌ସେନ୍‌ଟିଭ (ପ୍ରୋତ୍ସାହନ ରାଶି) ଦେବାକୁ ଘୋଷଣା କରାଯାଇଛି। ଗରିବୀ ଶେଷ ହେଉ, ଗରିବଙ୍କୁ ସଶକ୍ତିକରଣ କରିବା ଦିଗରେ ବଜେଟରେ ଅନେକ ଘୋଷଣା କରାଯାଇଛି। ୩ କୋଟି ନୂଆ ଘର ନିର୍ମାଣ କରିବାକୁ ଧାର୍ଯ୍ୟ କରାଯାଇଛି। ବଜେଟ ନୂଆ ସୁଯୋଗ ନୂଆ ଶକ୍ତି ନେଇ ଆସିଛି। ଦେଶ ପାଇଁ ନୂଆ ନିଯୁକ୍ତି-ସ୍ୱାବଲମ୍ବୀ ହେବାର ସୁଯୋଗ ଆଣି ଆସିଛି।

### ବିକାଶ ଅଭିମୁଖୀ...

କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟୟ ବରାଦ ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଜନସାଧାରଣ ବିଶେଷ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଜନଜାତି ସମ୍ପ୍ରଦାୟର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ, କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ନାମରେ ଏକ ନୂତନ ଯୋଜନା ଘୋଷଣା କରିଛନ୍ତି। ଏହା ୫ କୋଟି ଆଦିବାସୀଙ୍କୁ ଉପକୃତ କରୁଥିବା ୬୩,୦୦୦ ଗାଁକୁ ଅନ୍ତର୍ଭୁକ୍ତ କରିବ। ଏହାଦ୍ୱାରା ଓଡ଼ିଶାର ଜନଜାତି ଭାଇ ଓ ଭଉଣୀମାନେ ବିଶେଷଭାବେ ଉପକୃତ ହେବେ। ଆଗାମୀ ୫ ବର୍ଷ ମଧ୍ୟରେ ୪ କୋଟି ୧୦ ଲକ୍ଷ ଯୁବକ ଯୁବତୀ ମାନଙ୍କ ପାଇଁ ଦକ୍ଷତା ବିକାଶ ଏବଂ ଅନ୍ୟାନ୍ୟ ସୁଯୋଗ ସୃଷ୍ଟି ପାଇଁ ୨ ଲକ୍ଷ କୋଟିର ଖର୍ଚ୍ଚ ପାଇଁ ଯୋଜନା କରାଯାଇଛି। ଏହାଦ୍ୱାରା ଓଡ଼ିଶାର ଯୁବବର୍ଗ ବିଶେଷ ଭାବରେ ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟମାନଙ୍କୁ ପୁଞ୍ଜି ଖର୍ଚ୍ଚ ପାଇଁ ସହାୟତା ରାଶିକୁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଓଡ଼ିଶାକୁ ପ୍ରାୟ ୧ ହଜାର କୋଟି ଟଙ୍କାର ଅତିରିକ୍ତ ସହାୟତା ମିଳିବ। ଏହା ପ୍ରାକ୍ ବଜେଟ ଆଲୋଚନାରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କ ପାଖରେ ଦାବି ଥିଲା। ଏହି ଦାବି ଗ୍ରହଣ କରିଥିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି। ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ କେନ୍ଦ୍ର ସରକାର ବଜେଟରେ ସ୍ୱତନ୍ତ୍ର ସହାୟତା ଘୋଷଣା କରିଥିବାରୁ ଆମେ କୃତଜ୍ଞ। ସ୍ୱତନ୍ତ୍ର ପୂର୍ବୋଦୟ ଯୋଜନାରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହା ପୁଞ୍ଜି ନିବେଶ ଓ ଶିଳ୍ପ ବିକାଶରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଓଡ଼ିଶା ଉପେକ୍ଷିତ...

କହିଛନ୍ତି ଯେ ଅତୀତରେ ନିର୍ବାଚନୀ ଇସ୍ତାହାରରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବ ବୋଲି ବିଜେପି ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା; କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ। ମାତ୍ର ସ୍ୱତନ୍ତ୍ର ଅନୁଦାନ ନାମରେ ବିହାର ଓ ଆନ୍ଧ୍ର ପ୍ରଦେଶ ପାଇଁ ଭଣ୍ଡାର ଖୋଲି ଦେଲେ। କୋଇଲା ରାଜଭାଗ ସଂଶୋଧନ ପାଇଁ ଓଡିଶା ଦୀର୍ଘ ବର୍ଷ ହେଲା ଦାବି କରୁଥିଲେ ସୁଦ୍ଧା ତାହାକୁ ଅଣଦେଖା କରାଯାଉଛି। ପରିଣାମ ସ୍ୱରୂପ ଓଡିଶା ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇ ଚାଲିଛି। ଗତ ୧୦ ବର୍ଷ ହେଲା ଏନ୍‌ଡିଏ ସରକାର କେନ୍ଦ୍ରରେ କ୍ଷମତାସୀନ ଅଛନ୍ତି ଏବଂ ପ୍ରତିବର୍ଷ ବଜେଟରେ ଓଡିଶା ସମେତ ପୂର୍ବ ଭାରତକୁ ଗୁରୁତ୍ୱ ଦିଆଯାଉଛି ବୋଲି କୁହାଯାଏ। କିନ୍ତୁ ଏହି ଦଶନ୍ଧି ମଧ୍ୟରେ ଓଡିଶା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ବଜେଟ ଅଭିଭାଷଣର କିଛି ବି ବାସ୍ତବରେ ପ୍ରତିଫଳିତ ହେଉ ନାହିଁ। ଦେଶର ବିକାଶ ପାଇଁ ଓଡିଶାର ଅନେକ ଅବଦାନ ରହିଥିବା ବେଳେ ଆମକୁ କ୍ରମାଗତ ଅବହେଳା ଓଡିଶାବାସୀ ଏବଂ ମୋତେ ନିରାଶ କରିଛି ବୋଲି ବିରୋଧୀ ଦଳ ନେତା କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ସମୟରେ କୃଷି, ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ ଭଳି ବିଭିନ୍ନ କ୍ଷେତ୍ର ପାଇଁ ବିଜେପି ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଚଳିତ ବଜେଟରେ ତାହା ପ୍ରତିଫଳିତ ହେଲା ନାହିଁ। ଏହା ଓଡିଶା ଏବଂ ଓଡିଶାବାସୀଙ୍କ ପାଇଁ ପ୍ରତାରଣା ଛଡ଼ା ଆଉ କିଛି ନୁହେଁ। ଆମେ ସମସ୍ତେ ଜାଣିଛୁ ସବୁ ବର୍ଷ ଓଡିଶା ବନ୍ୟା ବାତ୍ୟା ଭଳି ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛି। ବିପର୍ଯ୍ୟୟ ପରିଚାଳନା ପାଇଁ ସ୍ୱତନ୍ତ୍ର ଅନୁଦାନ ଦାବି କରିଆସୁଛୁ। ଓଡିଶାକୁ କିଛି ନାହିଁ। ହେଲେ ଅନ୍ୟ ରାଜ୍ୟର ସମାନ ଦାବି ଉପରେ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନେଇ ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର କରି ଦେଉଛନ୍ତି। କୋଇଲା ରୟାଲ୍ଟି ହେଉ ଅବା ସ୍ୱତନ୍ତ୍ର ଅନୁଦାନ, ଉଭୟ କ୍ଷେତ୍ରରେ ଏନ୍‌ଡିଏ ସରକାର ଦ୍ୱାରା ଓଡିଶା ଉପେକ୍ଷିତ ହେବା ସାର ହେଉଛି। ଆଜି ଜନସାଧାରଣ ଯଦି ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି ତାହା ହେଉଛି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏବଂ ବେରୋଜଗାରୀ। କିନ୍ତୁ ପରିତାପର ବିଷୟ ଏହି ଦୁଇ ସମସ୍ୟାର ସମାଧାନ ପାଇଁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, ପୋଲାଭରମ୍ ମାମଲାରେ ଆମେ ନ୍ୟାୟ ପାଇଁ ଲଢ଼େଇ କରୁଛୁ। କିନ୍ତୁ ଏହି ପ୍ରକଳ୍ପକୁ ନେଇ ଓଡିଶାର ନାର୍ଯ୍ୟ ଯୁକ୍ତି ଶୁଣିବା ପରିବର୍ତ୍ତେ ପ୍ରକଳ୍ପ କିପରି ଶେଷ ହେବ ସେଥିପାଇଁ ଅଧିକରୁ ଅଧିକ ପାଣ୍ଠି ଯୋଗାଇ ଦେଇ କେନ୍ଦ୍ର ସରକାର ଓଡିଶାର କଟା ଘାରେ ଚୂନ ମାରିଛନ୍ତି। ଓଡିଶା ପ୍ରତି ଏନ୍‌ଡିଏ ସରକାରର ଏହା ଆଉ ଏକ ବଡ଼ ପ୍ରତାରଣା ବୋଲି କହିଛନ୍ତି। ଅପରପକ୍ଷେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ଗୁରୁତ୍ୱକୁ ଶ୍ରୀ ପଟ୍ଟନାୟକ ସ୍ୱାଗତ କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ପର୍ଯ୍ୟାପ୍ତ ଅନୁଦାନ ମିଳିବ ବୋଲି ଶ୍ରୀ ପଟ୍ଟନାୟକ ଆଶାପୋଷଣ କରିବା ସହ ବିସ୍ତୃତ ବଜେଟକୁ ଅପେକ୍ଷା ବୋଲି କହିଛନ୍ତି।

### ଗୃହ ଅଚଳ...

ରଘୁବର ଦାସଙ୍କ ପୁଅ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ନଛୋଡ଼ବନ୍ଧା ଥିବାବେଳେ ପ୍ରସଙ୍ଗରେ ଗୃହ ବାହାରେ ବିବୃତି ଦେଇ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବି କରିଛି ବିରୋଧୀ ବିଜେଡ଼ି

ଆଜି ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଜ ଆସନରେ ଛିଡ଼ା ହୋଇ ପ୍ରସଙ୍ଗକୁ ଉତ୍ଥାପନ କରିଥିଲେ। ମାତ୍ର ଏହି ସମୟରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ତାରକା ପ୍ରଶ୍ନର ଉତ୍ତର ଜାରି ରଖିଥିବା ବେଳେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଚାଲି ଆସିଥିଲେ। ରାଜ୍ୟପାଳଙ୍କ ପୁଅଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ବିଧାୟକମାନେ ପ୍ରବଳ ଦାବି କରିବାରୁ ସଙ୍ଗେ ସଙ୍ଗେ ବାଚସ୍ପତି ଗୃହକୁ ୧୦ଟା ୩୧ରୁ ୧୧ଟା ୩୦ ଯାଏଁ ମୁଲତବୀ ଘୋଷଣା କରିଥିଲେ। ପରେ ୧୧ଟା ୩୦ ବେଳେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପ୍ରତିବାଦ ଆହୁରି ତୀବ୍ରତର ହୋଇଥିଲା। ଉଭୟ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗରେ ପ୍ରବଳ ନାରାବାଜି କରିଥିଲେ। ରାଜ୍ୟପାଳଙ୍କ ପୁଅ ଗୁଣ୍ଡାଗିରି ଚଳିବ ନାହିଁ, ଓଡ଼ିଆ ପୁଅକୁ ସୁରକ୍ଷା ଦେବା ଆମର ଦାବି, ଓଡ଼ିଆଙ୍କୁ ଅସମ୍ମାନ ଚଳିବ ନାହିଁ ଆଦି ନାରାରେ ଗୃହକୁ କମ୍ପାଇଥିଲେ ବିରୋଧୀ ବିଧାୟକ। ବାଚସ୍ପତି ନିଜ ନିଜ ଆସନକୁ ଫେରିଯିବାକୁ ବିରୋଧୀ ଦଳର ବିଧାୟକଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ହେଁ ସେମାନେ ଶୁଣିନଥିଲେ। ଫଳରେ ବାଚସ୍ପତି ବାଧ ହୋଇ ଗୃହକୁ ୧୧ଟା ୩୬ରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ସମାନ ପରିସ୍ଥିତି ଲାଗି ରହିଥିବା ବେଳେ ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ପ୍ରଥମାର୍ଦ୍ଧ ପରି ବିଜେଡି ଓ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି ଆରମ୍ଭ କରି ଦେଇଥିଲେ। ବିଶେଷକରି ବିଜେଡିର ବିଧାୟକମାନେ ଗୃହର ମଧ୍ୟଭାଗରେ ପ୍ରବଳ ନାରାବାଜି କରିବା ସହ ଗୃହକାର୍ଯ୍ୟକୁ ଏକପ୍ରକାର ଠପ୍ କରି ଦେଇଥିଲେ। ଏପରିକି ବିଜେଡି ବିଧାୟକ ଧ୍ରୁବଚରଣ ସାହୁ ବାଚସ୍ପତିଙ୍କ ପୋଡିୟମକୁ ଚଢ଼ି ମାଇକ୍ ଟାଣି ଆଣିବାକୁ ଚେଷ୍ଟା କରୁଥିବା ବେଳେ ମାଇକ୍ ଛିଡି ଯାଇଥିଲା। ରାଜ୍ୟପାଳଙ୍କ ପୁଅ ବିରୋଧରେ ତାତ୍କାଳିକ କାର୍ଯ୍ୟାନୁଷ୍ଠାନ ଦାବିରେ ବିରୋଧୀ ନଛୋଡ଼ବନ୍ଧା ଥିବାବେଳେ ବାଚସ୍ପତି ଆସନ୍ତାକାଲି ୧୦ଟା ୩୦ ମିନିଟ ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଅପରପକ୍ଷେ ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଘଟଣା ୭ ତାରିଖରୁ ଘଟିଲାଣି, ମାତ୍ର ପୀଡ଼ିତ ଏଏସଓଙ୍କୁ ନ୍ୟାୟ ମିଳିପାରିଲା ନାହିଁ। ପୀଡ଼ିତଙ୍କୁ ଡାକନ୍ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଘଟମା ସମ୍ପର୍କରେ ଆଲୋଚନା କଲେ। ମାତ୍ର କଣ ଆଲୋଚନା କଲେ, ତାହା ଲୋକଲୋଚନକୁ ଆସିଲା ନାହିଁ କିମ୍ବା ନ୍ୟାୟ ମିଳିଲା ନାହିଁ। ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିବା ସରକାରରେ କିପରି ଓଡ଼ିଆଙ୍କୁ ସମ୍ମାନ ମିଳୁଛି, ତାହା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ। ରାଜ୍ୟରେ ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦିଆଯିବ ତାହା ସରକାରଙ୍କ ପ୍ରଥମ ଦିନର କାର୍ଯ୍ୟକଳାପରୁ ଜଣାପଡ଼ିଛି। ଅପରପକ୍ଷେ ଘଟଣାରେ ଆଇନମନ୍ତ୍ରୀ କହିଛନ୍ତି ଯେ ଘଟଣାରେ ଜିଲ୍ଲାପାଳ ତଦନ୍ତ କରିବେ। କେଉଁଠି ଫୌଜଦାରୀ ମାମଲାରେ ଜିଲ୍ଲାପାଳ ତଦନ୍ତ କରନ୍ତି କି ବୋଲି ପ୍ରମିଳା ପ୍ରଶ୍ନ କରିଛନ୍ତି। ତେଣୁ ଆମର ଦାବି ମୁଖ୍ୟମନ୍ତ୍ରୀ ଘଟଣା ସମ୍ପର୍କରେ ଗୃହରେ ବିବୃତି ରଖନ୍ତୁ। ଏଏସଓଙ୍କୁ କଣ ନ୍ୟାୟ ଦେଇଛନ୍ତି ଏବଂ ଓଡ଼ିଆ ଅସ୍ମିତାକୁ କିଭଳି ସୁରକ୍ଷା ଦେଇଛନ୍ତି ସେନେଇ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ ବୋଲି ପ୍ରମିଳା ଦାବି କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ଏ ସରକାର ଓଡ଼ିଆ ଅସ୍ମିତା କଥା କହି କ୍ଷମତାକୁ ଆସିଥିଲେ। ମାତ୍ର ଓଡ଼ିଆ ପୁଅକୁ ମାଡ଼ ମରାଯାଇଥିବା ବେଳେ ସରକାର ଦୋଷୀକୁ ଘଣ୍ଟ ଘୋଡ଼ାଉଛନ୍ତି। ଆମେ ଚାହୁଁଛୁ ତୁରନ୍ତ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଉ।

### ଓଡ଼ିଶା ବିପର୍ଯ୍ୟୟ...

ଓଡ଼ିଶା ୫୬୧୧୮ କୋଟି ଟଙ୍କା। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ଦେବାରେ କେବଳ କାର୍ପଣ୍ୟ ପ୍ରଦର୍ଶନ କରିନାହାନ୍ତି, ନାମମାତ୍ର ସହାୟତା ଦେଇ ଓଡ଼ିଶାକୁ ଉପହସିତ କରିଛନ୍ତି। ୫୬୧୧୮ କୋଟି ଟଙ୍କାର କ୍ଷତି ପୂରଣ ଦାବିର ପ୍ରତିବଦଳରେ ଓଡ଼ିଶାକୁ ମିଳିଛି ମାତ୍ର ୭୫୬୮ କୋଟି ଟଙ୍କା ସହାୟତା।

୨୦୧୯ ମସିହାରେ ମେ' ୩ରେ ବାତ୍ୟା ଫନୀ ଉପକୂଳ ଓଡ଼ିଶାର ବହୁତ କ୍ଷତି କରିଥିଲା। ଏହି ବିପର୍ଯ୍ୟୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ସ୍ଥିତି ସମୀକ୍ଷା କରିଥିଲେ। ସଫଳ ବାତ୍ୟା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସେ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି ଉଠାଇଥିଲେ। ଏହା ସହ ବାତ୍ୟା ନିରୋଧୀ ଭିତ୍ତିଭୂମି ପାଇଁ ୧୦ ହଜାର କୋଟି ଟଙ୍କାର ସହାୟତା ମାଗିଥିଲେ। ଓଡ଼ିଶାକୁ 'ଫୋକସ ରାଜ୍ୟ'ର ମାନ୍ୟତା ଦେବାକୁ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ନୀତି ଆୟୋଗ ବୈଠକ, ପୂର୍ବାଞ୍ଚଳ ଜୋନାଲ କମିଟି ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହା ଉପରେ ଗୁରୁତ୍ୱ ଦେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସରକାର ଏ ସମ୍ପର୍କରେ ଆଦୌ ଗୁରୁତ୍ୱ ଦେଇ ନାହାନ୍ତି। ଇତିମଧ୍ୟରେ ରାଜ୍ୟରେ ସରକାର ବଦଳିଛି। ବିଜେଡି ପରିବର୍ତ୍ତେ ବିଜେପିର ଡ଼ବଲ ଇଞ୍ଜିନ ଓଡ଼ିଶାରେ ଚାଲିଛି। ଓଡ଼ିଶାରୁ ୨୦ଜଣ ସାଂସଦ ବିଜେପିର ରହିଛନ୍ତି। ତଥାପି ଓଡ଼ିଶା ପ୍ରତି କେନ୍ଦ୍ର ଦୃଷ୍ଟି ଦେଲେ ନାହିଁ।

ଗତ ୧୦୦ ବର୍ଷ ମଧ୍ୟରେ ରାଜ୍ୟ ୧୩୬ଟି ସାମୁଦ୍ରିକ ଝଡ଼ର ସମ୍ମୁଖୀନ ହୋଇଛି। ଗତ ୨୦୧୯ଠାରୁ ଚଳିତ ବର୍ଷ ପର୍ଯ୍ୟନ୍ତ ଗତ ୩ ବର୍ଷରେ ୩ଟି ଅତିଭୀଷଣ ଓ ଭୀଷଣ ସାମୁଦ୍ରିକ ଝଡ଼ 'ଫନୀ', 'ଅମ୍ଫନ' ଓ 'ୟସ'କୁ ସାମ୍ନା କରିଛି ରାଜ୍ୟ। ଏହି ବାତ୍ୟା ଯୋଗୁଁ ଭିତ୍ତିଭୂମିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବିପୁଳ କ୍ଷତି ଘଟିଛି। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ବିପର୍ଯ୍ୟୟପ୍ରବଣ ଘୋଷଣା କରାଯିବାର ଯଥାର୍ଥତା ସୃଷ୍ଟି ହୋଇଛି।

### ଆସ୍ଥା ହରାଇଲେ...

ସୂଚନାଯୋଗ୍ୟ, ସ୍ମିତାରାଣୀ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ପୌରାଧ୍ୟକ୍ଷା ହୋଇଥିଲେ। ତେବେ କାଉନ୍‌ସିଲରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସକ୍ଷମ ହୋଇ ନ ଥିଲା ବିଜେପି। ସମୁଦାୟ ୧୩ଟି ୱାର୍ଡ ମଧ୍ୟରୁ ୭ଟିରେ ବିଜେଡି କାଉନ୍‌ସିଲର ବିଜୟ ହାସଲ କରିଥିବା ବେଳେ ବିଜେପିର ୪ଜଣ ଜିତିଥିଲେ। ଦୁଇଟି ୱାର୍ଡ ଯାଇଥିଲା ସ୍ୱାଧୀନ ପ୍ରାର୍ଥୀଙ୍କ ଭାଗକୁ। ପରେ ସେମାନେ ବିଜେଡିରେ ସାମିଲ ହୋଇଥିଲେ। ପ୍ରଥମରୁ ହିଁ ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ନେଇ କାଉନ୍‌ସିଲରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏପରିକି କାଉନ୍‌ସିଲ ବୈଠକରେ ବହୁବାର ପାଟିତୁଣ୍ଡ ହୋଇଥିଲା। ପୌରାଧ୍ୟକ୍ଷାଙ୍କ ବିରୋଧରେ ମେଳି ବାନ୍ଧିଥିଲେ ସଂଖ୍ୟାଧିକ କାଉନ୍‌ସିଲର। ଏପରିକି ବିଜେପି କାଉନ୍‌ସିଲର ମଧ୍ୟ ଏଥିରେ ସାମିଲ ହୋଇଥିଲେ।

ପୌର ଆଇନ ମୁତାବକ, ନିର୍ବାଚନର ଦୁଇବର୍ଷ ପୂର୍ତ୍ତି ହେବା ସଙ୍ଗେସଙ୍ଗେ ଗତ ଏପ୍ରିଲ ୧୦ ତାରିଖରେ ବିଜେଡିର ୭, ବିଜେପିର ଦୁଇ ଓ ଦୁଇ ସ୍ୱାଧୀନ କାଉନସିଲରଙ୍କୁ ମିଶାଇ ସମୁଦାୟ ୧୧ ଜଣ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣିଥିଲେ। ଏପ୍ରିଲ ୨୭ ତାରିଖରେ ଏ ନେଇ ବୈଠକ ପାଇଁ ନୋଟିସ କରିଥିଲେ ଜିଲ୍ଲାପାଳ। କିନ୍ତୁ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅଧ୍ୟକ୍ଷା। ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ବୈଠକକୁ ବାତିଲ କରିବା ସହିତ ପୁନଃ ବୈଠକ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଦ୍ୱିତୀୟ ଥର ପାଇଁ ଜୁଲାଇ ୧୯ ତାରିଖ ଧାର୍ଯ୍ୟ କରିଥିଲେ ଜିଲ୍ଲାପାଳ। ପୌରାଧ୍ୟକ୍ଷା ପୁଣିଥରେ ଉଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦାଲତ ତାଙ୍କ ଆବେଦନ ଅଗ୍ରାହ୍ୟ କରିଥିଲେ। ତେଣୁ ଅନାସ୍ଥା ବୈଠକ ନିଶ୍ଚିତ ହୋଇଯାଇଥିଲା। ୧୯ ତାରିଖରେ ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ଅସୁସ୍ଥତାବଶତଃ ଛୁଟିରେ ରହିବାରୁ ବୈଠକ ପୁଣି ବାତିଲ ହୋଇ ୨୩ ତାରିଖକୁ ଘୁଞ୍ଚିଥିଲା। ଆଜି ନିଷ୍ପତ୍ତି ପ୍ରକାରେ ସକାଳ ୧୦ ଟାରେ ଆରମ୍ଭ ହୋଇଥିଲା ବୈଠକ। ବୈଠକରେ ୧୧ ବିଦ୍ରୋହୀ କାଉନ୍‌ସିଲର ଉପସ୍ଥିତ ଥିବା ବେଳେ ପୌରାଧ୍ୟକ୍ଷାଙ୍କ ସହ ଦୁଇ ବିଜେପି କାଉନସିଲର ଅନୁପସ୍ଥିତ ରହିଥିଲେ। ଆଲୋଚନା ପରେ ଅନାସ୍ଥା ଉପରେ ମତଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ପରାଜିତ ହୋଇଥିଲେ ଅଧ୍ୟକ୍ଷା। ଏପରିକି, ନିଜ ଦଳର କାଉନ୍‌ସିଲରଙ୍କ ସମର୍ଥନ ମଧ୍ୟ ତାଙ୍କୁ ମିଳିପାରି ନଥିଲା। ନିର୍ବାଚନ ଅଧିକାରୀ ଭାବେ ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହନ୍ତ ବୈଠକ ପରିଚାଳନା କରିଥିବା ବେଳେ ପୌରନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ଉପସ୍ଥିତ ଥିଲେ। ଦୀର୍ଘ ତିନି ମାସରୁ ଅଧିକ ସମୟ ଧରି ଚାଲିଥିବା ଛକାପଞ୍ଝାର ଆଜି ଅନ୍ତ ଘଟିଛି। ଅନାସ୍ଥାରେ ପୌରାଧ୍ୟକ୍ଷାଙ୍କ ପରାଜୟ ପରେ ବାଣ ଫୁଟାଇ ଖୁସି ମନାଇଥିଲେ ବିଜେଡି କାଉନସିଲର ଓ କର୍ମୀ।

### ସାନି ପରୀକ୍ଷାକୁ...

ମାର୍କ ମିଳିବ କିନ୍ତୁ ଭୁଲ ଉତ୍ତର ପାଇଁ ମାର୍କ କଟିବ ନାହିଁ। ନିଟି ୟୁଜି ଫଳାଫଳରେ କିଛି ବୈଷମ୍ୟ ନଥିବା ଓ ପୂର୍ବ ବର୍ଷମାନଙ୍କ ଭଳି ଏଥର ମଧ୍ୟ ଫଳରେ କିଛି ତାରତମ୍ୟ ନଥିବା ପରିଲକ୍ଷିତ ହୋଇଛି, ହଜାରିବାଗ କିମ୍ବା ପାଟନାରେ ମଧ୍ୟ ପରୀକ୍ଷା ଫଳରେ କିଛି ଅସାଧାରଣ ପାର୍ଥକ୍ୟ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯାହା କହିଛନ୍ତି, ଖଣ୍ଡପୀଠ ତାହା ଗ୍ରହଣ କରିଛନ୍ତି। ନିଟ୍ ୟୁଜି ପରୀକ୍ଷା ବିଭ୍ରାଟ ନେଇ ସୁପ୍ରିମକୋର୍ଟ ଖଣ୍ଡପୀଠ ଗତକାଲି କହିଥଲେ ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରରେ କେତେକ ଅସ୍ପଷ୍ଟ ପ୍ରଶ୍ନ ଥିବାରୁ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବାକୁ ପଡ଼ିଥିଲା, ତେଣୁ ୪୪ ପରୀକ୍ଷାର୍ଥୀ ଫୁଲ୍ ମାର୍କ ୭୨୦ ପାଇବାକୁ ସକ୍ଷମ ହୋଇଥିଲେ। ସୁପ୍ରିମକୋର୍ଟ ଖଣ୍ଡପୀଠ ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକଙ୍କୁ ଅନୁରୋଧ କରିକରିଥଲେ ଯେ ଏକ ୩ଜଣିଆ ଫିଜିକ୍ସ ବିଶେଷଜ୍ଞ କମିଟି ଗଢ଼ାଯାଉ ଓ କମିଟି ପ୍ରତ୍ୟେକ ଫିଜିକ୍ସ ପ୍ରଶ୍ନର ଗୋଟିଏ ସଠିକ୍ ଉତ୍ତର ଦେଉ। ଆସନ୍ତା କାଲି ଦିନ ୧୨ଟା ପୂର୍ବରୁ କମିଟି ତା'ର ରିପୋର୍ଟ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ ଖଣ୍ଡପୀଠ ସମୟ ଦେଇଥଲେ। ଆଜି ଆଇଆଇଟି ଦିଲ୍ଲୀ କର୍ତ୍ତପକ୍ଷ ସଠିକ୍ ଉତ୍ତର ଅଦାଲତଙ୍କୁ ଦେଇଥିଲେ। ପୁନର୍ବାର ପରୀକ୍ଷା କରାଯିବା ସମ୍ପର୍କରେ ଆବେଦନକାରୀଙ୍କ ପକ୍ଷରୁ ଖଣ୍ଡପୀଠଙ୍କୁ କୁହାଯାଇଥିଲା, ଯଦି ସମସ୍ତ(ପ୍ରାୟ ୨୪ଲକ୍ଷ) ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଇବାରେ ସମସ୍ୟା ରହୁଛି ତେବେ କୃତକାର୍ଯ୍ୟ ହୋଇଥିବା ପ୍ରାୟ ୧୩ ଲକ୍ଷ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଯାଉ।

### ଦିଶାହୀନ...

ଏବଂ ମଧ୍ୟବିତ୍ତଙ୍କୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ୫ ବର୍ଷରେ ଦେଶର ୪.୧ କୋଟି ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି, ଦକ୍ଷତା ଏବଂ ଅନ୍ୟାନ୍ୟ ସୁଯୋଗ ପାଇଁ ୫ଟି ଯୋଜନା ଏବଂ ପଦକ୍ଷେପକୁ ନେଇ ପ୍ରଧାନମନ୍ତ୍ରୀ ପ୍ୟାକେଜ୍ ଆଣିଛନ୍ତି, ଯାହାକୁ ଆଜି ବଜେଟ ଆଗତ ସମୟରେ ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଛଡା ଏକ ବିକଶିତ ଭାରତ ଗଠନ ପାଇଁ ୯ଟି ବଜେଟ ପ୍ରାଥମିକତାକୁ ଆଗରେ ରଖିଛନ୍ତି। ଏଥିରେ କୃଷି କ୍ଷେତ୍ରରେ ଉତ୍ପାଦକତା ସ୍ଥିରତା, ନିଯୁକ୍ତି ଏବଂ ଦକ୍ଷତା, ସମାବେଶୀ ସମ୍ବଳ ବିକାଶ ଏବଂ ସାମାଜିକ ନ୍ୟାୟ, ଉତ୍ପାଦନ ଓ ସେବା, ନଗର ଉନ୍ନୟନ, ଶକ୍ତି ନିରାପତ୍ତା, ଭିତ୍ତିଭୂମି, ଉଦ୍ଭାବନା, ଗବେଷଣା ଓ ବିକାଶ ଓ ପରବର୍ତ୍ତୀ ପୀଢ଼ିର ସଂସ୍କାରକୁ ପ୍ରାଥମିକତା ଦିଆଯାଇଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ୧.୫୨ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ ପ୍ୟାକେଜ ଅଧୀନରେ ଦକ୍ଷତା ବିକାଶ ପାଇଁ ନୂଆ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଆରମ୍ଭ କରିଛନ୍ତି। ଅନ୍ୟତମ ପ୍ରାଥମିକତା ଭାବେ ନଗର ଉନ୍ନୟନ ଅଧୀନରେ ପରିବହନ ଭିତ୍ତିକ ବିକାଶ, ସହରାଞ୍ଚଳ ଗୃହ ନିର୍ମାଣ ଏବଂ ସଡ଼କ ପାଖରେ ବଜାର ଭଳି ନୂଆ ଯୋଜନା ଘୋଷଣ କରାଯାଇଛି। ଚଳିତଥର ବଜେଟରେ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇ ୧୧ ହଜାର କୋଟି ଟଙ୍କାର ଅର୍ଥ ବ୍ୟୟ ବରାଦ କରାଯାଇଛି, ଯାହାକି ଜିଡିପିର ୩.୪%। ଭିତ୍ତିଭୂମି ନିବେଶରେ ରାଜ୍ୟଗୁଡିକୁ ସହାୟତା କରିବା ପାଇଁ ଦୀର୍ଘମିଆଦୀ ସୁଧମୁକ୍ତ ଋଣ ପାଇଁ ୧.୫ ଲକ୍ଷ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଅପରପକ୍ଷେ ଏହି ବଜେଟରେ ଭାଜପା ନେତୃତ୍ୱାଧୀନ ସରକାର ସହଯୋଗୀ ଦଳକୁ ଗୁରୁତ୍ୱ ଦେଇ ଆନ୍ଧ୍ରପ୍ରଦେଶ ଏବଂ ବିହାର ପାଇଁ ଆର୍ଥିକ ପେଡି ଖୋଲିଦେଇଛନ୍ତି, ଯାହାକୁ ନେଇ ବିରୋଧୀ ଦଳଗୁଡିକ ଆଜି ସଂସଦରେ ତୁମ୍ବି ତୋଫାନ କରିଛନ୍ତି। ଏଥିରେ ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ଉପେକ୍ଷା କରାଯାଇଛି। ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ସବୁ ବର୍ଗର ନିବେଶକଙ୍କ ପାଇଁ ବଜେଟ ଆଞ୍ଜେଲ ଟିକସ ଉଚ୍ଛେଦ କରାଯାଇଛି। ଏହାଛଡା ସାମାଜିକ ନିରାପତ୍ତା ଲାଭ ବାବଦ ଏନ୍‌ପିଏସ୍‌ରେ ନିଯୁକ୍ତିଦାତାମାନେ କରୁଥିବା ଖର୍ଚ୍ଚକୁ କର୍ମଚାରୀଙ୍କର ଦରମାର ୧୦ରୁ ୧୪%କୁ ବୃଦ୍ଧି କରିବା ପ୍ରସ୍ତାବ ବଜେଟରେ ରଖାଯାଇଛି। ଗ୍ରାମାଞ୍ଚଳରେ ସମସ୍ତ ଜମି ପାଇଁ ୟୁନିକ୍ ପାର୍ସଲ୍ ଆଇଡେଣ୍ଟିଫିକେସନ୍ ନମ୍ବର(ୟୁଏଲ୍‌ପିଆଇଏନ୍) ବା ଭୂ-ଆଧାର ବ୍ୟବସ୍ଥା ଆରମ୍ଭ ସମ୍ପର୍କରେ ଅର୍ଥ ମନ୍ତ୍ରୀ ଘୋଷଣା କରିଛନ୍ତି। ଏହାକୁ କୃଷକଙ୍କ ପଞ୍ଜୀକରଣ ସହ ସଂଯୋଗୀକରଣ କରାଯିବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

**ନବରଙ୍ଗପୁର ପୌରପାଳିକା**
**ନବରଙ୍ଗପୁର**

ନିବେଦନ
୧) ସହରକୁ ସଫା ସୁତୁରା ରଖିବାରେ ସହଯୋଗ କରନ୍ତୁ ଏବଂ ପୌରପାଳିକାର ସଫେଇ କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୨) ଗୃହ ଆବର୍ଜନା ରାସ୍ତାରେ ପକାନ୍ତୁ ନାହିଁ। ଯଦି ଆପଣଙ୍କ ଘର ସମ୍ମୁଖ ରେ ଆବର୍ଜନା ପକାଯିବା ଦୃଷ୍ଟିଗୋଚର ହେଲେ ଜରିମାନା ଆଦାୟ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୩) ନିର୍ଦ୍ଧାରିତ ଦିବସ ଠିକ ସମୟରେ ପଇଠ କରନ୍ତୁ।
୪) ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ।
୫) ଗୃହ ନିର୍ମାଣ ସରଞ୍ଜାମ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ।
୬) ସହର ଅଭ୍ୟନ୍ତରସ୍ଥ ରାସ୍ତା ଗୁଡିକ ଉପରେ ଗୃହପାଳିତ ପଶୁ ଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ।
୭) ପଲିଥିନ ବ୍ୟବହାର ପରିତ୍ୟାଗ କରନ୍ତୁ ଏବଂ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।
୮) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ।
୯) ରାସ୍ତାକଡ ଜମି ତଥା ସରକାରୀ ଜମି ଜବର ଦଖଲ ରୁ ନିବୃତ୍ତ ରୁହନ୍ତୁ।
୧୦) ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦର ଲାଇସେନ୍ସ କରାଇ ନିଅନ୍ତୁ।
୧୧) ପୌର ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନ କୁ ଜବର ଦଖଲ ରୁ ନିବୃତ୍ତ ରୁହନ୍ତୁ।
୧୨) ପୌରସଂସ୍ଥା ଦ୍ୱାରା ଲେ-ଆଉଟ ନକ୍ସା ଅନୁମୋଦନ ହୋଇନଥିବା ଜାଗା ଜମି ବା ପ୍ଲଟ କ୍ରୟ କିମ୍ବା ବିକ୍ରୟ କରନ୍ତୁ ନାହିଁ।
୧୩) ଯଦି ଜନସାଧାରଣଙ୍କ ପାଇଖାନା ଟାଙ୍କି ପୂର୍ଣ୍ଣ ହେଲେ ପୌରପାଳିକା ର ସେସପୁଲ ଗାଡି ଦ୍ୱାରା ସଫେଇ କରନ୍ତୁ। ସଫେଇ କରିବା ପାଇଁ [illegible] ମୋବାଇଲ ନମ୍ବର ରେ ଯୋଗାଯୋଗ କରନ୍ତୁ।

ପୌରସମ୍ପତ୍ତି ଆପଣଙ୍କ ସମ୍ପତ୍ତି। ଏହାର ସୁରକ୍ଷା କରିବା ଆପଣଙ୍କ ଦାୟିତ୍ୱ।
ଆମର ସଙ୍କଳ୍ପ ପଲିଥିନ ମୁକ୍ତ ନବରଙ୍ଗପୁର।

ଶ୍ରୀ ଶଙ୍କର କେରକେଟା(ଓ.ପ୍ର.ସେ), ନିର୍ବାହୀ ଅଧିକାରୀ, ନବରଙ୍ଗପୁର ପୌରପାଳିକା
ଶ୍ରୀମତୀ ସୌମ୍ୟା ମହାପାତ୍ର, ଉପାଧ୍ୟକ୍ଷ୍ୟା, ନବରଙ୍ଗପୁର ପୌରପାଳିକା
ଶ୍ରୀ କୁନୁ ନାୟକ, ଅଧ୍ୟକ୍ଷ୍ୟ, ନବରଙ୍ଗପୁର ପୌରପାଳିକା

**ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା, ମୁଖ୍ୟ ଜିଲ୍ଲା ଚିକିତ୍ସାଳୟ ଠାରେ ଉପଲବ୍ଧ**

ମାନସିକ ରୋଗୀଙ୍କ ପାଇଁ ସପ୍ତାହରେ ପ୍ରତ୍ୟେକ ଗୁରୁବାର, ମାନସିକ ବହିର୍ବିଭାଗରେ ଚିକିତ୍ସା ମିଳିବା ସହ ମାଗଣାରେ ଔଷଧ ଓ ପରାମର୍ଶ ଦିଆଯାଉଅଛି। ଏତଦ ବ୍ୟତୀତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଈ-ସଞ୍ଜିବନୀ ଦ୍ୱାରା ଅଭିଜ୍ଞ ଡାକ୍ତର ଓ ପ୍ରୋଫେସରଙ୍କ ସହ ଚିକିତ୍ସା ନିମିତ୍ତ ପରାମର୍ଶ କରାଯାଉଅଛି। ସବିସ୍ତୃତ ମାନସିକ ରୋଗ ସମ୍ବନ୍ଧୀୟ ସୂଚନା ପାଇଁ ଟୋଲ ଫ୍ରୀ ନମ୍ବର ୧୪୪୧୬ ରେ ୨୪X୭ ଯୋଗାଯୋଗ କରନ୍ତୁ।

**ଡା. ମଳୟ କୁମାର ତ୍ରିପାଠୀ**
**ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ନବରଙ୍ଗପୁର**

ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ

# 'ବିଏମ୍‌ଏସ୍ ଏକ ସଂଘ ନୁହେଁ; ଏକ ଆନ୍ଦୋଳନ'




**ଭଦ୍ରକ, ୨୩।୭ (ସମିସ)**

ଦେଶର ସର୍ବବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି ବୋଲି ବିଏମ୍‌ଏସ୍‌ର ୭୦ତମ ପ୍ରତିଷ୍ଠା ଦିବସରେ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ଶାନ୍ତନୁ କୁମାର ମହାପାତ୍ର ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ଶ୍ରୀ ବସନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଉପସଭାପତି ବିଜୟ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ବିଶ୍ୱକର୍ମା ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ଭାରତୀୟ ମଜଦୁର ସଂଘ ଜିଲ୍ଲା ଉପସଭାପତି ବସନ୍ତ କୁମାର ରାଉତ, ବିଏମ୍‌ଏସ୍ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ, ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ଜେନା ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେବାନିବୃତ ଧାମନଗର ବ୍ଲକ ତାଳପଦା-୧ ଅଙ୍ଗନବାଡି କର୍ମୀ ଜାନକୀ ଦାସଙ୍କୁ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଫାର୍ମାସିଷ୍ଟ ଅଶ୍ୱିନୀ ପାଢ଼ୀ ଏବଂ ସାମ୍ବାଦିକ ତପନ କୁମାର ମିଶ୍ରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଂଘ ପକ୍ଷରୁ ଆଗାମୀ ଦିନରେ ସଂଘ ସହ ଅନୁବନ୍ଧିତ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଅଗଷ୍ଟ ମାସରେ ରକ୍ତଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ, ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଞ୍ଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନରୁ ମନୋଜ ଲେଙ୍କା, ସୌମ୍ୟରଞ୍ଜନ ଦାସ, ଚନ୍ଦ୍ରଶେଖର ଜେନା, ଶୁଭେନ୍ଦୁ ନାୟକ, ଅରୁଣ ଦାସ, ଶଶିକାନ୍ତ ସାହୁ, ଅମୂଲ୍ୟ ଭୋଇ, ବିଭୁତି ପାଣିଗ୍ରାହୀ, ନାରାୟଣ ପାଣିଗ୍ରାହୀ, ଅଶୋକ ନାୟକ, ବିଶ୍ୱନାଥ ଜେନା, କମଳାକାନ୍ତ ସାହୁ, ବିପ୍ରଚରଣ ସେଠୀ, ଲକ୍ଷ୍ମୀପ୍ରିୟା ରାଉତ, ଅନିତା ସେନାପତି, ରୀନାରାଣୀ ସାହୁ, ଅନ୍ନପୂର୍ଣ୍ଣ ବିଶ୍ୱାଳ, ରଞ୍ଜିତା ମହାନ୍ତି, ମିନତୀ ବାରିକ, ଆରତୀ ପଣ୍ଡା, ସୋଫିକା ସେରାୱତ, ବସନ୍ତ ସାହୁ, ରୁବି ଦାସ ପ୍ରମୁଖ ଶତାଧିକ ସଦସ୍ୟସଦସ୍ୟା ଯୋଗ ଦେଇଥିଲେ।

# ସ୍ୱଚ୍ଛ ସାଥୀ ଓ ସୁପରଭାଇଜର୍ ସଂଘ ପକ୍ଷରୁ ବିକ୍ଷୋଭ



**ଭଦ୍ରକ, ୨୩।୭ (ସମିସ):** ବିଭିନ୍ନ ପୌରପାଳିକା, ମହାନଗର ନିଗମ, ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କରେ ନିୟୋଜିତ ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବର୍ଦ୍ଧିତ ଦରମା ସମେତ ଅନ୍ୟାନ୍ୟ ଦାବି ପୂରଣ ନେଇ ଆଜି ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ପୂର୍ବାହ୍ନରେ ଭଦ୍ରକ ପୌରପାଳିକା, ବାସୁଦେବପୁର ପୌରପାଳିକା, ଚାନ୍ଦବାଲି ଏନ୍‌ଏସି, ଧାମନଗର ଏନ୍‌ଏସିର ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ସେମାନଙ୍କ ଦାବି ନେଇ ଏକତ୍ରିତ ହୋଇ ଧାରଣାରେ ବସିଥିଲେ। ଦାବି ଗୁଡ଼ିକ ମଧ୍ୟରେ ଘୋଷିତ ବର୍ଦ୍ଧିତ ଦରମା ସ୍ୱଚ୍ଛସାଥୀଙ୍କର ୪ ହଜାରରୁ ୮ ହଜାର ଓ ସୁପରଭାଇଜରମାନଙ୍କର ୮ ହଜାରରୁ ୧୨ ହଜାର ଟଙ୍କା ବିନା ସର୍ତ୍ତରେ ନିର୍ଦ୍ଦେଶନାମା ଜାରି ହେବାଠାରୁ ପ୍ରଦାନ କରିବା, କାର୍ଯ୍ୟରତ ସମସ୍ତ ସ୍ୱଚ୍ଛସାଥୀ ଓ ସୁପରଭାଇଜରଙ୍କୁ ନିୟମିତ ନିଯୁକ୍ତି ସହିତ ନିଯୁକ୍ତି ପତ୍ର ପ୍ରଦାନ, ଶ୍ରମ ଆଇନ ଅନୁଯାୟୀ କେନ୍ଦ୍ରୀୟ ପ୍ରକଳ୍ପ ଅଥବା ରାଜ୍ୟ ପ୍ରକଳ୍ପ ଆଧାରରେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପ୍ରଦାନ, ସରକାରୀ କର୍ମଚାରୀଙ୍କ ପରି ସରକାରୀ ଛୁଟି ପ୍ରଦାନ, ୟୁଜର୍ସ ଫି ସଂଗ୍ରହ ବେଳେ ଦୁର୍ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଇପିଏଫ୍ ଓ ଇଏସ୍‌ଆଇର ସୁବିଧା ପ୍ରଦାନ, ପ୍ରସବକାଳୀନ ଛୁଟି ଆଦି ୧୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣାରେ ବସି ରହିଥିଲେ। ଏହି ଧାରଣାରେ ସ୍ୱାଗତିକା ପରିଡ଼ା, ଚିନ୍ମୟୀ ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ରାୟ, ତରନୁମ୍ ପରୱିନ, ସୁପ୍ରିୟା ସାହୁ, ସଂଘମିତ୍ରା ଜେନା, ସଞ୍ଜିତା ଦାସ, ସନ୍ତୋଷୀ ଲେଙ୍କା, ନର୍ଗିସ୍ ଜାହାଁ, ମନୋରମା ମାଝୀ, ଗୌରୀଲତା ମହାନ୍ତି, ସସ୍ମିତା ମହାପାତ୍ର, ମର୍ଜିନା ବାନୋ, ଶିବାନୀ ରାଉଳ, ଝରଣା ଜେନା, ରଞ୍ଜୁଲତା ଷେଣ୍ଠ, ରଶ୍ମିତା ନାୟକ, ବର୍ଷା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଭିନ୍ନକ୍ଷମ ପରିବାର



**ଭଦ୍ରକ, ୨୩।୭ (ସମିସ):** ଭଙ୍ଗା ଗୋଡ଼ ସାଙ୍ଗକୁ ରୋଗାକ୍ରାନ୍ତ ଶରୀରର ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଛି ଜୀବନ। ଘଡ଼ିଏ ବସିବା ପାଇଁ କି ଭଲରେ ପଦେ କଥା ହେବା ପାଇଁ ଶକ୍ତି ନାହିଁ। ତଥାପି ଜୀବନ ସହ ସଂଘର୍ଷ କରି ବଞ୍ଚିଛନ୍ତି ବୟସର ଅପରାହ୍ନରେ ପାଦ ଦେଇଥିବା ଏହି ବୃଦ୍ଧା ଜଣକ। ୧୦ ବର୍ଷ ହେବ ନଡ଼ିଆ ଗଛ ପଡ଼ି ଗୋଡ଼ ଭାଙ୍ଗି ଯାଇଥିଲା, ଯାହାର ଚିକିତ୍ସା କରାଇବା ପରେ ବି ଗୋଡ଼ ଠିକରେ କାମ କଲା ନାହିଁ। ଫଳରେ ସଳଖି ଚାଲିପାରୁନାହାନ୍ତି। ଆଉ ସେହିଦିନୁ କେବଳ ଘୁଷୁରୀ ଘୁଷୁରୀ ଦିନ ବିତୁଛି ତାଙ୍କର। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଧାମରା ପଞ୍ଚାୟତ ଗୁଆଁଳ ଗାଁର ବୃଦ୍ଧା ମୃଷି ସାହୁ। ବୟସ ପାଖାପାଖି ୭୦ ହେବ। ସ୍ୱାମୀ ନବକିଶୋର ସାହୁ ବୟସାଧିକ କାରଣରୁ ଜରାଜୀର୍ଣ୍ଣ ଅବସ୍ଥାରେ। ୩ ପୁଅ ଓ ଦୁଇ ଝିଅକୁ ନେଇ ତାଙ୍କ ସଂସାର। ବଡ଼ ପୁଅ, ଝିଅକୁ ବାଦଦେଲେ ଅନ୍ୟ ଦୁଇ ଜଣ ମସ୍ତିଷ୍କ ଭିନ୍ନକ୍ଷମ ପୁଅ ଓ ଭିନ୍ନକ୍ଷମ ଝିଅ ଅବିବାହିତ ରହିଛନ୍ତି। ତିନି ଅବିବାହିତ ପୁଅ, ଝିଅଙ୍କୁ ମିଶାଇ ମୋଟ ୫ ଜଣ ପରିବାର ସଦସ୍ୟ। ହେଲେ ରୋଜଗାର କହିଲେ ନବ କିଶୋରଙ୍କ ୧୦୦୦ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଆଉ ୨୫ କିଲୋ ଚାଉଳ। ଏତିକିରେ ପେଟ ତ ପୁରୁନି ଔଷଧ ଟିକେ ଆଣିବେ କେଉଁଠୁ। ଅଭାବ ଅନାଟନ ସାଙ୍ଗକୁ ରୋଗ ଯନ୍ତ୍ରଣାରେ ଆଉଟୁ ପାଉଟୁ ପୂରା ପରିବାର। ସରକାରଙ୍କ ନିର୍ଦ୍ଧାରିତ ବୟସ ସୀମା ଗଡ଼ି ଯାଇଥିଲେ ବି ମୃଷି ସାହୁଙ୍କୁ ବାର୍ଦ୍ଧକ୍ୟ ଭତା ଟିଏ ବି ମିଳୁନି। ଖାଲି ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ନୁହେଁ ବରଂ ତାଙ୍କ ଅବିବାହିତ ବଧିର ଓ ମସ୍ତିଷ୍କ ଭିନ୍ନକ୍ଷମ ଦୁଇ ପୁଅ ସରକାରଙ୍କ ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣ ପତ୍ର ନ ଥିବାରୁ ଭତ୍ତା ପାଇବାରୁ ବଞ୍ଚିତ। ଏମାନଙ୍କ ପାଇଁ ନା ସ୍ଥାନୀୟ ଲୋକପ୍ରତିନିଧି ନା ପ୍ରଶାସନ କାହାର ବି ନିଘା କି ଦରଦ ନାହିଁ। ପ୍ରଶାସନର ଦୃଷ୍ଟି ଆଢୁଆଳରେ କଲବଲ ହେଉଛି ଏହି ପରିବାରର ଅସହାୟ ୫ଟି ଜୀବନ। ଜିଲ୍ଲା ପ୍ରଶାସନ ସହୃଦୟତା ଦେଖାଇ ତୁରନ୍ତ ଏହି ପରିବାରକୁ ଆର୍ଥିକ ସହାୟତା ସହ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସ୍ଥାନୀୟବାସୀ-ବାସନ୍ତୀ ସାହୁ ଓ ସନାତନ ସାହୁ ପ୍ରମୁଖ ଦାବି କରିଛନ୍ତି। ନଚେତ ଏହି ଅସହାୟ ପରିବାର ଅକାଳରେ ଝରିପଡ଼ିବା ନିଶ୍ଚିତ ବୋଲି ଗ୍ରାମବାସୀ କହିଛନ୍ତି।

# ଗାନ୍ଧୀବାଦୀ ନେତାଙ୍କ ସ୍ମୃତିଚାରଣ ସଭା



**ବାରିକପୁର, ୨୩।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ଠାରେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧୀବାଦୀ ନେତା ତଥା ସର୍ବୋଦୟ ମଣ୍ଡଳର ଆଜୀବନ ସଦସ୍ୟ ଶିବପ୍ରସାଦ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରିତୀକାନ୍ତ ରାଉତ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରଧାପକ ଡ.କ୍ଷୀରୋଦ କୁମାର ସାମଲ, ମୁଖ୍ୟ ବକ୍ତା ଭାବେ ସର୍ବୋଦୟ ମଣ୍ଡଳ ସଦସ୍ୟ କରୁଣାକର ମହାନ୍ତି, ସମ୍ମାନିତ ଅତିଥି ଭାବେ ଭଦ୍ରକ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ସାହିତ୍ୟିକ ଗୋଲଖ ଚନ୍ଦ୍ର ମହାନ୍ତି, ଭଦ୍ରକ ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଦେବୀପ୍ରସାଦ ପାଣିଗ୍ରାହୀ, ଅଶୋକ କୁମାର ଦାସ, ନପଙ୍ଗ ପଞ୍ଚାୟତ ସରପଞ୍ଚ ସୁଭାଷିନୀ ନାୟକ, ବିନୋଦ ମହାପାତ୍ର, ନୃସିଂହ ଚରଣ ସାମଲ, ନବକିଶୋର ପରିଡ଼ା ସୁଧୀର କୁମାର ସାହୁ, ଗୋପୀନାଥ ମହାନ୍ତି, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ପ୍ରମୋଦ କୁମାର ମିଶ୍ର, ହରେକୃଷ୍ଣ ପାଣଗ୍ରାହୀ ପ୍ରମୁଖ ଯୋଗ ଦେଇ ଶ୍ରୀ ଜେନାଙ୍କ ଜୀବନ ବ୍ୟାପୀ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ଅତିଥିଙ୍କୁ କରୁଣାକର ଜେନା ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ରତ୍ନାକର ଜେନା, କୃଷ୍ଣଚନ୍ଦ୍ର ଜେନା, ଦେବାନନ୍ଦ ଜେନା ପ୍ରମୁଖ ପରିଚାଳନା କରିଥଲେ।

ପୁଅ ମୃତ୍ୟୁକୁ ୬ ବର୍ଷ ପୂରିଲା

# ସରକାରୀ ସୁବିଧାରୁ ବଞ୍ଚିତ ପର୍ଶୁରାମ



**ଅସୁରାଳି, ୨୩।୭ (ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ପର୍ଶୁରାମ ନାଥ (୬୭)ଙ୍କ ପୁଅ ଶିବସୁନ୍ଦର ନାଥ ଗୁଜୁରାଟରେ ସୁରଟ ସୂତା କଳରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ସେଠାରେ କାମ କରୁଥିବା ବେଳେ ୬ ବର୍ଷ ତଳେ ସାଙ୍ଗମାନଙ୍କ ସହିତ ଗୁଜୁରାଟର ଏକ ସମୁଦ୍ର ବେଳାଭୂମି ବୁଲିବାକୁ ଯାଇଥିଲେ। ନାନି ଦମନ ସମୁଦ୍ର ବେଳାଭୂମିରେ ସ୍ନାନ କରିବା ସମୟରେ ସମୁଦ୍ର ଢେଉରେ ଭିତରକୁ ଭାସି ଯାଇ ସମୁଦ୍ରରେ ବୁଡି ଯାଇ ପ୍ରାଣ ହରାଇଥିଲେ। ପର୍ଶୁରାମଙ୍କ ଏକମାତ୍ର ରୋଜଗାରିଆ ପୁଅ ଶିବସୁନ୍ଦରଙ୍କର ଅକାଳ ମୃତ୍ୟୁ ପରେ ପର୍ଶୁରାମ ପରିବାର ଉପରେ ଦୁଃଖର କଳା ବାଦଲ ଢାଙ୍କି ଯାଇଥିଲା। ପୁଅକୁ ହରାଇଭାଙ୍ଗି ପଡ଼ିଥିବା ପର୍ଶୁରାମ ବୟସାଧିକ କାରଣରୁ ଆଉ ମୂଲ ମଜୁରୀ ଲାଗି ପାରୁ ନାହାଁନ୍ତି ଓ ପରିବାର ଚଳାଇ ବାକୁ ଅସମର୍ଥ ତଥାପି ବୟସ ଅପରାହ୍ନରେ ଟ୍ରଲି ଟାଣି ପରିବାର ଚଳାଉଛନ୍ତି। ତିନି ଝିଅଙ୍କୁ ବିଭା ଦେଇ ସାରିଥିବା ବେଳେ ଘରେ ବଡ଼ ପୁଅବୋହୂ ଏବଂ ଦୁଇ ନାତିନାତୁଣୀ ଅଛନ୍ତି। ପର୍ଶୁରାମଙ୍କ ସ୍ତ୍ରୀ ବହୁ ଦିନ ପୂର୍ବରୁ ଆର ପାରିକୁ ଚାଲିଗଲେଣି। ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା ସେତେବେଳେ ଗୁଜୁରାଟ ଯାଇ ମୃତ ଶିବସୁନ୍ଦରଙ୍କ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ କରିଥିଲେ। ସେଇପ୍ରମାଣପତ୍ର ଧରି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁରେ ସରକାରୀ ସହାୟତା ପାଇବା ପାଇଁ ପର୍ଶୁରାମ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡ଼ିଓ, ଜିଲ୍ଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଗୁହାରି କରି ଥକି ପଡ଼ିଗଲେଣି। ସୂଚନା ଯୋଗ୍ୟ, ବରଷେ ପୂର୍ବେ ଧାମନଗରେ ତହସିଲ ପ୍ରଶାସନିକ ଅଧିକାରୀ କାଗଜପତ୍ର ନେଇ ଖୁବ ଶୀଘ୍ର ସହାୟତା ରାଶି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦିନ ଦୁଃଖୀ ପର୍ଶୁରାମ ଖଟିଲେ ଖାଏ, ଏପଟେ ପୁଅକୁ ହରାଇ ଦୁଃଖ କହିଲେ ନସରେ। ପୁଅର ମୃତ୍ୟୁକୁ ୬ ବର୍ଷ ପୂରିଲା ଆଜି ପର୍ଯ୍ୟନ୍ତ ତାଙ୍କୁ ପ୍ରତିଶ୍ରୁତି ମିଳୁଛି, କିନ୍ତୁ ସହାୟତା ନାହିଁ। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ନଦେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସେ ପରିବାର ସହ ଆମରଣ ଅନଶନ କରିବେ ବୋଲି ପର୍ଶୁରାମ କହିଛନ୍ତି।

# ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା ୮ମ ଦିନରେ




**ଭଣ୍ଡାରିପୋଖରୀ, ୨୩।୭ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ନାରାୟଣପୁର-ଭାଗଡ଼ା ଟୋଲଗେଟ କର୍ମଚାରୀଙ୍କ ଧାରଣା ଅଷ୍ଟମ ଦିନରେ ଅବ୍ୟାହତ ରହିଛି। ଟୋଲପ୍ଲାଜା କର୍ତ୍ତୃପକ୍ଷ ଓ ଜାତୀୟ ରାଜପଥ ପ୍ରାଧିକରଣ ପିଡିଙ୍କ ଦାୟୀତ୍ୱହୀନତା ପାଇଁ ଧାରଣା ତୀବ୍ରତର ହେବାରେ ଲାଗିଛି। ୟୁନିଅନ ସଭାପତି ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ କମଳାକାନ୍ତ ପରିଡ଼ା, ଅଭିସାର ସୁନ୍ଦର ସାହୁ, ଦୁର୍ଯ୍ୟୋଧନ ଯେନା, ଭଗବାନ ସାମଲ, ପର୍ଶୁରାମ ରାୟ, ପ୍ରବୀର କୁମାର ରାଉତ, ମୃତ୍ୟୁଞ୍ଜୟ ମହାପାତ୍ର, ନିଗମାନନ୍ଦ ଯେନା, ଭବାନୀ ଶଙ୍କର ନାୟକ ପ୍ରମୁଖ ୭୦ ଜଣ କର୍ମଚାରୀ ଟୋଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ମଜୁରୀ ଆଧାରରେ ଟୋଲପ୍ଲାଜା କର୍ମଚାରୀଙ୍କୁ ମଜୁରୀ ପ୍ରଦାନ କରାଯିବା; ପ୍ରତ୍ୟେକ କର୍ମଚାରୀଙ୍କୁ ଭବିଷ୍ୟନିଧି ଓ ଇଏସଆଇ ସୁବିଧା ପ୍ରଦାନ କରାଯିବା, କର୍ମଚାରୀଙ୍କ ଡ୍ରେସକୋଡ ପାଇଁ ସଫାସୁତରା ଓ ଜୋତା ଭତ୍ତା ପ୍ରଦାନ କରାଯିବା, ପ୍ରତ୍ୟେକ କର୍ମଚାରୀଙ୍କୁ ମଜୁରୀ ସ୍ଲିପ ପ୍ରଦାନ କରାଯିବା ଓ କର୍ମଚାରୀଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦିଆଯିବା ପାଇଁ ଦାବି କରିଥିଲେ। ଏଥିପାଇଁ ଗତ ୧୯ ତାରିଖରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଚଣ୍ଡିଖୋଲ ପିଡି ଜେପି ବର୍ମା ଆନ୍ଦୋଳନକାରୀ କର୍ମଚାରୀଙ୍କ ସହ ଆଲୋଚନା ବିଧାୟକ ସଞ୍ଜିବ ମଲ୍ଲିକଙ୍କ ଉପସ୍ଥିତିରେ କରିଥିଲେ। ମାତ୍ର ସମାଧାନ ପାଇଁ କୌଣସି ପ୍ରତିଶ୍ରୁତି ଦେଇନଥିଲେ। ଫଳରେ ଧାରଣାରତ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା।

# ଷ୍ଟାଡିୟମର ନାମ ପରିବର୍ତ୍ତନକୁ ବିରୋଧ



**ଧାମନଗର, ୨୪।୭ (ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ଧାମନଗର ହାଇସ୍କୁଲ ସମ୍ମୁଖରେ ଥିବା ଖେଳ ପଡ଼ିଆରେ ପ୍ରାୟ ୬କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ବରାଦରେ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଳକମଳରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ବିଜୁ ବାବୁ ଜଣେ ବ୍ୟକ୍ତି ନୁହନ୍ତି, ସେ ଜଣେ ମହାନ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ଏବଂ ୩ଟା ଦେଶର ଜନସାଧାରଣ ତାଙ୍କୁ ସମ୍ମାନ ଦେଉଥିବା ବେଳେ ଦୁଃଖ ଓ ପରିତାପର ବିଷୟ ଗତ କିଛି ଦିନ ତଳେ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର୍ ଷ୍ଟାଡିୟମ ଧାମନଗର ନାମକୁ ବଦଳାଯାଇ ମଲ୍ଟି ପର୍ପୋସ ଇଣ୍ଡୋର ଷ୍ଟାଡିୟମ ଲେଖାଯାଇଛି। ତେବେ କାହା ନିର୍ଦ୍ଦେଶରେ ଏଭଳି ନାମ ପରିବର୍ତ୍ତନ ହେଲା ସେ ନେଇ କ୍ରୀଡ଼ା ପ୍ରେମୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଦିଗରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି। ଯଦି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦିଆନଯାଏ ତା'ହେଲେ ବାଧ୍ୟ ହୋଇ ଆଗାମୀ ଦିନରେ ହଜାର ହଜାର ଓଡ଼ିଆ ପ୍ରେମୀ ଏହାକୁ ତୀବ୍ର ବିରୋଧ କରିବାକୁ ପଛାଇବେ ନାହିଁ ବୋଲି ପ୍ରତିକ୍ରିୟା ପ୍ରକାଶ ପାଇଛି।

ଇନର୍ ହୁଇଲ୍ କ୍ଲବ୍‌ର ଅଧିଷ୍ଠାନ ଦିବସ

# ଅନିମା ସଭାପତି; ରଶ୍ମୀରେଖା ସମ୍ପାଦିକା



**ଭଦ୍ରକ, ୨୩।୭ (ସମିସ):** ମହିଳାମାନଙ୍କୁ ନେଇ ଗଠିତ ଅଗ୍ରଣୀ ସେବା ସଂସ୍ଥା ଭଦ୍ରକ ଇନର ହୁଇଲ୍ କ୍ଲବର ଅଧିଷ୍ଠାନ ଦିବସ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ସଭାପତି କାଦମ୍ବିନୀ ମହାନ୍ତି ନୂତନ ସଭାପତି ଅନୀମା ନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହାପରେ ସମ୍ପାଦିକା ଭାବେ ରଶ୍ମୀରେଖା ପରମାଣିକ, କୋଷାଧକ୍ଷ ଭାବେ ବୀଣାପାଣି ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରାଧାପିକା ଝରଣା ପଟ୍ଟନାୟକ ଇନର ହୁଇଲ୍ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ନୂତନ କର୍ମକର୍ତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

ମୁଖ୍ୟଅତିଥି ଭାବେ ପ୍ରାଧାପିକା, କବି ଡ. ସୁକାନ୍ତି ମହାପାତ୍ର ଯୋଗଦେଇ ବିଶ୍ୱରେ ଇନର ହୁଇଲ୍‌ର କାର୍ଯ୍ୟକୁ ପ୍ରଶଂସା କରିବା ସହ ନିଃସ୍ୱାର୍ଥପର ସ୍ନେହ, ପ୍ରେମ ଓ ସେବା ଦ୍ୱାରା ମନୁଷ୍ୟ ମାନବିକତାର ହୃତସ୍ପନ୍ଦନକୁ ଅନୁଭବ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ହରେକୃଷ୍ଣ ନାୟକ, ରୋଟାରିଆନ ଅଭିଜିତ ନାୟକ, ସୀତାକାନ୍ତ ଦାସ ପ୍ରମୁଖ ନିଜ ବକ୍ତବ୍ୟରେ ସେବା କ୍ଷେତ୍ରରେ ଇନର ହୁଇଲ୍ ଭଦ୍ରକରେ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିବ ବୋଲି ପ୍ରକାଶ କରିଥିଲେ। ଦୀର୍ଘ ୩୫ ବର୍ଷର ନିରବଚ୍ଛିନ୍ନ ସେବା ପାଇଁ କ୍ଲବର ପ୍ରତିଷ୍ଠାତା ସଦସ୍ୟ ମନଜିତ୍ କୌରଙ୍କୁ ଓ ସମ୍ପାଦିକା ଭାବେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଣତି ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରୋ ବିଜୟ ସାହୁ, ରୋ. ପ୍ରଣବ କୁମାର ସାହୁ, ବିଜୟ ମହାନ୍ତି, ସୁରେନ୍ଦ୍ର ପଣ୍ଡା, ପ୍ରଭାତୀ ଜେନା, ପରମଜିତ୍ କୌର, ସ୍ମିତା ମହାନ୍ତି, ତପସ୍ୱିନୀ ପହି ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜୁବାଳା ରାଉତ, ଦେବହୂତି ମହାପାତ୍ର, ସଂଯୁକ୍ତା ମହାନ୍ତି, ଜେମାମଣି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସ୍ନେହଲତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀଶାହୀନ ଅର୍ଥନୀତିକୁ ସଞ୍ଜୀବନୀ ହେବ କି ବଜେଟ୍



ନିର୍ମଳାଙ୍କ ସପ୍ତମ ବଜେଟ୍ ମୁଖ୍ୟତଃ ସମୟର ଆହ୍ୱାନ ଅର୍ଥାତ ଯୁବ ଭାରତର ଯୁବ ବେକାରୀଙ୍କ ନିୟୋଜନ ଲାଗି ଉଦ୍ଦିଷ୍ଟ। ସରକାରଙ୍କ ବ୍ୟୟ-ଆୟକୁ ହିସାବରେ ନେଇ ବିତ୍ତୀୟ ନିଅଣ୍ଟ ୨୦୨୩-୨୪ରେ ମୋଟ ଉତ୍ପାଦର ୫ ପ୍ରତଶତରୁ ଅଧିକ ଥିବା ବେଳେ ୨୪-୨୫ ବଜେଟ୍‌ରେ କମି ୪.୯ ପ୍ରତିଶତ ହେବା ଏବଂ ପ୍ରତ୍ୟେକ ବର୍ଷ କିଛି କିଛି ହ୍ରାସ କରିବାର ପ୍ରତିବଦ୍ଧତା ସ୍ୱାଗତ ଯୋଗ୍ୟ। ଯାହା ଦରଦାମ ହ୍ରାସ କରିବାରେ ସହାୟକ ହେବ। ବଜେଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ଅଭିବୃଦ୍ଧି, ସମତା ଓ ଅର୍ଥନୈତିକ ବୈଷମ୍ୟ ଦୂରୀକରଣ ଏବଂ ଆର୍ଥିକ ସ୍ଥିରତା। ଆର୍ଥିକ ବୈଷମ୍ୟ ଦୂରୀକରଣ ପାଇଁ ଯୁବଶକ୍ତିକୁ ୫ଶହ ବଡ଼ ବଡ଼ କଳାକାରଖାନାରେ ପ୍ରଶିକ୍ଷଣ ଦେବା ସମୟରେ ଅନ୍ତରିଣ କାଳରେ ୫ହଜାର ଟଙ୍କା ପ୍ରୋତ୍ସାହନ ଦେବା ରୂପାନ୍ତକରଣ କରି ନିଯୁକ୍ତି ଦେବା ସହ ଅନ୍ୟ କ୍ଷେତ୍ରରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିବା ସ୍ୱାଗତଯୋଗ୍ୟ। କୃଷି-କୃଷକ, ଗ୍ରାମାଞ୍ଚଳ ବିକାଶ, ବିନିର୍ମାଣ କ୍ଷେତ୍ର, ଶକ୍ତି ଓ ସଂସ୍କାର ମାଧ୍ୟମରେ ନୂତନ ସୁଯୋଗ ସୃଷ୍ଟି ଦୂରଦୃଷ୍ଟି ସମ୍ପୂର୍ଣ୍ଣ ବଜେଟ୍‌ର ଲକ୍ଷଣ। ସ୍ୱଳ୍ପ ଆୟକାରୀଙ୍କ ଆୟ ଉପରେ ଆୟକର ନୂଆ ଆୟକର ବ୍ୟବସ୍ଥାରେ ମଧ୍ୟବିତ୍ତ ପରିବାରକୁ ରିଆତି ଦେଇଛନ୍ତ। କିନ୍ତୁ ପୁରୁଣା ଆୟକର ବ୍ୟବସ୍ଥାରେ କିଛି ବଦଳ ନ କରିବାର ଅର୍ଥ ପୁରୁଣା ବ୍ୟବସ୍ଥା ଉଚ୍ଛେଦ ଚାହିଁଛନ୍ତି। ମହିଳା ସଶକ୍ତିକରଣ ପାଇଁ ପର୍ଯ୍ୟାପ୍ତ ବ୍ୟୟ ବରାଦ ଶୁଭ ସୂଚନା। ଅପରପକ୍ଷରେ ପ୍ରତିଭୂତି କାରବାରିକ ପାଇଁ (ଷ୍ଟକ୍ ମାର୍କେଟ) ନିରାଶା ବାରି ହୋଇପଡୁଛି। ଆର୍ଥିକ ଅଭିବୃଦ୍ଧିକୁ ଆଖି ଆଗରେ ରଖିବା ତା'ସହିତ ନିଯୁକ୍ତି ବା ନିଯୁକ୍ତି ଯୋଡା ଅଭିବୃଦ୍ଧି ଭଲ ବଜେଟ୍‌ର ଲକ୍ଷଣ। ଆର୍ଥିକ ବୈଷମ୍ୟ ଦୂରୀକରଣ ଗୋଟିଏ ଦେଶ ସହିତ କେବଳ ଜଡିତ ନୁହେଁ। ଏହା ସାରା ବିଶ୍ୱ ସମସ୍ୟା। ତେଣୁ ଏହି ସମସ୍ୟାଟିକୁ ବିଶ୍ୱ ଗଣ ଦ୍ରବ୍ୟ ଭାବରେ ଗ୍ରହଣ ନକଲେ ଗୋଟିଏ ଦେଶର ବଜେଟ୍ କିଛି କରିପାରିବା କଠିନ ବ୍ୟାପାର। ସବୁ ଦୃଷ୍ଟିରୁ ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍ ଟିଏ। ପୂର୍ଣ୍ଣସଂଖ୍ୟା ୧୦ରୁ ୮ରୁ ସାଢେ ୮ ଦିଆଯାଇପାରେ।

**- ଡ.ବଳରାମ ମିଶ୍ର, ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧ୍ୟାପକ ତଥା ବରିଷ୍ଠ ଅର୍ଥନୀତି ବିଶେଷଜ୍ଞ**



ଦୀଶାହୀନ ଅର୍ଥନୀତିକୁ ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଆଭିମୁଖ୍ୟ ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ଯେଉଁ ଦିଗମାନଙ୍କ ପ୍ରତି ଯଥେଷ୍ଟ ଗୁରୁତ୍ୱାରୋପ କରିବା କଥା, ତାହା ହେଲା ଭଳି ମନେ ହେଉନି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପେଟ୍ରୋଲିୟମ, ବେରୋଜଗାରୀ ପରି ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡିକ ପ୍ରତି ବିଶେଷ ଧ୍ୟାନ ଦିଆଯାଇନାହିଁ। ସୁନା ଓ ମୋବାଇଲର ଦାମ୍ କମିଯିବା ଅଥବା ଆୟକରଦାତାଙ୍କ ଷ୍ଟାଣ୍ଡାର୍ଡ ଡିଡକସନ୍ ସୀମା ବଢ଼ିଗଲେ ଦେଶର ଗୋଟେ ବିରାଟ ପରିବର୍ତ୍ତନ ହେବ ତାହା ନୁହେଁ। ଅତ୍ୟାବଶ୍ୟକ ଜିନିଷର ଦରଦାମ ନିୟନ୍ତ୍ରଣ କରିବା ପ୍ରତି ପ୍ରାଥମିକତା ଦେବା ଜରୁରି ଥିଲା। ବହିର୍ବାଣିଜ୍ୟ ଅର୍ନ୍ତବାଣିଜ୍ୟକୁ ଆଖି ଆଗରେ ରଖି ଆମଦାନୀ ଓ ରପ୍ତାନୀ ଉପରେ ଗୁରୁତ୍ୱ ଦେଇ ବାଲାନ୍‌ସିଂ ଟ୍ରେଡ୍‌କୁ ଗୁରୁତ୍ୱ ଦେବା ଆବଶ୍ୟକ ଥିଲା। କଷ୍ଟିମ୍‌ସ୍ ଡ୍ୟୁଟି ୨ପ୍ରତିଶତ କମିଗଲେ ଯେ, ଏକ୍ସପୋର୍ଟ-ଇମପୋର୍ଟରେ ଅଧିକ ଉନ୍ନତି ଘଟିବ, ତାହା ବିଚାରଯୋଗ୍ୟ। ପେଟ୍ରୋଲିୟମକୁ ଜିଏସ୍‌ଟି ଅର୍ନ୍ତଭୁକ୍ତ କରାଯାଇ ତାର ଉଚିତ ମୂଲ୍ୟ ନିର୍ଦ୍ଧାରଣ ହୋଇଥିଲେ ଭଲ ହୋଇଥାନ୍ତା। ଏ ବଜେଟ୍‌ରେ କିଛି ବିଶେଷ ସୁଧାର ଆସିଲା ପରି ଅନୁଭୂତ ହେଉନାହିଁ।

**- ପ୍ର.ଅଟଳବିହାରୀ ନାୟକ, ପୂର୍ବତନ ପରୀକ୍ଷା ନିୟନ୍ତ୍ରକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ**



ଚଳିତ ବଜେଟ୍‌ରେ ଆଜିର ଆୟ ହିସାବରେ ମଧ୍ୟବିତ୍ତ ତଥା ଗୃହିଣୀମାନଙ୍କ ପାଇଁ ଭଲ ଓ ଖୁସି ଖବର ଯେ, ଶିକ୍ଷା କ୍ଷେତ୍ରରେ ଉଚ୍ଚ ଶିକ୍ଷିତ ହେବାକୁ ନାରୀମାନଙ୍କ ପାଇଁ ଶିକ୍ଷାଲୋନ୍ ୧.୫ଲକ୍ଷରୁ ୨.୫ଲକ୍ଷ ଟଙ୍କାକୁ ବର୍ଦ୍ଧିତ କରାଯାଇଛ। ନାରୀମାନଙ୍କ ପାଇଁ ଡାକ୍ତରୀ ଚିକିତ୍ସା କ୍ଷେତ୍ରରେ ପ୍ରିମିୟମର ହାର କମିବ। ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷାରେ ଶିଶୁମାନଙ୍କୁ ୨୫ପ୍ରତିଶତ ସୁବିଧା ଯୋଗାଇ ଦିଆଯିବ। ଯେଉଁ ଗୃହିଣୀମାନଙ୍କର ନିଜସ୍ୱ ସେଭିଙ୍ଗ ଆକଉଣ୍ଟକୁ ୧୦ରୁ ୨୦ହଜାର ଟଙ୍କାକୁ ବଢ଼ାଇବେ ସେମାନଙ୍କ ନିମନ୍ତେ ଟ୍ୟାକ୍ସ ଲାଗୁ ହେବ ନାହିଁ। ଏହାର ଏକ ସୁନ୍ଦର ପଦକ୍ଷେପ। ନାରୀଶକ୍ତି ବୃଦ୍ଧି ନିମନ୍ତେ ଆରମ୍ଭ ହୋଇଥିବା ମୁଦ୍ରା ଯୋଜନା ମାଧ୍ୟମରେ ଲୋନ୍ ନେଇ ଗୃହିଣୀମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ ଓ ବେପାର ବାଣିଜ୍ୟରେ ଆଗେଇ ପାରିବେ। ନାରୀ ଏହି ବଜେଟ୍‌ରେ ବ୍ୟବସ୍ଥା ମାଧ୍ୟମରେ ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି କରିପାରିବେ।

**- ସାହିସ୍ତା ଅଞ୍ଜୁମ୍, ଗୃହିଣୀ, ପୁରୁଣାବଜାର, ଭଦ୍ରକ**

# କେନାଲରେ ଆସୁନି ପାଣି

**ବାରିକପୁର,୨୩।୩(ସମିସ)**

ନିଅଣ୍ଟିଆ ବର୍ଷା ଯୋଗୁ ଖରିଫ ଧାନଚାଷ ଏକ ପ୍ରକାର ଉଜୁଡିବା ପରିସ୍ଥିତିରେ ପହଞ୍ଚିଛି। ବିକଳ୍ପ ଭାବେ ଚାଷୀଙ୍କର ଏକମାତ୍ର ଭରସା ପାଲଟିଛି କେନାଲ ପାଣି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବିଭିନ୍ନ କେନାଲ ଗୁଡିକରେ ଏବେ ପାଣି ଛଡ଼ାଯାଇଛି। ତନ୍ମଧ୍ୟରୁ ଧାମନଗର ଜଳସମ୍ପଦ

## ଉପର ମୁଣ୍ଡ ଚାଷୀଙ୍କ ହାତରେ ସଟର ଚାବି

## ତଳମୁଣ୍ଡ ଚାଷୀ ନିରାଶ



ବିଭାଗ ଅଧିନରେ ଥିବା ୩ନମ୍ବର ମୁଖ୍ୟ କେନାଲ ସହିତ ୩ନମ୍ବର କ ଓ ଖ କେନାଲରେ ଏକ ସପ୍ତାହ ହେବ ପାଣି ଆସିଛି। ମୁଖ୍ୟ କେନାଲଟିରେ ସମ୍ପୂର୍ଣ୍ଣ ପାଣି ଯାଉଥିବା ବେଳେ ୩ନମ୍ବର କ ଓ ଖ କେନାଲରେ ଅଧା ପାଣି ଛଡାଯାଉଛି। କେନାଲ ପାର୍ଶ୍ୱରେ ଥିବା ଚାଷ ଜମି ଗୁଡିକ ଏହାଦ୍ୱାରା ଉପକୃତ ହେଉଥିବା ବେଳେ ଗଜାମରୁଡି ଓ ନଷ୍ଟ ହେବା ଅବସ୍ଥାରେ ଥିବା ଖରାଟିଆ ଧାନ ତଳି ଗୁଡିକ କିଛିମାତ୍ରାରେ ବଞ୍ଚି ଯାଇଛି। ପରିତାପର ବିଷୟ କେନାଲ ପାଣିର ପରିଚାଳନା ଗତ ତ୍ରୁଟି ଯୋଗୁ ଉପରମୁଣ୍ଡ ଚାଷୀ ମାନେ ଉପକୃତ ହେଉଥିବା ବେଳେ ତଳମୁଣ୍ଡ ଚାଷୀ ମାନେ ଏବେ ନିରାଶ ହେଉଛନ୍ତି। ସୂଚନା ମୁତାବକ ୩ନମ୍ବର "କ' କେନାଲଟି ତାଳପଦା ନିକଟରୁ ବାହାରି ଏହା ମାଳଦା ଅଞ୍ଚଳକୁ ଯାଇଛି। ଉକ୍ତ କେନାଲ ଉପରେ ମଣାଗଡ଼ିଆ, ଖଡ଼ିଶିଙ୍ଗା, ଭୁଷୁକା, ରାଢୋ, ସାନ ମାଳଦା, ଶ୍ୟାମସୁନ୍ଦରପୁର, ତିଆଡ଼ିସାହି ପ୍ରମୁଖ ଗ୍ରାମର ଚାଷୀ ମାନେ ନିର୍ଭର କରି ଖରିଫ ଧାନଚାଷ କରିଥାନ୍ତି। ଏହାଛଡା ଉକ୍ତ କେନାଲରୁ ବାହାରିଥିବା ଚତୁର୍ଭୁଜପୁର, ମାଳିପଦୀ, ଜୋରାଗଡିଆ ମାଇନର କେନାଲ ଉପରେ ମଧ୍ୟ ଆଠ ଦଶ ଖଣ୍ଡି ଗାଁର ଲୋକମାନେ ମଧ୍ୟ ଚାଷ ପାଇଁ ନିର୍ଭର କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ କଥାହେଲା ଏକ ସପ୍ତାହ ହେବ କେନାଲରେ ପାଣି ଆସୁଥିଲେ ସୁଦ୍ଧା ଶତକଡା ୮୦ଭାଗ ଚାଷୀଙ୍କ ଜମିରେ ଏଯାଏଁ ପାଣି ପହଞ୍ଚି ନାହିଁ। କେନାଲର ଉପରମୁଣ୍ଡରେ ଚଳିତ ବର୍ଷ ଲାଗିଥିବା ନୂଆ ସଟର କବାଟକୁ ଅଧିକାଂଶ ସମୟରେ ଚାପି ଦିଆଯାଉଛି। ଫଳରେ ତଳମୁଣ୍ଡକୁ ଆବଶ୍ୟକ ମୁତାବକ ପାଣି ଆସିପାରୁନାହିଁ। କେନାଲ ଜଳ ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କୁ ଉପରମୁଣ୍ଡ ଚାଷୀ ମାନେ ହାତ କରି ସଟରକୁ ଅଧିକାଂଶ ସମୟରେ ପକାଇ ଦେଉଛନ୍ତି। କେନାଲ ପାର୍ଶ୍ୱ ଜମିରେ କାଦୁଅ ତଳି ପକା କାମ ହେଉ କିମ୍ବା ହଳ କରିବା ହେଉ ଏଥିପାଇଁ ପାଣିର ଆବଶ୍ୟକତା କମ ଥିବାରୁ ଉପରମୁଣ୍ଡ ଚାଷୀ ମାନେ ବାରମ୍ବାର ଏମିତି କରୁଥିବା ଜଣାଯାଇଛି। ଯାହା ଫଳରେ ତଳମୁଣ୍ଡ ଚାଷୀ ମାନେ ଆବଶ୍ୟକ କେନାଲ ପାଣି ପାଇବାରୁ ବଞ୍ଚିତ ହେଉଥିବା ବେଳେ ବେଉଷଣ କାର୍ଯ୍ୟ ମଧ୍ୟ କରିପାରୁନାହାନ୍ତି। ଏପରିକି ପଡ଼ିଥିବା ଖରାଟିଆ ତଳି ମଧ୍ୟ ଆବଶ୍ୟକ ପାଣି ପାଉନଥିବା ବେଳେ କେନାଲ ପାଣି ଅଭାବରୁ ମଧ୍ୟ କାଦୁଅ ତଳି ପଡିପାରୁନଥିବା ଅଞ୍ଚଳର ଚାଷୀ ମାନେ ଅଭିଯୋଗ କରିଛନ୍ତି। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମହିଳାଙ୍କ ଅଭିଯୋଗ ପରେ ଚେତିଲା ପ୍ରଶାସନ

# ସରକାରୀ ରାସ୍ତା ଅବରୋଧ ମୁକ୍ତ ହେଲା



**ତିହିଡି,୨୩।୭(ସମିସ):** ତିହିଡ଼ି ତହସିଲ ଅଧୀନ ଦୌଲତପୁର ଗ୍ରାମର ଏକ ସରକାରୀ ରାସ୍ତାକୁ କେତେକ ବ୍ୟକ୍ତି ଅବରୋଧ କରି ରଖିବା ଫଳରେ ଦେବକୀ ବାରିକ ନାମକ ଜନୈକା ମହିଳା ନିଜ ଘରକୁ ଯିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ସରକାରୀ ନଳକୂପକୁ ମଧ୍ୟ ସେମାନେ ବାଡ଼ଦେଇ ଅବରୋଧ କରି ରଖିଥିଲେ। ଏ ନେଇ ସେ ଥାନାରୁ ତହସିଲ ପର୍ଯ୍ୟନ୍ତ ଅଭିଯୋଗ କରିଆସୁଥିଲେ। ତେବେ ତିହିଡ଼ି ତହସିଲଦାର ଏ ନେଇ ଆଇନ ମୁତାବକ ଅପରପକ୍ଷକୁ ବିଭିନ୍ନ ସମୟ ବ୍ୟବଧାନରେ ନୋଟିସ ଜାରି କରିଥିଲେ। ଆଜି ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ନମିତା ଧଳ, ରାଜସ୍ୱ ନୀରିକ୍ଷକ ମୀନକେତନ ଦାସ ଓ ଅମିନ ଜାକିର ହୁସେନ ପ୍ରମୁଖ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ମେସିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରିଥିଲେ।

# ଅଙ୍ଗନବାଡି ଖାଦ୍ୟ ସାମଗ୍ରୀ ଯୋଗାଣରେ ଅନିୟମିତତା

**ଭଦ୍ରକ,୨୩।୭(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ତଳଠୁଁ ତାଲୁ ପର୍ଯ୍ୟନ୍ତ ଦୁର୍ନୀତିର ଗନ୍ଧ। ଅଙ୍ଗନବାଡି ଛତୁଆରେ ଘୋଟାଲା ପରେ ଏବେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଆସୁଥିବା ଖାଦ୍ୟ ବଣ୍ଟନରେ ବି କେଳେଙ୍କାରୀ। ଠିକା ସଂସ୍ଥାକୁ ଘଣ୍ଟ ଘୋଡାଉଛନ୍ତି ବିଭାଗୀୟ ଅଧିକାରୀ। ଚାନ୍ଦବାଲି ବ୍ଲକରେ ଅଙ୍ଗନବାଡି ଛତୁଆ ଦୁର୍ନୀତିର ତଥ୍ୟ ଖୋଲୁ ଖୋଲୁ ମିଳିଲା ଆଉ ଏକ ଖାଦ୍ୟ କେଳେଙ୍କରୀ। ତାହା ହେଉଛି ଏମ୍ଏସପିୱାଇ ଯୋଜନା। ଅର୍ଥାତ୍ ଗର୍ଭବତୀ ଓ କିଶୋରୀ ବାଳିକାଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନରେ ଦୁର୍ନୀତି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୃଷ୍ଟି ଯୋଜନା ବା (ଏମ୍ଏସ୍‌ପିୱାଇ)ରେ ପ୍ରତି ଗର୍ଭବତୀ, ପ୍ରସୂତି ଓ କିଶୋରୀ ବାଳିକାମାନଙ୍କୁ ପ୍ରତି ମାସରେ ଖଜୁରୀକୋଳି, ଲଡୁ, ମୁଢି ଓ ଭଜା ବୁଟ ପ୍ରଦାନ କରୁଛନ୍ତି। ନିୟମ ଅନୁସାରେ, ଠିକା ନେଇଥିବା ସଂସ୍ଥା ପ୍ରତି ମାସ ଶେଷ ସପ୍ତାହରେ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚାଇବେ ଓ କର୍ମୀମାନେ ପ୍ରତି ମାସ ୧ ତାରିଖରେ ହିତାଧିକାରୀଙ୍କୁ ପ୍ରଦାନ କରିବେ। କିନ୍ତୁ ନିୟମକୁ ଫୁ' କରି ନିର୍ଦ୍ଧାରିତ ସମୟର ୧୫ ଦିନ ପରେ ବି ପହଞ୍ଚୁନି ଖାଦ୍ୟ ସାମଗ୍ରୀ। ଆଉ ଯାହା ବି ପହଞ୍ଚୁଛି ତାହା ନିମ୍ନମାନର ସାଙ୍ଗକୁ ଓଜନରେ କମ ବୋଲି




ଅଭିଯୋଗ କରିଛନ୍ତି ହିତାଧିକାରୀ। କିଛି ଅଙ୍ଗନବାଡି କ୍ୟାମେରା ଆଗକୁ ନ ଆସି ନିଜ ପ୍ରତିକ୍ରିୟାରେ କହିଛନ୍ତି ଠିକା ସଂସ୍ଥା ଖାଦ୍ୟ ସାମଗ୍ରୀ ଦେବାର ସଠିକ ତାରିଖ କିଛି ନାହିଁ। ସେ ଯେବେ ଦିଅନ୍ତି ଆମେ ସେବେ ବାଣ୍ଟୁ ଓଜନ ବାବଦରେ ଆମକୁ କିଛି ଜଣା ନାହିଁ। ସୂଚନାଯୋଗ୍ୟ, ଚାନ୍ଦବାଲି ବ୍ଲକର ସିଡିପିଓ-୧ଙ୍କ ଅଧୀନରେ ୨୨୦ ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିରୁ ୧୬ଟି ପଞ୍ଚାୟତରେ ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ଏମ୍ଏସପିୱାଇ ଯୋଜନାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ ଦାୟିତ୍ୱ ନେଇଛି। ଏ ବାବଦରେ ସରକାର ମାସକୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରୁଛନ୍ତି। ଅନେକ ସ୍ଥାନରେ ସଠିକ ସମୟରେ ଖାଦ୍ୟ ମିଳୁନଥିବା ବେଳେ ଯେଉଁଠି ବି ମୁଢି, ବୁଟ ପ୍ରଦାନ କରାଯାଇଛି ତାହା ନିର୍ଦ୍ଧାରିତ ଓଜନ ଠାରୁ ବହୁତ କମ୍। ଦେଢ଼ କିଲୋ ଜାଗାରେ ୧ କିଲୋ ୮୦ ଗ୍ରାମର ବୁଟ ରହୁଛି। ବୁଟ ପ୍ୟାକେଟରେ ନା ରହୁଛି ଓଜନର ପରିମାଣ ନା ରହିଛି ତାରିଖ। କେବଳ ବୁଟ ନୁହେଁ; ଛତୁଆ, ସୁଜି, ମୁଢି ଆଦି ପ୍ୟାକେଟର ଓଜନ ନିର୍ଦ୍ଧାରିତ ଓଜନ ଠାରୁ ବି କମ। ଯାହା ପ୍ୟାକେଟ ଓଜନର ସତ୍ୟତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏସବୁ ଯାଞ୍ଚ କରିବାକୁ ପ୍ରତି ୨୦/୨୫ଟି ଅଙ୍ଗନବାଡି କେନ୍ଦ୍ରରେ ଜଣେ ଜଣେ ସୁପରଭାଇଜର ରହିଛନ୍ତି। ହେଲେ ସେମାନଙ୍କ କାର୍ଯ୍ୟଧାରାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅଭିଯୋଗ ହୋଇଛି ସରକାରୀ ଯୋଜନାକୁ ବାଟବଣା କରି ଅର୍ଥ ହଡପ କରିବାରେ ଉପରଠୁ ତଳ, ସବୁ ଲାଗିପଡିଛନ୍ତି। ଏ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ହଡପ କରିବାକୁ ଯୋଜନା କରୁଛି ଠିକା ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ। ଦେଶର ଭବିଷ୍ୟତକୁ ମଜବୁତ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ କର୍ମଚାରୀ ଓ ଠିକା ସଂସ୍ଥା ମିଳିତ ଭାବେ ଲୁଟ୍ କରି ଲାଲେଲାଲ ହେଉଛନ୍ତି।

# ରାସ୍ତା ମଝିରେ ଫାଟ; ମରାମତି କଲେ ସ୍ଥାନୀୟ ବାସିନ୍ଦା

**ବନ୍ତ/ଆଗରପଡ଼ା,୨୩।୭(ସମିସ):**

ଆଗରପଡ଼ା-ବରପଦା ରାସ୍ତାର ଜାମବଣୀ ଛକରେ ଥିବା କଂକ୍ରିଟ ରାସ୍ତା ମଝିରୁ ଫାଟି ଦୁଇଫାଳ ହୋଇ ବିପଦକୁ ଆମନ୍ତ୍ରଣ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଏହାର ମରାମତି ପ୍ରତି ଦୃଷ୍ଟି ନ ଦେବାରୁ ବାଧ୍ୟହୋଇ ସ୍ଥାନୀୟବାସିନ୍ଦା ଫାଟରେ ନାଲି ମହରମ ଭର୍ତ୍ତି କରି ଗର୍ତ୍ତକୁ ପୂରଣ କରିଥିବା ଦେଖିବାକୁ ମିଳିଛି। ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଞ୍ଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। କିନ୍ତୁ ନିର୍ମାଣ ସମୟରେ ଏହାର ସ୍ଥାୟିତ୍ୱ ପ୍ରତି ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉକ୍ତ ରାସ୍ତା ନିର୍ମାଣ ଏକ ପ୍ରହସନରେ ପରିଣତ ହେବା ସହ ୯ ବର୍ଷ ପରେବି କେବଳ ମରାମତିରେ ସୀମିତ ରହିଛି ଉକ୍ତ ରାସ୍ତା। ବାରମ୍ବାର ଅଭିଯୋଗ ଓ ଧାରଣା ଦେବାର ଚେତାବନୀ ଦେବା ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଗତ ସେପ୍ଟେମ୍ବର ମାସରେ ଏହାର ମରାମତି କରାଯାଇଥିଲା। ମରାମତିକୁ ଇତି ମଧ୍ୟରେ ୯ ମାସ ନ ବିତୁଣୁ ରାସ୍ତା ତାର ପୂର୍ବ ଅବସ୍ଥାକୁ ଫେରିବାକୁ ବସିଲାଣି। କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ପାଖାପାଖି ୪୫୦ମିଟର କଂକ୍ରିଟ ନିର୍ମିତ ରାସ୍ତା ମଧ୍ୟ ମଝିରୁ ଦୁଇଫାଳ ହୋଇଯାଇଥିଲା। ଯଦ୍ୱରା ସାଇକଲ କିମ୍ବା ମୋଟରସାଇକଲ ଆରୋହୀ ରାସ୍ତାରେ ଯିବାକୁ ନିରାପଦ ମଣୁ ନଥିଲେ। ଟିକେ ଅସାବଧାନତାରେ ଗାଡ଼ିଚକା ଫାଟିଥିବା ରାସ୍ତାରେ ପସି ଦୁର୍ଘଟଣା ଘଟିବ ଏଥିରେ ସନ୍ଦେହ ନଥିଲା। ପରେ ବିଭାଗ ତରଫରୁ ଏହାର ମରାମତି କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଜାମବଣୀ ଛକରେ ଥିବା କଂକ୍ରିଟ ରାସ୍ତା ସମଦଶାରେ ପହଞ୍ଚିଛି। ଏହା ମଝିରୁ ଫାଟି ଦୁଇଫାଳ ହୋଇ ବିପଦକୁ ଆମନ୍ତ୍ରଣ କରୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନଦେବାରୁ ସ୍ଥାନୀୟ ବାସିନ୍ଦା ଏହାର ମରାମତି କରିଥିଲେ ସୁଦ୍ଧା ଉକ୍ତ ରାସ୍ତାର ସ୍ଥାୟୀ ମରାମତି ଜରୁରୀ ହୋଇପଡ଼ିଛି। ଆଗରପଡ଼ା-ବରପଦା ରାସ୍ତାର ସ୍ଥାୟୀ ମରାମତି ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ବର୍ଷ ୨୦୨୧ ଜୁନ ମାସରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମାଟିର ଆଦ୍ରତା ଯୋଗୁଁ ନିର୍ମିତ ରାସ୍ତା ପ୍ରତିବର୍ଷ ଫାଟୁଛି। ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତି ସରିଛି ବୋଲି କହିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ହେବାରୁ ବିଭିନ୍ନ ଗଣମାଧ୍ୟମରେ ଏଥିନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ ବର୍ଷ ୨୦୨୨ମାର୍ଚ୍ଚ ମାସରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ବିଭାଗ ପକ୍ଷରୁ କରାଯାଇଥିଲା। କିନ୍ତୁ ମରାମତିକୁ ବର୍ଷେ ନପୁରୁଣୁ ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ଦବି ଯିବା ସହ ବହୁ ଜାଗା ଫାଟି କେରା କେରା ହୋଇ ମରଣଯନ୍ତା ପାଲଟିଯାଇଥିଲା। ପରେ ରାସ୍ତା ସ୍ଥାୟୀ ମରାମତି ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତାକୁ ୭ ମିଟର ଓସାର କରିବା ସହ ନୂଆ ରାସ୍ତା ନିର୍ମାଣ ପାଇଁ ୪୪ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁର ପାଇଁ ଦିଆଯାଇଛି। ଏହି ଅଟକଳ ମଧ୍ୟରେ ଛୋଟ ପୋଲ ଓ ଜମି ଅଧିଗ୍ରହଣ କରାଯିବ। ଅଟକଳ ମଞ୍ଜୁର ହେବାପରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବାର ସୂଚନା ମଧ୍ୟ ସେ ଦେଇଥିଲେ। ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଏହାର ମରାମତି କରାଯାଇଥିଲା। ତେଣୁ ସ୍ଥାୟୀ ରାସ୍ତା ନିର୍ମାଣକୁ କାଗଜକଲମରେ ସୀମିତ ନରଖି ଏହାର ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି।

## ● ଚିରନିଦ୍ରାରେ ପୂର୍ତ୍ତ ବିଭାଗ

# ଧିରେ ଧିରେ ଚାଲ; ରାସ୍ତା ସାରା ଖାଲ



**ଧାମନଗର,୨୩।୭(ସମିସ):** ପୂର୍ତ୍ତ ବିଭାଗ ଚିରନିଦ୍ରାରେ। ଧିରେ ଧିରେ ଚାଲ ରାସ୍ତା ଫାଟି ଆଁ। ଧାମନଗର ବଜାରଠାରୁ ଦକ୍ଷିଣବାଡ ଛକ, ଇଲେକ୍ଟ୍ରି ଅଫିସ୍, ଜିଲ୍ଲା ଜରାନିବାସ ମଧ୍ୟରେ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଦବି ଯିବା, କଂକ୍ରିଟ ରାସ୍ତାର ମଝିରେ ଫାଟି ଆଁ ହୋଇ ବିପଦକୁ ନିମନ୍ତ୍ରଣ କରୁଛି। କେତେକ ସ୍ଥାନରେ ରାସ୍ତା ମଝିରେ ଫାଟ ସୃଷ୍ଟି ହେବାରୁ ବାଇକ୍ ଓ ସାଇକଲ ଆରୋହୀ ଦୁର୍ଘଟଣା ଘଟି ଖଣ୍ଡିଆ ଖାବରା ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବା ସହିତ ଧନଜୀବନ କ୍ଷୟକ୍ଷତି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି। ଭଦ୍ରକ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ। ଦାୟିତ୍ୱରେ ଥିବା ଖୋଦ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ପାଣି ବ୍ଲକ ଓ ଏନଏସି ଅଞ୍ଚଳରେ ହେଉଥିବା କାମକୁ ତଦାରଖ କରିବାକୁ ଆସୁନଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି ବ୍ଲକର ଚଳଚଞ୍ଚଳ ରାସ୍ତା ଭାବେ ବେଶ ପରିଚିତ ଥିବା ବେଳେ ଏହି ରାସ୍ତା ଭଦ୍ରକରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବାରୁ ପ୍ରତ୍ୟହ ଦିନ କଟକ, ଭୁବନେଶ୍ୱର, ବାଲେଶ୍ୱର ଅଞ୍ଚଳକୁ ବସ୍ ଯାତାୟାତ କରିବା ସହ ଧାମନଗର ବ୍ଲକ ଅଞ୍ଚଳର ବହୁ ଜନସାଧାରଣ ଦୈନିକ ଭଦ୍ରକ ଜିଲ୍ଲା ହେଡକ୍ୱାର୍ଟରକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଏହି ରାସ୍ତାଟି ବର୍ଷକ ତଳେ ନିର୍ମାଣ ହୋଇଥିଲେ ମଧ୍ୟ ନିମ୍ନମାନର କାମ ଯୋଗୁ ଖରାପ ହୋଇ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଦାବି ହେଉଛି।

# ବିଧାୟକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା

**ଅସୁରାଳି,୨୩।୭(ସମିସ):** ଧୂଷୁରୀ ପ୍ରେସ ୟୁନିଅନ ତରଫରୁ ବାସୁଦେବପୁର ବିଧାୟକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ରବି ନାରାୟଣ ଖିଲାର, ଧୂଷୁରୀ ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସ, ସମ୍ପାଦକ



ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଉପଦେଷ୍ଟା ପଣ୍ଡିତ ପଞ୍ଚାନନ ମିଶ୍ର, ଉପଦେଷ୍ଟା ପୂର୍ବତନ ସରପଞ୍ଚ ଅନସୂୟା ମିଶ୍ର, ସୁଜନ ପାଗଳ, ରାମ ନାରାୟଣ ମହାନ୍ତି, ଅଧ୍ୟାପକ ରବୀନ୍ଦ୍ର ବେହୁରାଆ, ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ରହି ବିଧାୟକ ଅଶୋକ ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପାଣିନାଳ ଜବରଦଖଲକୁ ନେଇ ଚିନ୍ତାରେ ଚାଷୀ



**ବନ୍ତ/ଆଗରପଡ଼ା,୨୩।୭(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ତହସିଲ ଆଗରପଡ଼ା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ କୁଆଁସମଡିଆ ମୌ÷ଜାରେ ପାଣିନାଳକୁ ଜବରଦଖଲ କରାଯାଇଥିବାରୁ ବର୍ତ୍ତମାନ ଚାଷୀମାନେ ଚାଷକାର୍ଯ୍ୟ ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲା ପରେ ବିଭାଗୀୟ ତଦନ୍ତର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଉକ୍ତ ମୌ÷ଜାର ପ୍ଲଟନଂ-୫୭୮, କିସମ ରକ୍ଷିତ ଜମି ଉପରେ ପାଣି ନାଳ ଥିବା ବେଳେ ଜଣେ ବ୍ୟକ୍ତି ନିଜସ୍ୱ ଜମି ମଧ୍ୟରେ ପକ୍କା ପାଚେରି କରି ଉକ୍ତ ପାଣିନାଳକୁ ଜବରଦଖଲ କରିଛନ୍ତି। ଯାହା ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ନିଜ ନିଜ ଚାଷଜମିକୁ ଚାଷୀମାନେ ଯାତାୟାତ କରବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସବୁ ସମସ୍ୟାକୁ ନେଇ ଚାଷୀମାନେ ଗତବର୍ଷ ୨୦୨୩ ଜୁନ ୩୦ ତାରିଖରେ ତହସିଲଦାର ବନ୍ତ ଓ ପରେ ସେହିବର୍ଷ ନଭେମ୍ବର ୬ ତାରିଖରେ ଜିଲ୍ଲାପାଳ ଭଦ୍ରକଙ୍କ ଠାରେ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପରେ ମଧ୍ୟ କିଛି ସୁଫଳ ପାଇ ପାରିନଥିଲେ। ପରେ ବାଧ୍ୟ ହୋଇ ଚଳିତ ବର୍ଷ ଜୁନ ମାସ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରାଯାଇଥିଲା। ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳଙ୍କୁ ଏହାର ବିଦ୍ଧିବଦ୍ଧ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଜିଲ୍ଲାପାଳ ବନ୍ତ ତହସିଲଦାରଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁନ ୧୯ ତାରିଖରେ ତହସିଲଦାର ବନ୍ତ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ଅନୁସନ୍ଧାନ କରି ଉପରୋକ୍ତ ପ୍ଲଟ ଉପରେ ପାଣିନାଳ ଥିବା ବେଳେ ଜବରଦଖଲକାରୀ ସିମେଣ୍ଟ ପାଚେରି ମଝିରେ ପାଣି ଯିବା ପାଇଁ ନାଳ ରଖିଥିବା ନେଇ ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଖବର ଜଣାପଡ଼ିବା ପରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହେବା ସହ ତଦନ୍ତର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ଉକ୍ତ ପାଣିନାଳ ଉପରୁ ସମ୍ପୂର୍ଣ୍ଣ ଜବରଦଖଲ ଉଚ୍ଛେଦ କରିବା ସହ ବିରଞ୍ଚି ନାରାୟଣ ପାଣିଗ୍ରାହୀ, ରବିନାରାୟଣ ମହାନ୍ତି, ରଞ୍ଜିତ ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜ୍ଞାନେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ଅହରହ ହେଉଛି ବାଲି ଉତ୍ତୋଳନ

# ଗେଙ୍ଗୁଟି ଦେଇ ଖୋଲିଯିବ କି ବୈତରଣୀର ନୂତନ ଧାର!

**ବାରିକପୁର,୨୩।୭(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ମଣିନାଥପୁର ନିକଟ ବୈତରଣୀ ନଦୀରେ ବ୍ୟାରେଜ ହେବା ଯୋଗୁ ଏବେ ଏହାର ଭୌଗଳିକ ସ୍ଥିତି ପରିବର୍ତନ ହେବା ନେଇ ଆଶଙ୍କା କରାଯାଉଛି। ଯାଜପୁର ପଟୁ ନଦୀ ପଠା ପୋତାଯାଇ ଉନ୍ନୟନମୂଳକ କାମ ହେଉଥିବା ବେଳେ ବାମପଟ ଅଂଶରେ ନଦୀ କାୟା ବିସ୍ତାର କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବୈତରଣୀ ନଦୀ ସଂଯୁକ୍ତ ଗେଙ୍ଗୁଟି ନଦୀଟି ଏବେ ଅଞ୍ଚଳବାସୀଙ୍କ ପାଇଁ ବିପଦ ଆଣିଦେବ ବୋଲି କୁହାଯାଉଛି। ବଲ୍ଲବୀଘାଟ ନିକଟରୁ ଗେଙ୍ଗୁଟି ନଦୀର ଉତ୍ପତି ସ୍ଥଳ ହୋଇଥିବା ବେଳେ ଏହା ସଠଗାଁ ଦେଇ ଧାମନଗର ବ୍ଲକ ସୀମା ମଧ୍ୟକୁ ପ୍ରବେଶ କରିଛି। ସେତୁ ନିକଟରୁ ପ୍ରାୟ ଦେଢ଼ କିମି ଯାଏଁ କେବଳ ପଠା ରହିଥିବା ବେଳେ ଗେଙ୍ଗୁଟିର କୌଣସି ଚିହ୍ନବର୍ଣ୍ଣ ନାହିଁ। ପଠାରେ ସ୍ଥାନୀୟ ଲୋକେ ପ୍ରତ୍ୟେକ ବର୍ଷ ମାଟି ଖୋଳି ଇଟା ବ୍ୟବସାୟ କରିଥାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଗେଙ୍ଗୁଟିର ମଧ୍ୟ ଭାଗରୁ ଗତ କିଛି ମାସ ହେବ ଅହରହ ବେଆଇନ ବାଲି ଉତ୍ତୋଳନ ହେଉଛି। ଏହା ବଣବୁଦା ଭର୍ତ୍ତି ନିକାଞ୍ଚ ଅଞ୍ଚଳ ହୋଇଥିବାରୁ ସ୍ଥାନୀୟ ବାଲି ବ୍ୟବସାୟୀ ମାନେ ଏହା ମଧ୍ୟକୁ ପ୍ରବେଶ କରି ଜେସିବି ଜରିଆରେ ଦିନ ଦ୍ୱିପ୍ରହରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ କରୁଛନ୍ତି। ଅନେକ ବର୍ଷ ହେବ ଏହା ଲଘୁ ଖଣିଜ ଦ୍ରବ୍ୟ ଭାବେ



ଗେଙ୍ଗୁଟିର ଉପରସ୍ତର ମାଟିତଳେ ଗଚ୍ଛିତ ଥିବା ବେଳେ ଏବେ ଏହା ଉପରେ ଚୋରା ବ୍ୟବସାୟୀମାନଙ୍କର ଲୋଲୁପ ଦୃଷ୍ଟି ପଡିଛି। ନଦୀର ପ୍ରାୟ ଏକ କିମି ପରିସୀମା ମଧ୍ୟରୁ ଖରାଦିନେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ଚାଲାଣ ହୋଇଯାଇଥିବା ବେଳେ ଏବେ ମଧ୍ୟ ପୂର୍ବବତ ଚୋରା ବ୍ୟବସାୟ ଲାଗି ରହିଛି। ପୂର୍ବରୁ ବୈତରଣୀ ମୁହଁରୁ ଗେଙ୍ଗୁଟି କେବଳ ନାମକୁ ମାତ୍ର ଥିବାବେଳେ ବର୍ଷା ୪ମାସକୁ ଛାଡିଦେଲେ ସଠଗାଁ ଠାରୁ ତଳକୁ ଖରା ଆଠମାସ ଏଥିରେ ପାଣି ଦେଖାଯାଇଥାଏ। ଉପରିଭାଗ ଷୋଳମପୁର ପଞ୍ଚାୟତ ଅଞ୍ଚଳ ସୀମା ଗେଙ୍ଗୁଟି ନଦୀର ଚିତ୍ର କେବଳ ପଠାରେ ସୀମିତ ଥାଏ। ଏବେ ମନୁଷ୍ୟକୃତ ଭୁଲ ଯୋଗୁ ଗେଙ୍ଗୁଟି ନଦୀ ବୈତରଣୀ ନଦୀରେ ରୂପାନ୍ତରିତ ହୋଇଯିବ ବୋଲି ଅନୁମାନ କରାଯାଉଛି। ଡାହାଣ ପଟେ ନଦୀ ସଙ୍କୁଚିତ ହେଉଥିବା ବେଳେ ଅହରହ ବାଲି ଉତୋଳନ ଯୋଗୁଁ ବାମ ପାର୍ଶ୍ୱରେ ବୈତରଣୀ ଗେଙ୍ଗୁଟି ସହିତ ମିଶି କାୟା ବିସ୍ତାର କରିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାଦ୍ୱାରା ମଣିନାଥପୁର ସମେତ ମୁଢାପଦା, ଦାଣ୍ଡକୁଳ, ତିଖିଲିଆ, ବିରୋଳି, ବରାହନୂଆପଡା ପ୍ରମୁଖ ଗ୍ରାମ ଗୁଡିକୁ ବିପଦ ମାଡି ଆସିବ। ତେଣୁ ଏବେ ଠାରୁ ଗେଙ୍ଗୁଟି ସୁରକ୍ଷା ଦିଗରେ ପ୍ରଶାସନିକ ସ୍ତରରେ ଦୃଷ୍ଟି ନଦେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ ବୋଲି ମତ ପ୍ରକାଶ ପାଇଛି।

## ମା’ ରମାଦେବୀଙ୍କ ପୁଣ୍ୟତିଥି ପାଳିତ



**ବରୀ,୨୩।୭ (ସମିସ):** ମାଆ ଏକ ପବିତ୍ର ଶବ୍ଦ। ଜନ୍ମଦାତ୍ରୀ ହୋଇ ମାଟି ମା’ର ସେବା କରି ଯିଏ ମାଆ ଭାବେ ପରିଚିତ, ସେ ହେଉଛନ୍ତି ମା’ ରମାଦେବୀ। ତାଙ୍କର ୩୯ତମ ପୁଣ୍ୟ ତିଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ମତବ୍ୟକ୍ତ କରିଥିଲେ। ଜୀବନକାଳ ଭିତରେ ସେବା ସତ୍ତ୍ୱେ ଯେମିତି ତାଙ୍କ ପାଇଁ ବ୍ରତ ଥିଲା। ସେବା କରିବାର ନିଶା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ବରୀ ଅଞ୍ଚଳରେ। ସ୍ଥାନୀୟ ରମାଦେବୀ-ଗୋପବନ୍ଧୁ ଆଶ୍ରମଠାରେ ଆଜି ମା’ ରମାଦେବୀଙ୍କ ପୁଣ୍ୟତିଥି ପାଳନ କରାଯାଇଥିଲା। ଆଶ୍ରମ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାରୀ ସଭାପତି ଡକ୍ଟର ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନ୍ତକାର ଜଳାଶୟରେ ତିଳତର୍ପଣ କରାଯିବା ପରେ ସର୍ବଧର୍ମ ପ୍ରାର୍ଥନା ଓ ରାମଧୂନ ଗାନ କରାଯାଇଥିଲା। ବରୀ, ଯାଜପୁର, ରସୁଲପୁର ଅଞ୍ଚଳରୁ ଆସିଥିବା ରମାଦେବୀ ପ୍ରେମୀ ଶ୍ରଦ୍ଧାସୁମନ ଅର୍ପଣ ସହ ମାଆଙ୍କ ଜୀବନବ୍ୟାପୀ ସାଧନା ସମ୍ପର୍କରେ ଅଭିମତ ରଖିଥିଲେ। ଟ୍ରଷ୍ଟର ସମ୍ପାଦକ ନିମାଇଁ ରାୟ ପ୍ରାରମ୍ଭିକ ସୂଚନା ସହ ଚଳିତବର୍ଷ ରମାଦେବୀଙ୍କ ଜନ୍ମର ଏକ ଶହ ପଚିଶ ବର୍ଷ ଜୟନ୍ତୀ ପାଇଁ ନିଆଯାଇଥିବା କାର୍ଯ୍ୟର ବିବରଣୀ ଉପସ୍ଥାପନ କରିବା ସହ ଏହାର ବ୍ୟାପକତା ସମ୍ପର୍କରେ କହିଥିଲେ। ଉପସଭାପତି କୁଳମଣି ଶୁକ୍ଳଙ୍କ ସମେତ ଆଶ୍ରମର ପରିଚାଳକ ସୀତାରାଣୀ ଦେଓ, କୁଶଧ୍ୱଜ ସାମଲ, ମକରଧ୍ୱଜ ସାହୁ, ଦେବବ୍ରତ ମହାନ୍ତି, ସାବିତ୍ରୀ ଦାସ, ବଲ୍ଲଭ ଜେନା, କପିଳ ଚରଣ ସାମଲ, ଦିଲ୍ଲୀପ ଦାସ, ଅଭିରାମ ମଲ୍ଲ, ଶୁକଦେବ ସାହୁ, ବିରଞ୍ଚି ମିଶ୍ର, ପୂର୍ଣ୍ଣିମା ଜେନା, ବିଜୟ ଦାସ ପ୍ରମୁଖ ଯୋଗ ଦେଇଥିବାବେଳେ ଦିଲ୍ଲୀପ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପ୍ରାଣ ମହିଳାଙ୍କ ସ୍ମୃତିସଭା

**ସିଂହପୁର,୨୩।୭ (ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଧ୍ରୁବ ଚରଣ ସାହୁଙ୍କ ପତ୍ନୀ ରମ୍ଭାରାଣୀ ସାହୁଙ୍କର ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ପ୍ରଧାପକ ପଦ୍ମଚରଣ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ମୁଖ୍ୟବକ୍ତା ପ୍ରାକ୍ତନ କୃଷି ବିଶେଷଜ୍ଞ ଧରଣୀଧର ପାତ୍ର, ଅତିଥି ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଜେନା, ଆଳି ନାଗରିକ ମଞ୍ଚର ସଭାପତି ଧନେଶ୍ୱର ରାଉତ, ପ୍ରାକ୍ତନ ସରପଞ୍ଚ ପର୍ଶୁରାମ ରାଉତରାୟ, ଓଷ୍ଟା ସମ୍ପାଦକ ଭାରତ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଜେନା, ପ୍ରାକ୍ତନ ବ୍ଲକ ଅଧକ୍ଷ ପୁରୁଷୋତ୍ତମ ବେହେରା, ଚୈତନ୍ୟ ସାମଲ, ଅକ୍ଷୟ ବେହେରା, ଦିଲୀପ ନାୟକ, ଅରୁଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ କୁମାର ଜେନା ରାମଧୁନ ଗାନ କରିଥିଲେ। ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରଯାଇଥିଲା।

## ଟମକା ଥାନାରେ ନୂତନ ଆଇଆଇସି

**ଟମକା,୨୩।୭ (ସମିସ):** ସାଧାରଣ ନିର୍ବାଚନ ପରେ ଗୃହ ବିଭାଗ ତରଫରୁ ଯାଜପୁର ଜିଲ୍ଲାପ୍ରଶାସନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନାରେ କାର୍ଯ୍ୟରତ ଥିବା ଆଇଆଇସି ମାନଙ୍କର ଜିଲ୍ଲାସ୍ତରୀୟ ବଡ ଧରଣର ଅଦଳବଦଳ ହୋଇଛି। ଏହି ପରିପ୍ରେକ୍ଷୀରେ ଟମକା ଥାନାର ଆଇଆଇସି ଶଙ୍କର୍ଷଣ ଦଳାଇଙ୍କ ସ୍ଥାନରେ ପ୍ରମୋଦିନୀ ସାହୁ ନୂତନ ଆଇଆଇସି ଭାବେଦାୟିତ୍ୱ ନେଇଛନ୍ତି। ଶ୍ରୀମତୀ ସାହୁ ପୂର୍ବରୁ ବାଲିଚନ୍ଦ୍ରପୁର ଥାନାରେ ଆଇଆଇସି ଭାବେ କାର୍ଯ୍ୟ



କରୁଥିଲେ ଟମକା ମହାଗିରି ପ୍ରେସ୍ କ୍ଲବ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ ନୂତନ ଆଇଆଇସିଙ୍କୁ ସ୍ୱାଗତ କରିଥିଲେ। ଟମକା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ସହିତ ଜନସାଧାରଣମାନଙ୍କର ଧନଜୀବନ ସୁରକ୍ଷା ପ୍ରତି ଦୃଷ୍ଟିଦେଇ ନୀରପେକ୍ଷ ଭାବରେ କାର୍ଯ୍ୟ କରିବି ବୋଲି ଶ୍ରୀମତୀ ସାହୁ ପ୍ରକାଶକରିଛନ୍ତି।

## ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ହରିପୁର,୨୩।୭ (ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଗଙ୍ଗାଧର ସେଠୀ (୭୮)ଙ୍କର ଆଜି ସକାଳେ ପରଲୋକ ଘଟିଛି। ସୂଚନା ଯୋଗ୍ୟ ଯେ, ପୂର୍ବରୁ ବାହାଦଲାପୁର, ମୁଗୁପାଳ ମିଶିକି ଗୋଟିଏ ପଞ୍ଚାୟତ ଥିଲା। ପରେ ୧୯୯୨ମସିହାରେ ବିଭାଜନ ହେଇ ୨ଟା ପଞ୍ଚାୟତ ହେଲା ପରେ ପ୍ରଥମ ବାହାଦଲାପୁର ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ହୋଇ ଥିଲେ ସ୍ୱର୍ଗତ ଗଙ୍ଗାଧର ସେଠୀ। ତାଙ୍କର ଦେହ ୩ଦିନ ତଳେ ଖରାପ ହେବାରୁ ପରିବାର ଲୋକ ଭୁବନେଶ୍ୱର ସ୍ଥିତ ଏକ ଘରେଇ ହସ୍ପିଟାଲରେ ଚିକିତ୍ସା କରାଉଥିଲେ। କିନ୍ତୁ ଆଜି ସକାଳେ ଚିକିତ୍ସା ଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ପରଲୋକ ଖବର ପାଇଁ ରସୁଲପୁର ବ୍ଲକ ଅଧକ୍ଷ ଅରୁଣ ରାଉତ, ୩୩ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ଶଶୀଭୁଷଣ ସାହୁ, ଶିକ୍ଷାବିତ୍ ଚନ୍ଦ୍ରଶେଖର ନାୟକ, ସନ୍ତୋଷ ରାଉତ, ବାସୁଦେବ ପଲେଇ, ସାମ୍ବାଦିକ କାଳନ୍ଦୀ କଣ୍ଡ ଏବଂ ବହୁ ବିଶିଷ୍ଟ ଲୋକମାନେ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଗୌରାଙ୍ଗ ଚରଣ ସେଠୀ ମୁଖାଗ୍ନି ଦେଇଥିଲେ।

### ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିବାଦ

# ମେଡିକାଲ ବୋର୍ଡରେ ହାଜର ନିର୍ଦ୍ଦେଶକୁ ଅବମାନନା

**ବ୍ୟାସନଗର,୨୩।୭ (ସମିସ)**

ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଫାର୍ମାସିଷ୍ଟଙ୍କୁ ନେଇ ଚାଲିଥିବା ବିବାଦ ଚରମ ସୀମାରେ ପହଞ୍ଚିଛି। ବିବାଦୀୟ ଫାର୍ମାସିଷ୍ଟ ପ୍ରଜ୍ଞା ପରମିତା ସାହୁଙ୍କୁ ବଦଳି କରାଯାଇଥିବାବେଳେ ସେ ଅସୁସ୍ଥତା ଦର୍ଶାଇ ଦୀର୍ଘଦିନ ଛୁଟିରେ ଅଛନ୍ତି। ତାଙ୍କୁ ମେଡ଼ିକାଲ ବୋର୍ଡରେ ହାଜର ହେବାକୁ ନିର୍ଦ୍ଦେଶ ଥିବାବେଳେ ସେ ଏହାକୁ ଅବମାନନା କରିଛନ୍ତି। ଫଳରେ ସିଡିଏମଓ ଦରମା ବନ୍ଦ କରିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚିଠି ସଂଖ୍ୟା ୪୧୫୩/୨୧-୦୬-୨୦୨୪ ଆଧାରରେ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ(ଭାରପ୍ରାପ୍ତ) ଚିଠି ସଂଖ୍ୟା ୨୮୦/୨୧-୦୬-୨୦୨୪ରେ କାର୍ଯ୍ୟରତ ଫାର୍ମାସିଷ୍ଟ ପ୍ରଜ୍ଞା ପରମିତା ସାହୁଙ୍କୁ ଦାନଗଦି ବ୍ଲକ ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ)କୁ ବଦଳି ଆଦେଶ ଦେବା ସହିତ ଜୁନ ୨୪ ତାରିଖ ଅପରାହ୍ନଠାରୁ ଏଠାରେ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରି ବାରାଖାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଧିକାରୀଙ୍କ ନିକଟରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ରହିଥିଲା। ତେବେ ବଦଳି ଆଦେଶ ଆସିବା ପୂର୍ବରୁ ମହିଳା ଫାର୍ମାସିଷ୍ଟ ଏହା ଜାଣି ଛୁଟିରେ ଚାଲିଯାଇଥିଲେ। ତତ୍କାଳୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜାଣିଥିବା ସତ୍ତ୍ୱେ ତାଙ୍କୁ ଛୁଟି ମଞ୍ଜୁର କରିବାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ତେବେ ବଦଳି ଆଦେଶକୁ ଇତିମଧ୍ୟରେ ଏକ ମାସ ପୂରିଥିବାବେଳେ ସମ୍ପୃକ୍ତ ଫାର୍ମାସିଷ୍ଟ ବଦଳି ସ୍ଥାନରେ ଯୋଗ ନ ଦେଇ ସେହି ଦିନଠୁ ଶାରିରୀକ ଅସୁସ୍ଥତା ଆଳ କରି ଛୁଟିରେ ରହିଥିଲେ। ଏପରିକି ଏଠାରେ ବଲାଙ୍ଗୀର ଲିଙ୍କ କାର୍ଯ୍ୟ କରୁଥିବା ସହରବାସୀ ଆଲୋଚନା କରିଥିଲେ। ଯାହାର ପ୍ରତିଫଳନ ଭାବେ ତତ୍କାଳୀନ ମେଡିକାଲ ଅଧିକାରୀ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ସୁରକ୍ଷା ଦେବା ସହିତ ଆଇନଗତ ବାଟରେ ମଧ ପଶ୍ଚିମ ଓଡିଶାର ପୁଲିସ ଅଧିକାରୀ ସମ୍ପୃକ୍ତ ମହିଳାଙ୍କୁ ସହଯୋଗ କରୁଥିବା ଆଲୋଚନା ଜୋର ଧରିଛି।

- ଫାର୍ମାସିଷ୍ଟ ଆସୋସିଏସନ ପକ୍ଷରୁ ମାମଲା ରଫାଦଫା ଉଦ୍ୟମ
- ଦରମା ବନ୍ଦ ଓ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍ଓଙ୍କ ନିର୍ଦ୍ଦେଶ

ଏହି ଘଟଣାକୁ କିଛି ଦିନ ନ ଯାଉଣୁ ସମ୍ପୃକ୍ତ ଫାର୍ମାସିଷ୍ଟ ପ୍ରଜ୍ଞା ପରମିତା ସାହୁ ବଦଳି ବାତିଲ ସମ୍ପର୍କୀୟ ଉଚ୍ଚ ନ୍ୟାୟାଳୟଙ୍କ ଅନୁମତି ପତ୍ର ଧରି ଲଗାତର ଦୁଇଦିନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନଧିକାର ପ୍ରବେଶ କରି ଏଠାରେ କାର୍ଯ୍ୟ କରିବାକୁ ମେଡିକାଲ ଅଧିକାରୀ ଡା. ଦେବାଶିଷ ସାହୁଙ୍କୁ ଅନୁରୋଧ କରିଥିଲେ। ଡା. ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁମତି ପରେ ଆପଣ କାର୍ଯ୍ୟରେ ଯୋଗ ଦେଇପାରିବେ ବୋଲି ରୋକଠୋକ ଶୁଣାଇବା ଦେଇଥିଲେ।

ପୂର୍ବରୁ ଅନେକ ମାମଲାରେ ଆମ ନିରବତାକୁ ଦୁର୍ବଳତା ଭାବି ଜିଲ୍ଲା କାର୍ଯ୍ୟାଳୟ ବିପକ୍ଷରେ ଉଚ୍ଚ ନ୍ୟାୟାଳୟଙ୍କ ଅର୍ଡର ଆଣି ଆମକୁ ବ୍ଲାକମେଲ କରାଯାଉଥିଲେ ମଧ ଏବେ ଆମେ ସମସ୍ତ କେଶକୁ ଡିଫେଣ୍ଡ କରିବୁ ବୋଲି ଡା. ମହାରଣା କହିଥିଲେ। ଏହାର ନମୁନା ଭାବେ ପ୍ରାଥମିକ ଭାବେ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟଙ୍କ ହାଇକୋର୍ଟ ଅର୍ଡରର ଉତ୍ତର ରଖାଯାଇଥିବାବେଳେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟଙ୍କୁ ମେଡିକାଲ ବୋର୍ଡରେ ହାଜର ହୋଇ ତାଙ୍କର ସ୍ୱାସ୍ଥ ପରୀକ୍ଷା କରାଇବାକୁ ବିଭାଗୀୟ ନିର୍ଦ୍ଦେଶ ଜାରି କରାଯାଇଥିବା ଡା. ମହାରଣା କହିଥିଲେ। ବୋର୍ଡର ସଦସ୍ୟ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେ ସତରେ ଅସୁସ୍ଥ କି ମିଥ୍ୟା ଆଳ କରି ଛୁଟି ନେଇ ବିଭାଗକୁ ବାଟବଣା କରିବାକୁ ପ୍ରୟାସ କରୁଛନ୍ତି, ତାହା ଜଣାପଡିବ ବୋଲି ଡା. ମହାରଣା କହିଥିଲେ। ତେବେ ଜୁଲାଇ ୨୨ ତାରିଖ ସୁଦ୍ଧା ବଦଳି ଅବଧିକୁ ଏକ ମାସ ପୂରିଥିବାବେଳେ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ମେଡିକାଲ ବୋର୍ଡ କମିଟି ନିକଟରେ ନିଜର ସ୍ୱାସ୍ଥ୍ୟଗତ ପରୀକ୍ଷା ନିମନ୍ତେ ହାଜର ହୋଇ ନ ଥିବା କହିଛନ୍ତି। ୨୨ ତାରିଖରେ ମହିଳା ଫାର୍ମାସିଷ୍ଟ ପୁନଃ ଉଚ୍ଚ ନ୍ୟାୟାଳୟଙ୍କ ଅର୍ଡର ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ କରିବାକୁ ପହଞ୍ଚିବା ପରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦେବାଶିଷ ସାହୁ ମୁଁ ଏହି ଅର୍ଡର ମାଧ୍ୟମରେ ଆପଣଙ୍କୁ କାର୍ଯ୍ୟ କରିବା ନିମନ୍ତେ ଅନୁମତିପ୍ରାପ୍ତ ଅଧିକାରୀ ନୁହେଁ। ଆପଣ ଦୟାପୂର୍ବକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁମତି ଆଣନ୍ତୁ ବୋଲି କହି ତାଙ୍କୁ ଫେରାଇ ଦେଇଥିଲେ। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା ତାଙ୍କୁ ଏଠାରେ ଜଏନ କରାଇବାକୁ ଡା. ସାହୁଙ୍କୁ ମଧ ମନା କରିଥିଲେ। ଦୀର୍ଘଦିନ ହେବ ବଦଳି ନିର୍ଦ୍ଦେଶ ପରେ ମଧ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ମେଡିକାଲର ଅନେକ ଗୁରୁତ୍ୱପୂର୍ଣ୍ଣ ଚାବି ମେଡିକାଲ ଅଧିକାରୀଙ୍କୁ ହସ୍ତାନ୍ତର କରି ନ ଥିବା ଡା. ସାହୁ ସୋମବାର କହିବା ପରେ ଫାର୍ମାଶିଷ୍ଟ ଶ୍ରୀମତୀ ସାହୁ ସେ ଆଲମିରା ଚାବି ଛାଡି ସବୁ ଦେଇଥିବା କହିଥିଲେ। କୋର୍ଟରେ ମାମଲା ଥିବାରୁ ଆଲମିରା ଚାବି ଦେବେନାହିଁ ବୋଲି ରୋକଠୋକ ଶୁଣାଇଥିଲେ। ଏହା ସରକାରଙ୍କ ସମ୍ପତ୍ତି। ଏଥିରେ ଆପଣଙ୍କର କ’ଣ ଅଧିକାର ଅଛି ବୋଲି ଡା .ସାହୁ ବୁଝାଇବା ପରେ ସେ ଚାବି ଦେବାକୁ ରାଜି ହୋଇଥିଲେ। ତେବେ ବଦଳି ଆଦେଶର ୩୦ ଦିନ ପୂରିଯାଇଥିଲେ ମଧ ସମ୍ପୃକ୍ତ ମହିଳା ଫାର୍ମାସିଷ୍ଟ ନିଜ ଜିଦ୍‌ରେ ଅଟଳ ରହିବା ସହିତ ବଦଳି ବାତିଲ ପାଇଁ ବିଭିନ୍ନ ସୂତ୍ରରୁ ଚାପ ପକାଉଛନ୍ତି। ଏପରିକି ଫାର୍ମାଶିଷ୍ଟ ଆସୋସିଏସନର ଜଣେ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ଓ ଯାଜପୁରରୋଡ ଅଞ୍ଚଳର କିଛି ସମାଜସେବୀଙ୍କୁ ଫୋନ କରି ଘଟଣାକୁ ରଫାଦଫା କରିବାକୁ ନେହୁରା ହେଉଥିବା ଜଣାପଡିଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ମେଡିସିନ ରଖିବା ନିମନ୍ତେ ଡାକ୍ତରଙ୍କ ରୁମ ହସ୍ତାନ୍ତର କିଛି ଦିନ ପାଇଁ କରିଥିଲେ। ତେବେ ଦୀର୍ଘଦିନ ହେବ ତାକୁ ରଖିବା ବେଆଇନ। ଦୀର୍ଘଦିନ ଧରି ବେଆଇନ ଭାବେ ଛୁଟିରେ ରହିବା ଯୋଗୁଁ ସମ୍ପୃକ୍ତ ମହିଳା ଫାର୍ମାଶିଷ୍ଟ ପ୍ରଜ୍ଞାପରମିତା ସାହୁଙ୍କ ଦରମା ବନ୍ଦ କରାଯାଇଥିବା ଓ ଖୁବ୍‌ଶୀଘ୍ର ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡା ମହାରଣା କହିଛନ୍ତି।

## ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ବିଜେତା ଆୟୁଷଙ୍କୁ ସମ୍ବର୍ଦ୍ଧନା



**ସୁକିନ୍ଦା,୨୩।୭ (ସମିସ):** ଜାତୀୟସ୍ତରୀୟ ରୋଙ୍ଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିବା ସୁକିନ୍ଦା ପୁଅ ଆୟୁଷ ବଳ (୧୬)ଙ୍କୁ ଗାଁ ମାଟିରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୧୪ ଓ ୧୫ ତାରିଖରେ ପଞ୍ଜାବରେ ଅନୁଷ୍ଠିତ ସପ୍ତମ ଜାତୀୟ ରୋଙ୍ଗ ପ୍ରତିଯୋଗିତାରେ ଆୟୁଷ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି କୃତିତ୍ୱ ହାସଲ କରି ଓଡ଼ିଶା ତଥା ଯାଜପୁର ଜିଲ୍ଲା ଓ ସୁକିନ୍ଦା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ନିମପଲ୍ଲୀ ଗ୍ରାମର ନିହାର ରଞ୍ଜନ ବଳଙ୍କ ପୁଅ ଆୟୁଷ। ରବିବାର ଆୟୁଷ ନିଜ ଗାଁ ସୁକିନ୍ଦା ବ୍ଲକ ଅନ୍ତର୍ଗତ ନିମପଲ୍ଲି ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଶିବମନ୍ଦିର ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗ୍ରାମ ଓ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆୟୁଷଙ୍କୁ ଆଶୀର୍ବାଦ ଦେବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଶରତ ବଳ, ବ୍ରତାତି ସାମଲ, ଶାନ୍ତିଲତା ବଳ, ଝୁନୁ ଚକ୍ର, ନିରୁପମା ବେହେରା, ବିଜୟ ମୁଦୁଲି, ଶଙ୍କର୍ଷଣ ବଳ, ଜନ୍ମଜୟ ବଳସାମନ୍ତ, ବୀରକିଶୋର ବଳ ପ୍ରମୁଖ ଯୋଗ ଦେଇଥିଲେ।

## ମଙ୍ଗଳପୁର-ଥାଲକୁଡ଼ି ବାଇପାସ୍‌ରେ ଜମୁଛି ବର୍ଷାପାଣି

**କଙ୍ଖୋଲା,୨୩।୭ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ବଜାର ଓ ଥାଲକୁଡ଼ି ପଞ୍ଚାୟତ ବାଇପାସ ରାସ୍ତାରେ ବହୁତ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ପାଣି ଜମିରହୁଛି। ଏହି ରାସ୍ତାଟି ଅଧପନ୍ତରିଆ ହୋଇ ପଡ଼ିରହିଥିବାବେଳେ ପ୍ରଶାସନର ନଜର ପଡୁନାହିଁ। ଏହି ମଙ୍ଗଳପୁର ବଜାର ଉପରେ ଯାଜପୁର ଜିଲ୍ଲାର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ଏହି ବାଇପାସ ରାସ୍ତାଟି କନିକାପଡା ପଞ୍ଚାୟତ ଦିହୁଡିସାହିଠାରୁ ଆରମ୍ଭ ହୋଇ ଥାଲକୁଡି ପଞ୍ଚାୟତ କାରଣ୍ଡୀପୁର ନିକଟରେ ଶେଷ ହୋଇଛି। ସ୍ଥାନୀୟ ସୂଚନା ଏହାକି ଯେ ମାତ୍ର ଦିହୁଡିସାହିଠାରୁ ବଜରା ପାଟ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ, ବଜରାପାଟ ଠାରୁ କାରଣ୍ଡୀପୁର ପର୍ଯ୍ୟନ୍ତ ରାସ୍ତାରେ ମାଟି ପଡିବା ସହ ମେଣ୍ଟାଲ ଓ ଡଷ୍ଟ ବିଛା କାର୍ଯ୍ୟ ହୋଇଥିଲେ ମଧ ଏପରିକି ଅନେକ



ସ୍ଥାନରେ ଗାଡ ସୃଷ୍ଟି ହୋଇ ବର୍ଷା ପାଣି ଜମି ରହୁଛି। ଏହା ଉପରେ ଉପରିସ୍ଥ ବିଭାଗୀୟ ଅଧିକାରୀ ତଦନ୍ତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଜବର ଦଖଲରେ ଥିବା ଓଏମ୍‌ସି କ୍ୱାର୍ଟର୍ସ ଖାଲି କରିବ କିଏ

**କାଳିଆପାଣି,୨୩।୭ (ସମିସ):** ସୁକିନ୍ଦା ଖଣି ଅଞ୍ଚଳରେ ଓଡିଶା ଖଣି ନିଗମ ପ୍ରାୟ ୬ ଦଶନ୍ଧିରୁ ଉଦ୍ଧ୍ୱର୍ ହେବ ବିଭିନ୍ନ ଖଣି ଗୁଡ଼ିକରୁ କ୍ରୋମାଇଟ ଉତ୍ତୋଳନ କରିଆସୁଅଛି। କାଳିଆପାଣି ଖଣି ଅଞ୍ଚଳକୁ ଲାଗି ରହିଥିବା କାଠପାଳ କ୍ରୋମାଇଟ ଖାଦାନ, କଳରଙ୍ଗୀ କ୍ରୋମାଇଟ ଖାଦାନ, କାଳିଆପାଣି (ଦକ୍ଷିଣ) କାଳିଆପାଣି ଖାଦାନ ଏବଂ ସୁକୁରୁଙ୍ଗୀ ଠାରେ ଏହାର ଖଣି ଗୁଡିକ ରହିଅଛି। ଏଗୁଡିକ ମଧ୍ୟରୁ ଦୁଇଟି ଅର୍ଥାତ କଳରଙ୍ଗୀ ଓ କାଠପାଳ ଖାଦାନଗୁଡିକୁ ବାଦ ଦେଲେ ଅନ୍ୟ ଦୁଇଟି ସ୍ଥାନରେ ରହିଥିବା ଖଣି ଗୁଡିକ କ୍ରିୟାଶୀଳ ରହିଛି। ତେବେ କମ୍ପାନୀ ଏହାର କର୍ମଚାରୀମାନଙ୍କ ନିମନ୍ତେ ଏହି ଅଞ୍ଚଳରେ ବିଭିନ୍ନ ସ୍ଥାନରେ କଲୋନୀମାନ ନିର୍ମାଣ କରିଅଛି। ଗତ କିଛିବର୍ଷ ପୂର୍ବରୁ ଓଡିଶା ଖଣି ନିଗମ ଅଧିନରେ କାର୍ଯ୍ୟ କରୁଥିବା ବିଭିନ୍ନ ଛୋଟ ଛୋଟ କମ୍ପାନୀ ଗୁଡିକର ଶ୍ରମିକମାନେ ଉକ୍ତ କଲୋନୀ ଗୁଡିକରେ ରହିଆସୁଥିଲେ। କିନ୍ତୁ ଇତିମଧ୍ୟରେ ସେହି ଛୋଟ କମ୍ପାନୀ ଗୁଡିକର କାର୍ଯ୍ୟକାଳ ଅବଧି ଶେଷ ହେବାପରେ ଏହାର କର୍ମଚାରୀମାନେ ଅନ୍ୟତ୍ର ବଦଳି ହୋଇଯାଇଥିଲେ ଏବଂ କିଛି ଅନ୍ୟ କମ୍ପାନୀରେ ନିଯୁକ୍ତି ପାଇ ରହିଯାଇଥିଲେ। ତେବେ ଗତ କିଛିବର୍ଷ ପୂର୍ବରୁ ଚିରିଗୁଣିଆ କ୍ୟାମ୍ପଟିକୁ ଓଡିଶା ଖଣିନିଗମ ସମ୍ପୂର୍ଣ୍ଣ ଖାଲି କରିଦେଇଥିଲା। କିନ୍ତୁ ଉକ୍ତ ଘରଗୁଡିକ ଖାଲି କରିଦେବା ପରେ ଏଠାରେ ଅଣକର୍ମଚାରୀ ଏବଂ କିଛି ଅସାଧୁ ବ୍ୟକ୍ତି, ଜନୈକ ଶ୍ରମିକ ନେତାଙ୍କ ପ୍ରରୋଚନାରେ ଘରଗୁଡିକୁ କବ୍‌ଜା କରି ରଖିଛନ୍ତି। ଏବଂ ଉକ୍ତ ବ୍ୟକ୍ତିମାନେ ସେହି ଘରଗୁଡିକୁ ଭଡାରେ ଲଗାଇ ମାସ ମାସ ଧରି ଅସାଧୁ ଉପାୟରେ ଭଡ଼ା ଆଦାୟ କରି ଆସୁଛନ୍ତି। ଏହାକୁ ଦେଖି ମଧ କମ୍ପାନୀର ଅଧିକାରୀଗଣ ଅସହାୟ ହୋଇ ରହୁଛନ୍ତି। ଏହା ବିରୁଦ୍ଧରେ ପଦକ୍ଷେପ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି। ସ୍ଥାନୀୟ ଆରଏମଙ୍କ ଠାରୁ ଆରମ୍ଭ କରି କମ୍ପାନୀ କର୍ତ୍ତୃପକ୍ଷ ହାତବାନ୍ଧି ବସିଥିବାର ଅଭିଯୋଗ ମଧ ହେଉଛି। ଘର ଗୁଡିକରେ ପାଣି, ବିଜୁଳି ନିମନ୍ତେ କମ୍ପାନୀ ଲକ୍ଷ ଲକ୍ଷ ଟଙ୍କା ବିନା କାରଣରେ ଭରଣା କରିବାକୁ ବାଧ ହେଉଥିବାର ଅଭିଯୋଗ ହେଉଛି। ଖଣି ଖାଦାନରେ କାମ କରୁନଥିବା ସୁକିନ୍ଦା ବାହାର ଅଞ୍ଚଳ ଲୋକମାନେ ଜୋରଜବରଦସ୍ତ କ୍ୱାର୍ଟର୍ସଗୁଡିକୁ କବ୍‌ଜା କରି ରଖି ଏ ଅଞ୍ଚଳରେ କାୟାବିସ୍ତାର କରି ଚାଲିଛନ୍ତି। ତେଣୁ ଏହି କ୍ୱାର୍ଟର୍ସ କେବେ ଜବରଦଖଲକାରୀଙ୍କ କବଳରୁ ମୁକ୍ତ ହେବ ଦେଖିବାକୁ ବାକି ରହିଲା।

# ବାରକଣା ସପ୍ତାହିକ ହାଟ କାଦୁଅ ପଚପଚ

**କବାଟବନ୍ଧ,୨୩।୭ (ସମିସ)**



**ଖାଉଟି ଭୋଗୁଛନ୍ତି ହୀନସ୍ତା**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତର ବାରକଣାଠାରେ ବସୁଥିବା ସପ୍ତାହିକ ରବିବାର ହାଟରେ ବିଭିନ୍ନ ଅସୁବିଧା ଦେଖିବାକୁ ମିଳିଛି। ଏହି ସାପ୍ତାହିକ ହାଟ କାଦୁଅରେ ଭର୍ତ୍ତି। ଫଳରେ ହାଟକୁ ଆସୁଥିବା ଖାଉଟିଙ୍କୁ ହୀନସ୍ତା ଭୋଗୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ମୁତାବକ, ଧର୍ମଶାଳା ବ୍ଲକର ବାରକଣା ହାଟ ବହୁ ପୁରୁଣା ହାଟ ଭାବେ ପରିଚିତ। ପ୍ରାୟ ୭୦ ବର୍ଷ ହେବ ଏଠାରେ ସପ୍ତାହିକ ହାଟ ଅନୁଷ୍ଠିତ ହୋଇଆସୁଛି। ଧର୍ମଶାଳା ବ୍ଲକ ସମେତ ସୁକିନ୍ଦା, ଦାନଗଦି, ପଡ଼ୋଶୀ ଢେଙ୍କାନାଳ ଜିଲ୍ଲାର ପିଙ୍ଗୁଆ ଅଞ୍ଚଳରୁ ବହୁ ବ୍ୟବସାୟୀ ଓ ଚାଷୀ ଏଠାରେ ବ୍ୟବସାୟ ପାଇଁ ଆସିଥା’ନ୍ତି। ପ୍ରଶାସନର ଆନ୍ତରିକତା ଅଭାବ ଓ ଅଣଦେଖାରୁ ଏହା ଆଗକୁ ବଢିପାରୁନାହିଁ। ପ୍ରଶାସନ ପକ୍ଷରୁ ହାଟକୁ ନିଲାମ କରାଯାଇ ମହାସୁଲ ଆଦାୟ କରାଯାଏ ସତ, କିନ୍ତୁ ଏହାର ସୁବିଧା ଅସୁବିଧା କଥା ମନେ ପକାଯାଏନି। ବ୍ୟବସାୟୀ, ଚାଷୀ ଓ ଗ୍ରାହକଙ୍କୁ ଆବଶ୍ୟକତା ଅନୁସାରେ ସୁବିଧା ଯୋଗାଇ ଦିଆଯାଇନାହିଁ। ବର୍ଷାଦିନେ ହାଟର ଅବସ୍ଥା ନ କହିବା ଭଲ। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଫଳରେ କାଦୁଅ ପଚ ପଚ ଅବସ୍ଥାରେ ଲୋକେ ବହୁ ଅସୁବିଧା ଭୋଗ କରୁଛନ୍ତି। ହାଟରେ ବ୍ୟବସାୟୀଙ୍କ ପାଇଁ ସିମେଣ୍ଟ ପିଣ୍ଡି ନିର୍ମାଣ କରାଯାଇଛି। କିନ୍ତୁ ଏହା ଉପରେ ଛାତ ନାହିଁ। ଯାହାକି ବର୍ଷା ହେଲେ ଜିନିଷ ନଷ୍ଟ ହେବା ସହିତ ଲୋକମାନେ ହଇରାଣ ହେଉଛନ୍ତି। ଏଠାରେ ସାଇକଲ ଓ ବାଇକ୍ ଷ୍ଟାଣ୍ଡ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ବହୁ ସମୟରେ ସାଇକଲ, ବାଇକ୍ ଚୋରି ହେଉଛି। ବେପାର କରିବାକୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏଠାରେ ପାଣି ଜମି ରହୁଥିବା ସ୍ଥାନରେ ବାଲି ଓ ଡଷ୍ଟ ପକାଇ ଏହାକୁ ସମାନ କରିବାକୁ ବ୍ୟବସାୟୀ, ଗ୍ରାହକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ସାଇ ମନ୍ଦିରର ଭକ୍ତିରଥ ପରିକ୍ରମା ଓ ଚାରାରୋପଣ

**ବାଲିଚନ୍ଦ୍ରପୁର,୨୩।୭ (ସମିସ):** ପବିତ୍ର ଗୁରୁପୂର୍ଣ୍ଣମୀ ଉପଲକ୍ଷେ ଆଜି ବାଲିଚନ୍ଦ୍ରପୁର ବଜାର ନିକଟ କୁସୁପୁରସ୍ଥିତ ଶ୍ରୀ ଶିରିଡି ସାଇ ମନ୍ଦିରରୁ ଭକ୍ତିରଥ ପରିକ୍ରମା ଉତ୍ସବ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାଇ ପ୍ରେମୀ ସୌଭାଗ୍ୟ ଶଙ୍କର ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଭକ୍ତିରଥ ପରିକ୍ରମାରେ ସହସ୍ରାଧିକ ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏହି ଭକ୍ତିରଥ କୁସୁପୁର ଗ୍ରାମ ସହିତ ବାଲିଚନ୍ଦ୍ରପୁର ବଜାର ଓ ନାନପୁର ପଟଣା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ଶିରିଡିସାଇ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ବିଭିନ୍ନ ଚାରାରୋପଣ କରାଯାଇଥିଲା। ଉପସ୍ଥିତ ଭକ୍ତ ଓ ଶ୍ରଦ୍ଧାଳୁ ମଧ୍ୟାହ୍ନ ତଥା ସନ୍ଧ୍ୟା ଆଳତି ଦର୍ଶନ ସହିତ ଶିରିଡି ସାଇଙ୍କ ଆଶିଷ ଭିକ୍ଷା କରିଥିଲେ।



## ସୁକୁମାର -ଅଲ୍ଲୁଙ୍କ ଝଗଡ଼ା !



## ପ୍ରଯୋଜକ ଖୋଲିଲେ ଗୁମର

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁଅର୍ଜୁନଙ୍କ ଚଳିତବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ ହେଉଛି 'ପୁଷ୍ପା ୨ : ଦ ରୁଲ୍'। ଅନେକ ଦିନରୁ ଦର୍ଶକେ ଏହାର ରିଲିଜ୍‌କୁ ଅପେକ୍ଷା କରିଥିଲେ ସୁଦ୍ଧା କୌଣସି ନା କୌଣସି କାରଣରୁ ଏହାର ଡେଟ୍‌ରେ ପରିବର୍ତ୍ତନ କରଯାଉଛି। ଇତିମଧ୍ୟରେ ସୋସିଆଲ ମିଡିଆରେ ଏକ ଖବର ଭାଇରାଲ୍ ହେଉଛି। ଖବର ଅନୁସାରେ, 'ଫିଲ୍ମ ସେଟ୍‌ରେ ଅଲ୍ଲୁ ଓ ନିର୍ଦ୍ଦେଶକ ସୁକୁମାରଙ୍କ ମଧ୍ୟରେ ଝଗଡ଼ା ହୋଇଛି। ଏହାପରେ ଅଲ୍ଲୁ ତାଙ୍କ ଦୁଟି କାଟି ଛୁଟିରେ ଚାଲି ଯାଇଛନ୍ତି। ସୁକୁମାର ମଧ୍ୟ ଅଲ୍ଲୁଙ୍କ ଉପରେ ରାଗି ଫିଲ୍ମ ଛାଡ଼ି ଅଧାରୁ ଛୁଟିରେ ଚାଲି ଯାଇଛନ୍ତି। ଏହି କାରଣରୁ ଫିଲ୍ମଟି ମଝିରେ ଫସି ଯାଇଛି।'

ଇତିମଧ୍ୟରେ ଫିଲ୍ମର ପ୍ରଯୋଜକ ବନି ବାସୁ ଏହାକୁ ଗୁଜବ ବୋଲି କହିଛନ୍ତି। ସେ କହିଛନ୍ତି, 'ଏଭଳି କଥା ଶୁଣି ମୋତେ ହସ ଲାଗୁଛି । ଲୋକଙ୍କ ମନକୁ ଯାହା ଆସୁଛି ସେମାନେ ତାହା ଲେଖୁଛନ୍ତି। ଫିଲ୍ମର କିଛି ସିନ୍ ଏଯାବତ୍ ସୁଟିଂ ହୋଇନାହିଁ। ଫହାଦ୍ ଫାସିଲ୍‌ଙ୍କର କିଛିଟା ସିନ୍ ବାକି ଅଛି। ଅଲ୍ଲୁଙ୍କର ଆଉ ମାତ୍ର ୧୫ ଦିନର କାମ ବାକି ଅଛି। ଏଥିରେ ଫିଲ୍ମର ଏକ ଗୀତ ଓ କ୍ଲାଇମାକ୍ସ ସିନ୍ ରହିଛି। ଫହାଦ୍ ଡେଟ୍ ଦେଲେ ତାଙ୍କର ସୁଟିଂ ସରିବ। ତେଣୁ ନିର୍ଦ୍ଦେଶକ ସୁକୁମାର ପ୍ରଥମେ ଏଡିଟିଂ ସାରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ଆଉ କିଛି ଅଧିକ ସୁଟ୍ କରିବାକୁ ପଡ଼ିବ କି ନାହିଁ ସେ ଜାଣିପାରିବେ।'

ଏଠାରେ ପ୍ରକାଶ ଥାଉ କି, 'ପୁଷ୍ପା-୨' ୧୫ ଅଗଷ୍ଟ ୨୦୨୪ରେ ରିଲିଜ୍ ହେବାର ଥିଲା। କିନ୍ତୁ ବର୍ତ୍ତମାନ ଏହା ଡିସେମ୍ବର ୬ରେ ରିଲିଜ୍ ହେବ। ତେବେ ନିର୍ଦ୍ଦିଷ୍ଟ ଅବଧିରେ ଫିଲ୍ମର ସୁଟିଂ ପୂରା ହୋଇ ନ ପାରିବାରୁ ଫିଲ୍ମ ଏଡିଟର୍ ଅଧାରୁ ସୁଟିଂ ଛାଡ଼ି ଦେଇଥିଲେ। ଏହାବାଦ୍ ସୁକୁମାର ଫିଲ୍ମର କିଛି ସିନ୍‌ରେ ଖୁସି ନ ଥିଲେ। ସେ ଏହାକୁ ରିସୁଟ୍ କରିବାରୁ ଫିଲ୍ମ ରିଲିଜ୍‌ରେ ବିଳମ୍ବ ହେଉଥିବା କୁହାଯାଉଛି।

## ଆଜିର ଇତିହାସ

- ୧୭୯୩- ଫ୍ରାନ୍ସ କପିରାଇଟ୍ ଆଇନ ଆଣିଲା।
- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା।
- ୧୮୭୦- ଆମେରିକାରେ ପ୍ରଥମ ରେଳସେବା ଆରମ୍ଭ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୦-ଏସ୍. ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ।

## ଟି-ପଟ୍ ହେୟାର୍ ଷ୍ଟାଇଲ୍



ସମ୍ପ୍ରତି କେଶକୁ ନେଇ ନୂଆ ତଥା ଅଜବ ପ୍ରକାର ଷ୍ଟାଇଲ୍ ଦେଖିବାକୁ ମିଳୁଛି। ଏହି କ୍ରମରେ ଇରାନ୍‌ର ହେୟାର୍ ଷ୍ଟାଇଲିଷ୍ଟ ସେଇଦେହ ଆରିଏଇ ଜଣେ ମଡେଲଙ୍କ ମୁଣ୍ଡରେ ସମ୍ପୂର୍ଣ୍ଣ ଭିନ୍ନଧରଣର କେଶ ବିନ୍ୟାସ କରି ଚର୍ଚ୍ଚାରେ ଅଛନ୍ତି। ଅବଶ୍ୟ ବିଭିନ୍ନ ସମୟରେ ସେ ତାଙ୍କ ମଡେଲଙ୍କ ମୁଣ୍ଡରେ ହାର୍ଟ, ଜୋତା ଆଦି ଡିଜାଇନ୍‌ରେ କେଶ ବିନ୍ୟାସ କରିଥାନ୍ତି। ଏବେ କିନ୍ତୁ ତାଙ୍କର ଟି-ପଟ୍ କେଶ ବିନ୍ୟାସ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ଜଣେ ମଡେଲ୍‌ଙ୍କ ମୁଣ୍ଡରେ ଏହି ନୂଆ ହେୟାର୍ ଷ୍ଟାଇଲ କରିଛନ୍ତି। ସେଥିପାଇଁ ସେ ତାଙ୍କ କେଶକୁ ଧଳା ଓ ଈଷତ୍ ଗୋଲାପି ରଙ୍ଗରେ ରଙ୍ଗ କରିଛନ୍ତି। ତା'ପରେ ସେ କେଶକୁ ବେଶ୍ ଯତ୍ନ ସହକାରେ ଚା' ପାତ୍ର ଭଳି ଆକାର ପ୍ରଦାନ କରିଛନ୍ତି। ଅବଶ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ ଏନେଇ ଏକ ସପୋର୍ଟ ଷ୍ଟ୍ରକଚରକୁ ସେ ବ୍ୟବହାର କରିଛନ୍ତି। ଯାହାକି କେଶରେ ଆଚ୍ଛାଦିତ ହୋଇ ଲୁଚି ଯାଇଛି। ଏହାବାଦ୍ ସେ କେବଳ କେଶକୁ ଟି-ପଟ୍ ଆକୃତି ପ୍ରଦାନ କରିଛନ୍ତି ତାହା ନୁହେଁ, ବରଂ ଚା' ଭର୍ତ୍ତି କରି ପରଷିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଯେଉଁଥିରେ ମହିଳା ଜଣକ କିଭଳି ଭାବେ ଏହାକୁ ତିଆରି କରିଛନ୍ତି ଓ ଶେଷରେ କେମିତି ଚା' ପରଷିଛନ୍ତି, ତାହା ଦେଖିବାକୁ ମିଳିଛି। ଲୋକମାନେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

### ଆଜି ବାହୁଡ଼ିଥିଲେ

## କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ



ଓଡ଼ିଶାର ରଙ୍ଗମଞ୍ଚ ଆନ୍ଦୋଳନର ସୂତ୍ରଧର କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ କବି, ନାଟ୍ୟକାର, ଗବେଷକ, ସଙ୍ଗୀତ ନିର୍ଦ୍ଦେଶକ, ଗାୟକ ଓ ଅଭିନେତା। ସେ ପାଖାପାଖି ଏକ ଦଶନ୍ଧି ଧରି ସକ୍ରିୟ ଭାବେ ନାଟକ ସହ ଜଡ଼ିତ ଥିଲେ। ସେ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ପରେ ସେ ଆଧୁନିକ ମଞ୍ଚ ନାଟକ ଲେଖିଲେ। ତାଙ୍କୁ ଆଧୁନିକ ଓଡ଼ିଆ ନାଟ୍ୟଶାସ୍ତ୍ରର 'ଭରତମୁନି' କୁହାଯାଏ।

କାଳୀଚରଣ ୧୮୯୭ ମସିହା ଡିସେମ୍ବର ୨୩ ତାରିଖରେ ବାଙ୍କୀର ଖମାରଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀ ଥିଲେ। କାଳୀଚରଣଙ୍କ ପିତା ବଡ଼ମ୍ବାଗଡ଼ର ଦେବାନ ଥିଲେ। ଏକ କଳାକାର ପରିବାରରେ ଜନ୍ମିତ କାଳୀଚରଣ ମାତ୍ର ୧୦ବର୍ଷ ବୟସରୁ ଲେଖାଲେଖି ଆରମ୍ଭ କରିଥିଲେ। ଗଡ଼ଜାତ ପ୍ରକୃତି ଭିତରେ ବଢ଼ିଥିବା କାଳୀଚରଣ ବଣ, ପାହାଡ଼, ଝରଣାର କୁଳୁକୁଳୁ ନାଦ, କୋଇଲିର କୁହୁକୁହୁ ତାନକୁ ଉପାଦାନ କରି ଲେଖନୀ ଚାଳନା କରୁଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ। ରେଭେନ୍ସା କଲେଜରେ ପଢୁଥିବା ସମୟରେ 'କଳାହାଣ୍ଡିଆ ମେଘ' ନାମରେ ପ୍ରଥମ କବିତା ଲେଖିଥିଲେ। କବିତାଟି ପଢ଼ି ଭକ୍ତକବି ମଧୁସୂଦନ ରାଓ ତାଙ୍କୁ ୧୦୦ ଟଙ୍କା ପୁରସ୍କାର ଦେଇଥିଲେ। ୧୯୧୮ରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ 'ଧ୍ରୁବ' ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା 'ପ୍ରତିଶୋଧ'(୧୯୩୪)। ପ୍ରାୟ ୪୦ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଥିଲେ ବହୁ ନୃତ୍ୟ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ ଓ କବିତା। ଭାରତର ବିଭାଜନରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଯାଇ ସେ 'ଫଟା ଭୂଇଁ' ନାଟକ ମଞ୍ଚସ୍ଥ କରିଥିଲେ। ଭାରତର ଖାଦ୍ୟାଭାବକୁ ନାଟ୍ୟ ରୂପ ଦେଇ 'ଭାତ' ନାଟକ ଲେଖିଥିଲେ। ଓଡ଼ିଶାର ପ୍ରଥମ ବ୍ୟାବସାୟିକ ରଙ୍ଗମଞ୍ଚ 'ଓଡ଼ିଶା ଥିଏଟର୍ସ' ତାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ଗଜପତି ରାମଚନ୍ଦ୍ର ଦେବ କାଳୀଚରଣଙ୍କୁ 'କବିଚନ୍ଦ୍ର' ଉପାଧି ପ୍ରଦାନ କରିଥିଲେ। ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ପାଇଁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ୧୯୭୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଥିଲେ। ୧୯୭୮ ମସିହା ଆଜିର ଦିନରେ ଏହି ମହାନ ନାଟ୍ୟାଚାର୍ଯ୍ୟଙ୍କ ଦେହାନ୍ତ ହୋଇଥିଲା। ଓଡ଼ିଆ ମାଟିକୁ ବହୁତ କିଛି ଦେଇ ମଧ୍ୟ ଶେଷ ସମୟରେ ଏକପ୍ରକାର ନିଃସଙ୍ଗ ଜୀବନ ବିତାଇଥିଲେ କାଳୀଚରଣ।

## ମୋବାଇଲ ଫୋନ୍‌ରେ ଟଏଲେଟ୍ ସିଟ୍



ଆଜିକାଲି ବିଭିନ୍ନ ଜିନିଷକୁ ଲୋକମାନେ ନିଜ ହିସାବରେ କଷ୍ଟମାଇଜ୍ କରୁଛନ୍ତି। ଏଇ ଯେମିତି କପ୍, ଘଣ୍ଟା ଆଦିକୁ କଷ୍ଟମାଇଜ୍ କରି ସେଥିରେ ନିଜ ପସନ୍ଦର ଫଟୋ ତଥା ଅନ୍ୟାନ୍ୟ ଜିନିଷ ଲଗାଉ ଥିବା ସମସ୍ତେ ଜାଣନ୍ତି। ଏହି କ୍ରମରେ ଏବେ ଟଏଲେଟ୍ ସିଟ୍ କଭର୍‌କୁ ଲୋକମାନେ କଷ୍ଟମାଇଜ୍ କରିବା ଦିଗରେ ଆଗକୁ ଆସୁଛନ୍ତି। ଲସ୍ ଆଞ୍ଜେଲସ୍‌ର ଆର୍ଟିଷ୍ଟ ତଥା ଇଣ୍ଡଷ୍ଟ୍ରିଆଲ୍ ଡିଜାଇନର ବେଲି ହିକାୱା ଗ୍ରାହକଙ୍କୁ କଷ୍ଟମ ଡିଜାଇନ୍ ଟଏଲେଟ୍ ସିଟ୍ କଭର୍ ପ୍ରଦାନ କରୁଛନ୍ତି। ତେବେ ଏବେ ସେ ଏମିତି ଏକ ଟଏଲେଟ୍ ସିଟ୍ ଡିଜାଇନ୍ କରିଛନ୍ତି, ଯେଉଁଥିରେ ପୁରୁଣା ସ୍ମାର୍ଟଫୋନ୍‌କୁ ଖଞ୍ଜା ଯାଇଛି। ଏହାର ନାଁ ରଖାଯାଇଛି '୨ଜି ଟ୍ରାସ୍ ଫୋନ୍ ଟଏଲେଟ୍ ସିଟ୍'। ଏହି ଟଏଲେଟ୍ ସିଟ୍‌ରେ ବ୍ଲାକ୍‌ବେରି, ମୋଟୋରୋଲା, ଫ୍ଲିପ୍ ଫୋନ୍ ତଥା ଭିଣ୍ଟେଜ୍ ଚାର୍ଜିଂ କେବୁଲ୍‌କୁ ଅତି ସୁନ୍ଦର ଭାବେ ଖଞ୍ଜା ଯାଇଛି। କହିବାକୁ ଗଲେ ୧୨ରୁ ଅଧିକ ସଂଖ୍ୟକ ପୁରୁଣା ଫୋନ୍‌କୁ ସେ ଏହି ସିଟ୍ କଭର୍‌ରେ ଡିଜାଇନ୍ କରିଛନ୍ତି। ଏହି ସିଟ୍ କଭର୍‌ଟି ଧୂସର ରଙ୍ଗର। ଏହାକୁ ସେ ୯୭୮ ପାଉଣ୍ଡରେ ବିକ୍ରି କରିବେ। ସେହିପରି ଏଭଳି ଡିଜାଇନ୍‌ର ଟଏଲେଟ୍ ସିଟ୍ ପିଲାଙ୍କୁ ଆକୃଷ୍ଟ କରିବ ବୋଲି ସେ କହିଛନ୍ତି। ଯଦିଓ ବେଲି ୨୦୧୯ରେ ନିଜର ଏକ ଷ୍ଟୁଡିଓ ଆରମ୍ଭ କରିଥିଲେ, କିନ୍ତୁ ୨୦୨୩ରେ କଷ୍ଟମ୍ ଟଏଲେଟ୍ ସିଟ୍ ଡିଜାଇନ୍ କରିବା ପରେ ସେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କଲେ। ଅନ୍ୟପଟେ ତାଙ୍କର 'ଏ ମ୍ୟାଟର ଅଫ୍ ଟାଇମ୍ ଟଏଲେଟ୍ ସିଟ୍'କୁ ଲୋକମାନେ ବେଶ୍ ପସନ୍ଦ କରିଛନ୍ତି। ଯେଉଁଥିରେ ବିଭିନ୍ନ ପ୍ରକାର ଘଣ୍ଟାକୁ ଖଞ୍ଜା ଯାଇଥିବା ଦେଖିବାକୁ ମିଳିଥାଏ। ସେହିପରି ସନ୍‌ଗ୍ଲାସ୍, ଲେନ୍ସ ଆଦିକୁ ନେଇ ମଧ୍ୟ ସେ ଡିଜାଇନର୍ ଟଏଲେଟ୍ ସିଟ୍ କଭର୍ ଡିଜାଇନ୍ କରିଛନ୍ତି।

## ପର୍ସରେ ରଖନ୍ତି ପାଉଁରୁଟି



ସାଧାରଣତଃ ମହିଳାମାନଙ୍କ ପର୍ସରେ ଟଙ୍କା ପଇସା, ଲିପ୍‌ଷ୍ଟିକ୍ ଆଦି ଜରୁରି ଜିନିଷ ସବୁବେଳେ ଦେଖିବାକୁ ମିଳିଥାଏ। କିନ୍ତୁ କୌଣସି ଯୁବତୀ ନିତିଦିନ ନିଜ ପର୍ସରେ ପାଉଁରୁଟି ରଖି ବୁଲୁ ନ ଥିବେ। ସ୍ୱିଡେନର ଏଭେଲିନ୍ ବର୍ଟନଙ୍କ ପର୍ସରେ ସବୁବେଳେ ପାଉଁରୁଟି ଥାଏ। ସେ ରେସ୍ତୋରାଁ, ହୋଟେଲ, କ୍ଲବ୍, ପବ୍ ଆଦି ଯୁଆଡ଼େ ବି ଯାଆନ୍ତୁ ନା କାହିଁକି, ତାଙ୍କ ପର୍ସରେ ପାଉଁରୁଟି ଥିବା ଥୟ। ଅବଶ୍ୟ ଏନେଇ ତାଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ବିଶେଷକରି ସିକ୍ୟୁରିଟି ଗାର୍ଡ ତାଙ୍କ ବ୍ୟାଗ୍ ଯାଞ୍ଚ କରିବା ବେଳେ ଏନେଇ ତାଙ୍କୁ ବେଶି ହଇରାଣ ହେବାକୁ ପଡ଼ିଥାଏ। ଏହା ସତ୍ତ୍ୱେ ବି ସେ ପର୍ସରେ ପାଉଁରୁଟି ରଖିବାକୁ ଭୁଲନ୍ତି ନାହିଁ। ଏହି ଅଭ୍ୟାସ ତାଙ୍କର ୧୧ ବର୍ଷ ବୟସରୁ ରହିଛି। ଯାହାକି ଏବେ ସୁଦ୍ଧା ବଳବତ୍ତର ଅଛି। ଅବଶ୍ୟ ପର୍ସରେ ପାଉଁରୁଟି ରଖିବା ତାଙ୍କର ସଉକ ନୁହେଁ, ବରଂ ସେ ଏହାକୁ ରଖିବାକୁ ବାଧ୍ୟ ହୋଇଥାନ୍ତି। କାରଣ ସେ ଗ୍ଲୁଟେନ୍ ଇନଟଲେରାନ୍ସ ରୋଗରେ ପୀଡ଼ିତ। ଯେଉଁଥିପାଇଁ ସେ ପାସ୍ତା, ରୁଟି ତଥା ଗ୍ଲୁଟେନ୍ ଯୁକ୍ତ ଖାଦ୍ୟ ଖାଆନ୍ତି ନାହିଁ। ତେଣୁ ସେ ଗ୍ଲୁଟେନ୍ ଫ୍ରି ବ୍ରେଡ୍ ବା ପାଉଁରୁଟିକୁ ପର୍ସରେ ରଖନ୍ତି। ଭୋକ କରିବା ମାତ୍ରେ ସେ ଏହାକୁ ଖାଇଥାନ୍ତି।

## ବାସ୍ତୁ ଅନୁସାରେ ଘରେ ଲଗାନ୍ତୁ ଏହି ସବୁ ଫୁଲ ଗଛ

**ବାସ୍ତୁ ଶାସ୍ତ୍ରରେ ଘରର ପ୍ରତ୍ୟେକ ଛୋଟ ବଡ଼ ଜିନିଷ ପାଇଁ କିଛି ବାସ୍ତୁ ନିୟମ ରହିଛି। ଫୁଲ ଗଛ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଘରେ ସକାରାତ୍ମକତା ଆଣିଥାଏ। ଏହାସହ ଘରର ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ।**





### ଗୋଲାପ

ଅଧିକାଂଶ ଲୋକେ ଘରେ ଗୋଲାପ ଗଛ ଲଗାଇଥାନ୍ତି। ଏହାର ରଙ୍ଗ ଓ ସୁଗନ୍ଧ ଲୋକଙ୍କୁ ଆକର୍ଷିତ କରିଥାଏ। ବାସ୍ତୁ ଅନୁସାରେ ଯଦି ଲାଲ୍ ଗୋଲାପ ଗଛ ଲଗାଉଛନ୍ତି ଘରୁ ନକାରାତ୍ମକ ଶକ୍ତି ଦୂରେଇ ଯାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଭଲ ବୁଝାମଣା ରୁହେ।

### ଗଙ୍ଗଶିଉଳି

ଘର ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ ଗଙ୍ଗଶିଉଳି। ଏହି ଗଛକୁ ବାଡ଼ି ବଗିଚାରେ ଲଗାଇବା ଦ୍ୱାରା ମାତା ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି କୁହାଯାଏ।

### ମଲ୍ଲୀ

ମଲ୍ଲୀ ଫୁଲ ବେଶ୍ ସୁଗନ୍ଧମୟ ହୋଇଥାଏ। ବାସ୍ତୁ ଅନୁସାରେ, ଘରେ ମଲ୍ଲୀଗଛ ଲଗାଇବା ଦ୍ୱାରା ସକାରାତ୍ମକତା ଆସିଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ରୁହେ ନାହିଁ।

### ଚମ୍ପା

ଚମ୍ପା ଗଛ ଲଗାଇବା ଦ୍ୱାରା ଏହା ଘରେ ସୌଭାଗ୍ୟ ଆଣିଥାଏ। ଏହାକୁ ଘରେ ଲଗାଇବା ଦ୍ୱାରା ସବୁ ଦୁଃଖକଷ୍ଟ ଦୂର ହୋଇଯାଏ ବୋଲି କୁହାଯାଏ। ଏହାର ସୁଗନ୍ଧ ମନରେ ସକାରାତ୍ମକତା ଆଣିଥାଏ। ଏହାକୁ ଘରର ଉତ୍ତର-ପଶ୍ଚିମ ଦିଗରେ ଲଗାଇବା ଉଚିତ।

## ପତ୍ନୀଙ୍କ ଉପରେ ନଜର ରଖିବା ପାଇଁ ଡ୍ରୋନ୍

ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଉପରେ ସନ୍ଦେହ ହେବାରୁ ସେ ଆଧୁନିକ ଟେକ୍ନୋଲୋଜିର ସାହାରା ନେବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଚୀନ୍‌ର ହୁବେଇ ଅଞ୍ଚଳର ଶିୟାନ୍‌ରେ ରୁହନ୍ତି ୩୩ ବର୍ଷୀୟ ଜିଙ୍ଗ୍। ବର୍ଷେ ହେବ ତାଙ୍କ ସ୍ତ୍ରୀ ବୁ ତାଙ୍କୁ ଭଲ ବ୍ୟବହାର ଦେଖାଉ ନ ଥିଲେ। ସବୁବେଳେ ତାଙ୍କ ଉପରେ ଚିଡ଼୍‌ଚିଡ଼୍ ହେଉଥିଲେ। ଏପରିକି ବୁ ଜାଣିଶୁଣି ତାଙ୍କୁ ଅଣଦେଖା କରୁଥିବା ଜିଙ୍ଗ୍ କହନ୍ତି। ସେହିପରି ବାପା ମାଆଙ୍କୁ ଦେଖା କରିବାକୁ କହି ବୁ ଅନେକ ସମୟରେ ବାହାରେ ବୁଲନ୍ତି। ତେଣୁ ବୁଙ୍କ ଏଭଳି କାର୍ଯ୍ୟକଳାପ ଜିଙ୍ଗ୍‌ଙ୍କ ମନରେ ସନ୍ଦେହ ସୃଷ୍ଟି କଲା। ବୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସେ ଏକ ଡ୍ରୋନ୍ ବ୍ୟବହାର କଲେ। ଜିଙ୍ଗ୍ ଡ୍ରୋନ୍ ମାଧ୍ୟମରେ ଜାଣିବାକୁ ପାଇଲେ, ବୁ ଏକ କାର୍ ଯୋଗେ ପାହାଡ଼ିଆ ସ୍ଥାନକୁ ଚାଲିଗଲେ। ସେଠାରେ ସେ ଅନ୍ୟ ଜଣେ ପୁରୁଷଙ୍କ ହାତ ଧରି ଏକ ଚାଳିଆ ଘର ମଧ୍ୟକୁ ଚାଲିଗଲେ। ସେଠାରୁ ୨୦ ମିନିଟ୍ ପରେ ବାହାରି ବୁ ଫ୍ୟାକ୍ଟ୍ରିକୁ ଚାଲି ଯାଇଥିଲେ। ଡ୍ରୋନ୍ ଯୋଗେ ଜିଙ୍ଗ୍, ବୁଙ୍କ ବିରୋଧରେ ଯେଉଁ ପ୍ରମାଣ ଏକତ୍ର କରିଛନ୍ତି ଏହାକୁ ସେ ତାଙ୍କଠାରୁ ଛାଡ଼ପତ୍ର ନେବା ସମୟରେ ବ୍ୟବହାର କରିବେ ବୋଲି କହିଛନ୍ତି। ଅନ୍ୟପଟେ ତାଙ୍କ ପତ୍ନୀ ଜିଙ୍ଗ୍‌ଙ୍କ ବସ୍‌କୁ ଭେଟୁଥିବା ସେ ଜାଣିବାକୁ ପାଇଛନ୍ତି। ତେବେ ଏହି ଘଟଣା ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ହାଇଟେକ୍ ଯୁଗରେ ମିଛ ଧରିବାର ଏଭଳି କୌଶଳକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ତା'ସହ ଡ୍ରୋନ୍‌ର ଏଭଳି ଉପଯୋଗିତା ମଧ୍ୟ ଲୋକଙ୍କ ମଧ୍ୟରେ ଉତ୍ସୁକତାକୁ ବୃଦ୍ଧି କରିଛି।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ପିଲାମାନେ ଖେଳ ମନସ୍କ ହୋଇପାରନ୍ତି।

## ପ୍ୟାରିସ୍ ଅଲିମ୍ପିକ୍ସ

# ପଦକ ତାଲିକା ଶୀର୍ଷରେ ରହିବ ଆମେରିକା



ପ୍ୟାରିସ ଅଲିମ୍ପିକ୍ସ ଆଉ ୧ ଦିନ

**ପ୍ୟାରିସ୍,୨୩।୭ (ଏଜେନ୍ସି):** ପ୍ୟାରିସ୍ ଅଲିମ୍ପିକ୍ସରେ ବିଭିନ୍ନ ଦେଶର ସମ୍ଭାବ୍ୟ ପ୍ରଦର୍ଶନ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ପରିସଂଖ୍ୟାନ ଭିତ୍ତିକ ବିଶ୍ଳେଷଣ କରୁଥିବା ଜଣାଶୁଣା ସଂସ୍ଥା 'ନେଲସନ ଗ୍ରାସେନୋଟ ସ୍ପୋର୍ଟ' ଏ ସଂକ୍ରାନ୍ତରେ ତା'ର ରିପୋର୍ଟ ପ୍ରକାଶ କରିଛି। ଭାରତ ପଦକ ତାଲିକାରେ ଶ୍ରେଷ୍ଠ-୩୦ରେ ସ୍ଥାନ ପାଇବ ନାହିଁ ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ପଦକ ହାସଲ କରି ପଦକ ତାଲିକାରେ ୪୮ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ମୋଟ୍ ୭ଟି ପଦକ ହାସଲ କରିଥିବା ଭାରତର ଏହା ଶ୍ରେଷ୍ଠ ଅଲିମ୍ପିକ ପ୍ରଦର୍ଶନ ଥିଲା। ଏଥର ଶ୍ରେଷ୍ଠ-୫୦ରୁ ଉନ୍ନତି କରି ଭାରତ ଶ୍ରେଷ୍ଠ-୩୦ରେ ସ୍ଥାନ ପାଇବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ହେବାର ସମ୍ଭାବନା ନାହିଁ।

### ଆମେରିକା-ଚୀନ ଲଢ଼େଇ

ପୂର୍ବଭଳି ଏଥର ମଧ୍ୟ ଅଲିମ୍ପିକ୍ସରେ ଆମେରିକାର ପ୍ରଭୁତ୍ୱ ଜାରି ରହିବ। ଆମେରିକା ସର୍ବାଧିକ ପଦକ ହାସଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଚୀନ୍ ପଦକ ଜିତିବାରେ ଆମେରିକାକୁ କଡ଼ା ଟକ୍କର ଦେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ୩୯ ସ୍ୱର୍ଣ୍ଣ, ୩୨ ରୌପ୍ୟ ଓ ୪୧ କାଂସ୍ୟ ସହ ମୋଟ ୧୧୨ଟି ପଦକ ଜିତିବ ବୋଲି ଆଶା କରାଯାଉଛି। ସେହିପରି ଚୀନ ୩୪ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୨୫ କାଂସ୍ୟ ସହ ମୋଟ୍ ୮୬ ପଦକ ହାସଲ କରିବ ଓ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗତ ଟୋକିଓ ଅଲିମ୍ପିକ୍ସରେ ଆମେରିକା ଉଭୟ ସ୍ୱର୍ଣ୍ଣ ଓ ମୋଟ ପଦକ ଦୃଷ୍ଟିକୋଣରୁ ଚୀନକୁ ପଛରେ ପକାଇ ଶୀର୍ଷରେ ରହିଥିଲା। ଉଲ୍ଲେଖଥାଉ କି, ୨୦୦୮ ବେଜିଂ ଅଲିମ୍ପିକ୍ସରେ ଆମେରିକା ଶେଷଥର ପାଇଁ ଶୀର୍ଷ ସ୍ଥାନ ଅଧିକାର କରିବାରେ ବିଫଳ ହୋଇଥିଲା। ଚୀନ୍ ଘରୋଇ ପରିବେଶରୁ ଫାଇଦା ଉଠାଇ ଅଧିକ ସଂଖ୍ୟକ ସ୍ୱର୍ଣ୍ଣ ପଦକ ଜିତି ଶୀର୍ଷ ସ୍ଥାନ ଅଧିକାର କରିଥିଲା।

ଆମେରିକା ଓ ଚୀନ୍ ପରେ ବ୍ରିଟେନ ୧୭ ସ୍ୱର୍ଣ୍ଣ ସହ ସର୍ବାଧିକ ୬୩ ପଦକ ପାଇ ତୃତୀୟ ସ୍ଥାନରେ ରହିବ। ସେହିପରି ଫ୍ରାନ୍ସ ୨୭ ସ୍ୱର୍ଣ୍ଣ ସହ ୬୦, ଅଷ୍ଟ୍ରେଲିଆ ୧୫ ସ୍ୱର୍ଣ୍ଣ ସହ ୫୪, ଜାପାନ ୧୩ ସ୍ୱର୍ଣ୍ଣ ସହ ୪୭, ଇଟାଲୀ ୧୧ ସ୍ୱର୍ଣ୍ଣ ସହ ୪୬, ଜର୍ମାନୀ ୧୧ ସ୍ୱର୍ଣ୍ଣ ସହ ୩୫, ନେଦରଲାଣ୍ଡସ ୧୬ ସ୍ୱର୍ଣ୍ଣ ସହ ୩୪, ଦକ୍ଷିଣ କୋରିଆ ୯ ସ୍ୱର୍ଣ୍ଣ ସହ ୨୬ ପଦକ ହାସଲ କରିବ ବୋଲି ଅନୁମାନ କରାଯାଉଛି। ସେହିପରି କାନାଡା ୭ ସ୍ୱର୍ଣ୍ଣ ସହ ୨୧, ହଙ୍ଗେରୀ ୭ ସ୍ୱର୍ଣ୍ଣ ସହ ୨୦, ବ୍ରାଜିଲ ୮ ସ୍ୱର୍ଣ୍ଣ ସହ ୧୮, ସ୍ପେନ ୫ ସ୍ୱର୍ଣ୍ଣ ସହ ୧୮, ପୋଲାଣ୍ଡ ୩ ସ୍ୱର୍ଣ୍ଣ ସହ ୧୭, ଡେନମାର୍କ ୫ ସ୍ୱର୍ଣ୍ଣ ସହ ୧୪, ତୁର୍କୀ ୪ ସ୍ୱର୍ଣ୍ଣ ସହ ୧୪, ନ୍ୟୁଜିଲାଣ୍ଡ ୪ ସ୍ୱର୍ଣ୍ଣ ସହ ୧୪, ୟୁକ୍ରେନ ୨ ସ୍ୱର୍ଣ୍ଣ ସହ ୧୩ ଓ ଇଥିଓପିଆ ୬ ସ୍ୱର୍ଣ୍ଣ ସହ ମୋଟ ୧୨ ପଦକ ହାସଲ କରି ଶ୍ରେଷ୍ଠ ୨୦ରେ ସ୍ଥାନ ପାଇବେ।

### ରୁଷିଆ, ବେଲାରୁଷ ଖେଳାଳି ନିରପେକ୍ଷ ଆଥଲେଟ

ୟୁକ୍ରେନ ଯୁଦ୍ଧ ପାଇଁ ରୁଷିଆ ଓ ବେଲାରୁଷ ଅଲିମ୍ପିକ୍ସରେ ନିଜ ପତାକା ତଳେ ଅଂଶଗ୍ରହଣ କରିପାରିବେ ନାହିଁ। ଗତ ଟୋକିଓ ଅଲିମ୍ପିକ୍ସରେ ରୁଷିଆର ୩୦୦ ଆଥଲେଟ ଅଂଶଗ୍ରହଣ କରିଥିଲେ। ଏଥର ଏହି ଦୁଇ ଦେଶରୁ ଗତ ସଂସ୍କରଣଠାରୁ କମ୍ ସଂଖ୍ୟକ ଆଥଲେଟ ଭାଗ ନେବେ ଓ 'ନିରପେକ୍ଷ କ୍ରୀଡ଼ାବିତ୍' ଭାବେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ତେଣୁ ଏହି ଦୁଇ ଦେଶର ଆଥଲେଟମାନେ ଜିତିଥିବା ପଦକକୁ ତାଲିକାରେ ସାମିଲ କରାଯିବ ନାହିଁ ବୋଲି ଆଇଓସି ସ୍ପଷ୍ଟ କରିଛି।

## ହରିୟାଣାରୁ ୨୪, ଓଡ଼ିଶାରୁ ୨ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଏଥର ପ୍ୟାରିସ ଅଲିମ୍ପିକ୍ସରେ ଭାରତର ୧୧୭ ଜଣିଆ କ୍ରୀଡ଼ାବିତ୍ ଦଳ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୬ଟି କ୍ରୀଡ଼ାରେ ଭାରତୀୟ ଆଥ୍ଲେଟ୍‌ମାନେ ପଦକ ପାଇଁ ପଡ଼ିଆକୁ ଓହ୍ଲାଇବେ। ଗତ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତର ୧୨୨ ଜଣିଆ ଦଳ ୧୮ଟି କ୍ରୀଡ଼ାରେ ଅଂଶଗ୍ରହଣ କରି ୭ଟି ପଦକ ଜିତିଥିଲେ। ଏହି ତୁଳନାରେ ଦେଖିଲେ ଏଥର ଭାରତୀୟ ଅଲିମ୍ପିକ୍ସ ଦଳରେ ୫ଜଣ କମ୍ କ୍ରୀଡ଼ାବିତ୍ ରହିଛନ୍ତି।

ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାଗନେବାକୁ ଥିବା ଭାରତର ୧୧୭ ଜଣ କ୍ରୀଡ଼ାବିତ୍ ୨୨ଟି ରାଜ୍ୟରୁ ଆସିଛନ୍ତି। ସେମାନଙ୍କ ମଧ୍ୟରେ ହରିୟାଣାରୁ ସର୍ବାଧିକ ୨୪ଜଣ କ୍ରୀଡ଼ାବିତ୍ ରହିଛନ୍ତି। ହରିୟାଣା ପଛକୁ ପଞ୍ଜାବରୁ ୧୯ ଜଣ ଓ ତାମିଲନାଡୁରୁ ୧୩ ଜଣ କ୍ରୀଡ଼ାବିତ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ବଳକା ରହିଥିବା ୧୯ ରାଜ୍ୟରୁ କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ଏକଅଙ୍କ ବିଶିଷ୍ଟରେ ସୀମିତ ରହିଛି। ସେହିଭଳି ୪ଟି ରାଜ୍ୟରୁ ଜଣେ ଲେଖାଏ ଏବଂ ୬ଟି ରାଜ୍ୟରୁ ୨ଜଣ ଲେଖାଏ କ୍ରୀଡ଼ାବିତ୍ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବେ। ଓଡ଼ିଶାରୁ ମାତ୍ର ୨ଜଣ ଖେଳାଳି ଏହି ୧୧୭ ଜଣିଆ ଦଳରେ ରହିଛନ୍ତି। ଜାଭେଲିନ ଥ୍ରୋ'ରେ କିଶୋର ଜେନା ଓ ପୁରୁଷ ହକିରେ ଅମିତ୍ ରୋହିଦାସ ଭାରତୀୟ ଦଳରେ ସ୍ଥାନ ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି।

### ଭାରତୀୟ ଦଳରେ କେଉଁ ରାଜ୍ୟରୁ କେତେ

| ରାଜ୍ୟ | କ୍ରୀଡ଼ାବିତ୍ |
|---|---|
| ଆସାମ | ୧ଜଣ |
| ବିହାର | ୧ଜଣ |
| ଗୋଆ | ୧ଜଣ |
| ଝାଡ଼ଖଣ୍ଡ | ୧ଜଣ |
| ଚଣ୍ଡିଗଡ଼ | ୨ଜଣ |
| ଗୁଜରାଟ | ୨ଜଣ |
| ମଧ୍ୟପ୍ରଦେଶ | ୨ଜଣ |
| ମଣିପୁର | ୨ଜଣ |
| ଓଡ଼ିଶା | ୨ଜଣ |
| ରାଜସ୍ଥାନ | ୨ଜଣ |
| ପଶ୍ଚିମବଙ୍ଗ | ୩ଜଣ |
| ଦିଲ୍ଲୀ | ୪ଜଣ |
| ତେଲଙ୍ଗାନା | ୪ଜଣ |
| ଉତ୍ତରାଖଣ୍ଡ | ୪ଜଣ |
| ମହାରାଷ୍ଟ୍ର | ୫ଜଣ |
| କେରଳ | ୬ଜଣ |
| ଉତ୍ତରପ୍ରଦେଶ | ୭ଜଣ |
| କର୍ଣ୍ଣାଟକ | ୭ଜଣ |
| ତାମିଲନାଡୁ | ୧୩ଜଣ |
| ପଞ୍ଜାବ | ୧୯ଜଣ |
| ହରିୟାଣା | ୨୪ଜଣ |

## ଅଲିମ୍ପିକ୍ସରେ ପ୍ରଥମ କୋଭିଡ୍ ମାମଲା



ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକିଥିବା ବେଳେ ପ୍ରଥମ କୋଭିଡ୍ ମାମଲା ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆ ୱାଟର ପୋଲୋ ଦଳରେ ଜଣେ ସଦସ୍ୟଙ୍କ କୋଭିଡ୍ ପରିକ୍ଷା ରିପୋର୍ଟ ପଜିଟିଭ ଆସିଛି। ଫଳରେ ତାଙ୍କୁ ଆଇସୋଲେସନରେ ରଖାଯାଇଛି। ଅଷ୍ଟ୍ରେଲିଆ ଅଲିମ୍ପିକ ଦଳର ମୁଖ୍ୟ ଆନ୍ନା ମିଏର୍ସ ଏ ନେଇ ସୂଚନା ଦେଇଛନ୍ତି। ତେବେ ଏହି ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ଏହା ସତ୍ତ୍ୱେ ଅଷ୍ଟ୍ରେଲିଆ ଦଳ ତା'ର ଟ୍ରେନିଂ ଓ ଅଭ୍ୟାସ ଜାରି ରଖିବ ବୋଲି ସେ କହିଛନ୍ତି।

# ୧୧୬ଜଣଙ୍କୁ ମିଳିଛି 'ଅଲିମ୍ପିକ ଅର୍ଡର'

**ପ୍ୟାରିସ୍,୨୩।୭ (ଏଜେନ୍ସି):** ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ତଥା ଅଭିଜ୍ଞ ଭାରତୀୟ ସୁଟର ଅଭିନବ ବିନ୍ଦ୍ରାଙ୍କୁ ଆଉ ଏକ ମର୍ଯ୍ୟାଦାସମ୍ପର୍ଣ୍ଣ ସମ୍ମାନ ମିଳିବାକୁ ଯାଉଛି। ବିନ୍ଦ୍ରାଙ୍କୁ 'ଅଲିମ୍ପିକ ଅର୍ଡର' ପୁରସ୍କାର ମିଳିବ। ଅଗଷ୍ଟ ୧୦ରେ ପ୍ୟାରିସ୍‌ରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ପୁରସ୍କାର ପାଇବେ। ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ୧୧୬ଜଣଙ୍କୁ 'ଅଲିମ୍ପିକ୍ ଅର୍ଡର' ଦିଆଯାଇଛି।



ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଅଧ୍ୟକ୍ଷ ଥୋମାସ ବାକ୍ ଚିଠି ଲେଖି ବିନ୍ଦ୍ରାଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଆପଣଙ୍କୁ ଅଲିମ୍ପିକ୍ସ ଅର୍ଡର ପୁରସ୍କାରରେ ସମ୍ମାନିତ କରିବାକୁ ଆଇଓସି କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ବିଭିନ୍ନ ସରକାରୀ ସଂସ୍ଥା ସହିତ ଜଡିତ ସଂସ୍ଥାଗୁଡିକ ଏ ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ପ୍ୟାରିସ୍‌ରେ ଅଗଷ୍ଟ ୧୦ରେ ଆଇଓସିର ୧୪୨ତମ ବୈଠକରେ ବିନ୍ଦ୍ରାଙ୍କୁ ସମ୍ମାନିତ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ବିନ୍ଦ୍ରାଙ୍କୁ ଏଥିପାଇଁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟା 'ଏକ୍ସ' ମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି।

### ୧୯୮୩ରେ ଇନ୍ଦିରା ଗାନ୍ଧୀଙ୍କୁ ମିଳିଥିଲା

ଏକ ୪୧ ବର୍ଷ ତଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଏହି ସମ୍ମାନ ମିଳିଥିଲା। ଦ୍ୱିତୀୟ ଭାରତୀୟ ଭାବେ ବିନ୍ଦ୍ରା ଏହି ପୁରସ୍କାର ହାସଲ କରିବେ। ୧୯୮୩ରେ ମୁମ୍ବଇରେ ଆୟୋଜିତ ଏକ ଉତ୍ସବରେ



ଇନ୍ଦିରାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଅଭିନବ ବିନ୍ଦ୍ରା ସୁଟିଂର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଓ ପ୍ରଥମ ଭାରତୀୟ ଖେଳାଳି ଭାବେ ସେ ବ୍ୟକ୍ତିଗତ ଭାବେ ଏହି ଐତିହାସିକ ଉପଲବ୍ଧୀ ହାସଲ କରିଥିଲେ। ବିନ୍ଦ୍ରାଙ୍କ ପରେ ୨୦୨୧ରେ ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ବ୍ୟକ୍ତିଗତ ଭାବେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ଅଲିମ୍ପିକ ଅର୍ଡର ସମ୍ମାନ କ'ଣ



ଏହି ପୁରସ୍କାର ଆଇଓସି ଦ୍ୱାରା ଦିଆଯାଉଥିବା ସର୍ବଶ୍ରେଷ୍ଠ ପୁରସ୍କାର। ଅଲିମ୍ପିକ୍ସ ଆନ୍ଦୋଳନରେ ବିଶେଷ ଭାବେ ଯୋଗଦାନ ଦେଇଥିବା ବ୍ୟକ୍ତିଙ୍କୁ ଏହା ପ୍ରଦାନ କରାଯାଇଥାଏ। ୧୯୭୫ରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ପ୍ରଥମେ ଏହି ପୁରସ୍କାର ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ମାଧ୍ୟମରେ ଦିଆଯାଉଥିଲା। କିନ୍ତୁ ୧୯୮୪କୁ ରୌପ୍ୟ ଓ କାଂସ୍ୟ ପଦକକୁ ଏହି ପୁରସ୍କାରରୁ ବାତିଲ କରାଯାଇଥିଲା ଓ କେବଳ ସ୍ୱର୍ଣ୍ଣ ପଦକ ମାଧ୍ୟମରେ ସମ୍ମାନୀତ କରାଯାଉଥିଲା। ସେତେବେଳେ ବିଭିନ୍ନ ରାଷ୍ଟ୍ରମୁଖ୍ୟ ଓ ଅଲିମ୍ପିକ୍ସ ପ୍ରଚାର ପ୍ରସାରରେ ବିଶେଷ ଭାବେ ଯୋଗଦାନ ଦେଉଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଥିଲା। ଏପର୍ଯ୍ୟନ୍ତ ୧୧୬ଜଣ ବ୍ୟକ୍ତିଙ୍କୁ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଅର୍ଡର ପୁରସ୍କାର ପ୍ରଦାନ କରାଯାଇଛି। ବିନ୍ଦ୍ରା ନିଜ ଫାଉଣ୍ଡେସନ ମାଧ୍ୟମରେ ଅଲିମ୍ପିକ୍ସ ତଥା କ୍ରୀଡ଼ାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିଆସୁଛନ୍ତି।

## ଭାରତୀୟ ପ୍ରତିନିଧି ଦଳରେ ଜିଏସ୍ ପଟ୍ଟନାୟକ



**କଟକ,୨୩।୭ (ସମିସ):** ୩୦ଜଣିଆ ଭାରତୀୟ ଆଥଲେଟିକ୍ସ ଦଳ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେବ। ପ୍ରତିଯୋଗୀଙ୍କ ସହ ଏକ ୬ଜଣିଆ ପ୍ରତିନିଧି ଦଳ ମଧ୍ୟ ପ୍ୟାରିସ ଯାତ୍ରା କରିବ। ଏହି ପ୍ରତିନିଧି ଦଳରେ ଓଡ଼ିଶାର ଡଃ ଜି.ଏସ୍ ପଟ୍ଟନାୟକ ରହିଛନ୍ତି। ଶ୍ରୀ ପଟ୍ଟନାୟକ ହେଉଛନ୍ତି ଓଡ଼ିଶା ଆଥଲେଟିକ ଆସୋସିଏସନର(ଓଏଏ) ସଭାପତି ତଥା ଭାରତୀୟ ଆଥଲେଟିକ ଫେଡେରେଶନର ଉପସଭାପତି। ଜୁଲାଇ ୩୧ରେ ସେ ପ୍ୟାରିସ ଯିବା ସହ ଭାରତୀୟ ପ୍ରତିଯୋଗୀଙ୍କ ମନୋବଳ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ବୋଲି ଓଏଏ ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଡଃ ପଟ୍ଟନାୟକଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି।

## ପ୍ୟାରିସ୍ ଅଲିମ୍ପିକ୍ସ ମୋର ଶେଷ ଟୁର୍ଣ୍ଣାମେଣ୍ଟ: ମୁରେ

**ଲଣ୍ଡନ, ୨୩।୭ (ଏଜେନ୍ସି):** ପ୍ୟାରିସ୍ ଅଲିମ୍ପିକ୍ସ ମୋର ଖେଳ ଜୀବନର ଶେଷ ଟୁର୍ଣ୍ଣାମେଣ୍ଟ। ଏହା ପରେ ମୁଁ ଟେନିସ ଖେଳରୁ ଅବ୍ୟାହତି ନେଇଯିବି ବୋଲି ବ୍ରିଟେନର ବିଶିଷ୍ଟ ଖେଳାଳି ତଥା ବିଶ୍ୱର ପୂର୍ବତନ ନଂ-୧ ତାରକା ଆଣ୍ଡି ମୁରେ ଘୋଷଣା କରିଛନ୍ତି। ଜୁଲାଇ ୨୬ରୁ ଆରମ୍ଭ ହେବାକୁ ଯାଉଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ସେ ବ୍ରିଟେନରୁ ପ୍ରତିନିଧିତ୍ୱ କରିବେ। ମୁରେ ଦୁଇଥର ସିଙ୍ଗଲ୍ସ ଚାମ୍ପିଅନ ହୋଇଛନ୍ତି। ଆଘାତ ସମସ୍ୟାକୁ ନେଇ ଏହି ପୂର୍ବତନ ଗ୍ରାଣ୍ଡସ୍ଲାମ୍ ଟାଇଟଲ ବିଜେତା ନିଜ ଜୀବନସାରା ସଂଘର୍ଷ କରିଛନ୍ତି। ଏହା ସତ୍ତ୍ୱେ ସେ ହାର ମାନିନାହାନ୍ତି। ଏବେ ଅଲିମ୍ପିକ୍ସ ଖେଳି ଟେନିସ ଜୀବନରୁ ଓହରିଯିବେ ବୋଲି ଘୋଷଣା କରିଛନ୍ତି।

● କିଜ୍‌ବୁହେଲ ଓପନ୍ ଟେନିସ

## ପ୍ରି-କ୍ୱାର୍ଟରରେ ନାଗଲ

**ନୂଆଦିଲ୍ଲୀ,୨୩।୭ (ଏଜେନ୍ସି):** ୟୁରୋପୀୟ ଦେଶ ଅଷ୍ଟ୍ରିଆରେ ଚାଲିଥିବା କିଜବୁହେଲ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଭାରତର ଶ୍ରେଷ୍ଠ ଟେନିସ ତାରକା ସୁମିତ ନାଗଲ ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନାଗଲ ପ୍ରଥମ ରାଉଣ୍ଡ ମୁକାବିଲାରେ ସ୍ଲୋଭାକିଆର ଲୁକାସ କ୍ଲେଇନ୍‌ଙ୍କୁ ୬-୪, ୧-୬, ୭-୬ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏହି ଏଟିପି ୨୫୦ ଟୁର୍ଣ୍ଣାମେଣ୍ଟରେ ନାଗଲ ବୁଧବାର ପ୍ରି-କ୍ୱାର୍ଟରରେ ସ୍ପେନର ଚତୁର୍ଥ ସିଡ୍ ଖେଳାଳି ପେଡ୍ରୋ ମାର୍ଟିନେଜଙ୍କୁ ଭେଟିବେ। ପ୍ୟାରିସ ଅଲିମ୍ପିକ୍ସର ଟେନିସ ଇଭେଣ୍ଟର ଏକକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ନାଗଲଙ୍କ ଏହି ଟୁର୍ଣ୍ଣାମେଣ୍ଟରେ ଅଭ୍ୟାସ କରିବାର ଶେଷ ସୁଯୋଗ ହାସଲ କରିଛନ୍ତି। ନାଗଲ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗରେ ୮୦ତମ ସ୍ଥାନରେ ରହିଛନ୍ତି। ପେଡ୍ରୋ ମାର୍ଟିନେଜ କିନ୍ତୁ ୪୫ତମ ସ୍ଥାନରେ ରହିଛନ୍ତି। ତେଣୁ ପ୍ରି-କ୍ୱାର୍ଟରରେ ମାର୍ଟିନେଜଙ୍କୁ ହରାଇପାରିଲେ ମାର୍ଟିନଜେଙ୍କ ପାଇଁ ଏକ ବଡ଼ ଉପଲବ୍ଧୀ ସାବ୍ୟସ୍ତ ହେବ।



## ଜାତୀୟ ହକି ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ୨

**ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ସେପ୍ଟେମ୍ବରରେ ଚାଇନାର ହୁଲୁନବୁଇର ସହରରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ଖେଳାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଏକ ପ୍ରଶିକ୍ଷଣ ଶିବିର ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣରେ ଆୟୋଜିତ କରାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଏକ ୨୧ ଜଣିଆ ବରିଷ୍ଠ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଯେଉଁ ଖେଳାଳିମାନେ ପ୍ୟାରିସ ଅଲିମ୍ପିକ୍ସରେ ସ୍ଥାନ ପାଇନାହାନ୍ତି ସେମାନଙ୍କୁ ନେଇ ଏହି ପ୍ରଶିକ୍ଷଣ ଶିବିର ଆୟୋଜିତ ହେବ। ଏହାପରେ ଅଲିମ୍ପିକ୍ସ ଶେଷ ହେବାପରେ ଅଗଷ୍ଟ ୨୪ରେ ଭାରତୀୟ ଦଳରେ ଥିବା ବଳକା ଖେଳାଳି ଏହି ଶିବିରରେ ଯୋଗଦେବେ ବୋଲି ଜଣାପଡ଼ିଛି। ଘୋଷିତ ୨୧ ଜଣିଆ ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରକ୍ଷଣଭାଗ ଖେଳାଳି ଅମନଦୀପ୍ ଲାକ୍ରା ଓ ମଧ୍ୟଭାଗ ଖେଳାଳି ରୋଶନ କୁଜୁର।

ଏହି ସମ୍ଭାବ୍ୟ ଦଳରେ ୨ଜଣ ଗୋଲରକ୍ଷକଙ୍କୁ ନିଆଯାଇଛି। ସେମାନେ ହେଲେ ସୂରଜ କେରକେରା ଓ ଏଚ୍‌ଏସ୍ ମୋହିତ। ଅଲିମ୍ପିକ୍ସ ପରେ ଅଭିଜ୍ଞ ଗୋଲରକ୍ଷକ ପିଆର୍ ଶ୍ରୀଜେସ ଅବସର ନେବାକୁ ଘୋଷଣା କରିସାରିଥିବାରୁ ଏହି ଦୁଇ ଗୋଲରକ୍ଷକଙ୍କ ଉପରେ ଏବେ ଫୋକସ୍ ରହିଛି।


ଅମନଦୀପ୍ ଲାକ୍ରା


ରୋଶନ କୁଜୁର

### ପୁଣି ଚର୍ଚ୍ଚାରେ ମହିଳା କ୍ରିକେଟର୍‌ଙ୍କ ସମଲିଙ୍ଗୀ ବିବାହ

# କ୍ଲେରୀଙ୍କ ହାତ ଧରିଲେ ଆମି

**ଲଣ୍ଡନ, ୨୩।୭ (ଏଜେନ୍ସି):** ଅନ୍ତର୍ଜାତୀୟ ମହିଳା କ୍ରିକେଟର୍‌ଙ୍କ ସମଲିଙ୍ଗୀ ବିବାହ ଧାରାରେ ଆଉ ଜଣେ ଖେଳାଳି ଯୋଡ଼ି ହୋଇଛନ୍ତି। ସେ ହେଲେ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳର ଅଭିଜ୍ଞ ୱିକେଟ୍‌ରକ୍ଷକ ଆମି ଜୋନ୍ସ। ଅଷ୍ଟ୍ରେଲିଆ ମହିଳା କ୍ରିକେଟର୍ ପିଏପ କ୍ଲେରୀଙ୍କୁ ଜୀବନ ସାଥୀ ରୂପେ ବାଛିଛନ୍ତି ଆମି। ଏକ ଉତ୍ସବରେ ଆମି ଓ କ୍ଲେରୀଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ଏହି ଖୁସି ଖବରକୁ ଆମି ସାମାଜିକ ଗଣମାଧ୍ୟମରେ ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟଙ୍କୁ ଏବେ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

ଇଂଲଣ୍ଡ ମହିଳା କ୍ରିକେଟର୍‌ଙ୍କ ପାଇଁ ସମଲିଙ୍ଗୀ ବିବାହ କିଛି ନୂଆ କଥା ନୁହେଁ। ପୂର୍ବରୁ ନାଟ୍ ସ୍କିଭର ବ୍ରଣ୍ଟ, କାଥେରିନ ବ୍ରଣ୍ଟଙ୍କ ଭଳି ପ୍ରମୁଖ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବାବେଳେ ଗତ ମାସରେ ଡାନିଏଲ୍ ୱାଟ ମଧ୍ୟ ତାଙ୍କ ମହିଳା ପାର୍ଟନରଙ୍କ ହାତ ଧରିଥିଲେ। କିନ୍ତୁ ୩୧ ବର୍ଷୀୟା ଆମି ଜୋନ୍ସ ଏ ସମସ୍ତଙ୍କଠାରୁ ପାଦେ ଆଗକୁ ଯାଇ ଜଣେ ବିଦେଶୀ ମହିଳା ଖେଳାଳିଙ୍କୁ ତାଙ୍କ ପାର୍ଟନର ବାଛିଛନ୍ତି। ଆମି ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ପାଇଁ ୬ ଟେଷ୍ଟ, ୯୧ ଏକଦିବସୀୟ ଓ ୧୦୭ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୧୬, ୧୯୫୧ ଓ ୧୫୧୫ ରନ ସଂଗ୍ରହ କରିଛନ୍ତି।



ଅପରପକ୍ଷରେ ୨୮ ବର୍ଷୀୟା କ୍ଲେରୀ ଅଷ୍ଟ୍ରେଲିଆ ବରିଷ୍ଠ ମହିଳା କ୍ରିକେଟ୍ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇ ନାହାନ୍ତି। ଏହି ଦ୍ରୁତ ବୋଲର ଅଷ୍ଟ୍ରେଲିଆ ଘରୋଇ କ୍ରିକେଟ୍‌ରେ ସ୍କର୍ଚର୍ସ ଓ ପଶ୍ଚିମ ଅଷ୍ଟ୍ରେଲିଆ ପକ୍ଷରୁ ଖେଳୁଛନ୍ତି।

# ପୂର୍ବାଞ୍ଚଳ ଉପକନିଷ୍ଠ ହକି ଆଜିଠାରୁ

**ଭୁବନେଶ୍ୱର, ୨୩।୭ (ସମିସ):** ଆସାମର ଗୁଆହାଟୀଠାରେ ଆସନ୍ତାକାଲିଠାରୁ ପୂର୍ବାଞ୍ଚଳ ଉପକନିଷ୍ଠ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ ଏହି ଅଞ୍ଚଳର ଶ୍ରେଷ୍ଠ ଦଳଗୁଡିକ ଅଂଶଗ୍ରହଣ କରୁଛନ୍ତି। ବାଳକ ବିଭାଗରେ ବେଙ୍ଗଲ, ଆସାମ, ମଣିପୁର, ଝାଡଖଣ୍ଡ ଓ ବିହାର ଦଳ ସ୍ଥାନ ପାଇଛନ୍ତି। ବେଙ୍ଗଲ ସହ ମୁକାବିଲାରୁ ଓଡ଼ିଶା ତାହାର ଅଭିଯାନ ଆରମ୍ଭ କରିବ। ପ୍ରଫୁଲ୍ଲ ତିର୍କି ବାଳକ ଦଳର ଓ ସୁଜିତ ଲାକ୍ରା ବାଳିକା ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଉଭୟ ଦଳରେ ଏକାଧିକ ପ୍ରତିଭାବାନ ଖେଳାଳି ରହିଛନ୍ତି ଓ ଦଳ ଡବଲ ଟାଇଟଲ ଜିତିବ ବୋଲି ଆଶା ରଖିଛି।

ବାଳିକା ବିଭାଗରେ ଭାଗ ନେଇଥିବା ୭ଟି ଦଳକୁ ୨ଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ-ଏ'ରେ ଓଡ଼ିଶା, ବିହାର ଓ ବେଙ୍ଗଲ ସ୍ଥାନ ପାଇଛି। ପୁଏ-ବି'ରେ ଝାଡଖଣ୍ଡ, ମଣିପୁର, ଆସାମ ଓ ମିଜୋରାମକୁ ସ୍ଥାନ ମିଳିଛି। ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍ ଜୁଲାଇ ୨୪ ବୁଧବାର ବେଙ୍ଗଲ ସହ ଓ ଦ୍ୱିତୀୟ ମ୍ୟାଚ୍ ବିହାର ସହ ୨୫ ତାରିଖ ବା ଗୁରୁବାର ଖେଳିବ। ବାଳକ ବିଭାଗରେ ୬ଟି ଦଳ ଭାଗନେଇଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଓଡ଼ିଶା ବାଳକ ଦଳ ତାହାର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ବେଙ୍ଗଲ ସହ, ଦ୍ୱିତୀୟ ମ୍ୟାଚ୍ ୨୫ରେ ଆସାମ ସହ, ତୃତୀୟ ମ୍ୟାଚ୍ ୨୭ରେ ମଣିପୁର ସହ, ଚତୁର୍ଥ ମ୍ୟାଚ୍ ୨୮ରେ ଝାଡଖଣ୍ଡ ସହ ଓ ୫ମ ତଥା ଶେଷ ମ୍ୟାଚ୍ ୩୦ରେ ବିହାର ସହ ଖେଳିବ।

**ଓଡ଼ିଶା ବାଳକ ଦଳ-** ଶୁଭମ ନାଏକ ଓ ଜଗଦୀପ ବାର୍ଲା (ଗୋଲରକ୍ଷକ), ଦିଲୀପ ହେମ୍ବ୍ରମ୍, ସେଲେଷ୍ଟିନ ଏକ୍‌କା, ଅମନଦୀପ ଡାଙ୍ଗ୍, ଲେଲସନ ମିଞ୍ଜ, ରୋହିତ ଏକ୍କା, ନିଶାନ୍ତ କୁଜୁର (ସମସ୍ତେ ରକ୍ଷଣଭାଗ), ଅସିତ ମାଝୀ, ମିଥିଳେଶ କେରକେଟ୍ଟା, ଦିବିତ ମାଡକି, ରଞ୍ଜିତ କେରକେଟା, ଅର୍ମାନ ସୋରେଙ୍ଗ (ସମସ୍ତେ ମଧ୍ୟଭାଗ), ସୁବୋଧ ଲାକ୍ରା, ଅକଲେଶ ଲାକ୍ରା, ମନଦୀପ କେରକେଟା, ସଞ୍ଜିତରାଜ ଲାକ୍ରା ଓ ସଲମାନ ଲାକ୍ରା (ସମସ୍ତେ ଅଗ୍ରଭାଗ)।

**ଓଡ଼ିଶା ବାଳିକା ଦଳ-** ପ୍ରିୟାଂଶି ମିଞ୍ଜ୍, କରିଶ୍ମା ଓରାମ (ଉଭୟେ ଗୋଲରକ୍ଷକ), ଆଶିକା ସମଦ, ସୁଦୀପା ବା, ନିକିତା ବାର୍ଲା, ଅମ୍ରିତା ତିର୍କି, ସଞ୍ଜନା କୁଜୁର, କିରଣ ଏକ୍କା (ସମସ୍ତେ ରକ୍ଷଣଭାଗ), ଆନନ୍ଦିନୀ କେରକେଟା, ରୁବିନା ବାଖଲା, ସୋନିମା ଗୌଡ, ଖୁସ୍‌ବୁ କୁଜୁର, ଗୀତା ଲାକ୍ରା (ସମସ୍ତେ ମଧ୍ୟଭାଗ), ସଞ୍ଜନା କିରୋ, ପ୍ରିୟଙ୍କା ମିଞ୍ଜ୍, ଏଲୀନା ବୁର, ରଶ୍ମି କୁଜୁର, ସ୍ୱିଟି କୁଜୁର।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗୁରୁଲତା ବାରିକ
କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର
ଆବିର୍ଭାବ: ୧୩.୦୧.୧୯୫୧
ତିରୋଧାନ: ୧୪.୦୭.୨୦୨୪
ଆପଣଙ୍କର ନିରଳସ ଜୀବନ ଶୈଳୀ, ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କର ପବିତ୍ର ଆତ୍ମାର ସଦ୍ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ: ଗଗନ ବିହାରୀ ବାରିକ, ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ

# କାଣ୍ଡିରେ ଭାରତୀୟ କ୍ରିକେଟ ଦଳର ଅଭ୍ୟାସ





**କଲମ୍ବୋ,୨୩।୭ (ଏଜେନ୍ସି):** ନୂଆ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ନୂଆ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ଭାରତୀୟ କ୍ରିକେଟ ଦଳ ଶ୍ରୀଲଙ୍କାରେ ପହଞ୍ଚିଛି। ସୁପରଷ୍ଟାର ବିରାଟ କୋହଲି ଓ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେବା ପରେ ଭାରତୀୟ ଯୁବ କ୍ରିକେଟ ଦଳ ଏବେ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କରୁଛି। ନୂଆ ପ୍ରଶିକ୍ଷକ ଓ ଅଧିନାୟକଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବ। ଭାରତୀୟ ଟି-୨୦ ଦଳ କଲମ୍ବୋ ଦେଇ ପାଲିକଲରେ ପହଞ୍ଚିଥିଲା। ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ପ୍ରଥମଥର ପାଇଁ ଭାରତୀୟ କ୍ରିକେଟରମାନେ ମଙ୍ଗଳବାର ଅଭ୍ୟାସ କରିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଏକ୍ସ ହ୍ୟାଣ୍ଡଲରେ ଟୁଇଟ୍ କରି ଅଭ୍ୟାସର ଭିଡିଓ ଓ ଫଟୋ ସେୟାର କରିଛି।

ଭାରତ ଏହି ଗସ୍ତରେ ଶ୍ରୀଲଙ୍କା ସହ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳି। ଜୁଲାଇ ୨୭ରୁ ଏହି ଗସ୍ତ ଆରମ୍ଭ ହୋଇ ଅଗଷ୍ଟ ୭ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ରୋହିତ ଓ କୋହଲି ଦିନିକିଆ ସିରିଜ ଖେଳିବାକୁ ଶ୍ରୀଲଙ୍କା ଗସ୍ତ କରିବେ। ରିଆନ ପରାଗ ଉଭୟ ଟି-୨୦ ଓ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ଶ୍ରେୟାସ ଆୟରର ପ୍ରତ୍ୟାବର୍ତ୍ତନ କରିଛନ୍ତି। ପାଲିକଲରେ ଟି-୨୦ ଓ କଲମ୍ବୋରେ ଦିନିକିଆ ମ୍ୟାଚ୍‌ଗୁଡିକ ଖେଳାଯିବ। ଟି-୨୦ରେ ମ୍ୟାଚ୍ ଗୁଡିକ ପାଲିକଲରେ ଜୁଲାଇ ୨୭, ୨୮ ଓ ୩୦ରେ ଖେଳାଯିବ। ସେହିପରି ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଅଗଷ୍ଟ ୨, ୪ ଓ ୭ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଦିନିକିଆରେ ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେବେ।

## ଆଶାଲଙ୍କା ଶ୍ରୀଲଙ୍କା ଅଧିନାୟକ

ଚଳିତମାସ ୨୭ରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଟି-୨୦ ସିରିଜ୍ ଲାଗି ଶ୍ରୀଲଙ୍କାର ୧୬ ଜଣିଆ ଦଳ ଘୋଷଣା କରାଯାଇଛି। ବିଶ୍ୱକପ୍ ବିପର୍ଯ୍ୟୟ ପରେ ୱାନିନ୍ଦୁ ହାସରଙ୍ଗା ନେତୃତ୍ୱରୁ ଓହରିଯିବା ପରେ ଅଲରାଉଣ୍ଡର ଚାରିଥ ଆଶାଲଙ୍କାଙ୍କୁ ଶ୍ରୀଲଙ୍କାର ନୂଆ ଅଧିନାୟକ ମନୋନୀତ କରାଯାଇଛି। ଦୁଇ ଭେଟେରାନ ଖେଳାଳି ଆଞ୍ଜେଲୋ ମାଥ୍ୟୁସ ଓ ଧନଞ୍ଜୟ ଡି ସିଲ୍‌ଭାଙ୍କୁ ଘୋଷିତ ଦଳରୁ ବାଦ୍ ଦିଆଯାଇଛି। ଏହି ସମୟରେ ଅନ୍ୟ ଦୁଇ ଭେଟେରାନ ଖେଳାଳି ଦିନେଶ ଚାଣ୍ଡିମଲ ଓ କୁଶାଲ ଜାନିଥ ପରେରାଙ୍କୁ ଦଳରେ ସାମିଲ କରାଯାଇଛି। ବିଶ୍ୱକପ ଲାଗି ମନୋନୀତ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏହି ଦଳରେ ସାଦୀରା ସମରବିକ୍ରମ ଓ ଉଦୀୟମାନ ଫାଷ୍ଟ ବୋଲର ଦିଲସାନ ମଦୁଶଙ୍କାଙ୍କୁ ମଧ୍ୟ ସ୍ଥାନ ମିଳିନାହିଁ। କିନ୍ତୁ ପ୍ରଥମଥର ଲାଗି ୨୧ ବର୍ଷୀୟ ଚାମିନ୍ଦୁ ବିକ୍ରମସିଂଘେ, ବିନୁରା ଫର୍ଣ୍ଣାଣ୍ଡୋ ଓ ଆଭିଷ୍କା ଫର୍ଣ୍ଣାଣ୍ଡୋଙ୍କୁ ସ୍ଥାନ ମିଳିଛି।

ନିକଟରେ ଶେଷ ହୋଇଥିବା ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଆଶାଲଙ୍କାଙ୍କ ନେତୃତ୍ୱରେ ଜାଫ୍ନା କିଙ୍ଗସ୍‌କୁ ଶ୍ରୀଲଙ୍କା ପ୍ରିମିୟର ଲିଗ୍‌ରେ ଚାମ୍ପିଅନ କରାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଆଭିଷ୍କା ଟପ୍ ସ୍କୋରର ହୋଇଥିଲାବେଳେ ୧୬୯ ଷ୍ଟ୍ରାଇକ୍ ରେଟ୍‌ରେ କୁଶାଲ ୨୯୬ ରନ୍ କରିଛନ୍ତି। ବାମହାତୀ ପେସ୍ ବୋଲର ବିନୁରା ସର୍ବାଧିକ ୧୩ଟି ୱିକେଟ ନେଇ ଦଳକୁ ଫେରିଛନ୍ତି।

ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା। ଅନ୍ୟପକ୍ଷରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଜୁଲାଇ ୨୭ରୁ ଖେଳାଯିବ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ କାଣ୍ଡିର ପାଲିକଲ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଦିନିକିଆ ଫର୍ମାଟରେ କୁଶାଲ ମେଣ୍ଡିସ୍ ଓ ଟେଷ୍ଟ ମ୍ୟାଚ୍‌ରେ ଧନଞ୍ଜୟ ଡି ସିଲଭା ଶ୍ରୀଲଙ୍କାକୁ ନେତୃତ୍ୱ ପ୍ରଦାନ କରୁଛନ୍ତି।

### ଘୋଷିତ ଦଳ

ଚାରିଥ ଆଶାଲଙ୍କା (ଅଧିନାୟକ), ପାଥୁମ ନିଶାଙ୍କା, କୁଶାଲ ଜାନିଥ ପରେରା, ଆଭିଷ୍କା ଫର୍ଣ୍ଣାଣ୍ଡୋ, କୁଶାଲ ମେଣ୍ଡିସ୍, ଦିନେଶ ଚାଣ୍ଡିମାଲ, କାମିନ୍ଦୁ ମେଣ୍ଡିସ୍, ଦାସୁନ ଶାନକା, ୱାନିନ୍ଦୁ ହାସରଙ୍ଗା, ଦୁନିଥ ୱେଲାଲାଗେ, ମାହୀଶ ଥିକସାନା, ଚାମିନ୍ଦୁ ବିକ୍ରମସିଂଘେ, ମଥୀଶା ପତିରାଣା, ନୁୱାନ ଥୁସାରା, ଦୁଷ୍ମନ୍ତ ଚାମୀରା ଓ ବିନୁରା ଫର୍ଣ୍ଣାଣ୍ଡୋ।

**କୋଚ୍-** ସନତ ଜୟସୁରିଆ।


ଚାରିଥ ଆଶାଲଙ୍କା

# ଆଇସିସି ଉପରେ ପାକିସ୍ତାନର ଭରସା

**କଲମ୍ବୋ, ୨୩।୭ (ଏଜେନ୍ସି):** ପାକିସ୍ତାନରେ ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଲାଗି ଏଠାରେ ଚାଲିଥିବା ଆଇସିସି ସମ୍ମିଳନୀରେ ବଜେଟ, ଫର୍ମାଟ ଓ ଖେଳସୂଚୀ ପାକିସ୍ତାନ ପକ୍ଷରୁ ଆଇସିସି ନିକଟରେ ଉପସ୍ଥାପନ କରାଯାଇଛି। ଏହା ମଧ୍ୟରେ ଭାରତର ଭେନ୍ୟୁ ମଧ୍ୟ ସ୍ଥିର ହୋଇଛି। ଭାରତ ତାହାର ସମସ୍ତ ମ୍ୟାଚ୍ ଲାହୋରରେ ଖେଳିବାକୁ ପାକିସ୍ତାନ ଚିଠା ପ୍ରସ୍ତାବରେ ଜଣାଇଛି। ଏପରିକି ଭାରତ ଯଦି ସେମିଫାଇନାଲ କିମ୍ବା ଫାଇନାଲକୁ ଉନ୍ନୀତ ହୁଏ, ତେବେ ଲାହୋରରେ ମଧ୍ୟ ଏହି ମ୍ୟାଚ୍ ଖେଳିବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଚିଠା ପ୍ରସ୍ତାବରେ କୁହାଯାଇଛି। ଆଇସିସି ଦ୍ୱାରା ଟୁର୍ଣ୍ଣାମେଣ୍ଟର ବଜେଟ ଓ ଅତିରିକ୍ତ ବଜେଟ ମଧ୍ୟ ଗୃହୀତ ହୋଇଛି। ଏହା ସତ୍ତ୍ୱେ ଭାରତ ଏହି ମ୍ୟାଚ୍ ଖେଳିବାକୁ ଯିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଭାରତ ପାକିସ୍ତାନରେ କ୍ରିକେଟ ଖେଳୁ ବୋଲି ସେଠିକାର କ୍ରିକେଟ ବୋର୍ଡ ଚାହୁଁଛି ଓ ଆଇସିସି ଏ ସମ୍ପର୍କରେ ବିସିସିଆଇକୁ ପ୍ରବର୍ତ୍ତାଇବାକୁ ମଧ୍ୟ ଅନୁରୋଧ କରିଛି। ଭାରତ ପାକିସ୍ତାନ ଯିବ କି ନ ଯିବ ତାହା ଆଇସିସି ଉପରେ ଛାଡିଦେଇଛି ପାକ୍ କ୍ରିକେଟ ବୋର୍ଡ। କିନ୍ତୁ ଏଠାରେ ଅନୁଷ୍ଠିତ ସମ୍ମିଳନୀରେ ପାକିସ୍ତାନ ଓ ଭାରତ କ୍ରିକେଟ ବୋର୍ଡ ମଧ୍ୟରେ ଆଦୌ ଆଲୋଚନା ହୋଇନାହିଁ। ବିସିସିଆଇ ପୂର୍ବରୁ ସ୍ପଷ୍ଟ କରିଛି, କ୍ରିକେଟ ଦଳ ପାକିସ୍ତାନ ଯିବ କି ନ ଯିବ ତାହା ସରକାର ନିଷ୍ପତ୍ତି ନେବେ। ଏଥିରେ ବିସିସିଆଇ କିଛି ନିଷ୍ପତ୍ତି ନେଇ ପାରିବ ନାହିଁ। ଏଭଳି ସ୍ଥିତିରେ ପାକିସ୍ତାନର ଶେଷ ଭରସା ହେଉଛି ଆଇସିସି। ଗତବର୍ଷ ଏସିଆ କପ୍ ପାକିସ୍ତାନରେ ଆୟୋଜିତ ହେବାର ଥିଲା। କିନ୍ତୁ ଭାରତ ପାକିସ୍ତାନ ନ ଯିବାରୁ ହାଇବ୍ରିଡ୍ ମଡେଲରେ ଏହି ଟୁର୍ଣ୍ଣାମେଣ୍ଟ ପାକିସ୍ତାନ ଓ ଶ୍ରୀଲଙ୍କାରେ ଖେଳାଯାଇଥିଲା। ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ସମାନ ମଡେଲରେ ଖେଳାଗଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

# ୨୦୩୦ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାଗନେବେ ୧୬ ଦଳ

**କଲମ୍ବୋ, ୨୩।୭ (ଏଜେନ୍ସି):** ପୁରୁଷଙ୍କ ସହ ମହିଳା କ୍ରିକେଟକୁ ସମକକ୍ଷ କରିବା ଲାଗି ଆଇସିସି ପକ୍ଷରୁ ଗୋଟିକ ପରେ ଗୋଟିଏ ପଦକ୍ଷେପ ନେଇଛି। ଏଠାରେ ଚାଲିଥିବା ବାର୍ଷିକ ସମ୍ମିଳନୀରେ ୨୦୩୦ ମହିଳା ଟି-୨୦ ବିଶ୍ୱକପ୍‌ରେ ୧୬ଟି ଦଳ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛି। ଏହା ଫଳରେ ମହିଳା କ୍ରିକେଟ ଏଥିରୁ ଢ଼େର ଲାଭବାନ ହେବ। ୨୦୦୯ରେ ପ୍ରଥମେ ଯେତେବେଳେ ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଥିଲା, ସେତେବେଳେ ମାତ୍ର ୮ଟି ଦଳ ଅଂଶଗ୍ରହଣ କରିଥିଲେ। କିନ୍ତୁ ୨୦୨୬ରେ ହେବାକୁ ଥିବା ପରବର୍ତ୍ତୀ ବିଶ୍ୱକପ୍‌ରେ ଏହି ସଂଖ୍ୟା ୧୨କୁ ବଢ଼ାଇଦିଆଯାଇଥିଲା। ଏବେ ୨୦୩୦ ସଂସ୍କରଣରେ ଆଉ ୪ଟି ଦଳକୁ ଭାଗ ନେବାକୁ ସୁଯୋଗ ଦିଆଯାଇଛି। ବିଶ୍ୱକପ୍‌ରେ ଯେତେ ଅଧିକ ଦଳ ଖେଳିବେ, ମହିଳା କ୍ରିକେଟ ସେତେ ଅଧିକ ଲୋକପ୍ରିୟତା ଅର୍ଜନ କରିବ। ଆଇସିସିର ଏଭଳି ନିଷ୍ପତ୍ତିକୁ ମହିଳା କ୍ରିକେଟ ଖେଳାଳି ଓ କର୍ମକର୍ତ୍ତା ସ୍ୱାଗତ ଜଣାଇଛନ୍ତି।

# ଆଜିଠୁ ଫାଓ ଲିଗ୍ ୨୦୨୪

**କଟକ,୨୩।୭ (ସମିସ):** ଓଡ଼ିଶା ଘରୋଇ ଫୁଟବଲର ସମ୍ମାନଜନକ ପ୍ରତିଯୋଗିତା ଫାଓ ଲିଗ୍-୨୦୨୪ ବୁଧବାରଠାରୁ ଆରମ୍ଭ ହେବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜନ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ପ୍ରଥମ ଓ ଦ୍ୱିତୀୟ ଡିଭିଜନ ଲିଗ୍‌ରେ ମୋଟ୍ ୩୩ ଟି ଦଳ ଭାଗ ନେବେ। ପ୍ରଥମ ଡିଭିଜନ ଲିଗ୍‌ରେ୨୩ଟି ଦଳ ଅଂଶ ଗ୍ରହଣ କରିବେ। ବୁଧବାର ପ୍ରଥମ ଡିଭିଜନ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ସନରାଇଜ କ୍ଲବ ଏବଂ ସ୍ପୋର୍ଟସ ଓଡ଼ିଶା ଦଳ ମୁହାଁମୁହିଁ ହେବେ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ଦିନ ଦୁଇଟି ଲେଖାଏ ମ୍ୟାଚ୍ ଖେଳାଯିବ। ପ୍ରଥମ ଡିଭିଜନ ଲିଗ୍‌ର ଲିଗ ପର୍ଯ୍ୟାୟ ମ୍ୟାଚ୍ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ପରେ ୪ ତାରିଖରୁ ଆରମ୍ଭ ହେବ ସୁପରକପ୍। ସେହିପରି ଫାଓ ଦ୍ୱିତୀୟ ଡିଭିଜନ ଲିଗ୍‌ରେ ୧୦ଟି ଦଳ ଭାଗ ନେବେ। ବୁଧବାର ଦୁଇଟି ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ୍ ଉଦୟ କ୍ଲବ-ଏଲଆଇସି ସ୍ପୋର୍ଟ କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ ତାର୍ଜନ କ୍ଲବ-ଅର୍ବାନ ଆଡଭେନଚୁଅର କ୍ଲବ ମଧ୍ୟରେ ଖେଳାଯିବ।


କେରଳ କନ୍ନୁରସ୍ଥିତ ନୌସେନା ଏକାଡେମୀରେ ଭାରତୀୟ ମହିଳା ହକି ଦଳର ଜୋରଦାର ଶାରୀରିକ ଅଭ୍ୟାସ

# କ୍ରୀଡ଼ା ବଜେଟରେ ମାତ୍ର ୪୫.୩୬ କୋଟି ବୃଦ୍ଧି

**ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଆର୍ଥିକବର୍ଷ ୨୦୨୪-୨୫ ଲାଗି କେନ୍ଦ୍ର ବଜେଟ୍ ମଙ୍ଗଳବାର ସଂସଦରେ ଉପସ୍ଥାପିତ ହୋଇଛି। ଏହି ଅବସରରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କ୍ରୀଡ଼ା ବିଭାଗ ଲାଗି ୩ ହଜାର ୪୪୨.୩୨ କୋଟି ଟଙ୍କା ବଜେଟ୍‌ରେ ମଞ୍ଜୁର କରିଛନ୍ତି। ଯେଉଁଥିରେ 'ଖେଲୋ ଇଣ୍ଡିଆ' ଲାଗି ୯୦୦ କୋଟି ଟଙ୍କା ଆବଣ୍ଟିତ ହୋଇଛି। ଗତବର୍ଷ ବଜେଟ୍‌ରେ 'ଖେଲୋ ଇଣ୍ଡିଆ' ସ୍କିମ ଲାଗି ୮୮୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଚଳିତ ଆର୍ଥିକ ବଜେଟରେ ଏଥିରେ ୨୦ କୋଟି ଟଙ୍କା ବୃଦ୍ଧି ଘଟିଛି। ସେହିଭଳି ଗତ ଆର୍ଥିକ ବର୍ଷରେ କ୍ରୀଡ଼ା ଲାଗି ମୋଟ୍ ୩ ହଜାର ୩୯୬.୯୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ଏଥିରେ ମାତ୍ର ୪୫.୩୬ କୋଟି ଟଙ୍କା ବୃଦ୍ଧି ଘଟିଛି। ଆଗାମୀ ୨ ବର୍ଷ ମଧ୍ୟରେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ରହିଥିବାବେଳେ କ୍ରୀଡ଼ା ବଜେଟ୍‌ରେ ଏଥିଲାଗି ଆଖିଦୃଶିଆ ବୃଦ୍ଧି ହୋଇନାହିଁ। ସେହିଭଳି ଗତବର୍ଷ ତୁଳନାରେ ଚଳିତ ବଜେଟ୍‌ରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଲାଗି ଅଧିକ ଅର୍ଥ ମଞ୍ଜୁର କରାଯାଇଛି। ୨୦୨୩-୨୪ ବଜେଟ୍‌ରେ ସାଇକୁ ୭୯୫.୭୭ କୋଟି ଟଙ୍କା ମିଳିଥିବାବେଳେ ଏଥର ଏହା ବୃଦ୍ଧି ଘଟି ୮୨୨.୬୦ କୋଟିରେ ପହଞ୍ଚିଛି। ସାଇ ସାରା ଦେଶରେ ନିଜର ଷ୍ଟାଡିୟମର ରକ୍ଷଣାବେକ୍ଷଣ ବ୍ୟତୀତ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଲାଗି କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତିରେ ସହାୟତା କରିଥାଏ।

# ଓଡ଼ିଶା ଏଫ୍‌ସି ମହିଳା ଦଳ ପ୍ରଶିକ୍ଷକ କ୍ରିସ୍‌ପିନଙ୍କ କାର୍ଯ୍ୟକାଳ ବଢ଼ିଲା

**ଭୁବନେଶ୍ୱର,୨୩।୭ (ସମିସ):** ଓଡ଼ିଶା ଫୁଟବଲ କ୍ଲବ (ଓଡ଼ିଶା ଏଫ୍‌ସି) ତା'ର ମହିଳା ଦଳର ପ୍ରଶିକ୍ଷକ କ୍ରିସ୍‌ପିନ୍ ଛେତ୍ରୀଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଛି। ଛେତ୍ରୀଙ୍କ ସହ ଚୁକ୍ତିକୁ



ଭୁବନେଶ୍ୱର ଭିତ୍ତିକ ଏହି ଦଳ ଆଉ ୨ ବର୍ଷ ବୃଦ୍ଧି କରିବାକୁ ମଙ୍ଗଳବାର ଘୋଷଣା କରିଛି। ଛେତ୍ରୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଇଣ୍ଡିଆନ ଓମେନ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଦ୍ୱିତୀୟ ସଂସ୍କରଣରେ ଦମ୍‌ଦାର ପ୍ରଦର୍ଶନ କରି ଟାଇଟଲ ହାସଲ କରିଥିଲା। ଏଥିସହ ଓଡ଼ିଶା ଏଏଫ୍‌ସି ଓମେନ ଚାମ୍ପିଅନ୍ସ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଜଣେ ସଫଳ ଫୁଟବଲ ପ୍ରଶିକ୍ଷକ ଭାବେ କ୍ରିସ୍‌ପିନ୍ ଖ୍ୟାତି ରହିଛି ଓ ତାଙ୍କ ଅଧିନରେ ଓଡ଼ିଶା ବେଶ୍ ସଫଳତା ହାସଲ କରିଛି। ଓଡ଼ିଶା ଦଳ ତାଙ୍କ ତତ୍ତ୍ୱବଧାନରେ ଆତ୍ମବିଶ୍ୱାସ ହାସଲ କରିବା ସହ ଟେକ୍‌ନିକାଲ ଖେଳ ପ୍ରଦର୍ଶନ କରିବାରେ ଅନ୍ୟ ଦଳଗୁଡିକୁ ପଛରେ ପକାଇଥିଲା। ତାଙ୍କ ଅଧିନରେ ଓଡ଼ିଶା ଆହୁରି ଆଗକୁ ବଢ଼ିବ ଓ ସଫଳତା ଶୀର୍ଷକୁ ଛୁଇଁବ ବୋଲି କ୍ଲବ ଅଧ୍ୟକ୍ଷ ରାଜ ଅଠୱାଲ କହିଛନ୍ତି। ଚୁକ୍ତି ବୃଦ୍ଧି ହୋଇଥିବାରୁ କ୍ରିସ୍‌ପିନ୍ ମଧ୍ୟ ଖୁସି ଜାହିର କରିଛନ୍ତି।

# ପ୍ରଥମ ମ୍ୟାଚ୍ ହାରିଲା ୱାଶିଂଟନ

**ଡଲାସ, ୨୩।୭ (ଏଜେନ୍ସି):** ସଞ୍ଜୟ କ୍ରିଷ୍ଣମୂର୍ତ୍ତିଙ୍କ ଦମ୍‌ଦାର ଅର୍ଦ୍ଧଶତକ ଓ ଜୋଶ ଇଂଲିଶଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ଆମେରିକା ମେଜର କ୍ରିକେଟ ଲିଗ୍‌ରେ ସାନ ଫ୍ରାନ୍‌ସିସ୍କୋ ୟୁନିକର୍ଣ୍ଣସ ୭ ୱିକେଟରେ ୱାଶିଂଟନ ଫ୍ରିଡମକୁ ପରାସ୍ତ କରିଛି। ଚଳିତ ଟୁର୍ଣ୍ଣାମେଣ୍ଟରେ ୱାଶିଂଟନ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ପ୍ରଥମଥର ପରାଜିତ ହୋଇଛି। ଏହା ଲିଗ୍ ମ୍ୟାଚ୍ ଶେଷରେ ଉଭୟ ୱାଶିଂଟନ ଓ ସାନ ଫ୍ରାନସିସ୍କୋ ୧୧ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଉନ୍ନତ ନେଟ୍ ରନ୍ ରେଟରେ ୱାଶିଂଟନ ପ୍ରଥମ ଓ ସାନ୍ ଫ୍ରାନସିସ୍କୋ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଜୁଲାଇ ୨୪ ତାରିଖ ଦିନ କ୍ୱାଲିଫାୟର ମୁକାବିଲା ଖେଳାଯିବ। ତୃତୀୟ ଓ ଚତୁର୍ଥ ସ୍ଥାନରେ ଥିବା ଟେକ୍ସାସ ସୁପର କିଙ୍ଗସ ଓ ଏମ୍‌ଆଇ ନ୍ୟୁୟର୍କ ମଧ୍ୟରେ ଜୁଲାଇ ୨୩ରେ ଏଲିମିନେଟର ମୁକାବିଲା ହେବ। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଟ୍ରାଭିସ୍ ହେଡ ଓ ଷ୍ଟିଭେନ୍ ସ୍ମିଥ ୫୬ ରନ୍ ଲେଖାଏଁ କରିଥିଲେ। ୱାଶିଂଟନ ୧୫.୩ ଓଭରରେ ୩ ୱିକେଟ ହରାଇ ୧୭୪ ରନ୍ କରିଥିଲାବେଳେ ବର୍ଷା ଯୋଗୁଁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡ଼ିବା ପରେ ଓଭର ସଂଖ୍ୟା ୧୪କୁ କମାଇ ଦିଆଯାଇଥିଲା ଓ ଏଥିରେ ସାନ୍ ଫ୍ରାନ୍‌ସିସ୍କୋର ଆଗରେ ୧୭୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୪୨ ବଲ୍‌ରେ ୫ ଚୌକା ଓ ୬ ଛକା ସହ ଅପରାଜିତ ୭୯ ରନ୍ କରିବା ଫଳରେ ଦଳ ୧୩.୪ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜୋଶ ଇଂଲିଶ ୧୭ ବଲ୍‌ରେ ୬ ଛକା ସହ ୪୫ ଓ ହାସନ ଖାନ୍ ୧୧ ବଲ୍‌ରେ ୪ ଚୌକା ଓ ୨ଛକା ସହ ଅପରାଜିତ ୩୨ ରନ୍ କରିବା ଫଳରେ ଏହି ବିଜୟ ସମ୍ଭବ ହୋଇଥିଲା। ପ୍ରତିପକ୍ଷ ଦଳର ଆଣ୍ଡ୍ରୁ ଟାଇ ୩ଟି ୱିକେଟ ପାଇଥିଲେ।

**ଆମେରିକା ମେଜର ଲିଗ୍ କ୍ରିକେଟ**

# ଫାଓର ରେଫରୀ ରିଫ୍ରେସର ପାଠ୍ୟକ୍ରମ

**କଟକ,୨୩।୭ (ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରେଫରୀ ରିଫ୍ରେସର ପାଠ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପାଠ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଆଇଏଫଏଫର ପ୍ରଶିକ୍ଷକ ପିୟୂଷ ବିଶ୍ୱାସ କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି। ୪୫ଜଣ ଓଡ଼ିଆ ରେଫରୀ ଏଥିରେ ଭାଗ ନେଇଛନ୍ତି। ଫାଓ ମୁଖ୍ୟ ରେଫରୀ ଦୁର୍ଗା ମାଧବ ନାଏକ, ଉପସଭାପତି ସହଦେବ ରାଉତ, ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍ ନିରୀକ୍ଷକ ଦାୟିତ୍ୱ ତୁଲାଇଥିବାବେଳେ ବରିଷ୍ଠ ରେଫରୀ ସୁଜିତ ପାତ୍ର, ସୁଦୀପ୍ତା ଦାସ, ଶିବ ଶଙ୍କର ପଣ୍ଡା ଉପସ୍ଥିତ ଥିଲେ।

**ମହିଳା ଏସିଆ କପ୍ ଟି-୨୦**

# ନେପାଳକୁ ୮୨ ରନ୍‌ରେ ହରାଇ ଶୀର୍ଷରେ ଭାରତ

**ଦାମ୍ବୁଲା, ୨୩।୭ (ଏଜେନ୍ସି):** ଯୁବ ଓପନର ଶେଫାଳି ବର୍ମାଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ମହିଳା ଏସିଆ କପ୍ ଟି-୨୦ର ଗ୍ରୁପ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୮୨ ରନ୍‌ରେ ନେପାଳକୁ ପରାସ୍ତ କରିଛି। ଏହା ଫଳରେ ଏହି ଗ୍ରୁପ୍‌ରେ ଭାରତ ତାହାର ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ଶୀର୍ଷସ୍ଥାନ ସହ ସେମିଫାଇନାଲ ଖେଳିବାକୁ ଯାଇଛି। ପୂର୍ବରୁ ୟୁଏଇକୁ ହରାଇ ପାକିସ୍ତାନ ମଧ୍ୟ ଏହି ଗ୍ରୁପ୍‌ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଆସନ୍ତାକାଲି ଗ୍ରୁପ୍-ବି'ର ଶେଷ ଲିଗ୍ ମ୍ୟାଚ୍ ପରେ କିଏ କାହା ସହ ସେମିଫାଇନାଲ ଖେଳିବ ତାହା ଚୂଡାନ୍ତ ହେବ। ନେପାଳ ବିପକ୍ଷ ମ୍ୟାଚ୍‌ରେ ୪୮ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୧ ରନ୍ କରିଥିବା ଭାରତର ଶେଫାଳିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୩ ୱିକେଟରେ ୧୭୮ ରନ୍ କରିଥିଲା। ଶେଫାଳି ଓ ଡି ହେମଲତା ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୧୪ ଓଭରରୁ ୧୨୨ ରନ୍ ଉଠାଇ ଦଳ ଲାଗି ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। କିନ୍ତୁ ପ୍ରଥମେ ହେମଲତା ୪୨ ବଲ୍‌ରୁ ୫ ଚୌକା ଓ ୧ଛକା ସହ ୪୭ ଏବଂ କିଛି ସମୟ ପରେ ଶେଫାଳି ୮୧ ରନ୍‌ରେ ଆଉଟ ହେବାରୁ ଭାରତ ୨୦୦ ରନ୍ ଛୁଇଁ ପାରି ନ ଥିଲା। ଶେଷ ଭାଗରେ ଜେମିମା ରୋଡ୍ରିଗ୍ସେଜ୍ ୧୫ ବଲ୍‌ରୁ ଅପରାଜିତ ୨୮ ରନ୍ ଉଠାଇବା ଫଳରେ ଭାରତ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ନେପାଳ ପକ୍ଷରୁ ସୀତା ରାଣା ୨ଟି ଓ କବିତା ଯୋଶୀ ଗୋଟିଏ ୱିକେଟ ପାଇଥିଲେ।

ଜବାବରେ ଭାରତୀୟ ବୋଲିଂର ଉପଯୁକ୍ତ ମୁକାବିଲା କରି ନ ପାରି ନେପାଳ ୯ ୱିକେଟରେ ୯୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ୪ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ସୀତା ରାଣା ସର୍ବାଧିକ ୧୮ ଓ ବିନ୍ଦୁ ରାୱଲ ୧୭ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୩ଟି, ଅରୁନ୍ଧତି ରେଡ୍ଡୀ ଓ ରାଧା ଯାଦବ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ହରମନପ୍ରୀତ୍ କୌରଙ୍କ ସ୍ଥାନରେ ସ୍ମୃତି ମନ୍ଧାନା ଦଳର ନେତୃତ୍ୱ ନେଇଥିଲେ। ସେହିପରି ନିୟମିତ ଓପନର ମନ୍ଧାନାଙ୍କ ସ୍ଥାନରେ ହେମଲତା ପାଳି ଆରମ୍ଭ କରିଥିଲେ।

## ସେମିରେ ପାକିସ୍ତାନ

ୟୁଏଇକୁ ୧୦ ୱିକେଟରେ ପରାସ୍ତ କରି ପାକିସ୍ତାନ ଏଠାରେ ଚାଲିଥିବା ମହିଳା ଏସିଆ କପ୍ ଟି-୨୦ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ଏ'ରେ ଖେଳାଯାଇଥିବା ଏହି ଲିଗ୍ ମ୍ୟାଚ୍ ପରେ ଭାରତ ପଛକୁ ପାକିସ୍ତାନ ୨ଟି ମ୍ୟାଚ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ଏହି ଦଳ ଗ୍ରୁପ୍-ବି' ଟପ୍ପର ଶ୍ରୀଲଙ୍କା କିମ୍ବା ବାଂଲାଦେଶ ସହ ମୁକାବିଲା କରିବ।

ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୱିକେଟରକ୍ଷକ ତଥା ଓପନର ତୀର୍ଥା ସତୀଶଙ୍କ ୪୦ ଓ ଅନ୍ୟତମ ଓପନର ତଥା ଅଧିନାୟିକା ଇଶା ରୋହିତ ଓଜାଙ୍କ ୧୬ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ୮ ୱିକେଟରେ ୧୦୩ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସାଦିଆ ଇକବାଲ, ନଶ୍ରା ସାନ୍ଧୁ ଓ ତୁବା ହାସନ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ପାକିସ୍ତାନ ୧୪.୧ ଓଭରରେ କୌଣସି ୱିକେଟ ନ ହରାଇ ୧୦୭ ରନ୍ କରିବା ସହ ୧୦ ୱିକେଟରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଓପନର ଗୁଲ ଫିରୋଜା ୫୫ ବଲ୍‌ରୁ ୮ ଚୌକା ସହ ଅପରାଜିତ ୬୨ ରନ୍ କରିବା ସହ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅନ୍ୟତମ ଓପନର ମୁନୀବା ଅଲି ୩୭ ରନ୍‌ରେ ଅପରାଜିତ ରହିଥିଲେ।


ଶେଫାଳି ବର୍ମା

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS